# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ମେ ୮/୨୦୧୯ (୧୬ ପୃଷ୍ଠା) | Bhubaneswar, Wednesday, May 8/2019 | ★★★★★★

୪୫ଶ ଭାଗ ୧୬୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




## 'ଜୱାନି ଜାନେମନ୍'ରେ ତବୁ

ବଲିଉଡ୍ ଅଭିନେତ୍ରୀ ତବୁ ଫ୍ୟାମିଲି କମେଡି 'ଜୱାନି ଜାନେମନ୍'ରେ ଅଭିନୟ କରିବାକୁ ଯାଉଛନ୍ତି।

୦୪

୧୫

## କାନାଡା ପାରାବ୍ୟାଡମିଣ୍ଟନରେ ଭାଗନେବେ ପ୍ରମୋଦ

କାନାଡାର ଓଟ୍ଟାୱା ମୋନପେଟିଟ ହଲରେ ହେବାକୁ ଯାଉଥିବା ଅନ୍ତର୍ଜାତୀୟ ପାରା ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ଓଡ଼ିଶାର ପ୍ରମୋଦ ଭଗତ ଭାଗନେବେ।



**ଆଜିର ସମ୍ପାଦକୀୟ**

**ଅନୁମାନ ସତ୍ୟ**

**ଆଜିର ମନ୍ତବ୍ୟ**

" ଆମେରିକା-ଚାଇନା ମଧ୍ୟରେ ବାଣିଜ୍ୟିକ ଉତ୍ତେଜନା ବିଶ୍ୱ ଅର୍ଥନୀତି ପାଇଁ ବିପଦ।

– ଖ୍ରୀଷ୍ଟାଇନ୍ ଲାଗାର୍ଡ, ଆଇଏମ୍ଏଫ୍ ମୁଖ୍ୟ

**କିଛି ତଥ୍ୟ**

୨୦୧୮-୧୯ ଆର୍ଥିକ ବର୍ଷରେ ଭାରତ ଆମେରିକା ମଧ୍ୟରେ ୧୪୨ ବିଲିୟନ ଡଲାରର ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ହୋଇଛି। ଏହା ୨୦୧୭-୧୮ ତୁଳନାରେ ୧୬ ବିଲିୟନ ଡଲାର ଅଧିକ। –ବାଣିଜ୍ୟ ମନ୍ତ୍ରଣାଳୟ


ସିଜେଆଇଙ୍କୁ କ୍ଲିନ୍‌ଚିଟ୍: ବିକ୍ଷୋଭବେଳେ ୫୨ ମହିଳା ଅଟକ ୨



NECC NATIONAL EGG CO-ORDINATION COMMITTEE 07.05.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 107 | 167 | 177 |
| CTC | 109 | 170 | 180 |
| DKL | 109 | 170 | 180 |
| BDK | 111 | 172 | 182 |
| BLS | 111 | 172 | 182 |
| ANG | 109 | 170 | 180 |

*Conditions Apply

Eggs Retail Price- 45/-Dozen
Issued in the Interest of Consumers


# ଆଇସିଏସ୍ଇ ଦଶମ, ଆଇଏସ୍‌ସି ଦ୍ୱାଦଶ ପରୀକ୍ଷାଫଳ ପ୍ରକାଶ

■ ଦଶମରେ ଜୁହି ରୂପେଶ କାଜାରିଆ, ମନହର ବନ୍‌ଶାଲ ଟପ୍ପର

■ ଦ୍ୱାଦଶରେ ଦିୱାଙ୍ଗ ଅଗ୍ରୱାଲ, ବିଭା ସ୍ୱାମୀନାଥନ୍ ଟପ୍ପର

■ ପ୍ରଥମଥର ପାଇଁ ଦ୍ୱାଦଶରେ ୧୦୦% ରଖିଛନ୍ତି ଟପ୍ପର

**ଭୁବନେଶ୍ୱର, ୭।୫(ବ୍ୟୁରୋ)**

କାଉନ୍‌ସିଲ ଫର୍ ଇଣ୍ଡିଆନ ସ୍କୁଲ୍ ସାର୍ଟିଫିକେଟ୍ ଏକ୍ସାମିନେଶନ (ସିଆଇଏସ୍‌ସିଇ) ଦ୍ୱାରା ପରିଚାଳିତ ଇଣ୍ଡିଆନ୍ ସାର୍ଟିଫିକେଟ୍ ଅଫ୍ ସେକେଣ୍ଡାରୀ ଏଜୁକେଶନ୍ (ଆଇସିଏସ୍ଇ) ଦଶମ ଓ ଆଇଏସ୍‌ସି ଦ୍ୱାଦଶ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ସିଆଇଏସ୍‌ସିଇର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ଅଧ୍ୟକ୍ଷ ଗେରୀ ଆରାଥୁନ୍ ଦୁଇ ପରୀକ୍ଷା ଫଳ ଘୋଷଣା କରିଛନ୍ତି। ମୁମ୍ବାଇର ଜୁହି ରୂପେଶ କାଜାରିଆ ଓ ମୁକ୍ତସାରର ମନହର ବନ୍‌ଶାଲ ୯୯.୬୦ ପ୍ରତିଶତ ନମ୍ବର ରଖି ଆଇସିଏସ୍ଇ ଦଶମ ପରୀକ୍ଷାରେ ଯୁଗ୍ମ ଟପ୍ପର ହୋଇଛନ୍ତି। ୧୦ଜଣ ଛାତ୍ରୀଛାତ୍ର ୯୯.୪୦ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ☞ପୃଷ୍ଠା-୧୨

# ଜେଇଇ ଆଡ୍‌ଭାନ୍ସ ପଞ୍ଜୀକରଣ ଅବଧି ୫ଦିନ ବୃଦ୍ଧି

**ଭୁବନେଶ୍ୱର, ୭।୫(ବ୍ୟୁରୋ)**

ବାତ୍ୟା ପରବର୍ତ୍ତୀ ସମସ୍ୟା କାରଣରୁ ଓଡ଼ିଶାରେ ଜେଇଇ ଆଡ଼ଭାନ୍ସ ପରୀକ୍ଷା ପାଇଁ ପଞ୍ଜୀକରଣ ଅବଧିକୁ ଘୁଞ୍ଚାଇ ଦିଆଯାଇଛି। ପୂର୍ବରୁ ମେ' ୩ରୁ ୯ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ ପାଇଁ ଧାର୍ଯ୍ୟ କରାଯାଇଥିଲା। ଏବେ ଏହି ଅବଧିକୁ ଆଉ ୫ଦିନ ବଢ଼ାଇ ଦିଆଯାଇଛି। ଛାତ୍ରୀଛାତ୍ରମାନେ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ କରିପାରିବେ ବୋଲି କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଓଡ଼ିଶାରେ ବାତ୍ୟା ଯୋଗୁ ଇଣ୍ଟରନେଟ୍ ବିଚ୍ଛିନ୍ନ ହୋଇଛି। ଛାତ୍ରୀଛାତ୍ରମାନେ ଜେଇଇ ଆଡ଼ଭାନ୍ସ ପରୀକ୍ଷା ପାଇଁ ପଞ୍ଜୀକରଣ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ପଞ୍ଜୀକରଣ ତାରିଖ ଘୁଞ୍ଚାଇବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରକୁ ମଙ୍ଗଳବାର ଚିଠି ଲେଖିଥିଲେ। ଆଉ ୧୦ ଦିନ ବୃଦ୍ଧି କରିବା ପାଇଁ ସେ ଅନୁରୋଧ କରିଥିଲେ। ତେବେ ଓଡ଼ିଶା ପାଇଁ ପଞ୍ଜୀକରଣ ଅବଧିକୁ ବୃଦ୍ଧି କରାଯାଇଥିବା ନେଇ ବିଭାଗୀୟ ମନ୍ତ୍ରୀ ପ୍ରକାଶ ଜାଭେଡ଼କର ☞ପୃଷ୍ଠା-୧୨

## ■ ଦାଉ ସାଧୁଛି ବିପର୍ଯ୍ୟସ୍ତ ଟେଲି ଯୋଗାଯୋଗ

# ପୁନରୁଦ୍ଧାର କାର୍ଯ୍ୟରେ ବାଧା

**ଫନୀ ଦୁର୍ଦ୍ଦଶା**

■ ବିଦ୍ୟୁତ୍, ପାଣି ପାଇଁ ଲୋକେ ହନ୍ତସନ୍ତ

■ ୧୪ ଜିଲାର ୧.୪୦ କୋଟି ଲୋକ ପ୍ରଭାବିତ

■ ୩୭ ଜଣଙ୍କ ମୃତ୍ୟୁ

■ କ୍ୟାବିନେଟ ସଚିବଙ୍କ ସମୀକ୍ଷା

■ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେଲେ ଦେବେଗୌଡ଼ା, କୁମାରସ୍ୱାମୀ

**ଭୁବନେଶ୍ୱର, ୭।୫(ବ୍ୟୁରୋ)**

ବାତ୍ୟା 'ଫନୀ' ଯୋଗୁ ଉଜୁଡି ଯାଇଛି ପୁରୀ ଓ ଭୁବନେଶ୍ୱର। ସରକାରୀ ତଥ୍ୟ ଅନୁଯାୟୀ ବାତ୍ୟା ରାଜ୍ୟର ୧୪ ଜିଲାର ୧୫୫ ବ୍ଲକ, ୧୬ ହଜାର ୭୪ ଗାଁ ଏବଂ ୫୧ ପୌର ପରିଷଦର ୧ କୋଟି ୪୮ ଲକ୍ଷ ଲୋକଙ୍କୁ ପ୍ରଭାବିତ କରିଛି। ସରକାରୀ ଭାବେ ୩୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ୫.୮ଲକ୍ଷ ଘର କ୍ଷତିଗ୍ରସ୍ତ ହୋଇଛି। ବିଦ୍ୟୁତ୍, ପାନୀୟ ଜଳ ଭିତ୍ତିଭୂମି, ମତ୍ସ୍ୟ, ପ୍ରାଣୀ ସମ୍ପଦ, ଫଳ, ପନିପରିବା ଚାଷ, ବୃକ୍ଷଲତା କ୍ଷତିଗ୍ରସ୍ତ ହୋଇଛି। ବାତ୍ୟା ଚାଲିଯିବାର ୫ ଦିନ ପରେ ମଧ୍ୟ ଲୋକମାନଙ୍କୁ ଦୁର୍ଦ୍ଦଶାରୁ ମୁକ୍ତି ମିଳିନାହିଁ। ବିପର୍ଯ୍ୟସ୍ତ ହୋଇପଡ଼ିଥିବା ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ବ୍ୟବସ୍ଥା ଭଳି ଜରୁରୀ ଆବଶ୍ୟକତା ସଜଡ଼ା ଯାଇପାରି ନାହିଁ। ପ୍ରଚଣ୍ଡ ଗ୍ରୀଷ୍ମ ସାଙ୍ଗକୁ ଗୁଳୁଗୁଳି ସହରାଞ୍ଚଳ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ବିନା ପଙ୍ଖାରେ ଘରେ ରହିବା ମୁସ୍କିଲ ହୋଇ ପଡିଛି। ସହରାଞ୍ଚଳରେ ସବୁଜିମା ଉଜୁଡି ଯାଇଥିବାରୁ ତାତି ଆହୁରି ବଢିଯାଇଛି। ଅସଜଡା ବିଦ୍ୟୁତ୍ ଭିତ୍ତିଭୂମିକୁ ସଜାଡିବାକୁ ଶକ୍ତି ବିଭାଗ ଓ ସେସୁ କର୍ମଚାରୀମାନେ ଦିନରାତି ଲାଗିଥିଲେ ମଧ୍ୟ ଏଯାଏ ପୁରୀ କିମ୍ବା ଭୁବନେଶ୍ୱରରେ ଘରୋଇ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସଂଯୋଗ ହୋଇପାରି ନାହିଁ। ପ୍ରଭାବିତ ଜିଲାରେ ୧ ଲକ୍ଷ ୫୬ ହଜାର ବିଦ୍ୟୁତ୍ ଖୁଣ୍ଟ ନଷ୍ଟ ହୋଇଥିବା ଶକ୍ତି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଟେଲି ଯୋଗାଯୋଗ ଅଧିକ ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ପୁନରୁଦ୍ଧାର କାର୍ଯ୍ୟରେ ତାହା ବାଧା ସୃଷ୍ଟି କରିଛି। କେଉଁ ଅଞ୍ଚଳରେ କ'ଣ କ୍ଷତି ହୋଇଛି, ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ କେଉଁ ସ୍ତରରେ ପହଞ୍ଚିଛି, ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟ କେତେବାଟ ଗଲାଣି ସେ ସବୁର କିଛି ସୂଚନା ମିଳିପାରୁନାହିଁ। ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିବା କର୍ମଚାରୀମାନଙ୍କ ସହ ଯୋଗାଯୋଗ କରାଯାଇ ପାରୁ ନ ଥିବାରୁ ବିଦ୍ୟୁତ୍ ସଂଯୋଗ କାର୍ଯ୍ୟ ଧିମେଇ ଯାଇଛି। ଯାନବାହନ ଜରିଆରେ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଯାଇ ଖବର ☞ପୃଷ୍ଠା-୧୨



'ଫନୀ' ପ୍ରଭାବରେ ବିଦ୍ୟୁତ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ କଟକ ସିଡିଏ ସେକ୍ଟର-୯ ଅଞ୍ଚଳର ଲୋକମାନେ ମଙ୍ଗଳବାର ଜେନେରେଟର ସାହାଯ୍ୟରେ ମୋବାଇଲ ଫୋନ ଚାର୍ଜ କରୁଛନ୍ତି ।






ଭାରତରେ ଗୈରିକ ଅଥବା ଇସ୍‌ଲାମିକ୍ ଆତଙ୍କବାଦ ନାହିଁ, ବରଂ ସରକାରୀ ଆତଙ୍କବାଦ ଦେଖାଦେଇଛି। ରାଜନୀତିରେ ମୁସଲମାନମାନଙ୍କୁ ଅସ୍ପୃଶ୍ୟ କରିବା ପାଇଁ ଦେଶରେ ଷଡ଼ଯନ୍ତ୍ର ଚାଲିଛି।

-ମୌଲାନା ଆମିର ରଶ୍‌ଦି, ରାଷ୍ଟ୍ରୀୟ ଉଲେମା କାଉନ୍‌ସିଲ ଅଧକ୍ଷ



# ଏଭଳି ଅହଂକାର ଦୁର୍ଯ୍ୟୋଧନଙ୍କର ବି ଥିଲା

ଅମ୍ବାଲା,୭।୫(ପି.ଟି.)

ଭଦ୍ରା ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମହାଭାରତର ଖଳନାୟକ ଚରିତ୍ର ଦୁର୍ଯ୍ୟୋଧନ ସହିତ ତୁଳନା କରି ଚେତାବନୀ ଦେଇଛନ୍ତି। ଦୁର୍ଯ୍ୟୋଧନଙ୍କ ମଧ୍ୟ ଏଭଳି ଅହଂକାର ଥିଲା, ଯାହା ତାଙ୍କ ବିନାଶର କାରଣ ପାଲଟିଥିଲା ବୋଲି ମୋଦିଙ୍କୁ ଜବାବ ଦେଇଛନ୍ତି ପ୍ରିୟଙ୍କା।

କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ

ପ୍ରଧାନମନ୍ତ୍ରୀ ମୋଦି ଉତ୍ତରପ୍ରଦେଶର ଏକ ସଭାରେ ଶନିବାର କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିବାକୁ ଯାଇ ତାଙ୍କ ବାପା ରାଜୀବ ଗାନ୍ଧୀଙ୍କୁ ସବୁଠୁ ବଡ଼ ଦୁର୍ନୀତିଗ୍ରସ୍ତ ବୋଲି ଅଭିହିତ କରିଥିଲେ। ମୋଦି କହିଥିଲେ, ରାହୁଲଙ୍କ ବାପାଙ୍କୁ ତାଙ୍କ



**ମୋଦିଙ୍କୁ ପ୍ରିୟଙ୍କାଙ୍କ ଚେତାବନୀ**

ସହଯୋଗୀମାନେ ମିଷ୍ଟର କ୍ଲିନ୍ ବୋଲି କହୁଥିଲେ। କିନ୍ତୁ ତାଙ୍କ ଜୀବନ ଭ୍ରଷ୍ଟାଚାରୀ ନମ୍ବର ୧ ଭାବେ ଶେଷ ହୋଇଥିଲା। ପ୍ରିୟଙ୍କା ଏହାର ଜବାବରେ ହରିୟାଣାର ଅମ୍ବାଲାରେ ଏକ ସଭାକୁ ସମ୍ବୋଧିତ କରି କହିଛନ୍ତି, ଅହଂକାର ଓ ଆତ୍ମଗର୍ବକୁ ଦେଶ କେବେ କ୍ଷମା କରିନାହିଁ। ଇତିହାସ ଓ ମହାଭାରତ ଏହାର ସାକ୍ଷୀ। କୃଷ୍ଣ ଯେତେବେଳେ ଦୁର୍ଯ୍ୟୋଧନଙ୍କୁ ବୁଝାଇବାକୁ ଯାଇଥିଲେ, ସେ ଭଗବାନଙ୍କୁ ପଣବନ୍ଦୀ କରିବାକୁ ଉଦ୍ୟମ କରିଥିଲେ। ମଣିଷର ଶେଷ ସମୟ ଆସିଲେ ତା'ର ବିବେକ ମରିଯାଏ। ପ୍ରଧାନମନ୍ତ୍ରୀଙ୍କ ସାହସ ଥିଲେ ବିକାଶ, ନିଯୁକ୍ତି, କୃଷି ଓ ମହିଳା ସମ୍ପର୍କିତ ପ୍ରସଙ୍ଗ ଉପରେ ଲୋକ ସଭା ନିର୍ବାଚନ ଲଢ଼ନ୍ତୁ ବୋଲି ପ୍ରିୟଙ୍କା ଚ୍ୟାଲେଞ୍ଜ କରିଛନ୍ତି। ଅନ୍ୟପକ୍ଷରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ୨୦୦ ଅଧ୍ୟାପକ ମୋଦିଙ୍କ ଉପରୋକ୍ତ ମନ୍ତବ୍ୟକୁ ନିନ୍ଦା କରି ଏକ ବିବୃତି ଜାରି କରିଛନ୍ତି।

# ହୋଟେଲରୁ ୬ ଇଭିଏମ୍ ଜବତ

ମୁଜାଫରପୁର,୭।୫(ପି.ଟି.)

ବିହାରରେ ପଞ୍ଚମ ପର୍ଯ୍ୟାୟ ନିର୍ବାଚନ ଶେଷହେବା ପରେ ମୁଜାଫରପୁରସ୍ଥିତ ଏକ ହୋଟେଲରେ ୬ଟି ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ରଖାଯାଇଥିବା ବିରୋଧୀ ମହାମେଣ୍ଟର ଅନେକ ସ୍ଥାନୀୟ ନେତା ଅଭିଯୋଗ ଆଣିବା ପରେ ସେଗୁଡ଼ିକୁ ଜବତ କରାଯାଇଛି। ସ୍ଥାନୀୟ ଏମ୍‌ପି ତଥା ଭାଜପା ପ୍ରାର୍ଥୀ ଅଜୟ ନିଷାଦଙ୍କ ସପକ୍ଷରେ ରିଗିଂ କରିବା ଲାଗି ପ୍ରଶାସନ ପକ୍ଷରୁ ଏଭଳି କରାଯାଇଥିବା ଆର୍‌ଜେଡି ପ୍ରାର୍ଥୀ ରାଜଭୂଷଣ ଚୌଧୁରୀ କହିଛନ୍ତି। ଏହାକୁ ନେଇ ନିର୍ବାଚନ କମିଶନ ସମ୍ପୃକ୍ତ ସେକ୍ଟର ମାଜିଷ୍ଟ୍ରେଟ ଅଓ୍ୱଧେଶ କୁମାରଙ୍କୁ ମଙ୍ଗଳବାର କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଅନ୍ୟପକ୍ଷରେ କୌଣସି ଇଭିଏମ୍ ବ୍ୟବହାର ହୋଇନାହିଁ କିମ୍ବା ସେଗୁଡ଼ିକର ସିଲ୍ ଭଙ୍ଗାଯାଇନାହିଁ। ଆବଶ୍ୟକ ସ୍ଥଳେ ଇଭିଏମ୍ ବଦଳାଇବା ପାଇଁ



**୪ ପୋଲିସ ନିଲମ୍ବିତ**

ସେଗୁଡ଼ିକୁ ହୋଟେଲରେ ରଖାଯାଇଥିବା ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଆଲୋକ ରଞ୍ଜନ ଘୋଷ ସ୍ପଷ୍ଟ କରିଛନ୍ତି। ଏହି ମାମଲାରେ ୪ ପୋଲିସ କର୍ମୀଙ୍କୁ ନିଲମ୍ବନ କରାଯାଇଛି। ପ୍ରକାଶ ଯେ, ମତଦାନ ଶେଷହେବା ପରେ ଇଭିଏମ୍‌ଗୁଡ଼ିକୁ ଷ୍ଟ୍ରଙ୍ଗରୁମ୍ କିମ୍ବା ନିର୍ଦ୍ଦିଷ୍ଟ ଭାବେ ଚିହ୍ନଟ ପୋଲିଂ ବୁଥ୍‌ରେ ରଖାଯିବାର ନିୟମ ରହିଛି।

## ସଂକ୍ଷେପରେ

### 'ନିର୍ବାଚନୀ ସଂସ୍କାର ଚାହୁଁନାହାନ୍ତି ଦଳ'



ଟି.ଏସ୍. କ୍ରିଷ୍ଣାମୂର୍ତ୍ତି

**ହାଇଦ୍ରାବାଦ,୭।୫(ପି.ଟି.):** ଭାରତରେ ରାଜନୈତିକ ଦଳଗୁଡ଼ିକ ନିର୍ବାଚନୀ ସଂସ୍କାର ପାଇଁ ଆଗ୍ରହୀ ନୁହନ୍ତି। ବର୍ତ୍ତମାନର ସ୍ଥିତିକୁ ନେଇ ଦଳଗୁଡ଼ିକ ଖୁସି ବୋଲି ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଟି.ଏସ୍. କ୍ରିଷ୍ଣାମୂର୍ତ୍ତି ସମାଲୋଚନା କରିଛନ୍ତି। ୨୦୧୪ ସାଧାରଣ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା କ୍ରିଷ୍ଣାମୂର୍ତ୍ତି ମଙ୍ଗଳବାର କହିଛନ୍ତି, ଚଳିତ ଲୋକ ସଭା ନିର୍ବାଚନରେ ଦଳଗୁଡ଼ିକ ବ୍ୟକ୍ତିଗତ ଆକ୍ରମଣ କରିବାକୁ ପଛାଉନାହାନ୍ତି, ଯାହାକି ବନ୍ଦ ହେବା ଉଚିତ। କିନ୍ତୁ ଜାରି ହୋଇଥିବା ଆଦର୍ଶ ଆଚରଣ ବିଧିକୁ କୌଣସି ଦଳ ସମ୍ମାନ ଦେଉଥିବା ଭଳି ମନେହେଉନାହିଁ। ତେଣୁ ପୂର୍ବାପେକ୍ଷା ଏବେ ନିର୍ବାଚନୀ ସଂସ୍କାର ଅଧିକ ଜରୁରୀ ହୋଇପଡ଼ିଛି। ନିର୍ବାଚନୀ ସଂସ୍କାର ପାଇଁ ଦଳଗୁଡ଼ିକ ଗମ୍ଭୀର ଥିଲେ ସେମାନଙ୍କ ଇସ୍ତାହାରରେ ସେନେଇ ସ୍ଥାନିତ କରିଥାନ୍ତେ ବୋଲି କ୍ରିଷ୍ଣାମୂର୍ତ୍ତି ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

### କାର୍ତ୍ତିଙ୍କୁ ବିଦେଶ ଯାତ୍ରା ଅନୁମତି



**ନୂଆଦିଲ୍ଲୀ,୭।୫(ପି.ଟି.):** ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍‌ଙ୍କ ପୁଅ କାର୍ତ୍ତି ଚିଦାମ୍ବରମ୍‌ଙ୍କୁ ବିଦେଶ ଗସ୍ତ ପାଇଁ ମଙ୍ଗଳବାର ସୁପ୍ରିମକୋର୍ଟ ଅନୁମତି ଦେଇଛନ୍ତି। କାର୍ତ୍ତିଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏକାଧିକ ଆପରାଧିକ ମାମଲାର ତଦନ୍ତ କରୁଥିବାରୁ ତାଙ୍କର ବିଦେଶ ଯାତ୍ରା ଉପରେ ପୂର୍ବରୁ ରୋକେ ଲଗାଯାଇଥିଲା। ପ୍ରଧାନ ବିଚାରପତି ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କ ଅଧକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠ ତାଙ୍କୁ ସର୍ତ୍ତମୂଳକ ଅନୁମତି ପ୍ରଦାନ କରିଛନ୍ତି। ଫଳରେ କାର୍ତ୍ତି ଚଳିତ ମାସରେ ଆମେରିକା, ଜର୍ମାନୀ ଓ ସ୍ପେନ୍ ଯାତ୍ରା କରିପାରିବେ।

### ପାପୁଆ ନ୍ୟୁ ଗିନିରେ ଭୂକମ୍ପ

**ପୋର୍ଟ ମୋରେସବାଏ,୭।୫:** ପାପୁଆ ନ୍ୟୁ ଗିନିରେ ମଙ୍ଗଳବାର ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହାର ମାତ୍ରା ଥିଲା ୭.୨। ଏଥିଯୋଗୁ ବିଜୁଳି ସରବରାହ ବ୍ୟାହତ ହୋଇଥିଲେ ହେଁ ଗୁରୁତର କ୍ଷୟକ୍ଷତିର ସୂଚନା ମିଳିନାହିଁ। ବୁଲୋଲୋ ସହରଠାରୁ ପାଖାପାଖି ୩୦ କିଲୋମିଟର ଦୂରରେ ୧୨୭ କିଲୋମିଟର ଗଭୀରତାରେ ଭୂକମ୍ପର କେନ୍ଦ୍ରସ୍ଥଳ ଥିବା ଆମେରିକାର ଜିଓଗ୍ରାଫିକାଲ ସର୍ଭେ ପକ୍ଷରୁ ସୂଚନା ମିଳିଛି। ଭୂକମ୍ପର ଝଟ୍‌କା ୨୫୦ କିଲୋମିଟର ଦୂର ରାଜଧାନୀ ପୋର୍ଟ ମୋରେସବାଏରେ ଅନୁଭୂତ ହୋଇଥିଲା। ଏଥିପାଇଁ ବ୍ୟାପକ କ୍ଷୟକ୍ଷତିର ସୂଚନା ମିଳି ନ ଥିଲେ ସୁଦ୍ଧା ସୁନାମି ଆଶଙ୍କା ନାହିଁ ବୋଲି ବୁଲୋଲୋ ପୋଲିସ ଷ୍ଟେଶନ୍ କମାଣ୍ଡର ଇନ୍ସପେକ୍ଟର ଲିଓ କାଇକାସ୍ ପ୍ରକାଶ କରିଛନ୍ତି।

# ବିକ୍ଷୋଭବେଳେ ୫୨ ମହିଳା ଅଟକ

**ସିଜେଆଇଙ୍କୁ କ୍ଲିନ୍‌ଚିଟ୍**

■ ସୁପ୍ରିମକୋର୍ଟ ସମ୍ମୁଖରେ ପ୍ରତିବାଦ କଲେ ମହିଳା ଆଇନଜୀବୀ, କର୍ମୀ

ନୂଆଦିଲ୍ଲୀ,୭।୫(ପି.ଟି.)

ଯୌନ ଶୋଷଣ ଅଭିଯୋଗ ମାମଲାରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇଙ୍କୁ ଇନ୍-ହାଉସ କମିଟି କ୍ଲିନ୍‌ଚିଟ୍ ଦେବା ପ୍ରତିବାଦରେ ମଙ୍ଗଳବାର ସୁପ୍ରିମକୋର୍ଟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସିଜେଆଇଙ୍କ ବିରୋଧରେ ଯୌନ ନିର୍ଯାତନା ମାମଲା ପରିଚାଳନାରେ ଯେଉଁ ପଦ୍ଧତି ଅବଲମ୍ବନ କରାଗଲା ତାହାକୁ ବିରୋଧକରି ମହିଳା ଆଇନଜୀବୀ ଓ ସାମାଜିକ କର୍ମୀ ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ ସେମାନଙ୍କ ମଧ୍ୟରୁ ୫୫ ଜଣଙ୍କୁ ପୋଲିସ ଅଟକ ରଖିଛି।

ସୁପ୍ରିମକୋର୍ଟର ପୂର୍ବତନ ମହିଳା କର୍ମଚାରୀ ଗତମାସରେ ସିଜେଆଇଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆଣିଥିଲେ। ଏହାର ତଦନ୍ତ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ଇନ୍-ହାଉସ ତଦନ୍ତ କମିଟି ଅଭିଯୋଗର ଅନୁଧ୍ୟାନ କରି ଏହା ଭିତ୍ତିହୀନ ବୋଲି କହିବା ସହ ଜଷ୍ଟିସ୍ ଗୋଗୋଇଙ୍କୁ କ୍ଲିନ୍‌ଚିଟ୍ ଦେଇଥିଲା। ଏହାର ପ୍ରତିବାଦରେ ମହିଳା ଆଇନଜୀବୀ ଓ ସମାଜକର୍ମୀ ସୁପ୍ରିମକୋର୍ଟ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୫୨ ମହିଳା ଏବଂ ୩ ପୁରୁଷ ବିକ୍ଷୋଭକାରୀଙ୍କୁ ଅଟକ କରାଯାଇ ମନ୍ଦିରମାର୍ଗ ଥାନାକୁ ନିଆଯାଇଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଜଷ୍ଟିସ ବୋବ୍‌ଡେଙ୍କ ଅଧକ୍ଷତାରେ ଜଷ୍ଟିସ ଇନ୍ଦୁ ମାଲହୋତ୍ରା ଏବଂ ଇନ୍ଦିରା ବାନାର୍ଜୀଙ୍କୁ ନେଇ ଗଠିତ ତଦନ୍ତ କମିଟିରୁ ଅଭିଯୋଗକାରିଣୀ ମହିଳା ଓହରିଯିବାରୁ କମିଟି ଏକତରଫା ନିଷ୍ପତ୍ତି ଗ୍ରହଣ କରିଥିଲେ। ତାଙ୍କ ପ୍ରତି ଅନ୍ୟାୟ ହୋଇଥିବା ଅଭିଯୋଗକାରିଣୀ କହିଥିଲେ।




ସୁପ୍ରିମକୋର୍ଟ ବାହାରେ ବିକ୍ଷୋଭରତ ମହିଳା ଆଇନଜୀବୀ ଓ କର୍ମୀ।

### ତଦନ୍ତ ରିପୋର୍ଟ କପି ମାଗିଲେ ମହିଳା

ସିଜେଆଇଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆଣିଥିବା ସୁପ୍ରିମକୋର୍ଟର ପୂର୍ବତନ ମହିଳା କର୍ମଚାରୀ ମଙ୍ଗଳବାର ଇନ୍‌ହାଉସ୍ ତଦନ୍ତ କମିଟି ରିପୋର୍ଟର କପି ମାଗିଛନ୍ତି। ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେଙ୍କ ଅଧକ୍ଷତାରେ ଗଠିତ ତଦନ୍ତ କମିଟି ସିଜେଆଇଙ୍କୁ କ୍ଲିନ୍‌ଚିଟ୍ ଦେଇଥିଲା। ଅଭିଯୋଗକାରିଣୀ ଉକ୍ତ କମିଟି ଆଗରେ ୩ଦିନ ହାଜର ହେବା ପରେ ଏପ୍ରିଲ ୩୦ରେ ତଦନ୍ତ ପ୍ରକ୍ରିୟାରୁ ଓହରିଯାଇଥିଲେ। ତଦନ୍ତ କମିଟିର କାର୍ଯ୍ୟରେ ସ୍ୱଚ୍ଛତା ନ ଥିବା ସେ ଜଷ୍ଟିସ୍ ବୋବ୍‌ଡେଙ୍କୁ ପତ୍ର ଲେଖି ଜଣାଇବା ସହ ତାଙ୍କୁ ନିର୍ଦ୍ଦେଶନାମା କପି ନ ମିଳିବା ବିଚାର ବ୍ୟବସ୍ଥା ନିୟମାବଳୀର ଉଲ୍ଲଂଘନ ବୋଲି କହିଛନ୍ତି।

### 'ସାର୍ବଜନୀନ ହେଉ ଇନ୍-ହାଉସ୍ କମିଟି ରିପୋର୍ଟ'

ନୂଆଦିଲ୍ଲୀ,୭।୫(ପି.ଟି.)

ସୁପ୍ରିମକୋର୍ଟଙ୍କ ଇନ୍-ହାଉସ୍ ତଦନ୍ତ କମିଟି ରିପୋର୍ଟ ସର୍ବସାଧାରଣରେ ପ୍ରକାଶ କରାଯିବା ସପକ୍ଷରେ ମତ ରଖିଛନ୍ତି ପୂର୍ବତନ ସୂଚନା କମିଶନର ଶ୍ରୀଧର ଆଚାର୍ଯ୍ୟଲୁ। ସିଜେଆଇଙ୍କ ବିରୋଧରେ ସୁପ୍ରିମକୋର୍ଟର ପୂର୍ବତନ ମହିଳା କର୍ମଚାରୀ ଆଣିଥିବା ଅଭିଯୋଗ ଭିତ୍ତିହୀନ ବୋଲି କମିଟି ରିପୋର୍ଟ ଦେଇଥିଲେ। ତେବେ ଉକ୍ତ ତଦନ୍ତ ରିପୋର୍ଟକୁ ସାର୍ବଜନୀନ ନ କରିବା ନିଷ୍ପତ୍ତି ପଛରେ କୌଣସି କାରଣ କିମ୍ବା ଆଇନଗତ ଭିତ୍ତି ନାହିଁ ବୋଲି ପୂର୍ବତନ ସୂଚନା କମିଶନର



ଶ୍ରୀଧର ଆଚାର୍ଯ୍ୟଲୁ

କହିଛନ୍ତି। ସିଜେଆଇଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଅଣାଯିବା ପଛରେ ବଡ଼ ଷଡ଼ଯନ୍ତ୍ର ରହିଥିବା ଜଷ୍ଟିସ୍ ଗୋଗୋଇ ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ କହିଥିଲେ। ଏ ସମ୍ପର୍କରେ ଜାଣିବା ଜନସାଧାରଣଙ୍କ ଅଧିକାର ହୋଇଥିବାରୁ ରିପୋର୍ଟ ସାର୍ବଜନୀନ ହେବା ଆବଶ୍ୟକ ବୋଲି ଆଚାର୍ଯ୍ୟଲୁ କହିଛନ୍ତି। ୨୦୦୩ରେ ଇନ୍ଦିରା ଜୟସିଂ ବନାମ୍ ସୁପ୍ରିମକୋର୍ଟ ମାମଲା ରାୟର ଉଦାହରଣ ଦେଇ ଇନ୍‌ହାଉସ କମିଟି ରିପୋର୍ଟ ସାର୍ବଜନୀନ ନ କରିବାକୁ ସର୍ବୋଚ୍ଚ ଅଦାଲତର ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ତେବେ ଇନ୍ଦିରା ଜୟସିଂ ରାୟ ଅନୁଯାୟୀ ମହୀଶୂର ଘଟଣାର ତଦନ୍ତ ଅଣାନୁଷ୍ଠାନିକ। ସହକର୍ମୀ ବିଚାରପତିମାନଙ୍କଠାରୁ କେତେକ ତଥ୍ୟ ସଂଗ୍ରହ କରିବା ଏହାର ଉଦ୍ଦେଶ୍ୟ ଥିଲା। କିନ୍ତୁ ସିଜେଆଇଙ୍କ ମାମଲା ତାହା ନୁହେଁ ବୋଲି ପୂର୍ବତନ ସୂଚନା କମିଶନର କହିଛନ୍ତି।

# ୫ ଭାରତୀୟ ନାବିକ ଅପହୃତ

ନୂଆଦିଲ୍ଲୀ,୭।୫(ପି.ଟି.)

ନାଇଜେରିଆରେ ୫ ଭାରତୀୟ ନାବିକଙ୍କୁ ଜଳଦସ୍ୟୁମାନେ ଅପହରଣ କରିନେଇଛନ୍ତି। ସେମାନଙ୍କ ସୁରକ୍ଷା ଓ ମୁକ୍ତିଲାଗି ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜ ନାଇଜେରିଆରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତଙ୍କୁ ପଦକ୍ଷେପ ନେବାଲାଗି କହିଛନ୍ତି। ନାଇଜେରିଆ ସରକାରଙ୍କ ସହ ଏନେଇ ଆଲୋଚନା କରି ଭାରତୀୟ ନାବିକଙ୍କ ମୁକ୍ତି ପଥକୁ ସୁଗମ କରାଇବା ଲାଗି ସ୍ୱରାଜ କହିଛନ୍ତି। ନାଇଜେରିଆରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଅଭୟ ଠାକୁରଙ୍କୁ ଏସମ୍ପର୍କିତ ରିପୋର୍ଟ ଦେବାଲାଗି ମଧ୍ୟ ସ୍ୱରାଜ ନିର୍ଦ୍ଦେଶ ଦେଇଥିବା ଟୁଇଟ୍ କରି କହିଛନ୍ତି।

# ସିରିଆରେ ସଂଘର୍ଷ: ୪୩ ନିହତ

ବେରୁଟ୍,୭।୫(ପି.ଟି.)

ସିରିଆର ଉତ୍ତର-ପଶ୍ଚିମାଞ୍ଚଳରେ ସୁରକ୍ଷା କର୍ମୀ ଓ ଜେହାଦୀଙ୍କ ମଧ୍ୟରେ ସଂଘର୍ଷ ହେବାରୁ ୪୩ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ହମା ପ୍ରଦେଶରେ ୨୨ ସୁରକ୍ଷା କର୍ମୀ ପ୍ରାଣ ହରାଇଥିବା ସିରିଆ ମାନବାଧିକାର ସର୍ବେକ୍ଷଣ ରିପୋର୍ଟରେ ଦର୍ଶାଯାଇଛି। ସେପଟେ ସିରିଆ ଶାଖାର ପୂର୍ବତନ ଅଲ୍ କାଏଦା ସଦସ୍ୟ ହାୟତ୍ ତହରିର୍‌ଅଲ୍-ଶାମ୍, ତୁର୍କମେନିସ୍ତାନ ଇସ୍‌ଲାମିକ୍ ପାର୍ଟି ସଦସ୍ୟଙ୍କ ସହ ୨୧ ଜେହାଦୀ ମଧ୍ୟ ସଂଘର୍ଷରେ ପ୍ରାଣ ହରାଇଛନ୍ତି। ଉତ୍ତର ହମା ଓ ଇଡ୍‌ଲିବ୍‌ରେ ଥିବା ଆତଙ୍କବାଦୀଙ୍କ ଆଡ୍ଡା ଉପରେ ସିରିଆ ସେନା ପକ୍ଷରୁ ଚଢ଼ାଉ କରାଯିବାରୁ ସଂଘର୍ଷର ସୂତ୍ରପାତ ହୋଇଥିଲା। ରୁଷିଆ ସହଯୋଗରେ ସିରିଆ ସେନା ସେଠାରେ ସେଲିଂ ଓ ଏୟାର ଷ୍ଟ୍ରାଇକ୍ କରିବା ଦ୍ୱାରା ଅଞ୍ଚଳଟି ଛାରଖାର ହେବା ସହ ୫ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଥିବା ମଧ୍ୟ କୁହାଯାଇଛି।

# ଦୁଇ ସାମ୍ବାଦିକଙ୍କୁ ମୁକ୍ତକଲା ମ୍ୟାନ୍‌ମାର

ୟଙ୍ଗୋନ/ଜେନିଭା, ୭।୫(ପି.ଟି.)

ମ୍ୟାନ୍‌ମାରରେ ରୋହିଙ୍ଗ୍ୟା ସମସ୍ୟାକୁ ନେଇ ରିପୋର୍ଟିଂ କରୁଥିବା ରଏଟର୍ସର ଦୁଇ ସାମ୍ବାଦିକଙ୍କୁ ଅଫିସିଆଲ୍ ସିକ୍ରେଟ ଆକ୍ଟର ଉଲ୍ଲଂଘନ ଅଭିଯୋଗରେ ଜେଲ ପଠାଇ ଦିଆଯାଇ ଥିଲାବେଳେ ସେମାନଙ୍କୁ ମଙ୍ଗଳବାର ମୁକ୍ତ କରାଯାଇଛି। ମୁକ୍ତି ଲାଗି ବିଶ୍ୱବ୍ୟାପୀ ଅପିଲ କରାଯିବା ପରେ ରାଷ୍ଟ୍ରପତି ସେମାନଙ୍କୁ ରାଜକ୍ଷମା ପ୍ରଦାନ କରିଛନ୍ତି। ଦୁଇ ସାମ୍ବାଦିକ ଓ୍ୱା ଲୋନ୍ ଏବଂ କ୍ୱାଓ ସୋଇ ଓ ୟଙ୍ଗୋନସ୍ଥିତ ଜେଲରେ ଥିଲେ। ୨୦୧୭ ଡିସେମ୍ବରରେ ସେମାନଙ୍କୁ ଗିରଫ କରାଯାଇଥିଲା। ଏବେ ସେମାନଙ୍କ ମୁକ୍ତି ପରେ ରଏଟର୍ସର ଏଡିଟର୍-ଇନ୍-ଚିଫ୍ ଷ୍ଟିଫେନ୍ ଅଡ୍‌ଲର୍ ମ୍ୟାନ୍‌ମାର କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଇଛନ୍ତି। ଜାତିସଂଘ ପକ୍ଷରୁ ମଧ୍ୟ ଦୁଇ ସାମ୍ବାଦିକଙ୍କ ମୁକ୍ତିକୁ ସ୍ୱାଗତ କରାଯାଇଛି।



■ ୟୁଏନ୍‌ଏସ୍‌ସିରେ ସ୍ଥାୟୀ ସଦସ୍ୟତା

# ଭାରତ ସପକ୍ଷରେ ଫ୍ରାନ୍ସ

ଜାତିସଂଘ,୭।୫(ପି.ଟି.)

ଜାତିସଂଘରେ ଭାରତର ସ୍ଥାୟୀ ସଦସ୍ୟତା ସପକ୍ଷରେ ଫ୍ରାନ୍ସ ମତ ଦେଇଛି। ଜାତିସଂଘ ସୁରକ୍ଷା ପରିଷଦ( ୟୁଏନ୍‌ଏସ୍‌ସି) ର ସଂସ୍କାର ଓ ସମ୍ପ୍ରସାରଣ କ୍ଷେତ୍ରରେ ଭାରତ, ଜର୍ମାନୀ, ବ୍ରାଜିଲ ଓ ଜାପାନ ଦୃଢ଼ ଦାବିଦାର ବୋଲି ଜାତିସଂଘରେ ଅବସ୍ଥାପିତ ଫ୍ରାନ୍ସ ରାଷ୍ଟ୍ରଦୂତ ଫ୍ରାଙ୍କୋଇଜ୍ ଡେଲାଟ୍ରେ ପ୍ରକାଶ କରିଛନ୍ତି। କେତେକ ପ୍ରମୁଖ ସଦସ୍ୟ ରାଷ୍ଟ୍ରଙ୍କୁ ଜାତିସଂଘ ସୁରକ୍ଷା ପରିଷଦ ସମ୍ପ୍ରସାରଣ ବେଳେ ସ୍ଥାୟୀ ସଦସ୍ୟଭାବେ ସାମିଲ କରିବାକୁ ପ୍ୟାରିସ୍ ଅଗ୍ରାଧିକାର ଦେବ ବୋଲି ସେ କହିଛନ୍ତି।

# ଆତ୍ମସମର୍ପଣ ପରେ ଗିରିରାଜଙ୍କୁ ଜାମିନ

ବେଗୁସରାଇ,୭।୫(ପି.ଟି.)

**ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ମାମଲା**

କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ମାମଲାରେ ମଙ୍ଗଳବାର ଏକ ସ୍ଥାନୀୟ କୋର୍ଟରେ ଆତ୍ମସମର୍ପଣ କରିବା ପରେ ତାଙ୍କୁ ଜାମିନ ମିଳିଛି। ବିହାରର ବେଗୁସରାଇସ୍ଥିତ ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍ ଠାକୁର ଅମନ କୁମାର ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି।

ବେଗୁସରାଇ ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ଗିରିରାଜ ଏପ୍ରିଲ ୨୪ରେ ଏକ ସଭାରେ ମୁସଲମାନ ସମ୍ପ୍ରଦାୟ



ବିରୋଧରେ ମନ୍ତବ୍ୟ ଦେଇଥିଲେ। ଯେଉଁମାନେ 'ବନ୍ଦେ ମାତରମ୍' କହିବେ ନାହିଁ କିମ୍ବା ନିଜ ମାତୃଭୂମିକୁ ସମ୍ମାନ ଦେବେ ନାହିଁ ସେମାନଙ୍କୁ ଦେଶ କ୍ଷମା କରିବ ନାହିଁ। ଗଙ୍ଗାନଦୀ କୂଳରେ ସମାଧି ପାଇବାକୁ ହେଲେ ମୁସଲମାନ ସମ୍ପ୍ରଦାୟର ଲୋକଙ୍କୁ 'ଭାରତ ମାତା କୀ ଜୟ' କହିବାକୁ ପଡ଼ିବ ବୋଲି ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହଙ୍କ ଉପସ୍ଥିତିରେ ଗିରିରାଜ କହିଥିଲେ। ଏହି ମାମଲାରେ ନିର୍ବାଚନ କମିଶନ ଗିରିରାଜଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଗିରିରାଜ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବଜ୍ଞା କରିଥିବା ସ୍ପଷ୍ଟ ହୋଇଛି। କୋର୍ଟ ୫ ହଜାର ଟଙ୍କାର ଦୁଇଜଣ ଜାମିନଦାର ବଦଳରେ ତାଙ୍କୁ ଜାମିନ ଦେଇଛନ୍ତି।



ଉତ୍ତର ମାସେଡୋନିଆର ସ୍କୋପ୍‌ଜେସ୍ଥିତ ମଦର ଟେରେସାଙ୍କ ପ୍ରତିମୂର୍ତ୍ତି ସାମ୍ନାରେ ପ୍ରାର୍ଥନା କରୁଛନ୍ତି ପୋପ୍ ଫ୍ରାନ୍ସିସ୍।

# ସ୍ୱାମୀ ଆଗରେ ସ୍ତ୍ରୀଙ୍କୁ ଗଣବଳାତ୍କାର

ଜୟପୁର,୭।୫(ପି.ଟି.)

ରାଜସ୍ଥାନର ଅଲଓ୍ୱାର ଜିଲାରେ ଜଣେ ବିବାହିତା ମହିଳାଙ୍କୁ ଗଣବଳାତ୍କାର କରାଯାଇଛି। ସ୍ୱାମୀଙ୍କ ଆଗରେ ୫ ଜଣ ଯୁବକ ଉକ୍ତ ମହିଳାଙ୍କୁ ଗଣବଳାତ୍କାର କରିବା ସହ ଏହି ଦୃଶ୍ୟର ଶୁଟିଂ କରି ସୋସିଆଲ ମିଡ଼ିଆରେ ଅପ୍‌ଲୋଡ କରିଥିବା ପୋଲିସ କହିଛି। ଏପ୍ରିଲ ୨୬ରେ ସ୍ୱାମୀଙ୍କ ବାଇକ୍‌ରେ ବସି ମହିଳା ଜଣକ ଯାଉଥିଲାବେଳେ ଥାନାଗାଜି-ଅଲଓ୍ୱାର ବାଇପାସ୍‌ଠାରେ ଅଭିଯୁକ୍ତମାନେ ସେମାନଙ୍କୁ ଅଟକାଇ ଏକ ନିଛାଟିଆ ଜାଗାକୁ ଟାଣି ନେଇଥିଲେ। ସ୍ୱାମୀଙ୍କୁ ଧମକ ଦେବା ସହ ମହିଳାଙ୍କୁ ଗଣବଳାତ୍କାର କରିଥିବା ପୋଲିସ ସୂତ୍ରରୁ ପ୍ରକାଶ। ମେ ୨ ତାରିଖରେ ଥାନାରେ ମାମଲା ରୁଜୁ କରାଯିବା ପରେ ପୋଲିସ ଦୁଇ ଅଭିଯୁକ୍ତ ଛୋଟେଲାଲ୍ ଓ ଅଶୋକଙ୍କୁ ଚିହ୍ନଟ କରିଥିବା ଜଣାପଡ଼ିଛି।

# ରିଭ୍ୟୁ ପିଟିଶନ ଖାରଜ

ନୂଆଦିଲ୍ଲୀ,୭।୫(ପି.ଟି.)

ଇଭିଏମ୍ ସହ ଭିଭିପିଏଟି ସ୍ଲିପ୍ ଯାଞ୍ଚ ମାମଲାରେ ୨୧ ବିରୋଧୀ ଦଳ ନେତାଙ୍କ ପକ୍ଷରୁ ଦାଏର ରିଭ୍ୟୁ ପିଟିଶନକୁ ସୁପ୍ରିମକୋର୍ଟ ମଙ୍ଗଳବାର ଖାରଜ କରିଦେଇଛନ୍ତି। ପ୍ରତି ବିଧାନସଭା ନିର୍ବାଚନମଣ୍ଡଳୀରୁ ୫ଟି ବୁଥ୍‌ର ଭିଭିପିଏଟି ସ୍ଲିପ୍ ଯାଞ୍ଚ କରିବା ଲାଗି ସୁପ୍ରିମକୋର୍ଟ ଗତମାସ ୮ରେ ନିର୍ବାଚନ କମିଶନ (ଇସି)ଙ୍କୁ ନିର୍ଦ୍ଦେଶ ଦେଇଥିଲେ।



**ଭିଭିପିଏଟି ସ୍ଲିପ୍ ଯାଞ୍ଚ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ୨୧ ଦଳ**

ଏହାର ସମୀକ୍ଷା ପାଇଁ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ନେତୃତ୍ୱରେ ୨୧ ବିରୋଧୀ ନେତାଙ୍କ ପକ୍ଷରୁ ସର୍ବୋଚ୍ଚ ଅଦାଲତରେ ଆବେଦନ କରାଯାଇଥିଲା। ରାୟରେ ପରିବର୍ତ୍ତନ କରିବାକୁ ଆମେ ଚାହୁଁନାହୁଁ ବୋଲି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ କହିଛନ୍ତି।

ଇଭିଏମ୍ ସହ ଭିଭିପିଏଟି ସ୍ଲିପ୍ ଯାଞ୍ଚ ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଗୋଟିଏ ବୁଥ୍‌ରୁ ୫ଟି ବୁଥ୍‌କୁ ବଢ଼ାଇବା ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ହେଁ ବିରୋଧୀ ନେତାମାନେ ଅନ୍ୟୁନ ୨୫ ପ୍ରତିଶତ ବୁଥ୍‌ରେ ଭିଭିପିଏଟି ଯାଞ୍ଚ ହେବା ଚାହାନ୍ତି ବୋଲି ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଏ.ଏମ୍. ସିଙ୍ଘଭି ଖଣ୍ଡପୀଠଙ୍କୁ କହିଥିଲେ। ଖଣ୍ଡପୀଠରେ ଜଷ୍ଟିସ୍ ଦୀପକ ଗୁପ୍ତା ଏବଂ ସଞ୍ଜୀବ ଖାନ୍ନା ରହିଛନ୍ତି। ପୂର୍ବରୁ ବିରୋଧୀ ନେତାମାନେ ୫୦ ପ୍ରତିଶତ ଭିଭିପିଏଟି ଯାଞ୍ଚ ପାଇଁ ଦାବି କରିଥିବାବେଳେ ସୁପ୍ରିମକୋର୍ଟ ତାହାକୁ ଅଗ୍ରାହ୍ୟ କରିଦେଇଥିଲେ।



ଦୁର୍ନୀତି ମାମଲାରେ ଛନ୍ଦିହୋଇ ଜେଲ୍ ଯାଇଥିବା ପାକିସ୍ତାନର କ୍ଷମତାଚ୍ୟୁତ ପ୍ରଧାନମନ୍ତ୍ରୀ ନୱାଜ୍ ସରିଫ୍‌ଙ୍କ ୬ ସପ୍ତାହ ଜାମିନ ମିଆଦ ମଙ୍ଗଳବାର ଶେଷ ହେବା ପରେ ସେ ପୁଣି ଲାହୋରର କୋଟ୍ ଲଖ୍‌ପତ୍ ଜେଲ୍‌କୁ ଫେରିଛନ୍ତି। ପାକିସ୍ତାନର ୩ ଥର ପ୍ରଧାନମନ୍ତ୍ରୀ ହୋଇଥିବା ସରିଫ୍‌ଙ୍କୁ ଦୁର୍ନୀତି ମାମଲାରେ ୭ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଥିଲା। ସୁପ୍ରିମକୋର୍ଟ ସ୍ୱାସ୍ଥ୍ୟଗତ କାରଣରୁ ତାଙ୍କୁ ମାର୍ଚ୍ଚ ୨୬ରେ ୬ ସପ୍ତାହ ଜାମିନରେ ଛାଡ଼ିଥିଲେ।







# ସୀମା ଜଗିବ ଟି-୯୦ ଯୁଦ୍ଧ ଟ୍ୟାଙ୍କ

**ନୂଆଦିଲ୍ଲୀ,୭।୫**

ଭାରତୀୟ ସେନାର ଆଧୁନିକୀକରଣ ଦିଗରେ ଏକ ବଡ଼ ପଦକ୍ଷେପ ସ୍ୱରୂପ ୪୬୪ ଟି-୯୦ ଭୀଷ୍ମ ଯୁଦ୍ଧ ଟ୍ୟାଙ୍କ ଅଣାଯିବ। ୨୦୨୨-୨୦୨୫ ମଧ୍ୟରେ ରୁଷିଆ ଏହାକୁ ୧୩,୪୪୮ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରିବ। ଏଗୁଡ଼ିକ ଅର୍ଡନାନ୍ସ ଫ୍ୟାକ୍ଟ୍ରି ବୋର୍ଡ ଅଧୀନ ଅଭାଦି ହେଭି ଭେହିକିଲ୍ ଫ୍ୟାକ୍ଟ୍ରି (ଏଚ୍‌ଭିଏଫ୍)ରେ ପ୍ରସ୍ତୁତ କରାଯିବ। ପୂର୍ବରୁ ରୁଷିଆଠାରୁ ୧,୬୫୪ଟି ଟ୍ୟାଙ୍କ ଅଣାଯାଇଥିବାବେଳେ ଏବେ ଅତିରିକ୍ତ ୪୬୪ ଯୁଦ୍ଧ ଟ୍ୟାଙ୍କ ଆଣିବା ପାଇଁ ନିଷ୍ପତ୍ତି ହୋଇଛି। ୨୦୦୬-୦୭ରେ ଏଚ୍‌ଭିଏଫ୍ ୨୦୨୦ ସୁଦ୍ଧା ରୁଷିଆରୁ ୧,୦୦୦ ଟି-୯୦ଏସ୍ ଯୁଦ୍ଧ ଟ୍ୟାଙ୍କ ସକାଶେ ଏକ ଚୁକ୍ତିନାମା ସ୍ୱାକ୍ଷର କରିଥିଲା। ମାତ୍ର ଅଦ୍ୟାବଧି ୩୫୦-୪୦୦ ଟି-୯୦ଏସ୍ ଟ୍ୟାଙ୍କ ଯୋଗାଣ ହୋଇପାରିଛି। ୧,୦୭୦ ଟି-୯୦ ଏବଂ ୨,୪୦୦ ଟି-୭୨ ଟ୍ୟାଙ୍କ ବ୍ୟତୀତ ରୁଷିଆଠାରୁ ଭାରତୀୟ ସେନା ୧୨୪ ଅର୍ଜୁନ ଟ୍ୟାଙ୍କ ନିଜ ୬୭ଟି ଅସ୍ତ୍ର ଗୋଦାମକୁ ଆଣିଛି। ସଦ୍ୟ ଅଧିଗ୍ରହଣ ଭାରତ-ପାକିସ୍ତାନ ସୀମାରେ ସେନାର ଯୁଦ୍ଧକ୍ଷମତା ବୃଦ୍ଧି କରିବାରେ ସହାୟକ ହେବ ବୋଲି କୁହାଯାଉଛି। ଏସମ୍ପର୍କିତ ପ୍ରସ୍ତାବକୁ ପ୍ରତିରକ୍ଷା ମନ୍ତ୍ରଣାଳୟର ଅନୁମୋଦନ ମିଳିଛି।

# ୨୮୦ ଅଙ୍କ ଛୁଇଁବା ଭାଜପା ପାଇଁ କଷ୍ଟକର: ଶିବସେନା

**ମୁମ୍ବାଇ,୭।୫(ପି.ଟି.):** ଲୋକ ସଭା ନିର୍ବାଚନରେ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିବା ଭାଜପା ପାଇଁ ସହଜ ହେବନାହିଁ। ତେଣୁ କେନ୍ଦ୍ରରେ ସରକାର ଗଠନ ଲାଗି ଏହି ଦଳ ସହଯୋଗୀମାନଙ୍କ ଉପରେ ନିର୍ଭର କରିବ ବୋଲି ବରିଷ୍ଠ ଶିବସେନା ନେତା ସଞ୍ଜୟ ରାଉତ୍ କହିଛନ୍ତି। ୨୦୧୪ ଭଳି ଏଥର ନିର୍ବାଚନରେ ଭାଜପା ୨୮୦ ଆସନ ଛୁଇଁବା କଷ୍ଟକର ହୋଇପଡିବ। ଭାଜପା ନେତା ରାମମାଧବଙ୍କ କହିବା ଅନୁଯାୟୀ ଏନ୍‌ଡିଏ ପରବର୍ତ୍ତୀ ସରକାର ଗଠନ କରିବ। ଭାଜପା ଏକକ ସଂଖ୍ୟାଗରିଷ୍ଠ ଦଳ ହେବ। ରାମମାଧବଙ୍କ ଉପରୋକ୍ତ ସୂଚନାକୁ ରାଉତ୍ ସମର୍ଥନ କରିଛନ୍ତି। ତେବେ ଏନ୍‌ଡିଏ ପରିବାର ସଂଖ୍ୟାଗରିଷ୍ଠତା ହାସଲ କରିପାରିବ ବୋଲି ସହଯୋଗୀ ଦଳ ଶିବସେନାର ନେତା ସୂଚନା ଦେଇଛନ୍ତି।




■ ପ୍ରଧାନମନ୍ତ୍ରୀଙ୍କ ପ୍ରତି ବହିଷ୍କୃତ ଯବାନଙ୍କ ଆପତ୍ତିଜନକ ମନ୍ତବ୍ୟ

# ବିରୋଧୀଙ୍କ ନୀରବତାକୁ ଭାଜପାର ନିନ୍ଦା

**ନୂଆଦିଲ୍ଲୀ,୭।୫(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ହତ୍ୟା କରିବା ସମ୍ପର୍କରେ କଥାବାର୍ତ୍ତା ହେଉଥିବା ବହିଷ୍କୃତ ବିଏସ୍‌ଏଫ୍ ଯବାନ ତେଜ୍ ବାହାଦୁର ଯାଦବଙ୍କ ଭିଡିଓ କ୍ଲିପ୍ ଉପରେ ବିରୋଧୀ ଦଳର ନୀରବତାକୁ ଭାଜପା ନିନ୍ଦା କରିଛି। ମୋଦିଙ୍କ ବିରୋଧରେ ତେଜ୍ ବାହାଦୂର ବାରାଣସୀ ଲୋକ ସଭା ଆସନରୁ ନାମାଙ୍କନପତ୍ର ଦାଖଲ କରିଥିଲେ ହେଁ ତାହା ଖାରଜ ହୋଇଯାଇଥିଲା। ହିଜ୍‌ବୁଲ୍ ମୁଜାହିଦ୍ଦିନ ଏବଂ ଲଶ୍କର-ଇ-ତୋଇବା ଆତଙ୍କବାଦୀଙ୍କୁ ସେ ଜାଣନ୍ତି ବୋଲି ଉକ୍ତ ଭିଡିଓରେ କହୁଥିବା ଦେଖାଯାଇଛି। ଯାଦବଙ୍କର ଏହି ଭିଡିଓକୁ ଭାଜପା ଏକ ଖବରଦାତା ସମ୍ମିଳନୀରେ ପ୍ରଦର୍ଶିତ କରିଥିଲା। ଏହା ଅତି ଗୁରୁତର ଘଟଣା। ଜଣେ ନିର୍ବାଚିତ ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା କରିବା ଲାଗି ଷଡ଼ଯନ୍ତ୍ର ହେଉଥିବାବେଳେ ବିରୋଧୀ ଦଳଗୁଡିକ ନୀରବ ରହିଥିବା ଭାଜପା ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି।


ତେଜ୍ ବାହାଦୁର ଯାଦବ

■ ବଂଶଲଙ୍କ ଭଣଜା ବିରୋଧରେ ଲାଞ୍ଚ ମାମଲା

# ଜବତ ଅର୍ଥ ବାଜ୍ୟାପ୍ତ କଲା ଇଡି

**ନୂଆଦିଲ୍ଲୀ,୭।୫(ପି.ଟି.)**

ମନି ଲଣ୍ଡରିଂ ମାମଲାରେ କଂଗ୍ରେସ ନେତା ତଥା ପୂର୍ବତନ ରେଳମନ୍ତ୍ରୀ ପୱନ କୁମାର ବଂଶଲଙ୍କ ଭଣଜାଠାରୁ ଜବତ ୮୯.୬୮ ଲକ୍ଷ ଟଙ୍କାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ବାଜ୍ୟାପ୍ତ କରିଛି। ରେଲୱେରେ ନିଯୁକ୍ତି ଲାଗି ଲାଞ୍ଚ ମାମଲାରେ ବଂଶଲଙ୍କ ଭଣଜା ବିଜୟ ସିଙ୍ଗ୍‌ଲାଙ୍କ ଅଫିସ୍‌ରୁ ୨୦୧୩ରେ ସିବିଆଇ ଉପରୋକ୍ତ ଅର୍ଥ ଜବତ କରିଥିଲା। ସିବିଆଇ ଏତଲା ଆଧାରରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅନ୍ୟ ଏକ ଦୁର୍ନୀତି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ରେଳବାଇ ବୋର୍ଡ ସଦସ୍ୟ ମହେଶ କୁମାର, ବିଜୟ ସିଙ୍ଗ୍‌ଲା, ସନ୍ଦିପ୍ ଗୋୟଲ ଏବଂ ଅନ୍ୟ ୭ ଜଣଙ୍କ ବିରୋଧରେ ଚାର୍ଜଶିଟ୍ ଦାଏର କରିଥିଲା। ଭାରତୀୟ ରେଳବାଇ ସେବାର ୧୯୭୫ ବ୍ୟାଚ୍‌ର ଅଧିକାରୀ ମହେଶ କୁମାର ରେଲୱେ ବୋର୍ଡ ଇଲେକ୍ଟ୍ରିକାଲ ବିଭାଗର ସଦସ୍ୟ ନିଯୁକ୍ତ ହେବାକୁ ଚାହୁଁଥିଲେ। ଏଥିପାଇଁ ସେ ଏନ୍. ମଞ୍ଜୁନାଥଙ୍କ ସହ ସମ୍ପର୍କରେ ଥିଲେ। ସିଙ୍ଗ୍‌ଲା ସନ୍ଦିପ୍ ଗୋୟଲଙ୍କ ମାଧ୍ୟମରେ ମଞ୍ଜୁନାଥଙ୍କ ଠାରୁ ୧୦ କୋଟି ଚାହିଁଥିଲେ।





ହାଇଦ୍ରାବାଦ ବିମାନବନ୍ଦରରୁ କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସୁନାକୁ ସୀମାଶୁଳ୍କ ଅଧିକାରୀମାନେ ଜବତ କରିବାରେ ସଫଳ ହୋଇଛନ୍ତି। ସିଙ୍ଗାପୁରରୁ ଜଣେ ବ୍ୟକ୍ତି ପ୍ରାୟ ୩.୩ କେଜି ଓଜନର ୩୩ଟି ସୁନା ବିସ୍କୁଟକୁ ନିଜ ଅଣ୍ଟା ଓ ଜୋତାରେ ଲୁଚାଇ ଆଣୁଥିବାବେଳେ ଧରାପଡ଼ିଥିଲେ। ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ପଚରାଉଚରା ଜାରି ରହିଥିବା ପ୍ରକାଶ।




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ନିଶି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## 'ସ୍ୱଚ୍ଛତା ଲାଗି ଲଢ଼େଇ ଜାରି ରହିବ'



**ନୂଆଦିଲ୍ଲୀ,୭।୫(ପି.ଟି.):** ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଲାଗି ଲଢ଼େଇ ଜାରିରହିବ ବୋଲି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ କହିଛନ୍ତି। ସୁପ୍ରିମକୋର୍ଟଙ୍କ ଏପ୍ରିଲ ୮ ତାରିଖ ରାୟର ସମୀକ୍ଷା ପାଇଁ ଚନ୍ଦ୍ରାବାବୁଙ୍କ ନେତୃତ୍ୱରେ ନ୍ୟାଶନାଲ୍ କନ୍‌ଫରେନ୍ସ ମୁଖ୍ୟ ଫାରୁକ ଅବଦୁଲ୍ଲା, ସିପିଆଇ ନେତା ଡି. ରାଜା, କଂଗ୍ରେସ ନେତା ଅଭିଷେକ୍ ମନୁ ସିଙ୍ଘଭିଙ୍କ ସମେତ ୨୧ ବିରୋଧୀ ଦଳ ନେତାଙ୍କ ପକ୍ଷରୁ ହୋଇଥିବା ଆବେଦନକୁ ମଙ୍ଗଳବାର କୋର୍ଟ ଖାରଜ କରିଦେଇଛନ୍ତି।

## 'ଜୱାନି ଜାନେମନ୍'ରେ ଅଭିନୟ କରିବେ ତବୁ



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ତବୁ ଫ୍ୟାମିଲି କମେଡି 'ଜୱାନି ଜାନେମନ୍'ରେ ଅଭିନୟ କରିବାକୁ ଯାଉଛନ୍ତି। ଏଥିରେ ମଧ୍ୟ ସୈଫ ଅଲି ଖାନ୍ ଯୋଗ ଦେଉଥିବା ପ୍ରଯୋଜନା ସଂସ୍ଥା ପକ୍ଷରୁ ମଙ୍ଗଳବାର ଘୋଷଣା କରାଯାଇଛି। ଉଭୟ କଳାକାର ଦୀର୍ଘ ୨୦ବର୍ଷ ବ୍ୟବଧାନ ପରେ ପୁଣିଥରେ ଏକାଠି ହେଉଛନ୍ତି। ଦୁହିଁଙ୍କର ଶେଷ ଫିଲ୍ମ ହେଉଛି 'ହମ୍ ସାଥ୍ ସାଥ୍ ହେଁ'। ସେମାନେ ମଧ୍ୟ 'ତୁ ଚୋର ମେଁ ସିପାହୀ' (୧୯୯୬)ରେ କାର୍ଯ୍ୟ କରିଛନ୍ତି। ପୂଜା ଏଣ୍ଟରଟେନ୍‌ମେଣ୍ଟ ଓ ନର୍ଦର୍ନ ଲାଇଟ୍‌ସ ଫିଲ୍ମସ ସମେତ ସୈଫଙ୍କ ବ୍ଲାକ୍ ନାଇଟ୍ ଫିଲ୍ମସ ମଧ୍ୟ ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। 'ଜୱାନି ଜାନେମନ୍' ଏକ ହାସ୍ୟରସପୂର୍ଣ୍ଣ ଫିଲ୍ମ। ଜଣେ ବ୍ୟକ୍ତି କିପରି ଜୀବନର ନିଚ୍ଛକ ବାସ୍ତବତାକୁ ସମ୍ମୁଖୀନ କରେ ତାହାର ନିଖୁଣ ଚିତ୍ର ଏଥିରେ ପ୍ରତିଫଳିତ ହୋଇଛି।

ତବୁ ଜଣେ ଚତୁର ଅଭିନେତ୍ରୀ। ଏହି ହାସ୍ୟରସାତ୍ମକ ଫିଲ୍ମ ପାଇଁ ସେ ରାଜି ହୋଇଥିବାରୁ ସୈଫ ଅତ୍ୟନ୍ତ ଖୁସି ଥିବା ପ୍ରକାଶ କରିଛନ୍ତି। ଲଣ୍ଡନରେ ଏହାର ୪୫ ଦିନିଆ ଶୁଟିଂ ଆରମ୍ଭ ହେବ ଏବଂ ଆସନ୍ତା ମାସରେ ଏହା ରିଲିଜ ହେବା ଆଶା କରାଯାଏ।

# ଅନୁକୂଳ ହେଲା ଶ୍ରୀଜୀଉଙ୍କ ରଥ ନିର୍ମାଣ

**ପୁରୀ ଅଫିସ, ୭।୫**

ଜୁଲାଇ ୪ତାରିଖରେ ରଥଯାତ୍ରା। ଏଥିପାଇଁ ପରମ୍ପରା ମୁତାବକ ମଙ୍ଗଳବାର ପବିତ୍ର ଅକ୍ଷୟତୃତୀୟାରେ ତିନିରଥ ନିର୍ମାଣ ଅନୁକୂଳ ହୋଇଛି। ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଆଜ୍ଞାମାଳ ଆସି ଶ୍ରୀନଅର ସମ୍ମୁଖରେ ବିଜେ ହେବା ପରେ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହୋଇଥିଲା।

ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ତିନିଖଣ୍ଡ ଧଉରା କାଠକୁ ଧୁଆଯାଇ ରଖାଯାଇଥିଲା। ଦେଉଳି ପୁରୋହିତ ଶ୍ରୋତ୍ରୀୟ ବ୍ରାହ୍ମଣ ଅପରାହ୍ନରେ ରଥଖଳାରେ ବନଯାଗର ସଂକ୍ଷିପ୍ତ ପଦ୍ଧତିରେ ରଥକାଠ ନୀତି ଅନୁକୂଳ କରିଥିଲେ। ଶ୍ରୀମନ୍ଦିରରୁ ବୈଷ୍ଣବାଗ୍ନି ଆଣି ହୋମରେ ଅଗ୍ନି ସ୍ଥାପନା କରାଯାଇଥିଲା। ନୃସିଂହ ମନ୍ତ୍ରରେ ଆହୁତି ଦିଆଯାଇଥିଲା। ଏହାପରେ ମା' ଦକ୍ଷିଣ କାଳୀଙ୍କ ମନ୍ତ୍ରରେ ନୂତନ ଭାବେ ଅଣାଯାଇଥିବା ତିନୋଟି କୁରାଢ଼ିକୁ ଅଭିମନ୍ତ୍ରିତ କରି ପୂଜା କରାଯାଇଥିଲା।



ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ମହାରଣାମାନଙ୍କ ଦ୍ୱାରା ରଥକାଠ ଅନୁକୂଳ କରାଯାଉଛି।

ଅପରପକ୍ଷେ ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ବଢ଼ିବା ପରେ ମହାଜନ ସେବକ ରାମକୃଷ୍ଣ ଦୁଇ ଦେବଙ୍କୁ ହାତରେ ବିଜେ କରାଇ ଆଣି ଝୁଲଣ ମଣ୍ଡପ ତଳେ ପାଲିଙ୍କିରେ ବିଜେ କରାଇଥିଲେ। ମଦନମୋହନ, ଶ୍ରୀଦେବୀ, ଭୂଦେବୀଙ୍କୁ ମଣି ବିମାନରେ ବିଜେ କରାଯାଇଥିଲା। ତିନିଜଣ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ୩ଗୋଟା ଆଜ୍ଞାମାଳ ନେଇ ପାଲିଙ୍କି ଓ ବିମାନ ଆଗେ ଆଗେ ରଥଖଳାକୁ ଯାଇଥିଲେ। ବିମାନବଡୁ ସେବକମାନେ ପାଲିଙ୍କି ଓ ବିମାନରେ ଠାକୁରଙ୍କୁ ନେଇ ସିଂହଦ୍ୱାର ଦେଇ ବଡ଼ଦାଣ୍ଡକୁ ଓହ୍ଲାଇ ରଥଖଳାରେ ପହଞ୍ଚିଥିଲେ। ଠାକୁରଙ୍କ ପଛେ ପଛେ ବିମାନରେ ପଞ୍ଚ ମହାଦେବ (ଶ୍ରୀଯମେଶ୍ୱର, ଶ୍ରୀଲୋକନାଥ, ମାର୍କଣ୍ଡେଶ୍ୱର, କପାଳମୋଚନ ଓ ଶ୍ରୀନୀଳକେଣ୍ଡେଶ୍ୱର) ଆସିଥିଲେ। ଏହାପରେ ତିନି ଠାକୁରଙ୍କ ତିନିଗୋଟା ଆଜ୍ଞାମାଳ ୩ଖଣ୍ଡ କାଠରେ ବିଜେ କରାଯାଇଥିଲା। ଦେଉଳ ପୁରୋହିତ ପୂଜା ହୋଇଥିବା କୁରାଢ଼ିରେ ସ୍ପର୍ଶ କରି ରଥ ନିର୍ମାଣର ଅନୁକୂଳ କରିଥିଲେ। ମୁଖ୍ୟ ଆଚାର୍ଯ୍ୟ ଭାବେ ଦେଉଳ ପୁରୋହିତ ପଦ୍ମନାଭ ମହାପାତ୍ର, ଚରୁହୋତା ଶଶାଙ୍କ ଶେଖର ମହାପାତ୍ର, ରାଜ ପ୍ରତିନିଧି ଦେବୀ ପ୍ରସାଦ ରାଜଗୁରୁ, ସମୀଧାଚାର୍ଯ୍ୟ ବିଶ୍ୱଜିତ ମହାପାତ୍ର, ବ୍ରହ୍ମାବରଣ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସ୍ୱସ୍ତିବାଚକ ଗୋପୀନାଥ ରଥ, ପ୍ରଚାରକ ଭାବେ ନୀଳାଦ୍ରି ବିହାରୀ ମିଶ୍ର କାର୍ଯ୍ୟ ସମ୍ପନ୍ନ କରିଥିଲେ। ଦେଉଳ ପୁରୋହିତ ସିଦ୍ଧେଶ୍ୱର ମହାପାତ୍ର ଏବଂ ଦେବାଶିଷ ମହାପାତ୍ର ଉପସ୍ଥିତ ଥିଲେ।

ଏହି ଅବସରରେ ରଥ କାର୍ଯ୍ୟ ନିମନ୍ତେ ବିଶ୍ୱକର୍ମାମାନଙ୍କୁ ବରଣ କରାଯାଇଥିଲା। ତିନିବାଡ଼ର ବିଶ୍ୱକର୍ମା ନନ୍ଦିଘୋଷ ରଥର ବିଜୟ ମହାପାତ୍ର, ଶ୍ୟାମସୁନ୍ଦର ମହାପାତ୍ର, ସନାତନ ମହାପାତ୍ର, ତାଳଧ୍ୱଜ ରଥର ନରସିଂହ ମହାପାତ୍ର, ରଘୁନାଥ ସୁବୁଦ୍ଧି, ଶ୍ୟାମ ସୁନ୍ଦର ମହାରଣା, ଦର୍ପଦଳନ ରଥର କୃଷ୍ଣଚନ୍ଦ୍ର ମହାରଣା, ସୁରେନ୍ଦ୍ର ମହାରଣା ଏବଂ ରଥ ଅମିନ ଲକ୍ଷ୍ମଣ ମହାପାତ୍ର ଶାଢ଼ି ବନ୍ଧାଇଥିଲେ। ଏଥିସହ ୬ଜଣ ଭୋଇ ସେବକ ମଧ୍ୟ ଶାଢ଼ି ବନ୍ଧାଇଥିଲେ। ଶ୍ରୀମନ୍ଦିରରୁ ଆସିଥିବା ତିନି ଆଜ୍ଞାମାଳ ରଥକାଠରେ ଲାଗି ହେବା ପରେ ତିନିବାଡ଼ର ବିଶ୍ୱକର୍ମା ଏହି ଆଜ୍ଞାମାଳକୁ ନେଇ ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟ ଚର୍ଚ୍ଚିକା ଠାକୁରାଣୀଙ୍କୁ ପ୍ରଦାନ କରିଥିଲେ। ରଥ ନିର୍ମାଣ ଅନୁକୂଳ ସମୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର, କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଏସ୍‌ପି ଉମାଶଙ୍କର ଦାଶ, ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ, ରାଜସ୍ୱ ପ୍ରଶାସକ ମଧୁସୂଦନ ଦାସଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟର ବହୁ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

# ଚନ୍ଦନ ଯାତ୍ରା ଆରମ୍ଭ

**ପୁରୀ ଅଫିସ, ୭।୫**

ମଙ୍ଗଳବାର ପବିତ୍ର ଅକ୍ଷୟା ତୃତୀୟାଠାରୁ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି। ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା କରିଛନ୍ତି ଠାକୁର। ୨୧ଦିନ ପର୍ଯ୍ୟନ୍ତ ନରେନ୍ଦ୍ରରେ ଚାପ ଖେଳିବେ ମହାପ୍ରଭୁ।

ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ମହାଜନ ସେବକ ରାମକୃଷ୍ଣଙ୍କୁ ହାତରେ ବିଜେ କରାଇ ଆଣି ଝୁଲଣ ମଣ୍ଡପ ତଳେ ପାଲିଙ୍କିରେ ବିଜେ କରାଇଥିଲେ। ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀଙ୍କୁ ମଣି ବିମାନରେ ବିଜେ କରାଇଥିଲେ। ବିମାନବଡୁ ସେବକମାନେ ଶ୍ରୀନଅର ସମ୍ମୁଖରେ ପହଞ୍ଚି ରଥ ନିର୍ମାଣ ଅନୁକୂଳ ପାଇଁ କିଛି ସମୟ ଅଟକିଥିଲେ। ରଥ ନିର୍ମାଣ ଅନୁକୂଳ ବିଧି ସମ୍ପନ୍ନ ହେବା ପରେ ମଦନମୋହନ, ଶ୍ରୀଦେବୀ, ଭୂଦେବୀ, ରାମକୃଷ୍ଣ ଓ ପଞ୍ଚ ମହାଦେବ ଆଗପଛ ହୋଇ ଚନ୍ଦନ ଯାତ୍ରା ଲାଗି ନରେନ୍ଦ୍ର ପୁଷ୍କରିଣୀ ଅଭିମୁଖେ ଶୋଭାଯାତ୍ରାରେ ଯାଇଥିଲେ। ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ପନ୍ତି ଭୋଗ ଖାଇ ଆଗରେ ଚାଲିଥିଲେ ରାମକୃଷ୍ଣ। ରାମକୃଷ୍ଣଙ୍କ ପାଲିଙ୍କି ପଛରେ ଦୋହଲି ଦୋହଲି ମଣି ବିମାନରେ ଯାଉଥିଲେ ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ। ତାଙ୍କ ପଛରେ ଥିଲେ ପଞ୍ଚ ମହାଦେବ। ସମସ୍ତ ଦେବୀଦେବ ନରେନ୍ଦ୍ର ପୁଷ୍କରିଣୀରେ ପହଞ୍ଚିବା ପରେ ଭିତରଚ୍ଛ ମହାପାତ୍ର ଜଳଲାଗି କରିଥିଲେ। ପରେ ଠାକୁରମାନଙ୍କୁ ଚାପରେ ବିଜେ କରାଯାଇଥିଲା।

ନନ୍ଦା ଚାପରେ ରାମକୃଷ୍ଣ ଓ ପଞ୍ଚ ମହାଦେବ ବିଜେ ହୋଇଥିଲେ। ଭଦ୍ରା ଚାପରେ ମଦନ ମୋହନ, ଶ୍ରୀଦେବୀ, ଭୂଦେବୀ ବିଜେ କରିଥିଲେ। ବିଧି ଅନୁଯାୟୀ, ପ୍ରଥମେ ନନ୍ଦା ଚାପକୁ ରାମକୃଷ୍ଣ ଏବଂ ଭଦ୍ରା ଚାପକୁ ଶ୍ରୀଦେବୀ, ଭୂଦେବୀ ଓ ମଦନମୋହନ ବିଜେ ହେବା ପରେ ଦିନ ଚାପ ହୋଇଥିଲା। ନରେନ୍ଦ୍ର ପୁଷ୍କରିଣୀରେ ଘେରାଏ ବୁଲିବା ପରେ ଚନ୍ଦନ ଘର ନିକଟରେ ଚାପ ଲାଗିଥିଲା। ରାମକୃଷ୍ଣ ଦୁଇ ଦେବ ମଦନମୋହନଙ୍କ ଚାପକୁ ବିଜେ ହୋଇଥିଲେ। ଠାକୁରଙ୍କୁ ବନ୍ଦାପନା ଏବଂ ଚାମର ଆଲଟ କରାଯାଇଥିଲା। ପରେ ଜଗତି ଉପରକୁ ଠାକୁରଙ୍କୁ ବିଜେ କରାଯାଇ ଜଳଲାଗି କରାଯାଇଥିଲା। ଜଳ ଲାଗି ବଢ଼ିବା ପରେ ଠାକୁରଙ୍କୁ ଫୁଲରେ ବେଶ କରାଯାଇଥିଲା। ଏହାପରେ ଠାକୁର ଭିତରକୁ ବିଜେ ହୋଇ ନରେନ୍ଦ୍ର ଚକଡ଼ା ରୋଷରେ ପ୍ରସ୍ତୁତ ମାଣ୍ଡୁଆ ଭୋଗ ସାରି ବିଡ଼ିଆ ମଣୋହୀ ହୋଇଥିଲେ। ମହାପ୍ରଭୁଙ୍କ ଜଳକ୍ରୀଡ଼ା ଦେଖିବା ଲାଗି ନରେନ୍ଦ୍ର ପୁଷ୍କରିଣୀ ଚତୁଃପାର୍ଶ୍ୱରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ସୂଚନାଥାଉ କି, ଅକ୍ଷୟତୃତୀୟାଠାରୁ ଆରମ୍ଭ ହେଉଥିବା ଚନ୍ଦନ ଯାତ୍ରାରେ ମହାପ୍ରଭୁଙ୍କ ପ୍ରତିନିଧି ଭାବେ ରାମ, କୃଷ୍ଣ, ମଦନମୋହନ, ଶ୍ରୀଦେବୀ, ଭୂଦେବୀ ବିଜେ କରନ୍ତି। ଏମାନଙ୍କ ସହିତ କ୍ଷେତ୍ରର ପଞ୍ଚ ମହାଦେବ ମଧ୍ୟ ବିଜେ ହୋଇଥାନ୍ତି।



ନରେନ୍ଦ୍ର ପୁଷ୍କରିଣୀରେ ଠାକୁର ଦିନ ଚାପ ଖେଳୁଛନ୍ତି

## ଚାପ ଖେଳିପାରିଲେନି ଅଲାରନାଥ



ବାତ୍ୟାରେ ଭାଙ୍ଗିଯାଇଥିବା ନନ୍ଦା, ଭଦ୍ରା

**ବ୍ରହ୍ମଗିରି, ୭।୫(ଡି.ଏନ୍.ଏ.):** ଅକ୍ଷୟତୃତୀୟାଠାରୁ ଆରମ୍ଭ ହୋଇଥାଏ ଚନ୍ଦନ ଯାତ୍ରା। ଶ୍ରୀକ୍ଷେତ୍ର ପରମ୍ପରା ଭଳି ବ୍ରହ୍ମଗିରି ଅଲାରନାଥ ପୀଠରେ ସମସ୍ତ ନୀତିକାନ୍ତି ହୋଇଥାଏ। ମଙ୍ଗଳବାର ଅକ୍ଷୟତୃତୀୟାଠାରୁ ଅଲାରନାଥଙ୍କ ପୀଠରେ ଚନ୍ଦନଯାତ୍ରା ଆରମ୍ଭ ହୋଇଯାଇଛି। ଅଲାରନାଥଙ୍କ ଚଳନ୍ତି ପ୍ରତିମା ମଦନମୋହନ ୨୧ଦିନ ଯାଏ ଜଳକ୍ରୀଡ଼ା କରିବେ। ମନ୍ଦିର ପରିଚାଳନା କମିଟି ତରଫରୁ ସମସ୍ତ ନୀତିକାନ୍ତି ଚୂଡ଼ାନ୍ତ ହୋଇଥିଲେ ମଧ୍ୟ ବାତ୍ୟା ଯୋଗୁ ସବୁ ବିଗିଡ଼ି ଯାଇଛି। ମହାପ୍ରଭୁଙ୍କ ଜଳକ୍ରୀଡ଼ା ପାଇଁ ଥିବା ନନ୍ଦା ଓ ଭଦ୍ରା(ସ୍ୱତନ୍ତ୍ର ଡଙ୍ଗା)ବାତ୍ୟାରେ ଭାଙ୍ଗିଯାଇଛି। ଫଳରେ ଶ୍ରୀଜୀଉଙ୍କ ଜଳକ୍ରୀଡ଼ାରେ ବାଧା ସୃଷ୍ଟିହୋଇଛି। ମନ୍ଦିର ପରିଚାଳନା କମିଟି ତରଫରୁ ଯୁଦ୍ଧକାଳୀନ ଭିତ୍ତିରେ ଡଙ୍ଗା ମରାମତି କାର୍ଯ୍ୟ ଚାଲିଛି। ତଥାପି ମରାମତି କାର୍ଯ୍ୟ ଆହୁରି ୨ରୁ ୩ଦିନ ଲାଗିବ ବୋଲି ସୂଚନା ମିଳିଛି। ମଙ୍ଗଳବାରଠାରୁ ଚନ୍ଦନଯାତ୍ରା ଆରମ୍ଭ ହୋଇଥିବାରୁ ନୀତି ସମ୍ପନ୍ନ ପାଇଁ ଶ୍ରୀଜୀଉମାନେ ଡଙ୍ଗା ଛୁଇଁ ମନ୍ଦିରକୁ ଫେରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** — ଆଜି ଉଚ୍ଚଚିନ୍ତା, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ, ଧର୍ମକାର୍ଯ୍ୟ, ଆନୁଷ୍ଠାନିକ କ୍ଷେତ୍ରରେ ସାମିଲ ହେବେ। ଯାତ୍ରା, ବାଣିଜ୍ୟ, ମାଙ୍ଗଳିକ କାମ ପୂର୍ଣ୍ଣ ଫଳପ୍ରଦ ରହିବ। କିନ୍ତୁ କଥାରେ,ବ୍ୟବହାରରେ ଶାଳୀନତା ରକ୍ଷା ନ କଲେ ଓଲଟା ଫଳ ପାଇବେ। ଅବଶ୍ୟ ପରିବହନ, ସାଧାରଣ ଆଲୋଚନା କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ଲାଗିରହିବ।

**ବୃଷ** — ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସାଙ୍ଗକୁ ପ୍ରକଳ୍ପ କାର୍ଯ୍ୟରେ ଅଗ୍ରଗତି ଘଟିବ। ବ୍ୟବସାୟ, ବାଣିଜ୍ୟ, ନିର୍ମାଣ ପାଇଁ ଦିନଟି ଭଲ ରହିବ। ବନ୍ଧୁମିଳନ ସାଙ୍ଗକୁ କଳା,ସାହିତ୍ୟ, ପ୍ରବଚନ, ଆଧ୍ୟାତ୍ମିକ ସଭା ସମିତିରେ ସମ୍ମାନିତ ହେବେ। ଦେବ ଦର୍ଶନର ମଧ୍ୟ ସୁଯୋଗ ପାଇବେ। ବ୍ୟବସାୟ, ବାଣିଜ୍ୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ।

**ମିଥୁନ** — ସକାଳୁ ସକାଳୁ ଦୂରଯାତ୍ରା କରିବାକୁ ପଡିପାରେ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। କୌଣସି ବ୍ୟକ୍ତି ନିକଟରେ ବାକି ରହିଥିବା ଟଙ୍କା, ପଇସାକୁ କେନ୍ଦ୍ରକରି ଅନର୍ଥ ସୃଷ୍ଟି ହୋଇପାରେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଆଲୋଚନା, ଆନୁଷ୍ଠାନିକ କାମ, ସଭା ସମିତିରେ ପ୍ରତିଷ୍ଠା ଅକ୍ଷୁଣ୍ଣ ରହିବ।

**କର୍କଟ** — ଆଜି ସକାଳ ସମୟରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନ୍ନିଧ୍ୟ ଲାଭର ସୌଭାଗ୍ୟ ପାଇବେ। ଅଫିସିଆଲି କାମଗୁଡିକ ସହଜ ଓ ସୁବିଧାରେ ହେବ। ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ଘଟିବ। କିନ୍ତୁ ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି, ଏଣୁ ସତର୍କତାର ସହ କାମ କରିବା ଭଲ।

**ସିଂହ** — ପରିବାରର ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ ମାନସିକ ଶାନ୍ତି ବ୍ୟାହତ ହେବ। ରାଜନୀତି ତଥା ପ୍ରଶାସନିକ ସ୍ତରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ଆଜି ଦିନଟିରେ ବ୍ୟବସାୟ, ବାଣିଜ୍ୟ, ପରିବହନ, ଜମିଜମା, କଳକାରଖାନା, ମନୋରଞ୍ଜନ ଓ ସଭାସମିତିରେ ସଫଳତା ଅର୍ଜନ କରିବେ।

**କନ୍ୟା** — କର୍ମକ୍ଷେତ୍ରରେ କାମଗୁଡିକ ବିଳମ୍ବ ହେବାରୁ ଅନ୍ୟକୁ ଦାୟୀ କରି ବିରକ୍ତି ପ୍ରକାଶ କରିପାରନ୍ତି। ବନ୍ଧୁମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ କିନ୍ତୁ କିଛି ବି କରିବେ ନାହିଁ। ଆଇନ ଅଦାଲତରୁ ଏବଂ ଅର୍ଥ ଲାଭରୁ ଖୁସି ରହିବେ। ସଭାସମିତି, କଳା, ମନୋରଞ୍ଜନାଦି କାର୍ଯ୍ୟକ୍ରମରେ ସାମିଲ ହୋଇପାରନ୍ତି।

**ତୁଳା** — ନିଜଲୋକଙ୍କ ଉପରେ ଭରସା କରି ପାରିବେ ନାହିଁ ଫଳରେ କାମ ହାସଲ ପାଇଁ ଅନ୍ୟର ସାହାଯ୍ୟ ଲୋଡିବାକୁ ବାଧ୍ୟ ହେବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ, ଅନ୍ୟଥା କୌଣସି ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ। ଆନୁଷ୍ଠାନିକ, ମାଙ୍ଗଳିକ କିମ୍ବା ସଭାସମିତିରେ ଯୋଗ ଦେଇ ପ୍ରଶଂସିତ ହେବେ।

**ବିଛା** — କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ। ଅଫିସ୍ କାମରେ ଘଟଣାଗୁଡିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ। କୌଣସି ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ ମାତ୍ର ଜ୍ୟେଷ୍ଠା ଶୁଭ ଫଳ ପାଇବେ। ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିବେ।

**ଧନୁ** — ଅତୀତ ଘଟଣା ବିଷୟରେ ଚିନ୍ତା କରି ମନଟା ଅଧିକାଂଶ ସମୟ ଭଲ ଲାଗିବ ନାହିଁ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ ଓ ପାଇବେ ମଧ୍ୟ। ନିର୍ମାଣ, ଚୁକ୍ତିପତ୍ର, ମାଲିମକଦ୍ଦମା, ବ୍ୟବସାୟ, ଯାତ୍ରା ଓ ପାରିବାରିକ ସମସ୍ୟା କ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ। ଆଜିର ଦୂରଯାତ୍ରା ସଫଳ ହେବ।

**ମକର** — ସକାଳୁ ସକାଳୁ କର୍ମକ୍ଷେତ୍ରରେ ବନ୍ଧୁଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କାମ ହାସଲ କରିବାରେ କେତେକ ପ୍ରତିବନ୍ଧକ ଦେଖା ଦେବାର ଆଶଙ୍କା ରହିଛି। ଆପଣଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରି ପଡୋଶୀ କେହି ପ୍ରତିବାଦର ସ୍ୱର ଉଠାଇ ଅସ୍ଥିରତା ସୃଷ୍ଟି କରିପାରନ୍ତି। ପରୋକ୍ଷ ଶତ୍ରୁତା ପ୍ରତି ସତର୍କ ରହି କାମ କରିବା ଭଲ ହେବ।

**କୁମ୍ଭ** — ପୂର୍ବ ଯୋଜନାନୁଯାୟୀ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂର ଯାତ୍ରା କରିବାକୁ ପଡିପାରେ। ସମସ୍ୟା ଲାଗି ରହିଥିଲେ ମଧ୍ୟ ପରିବାର ଭିତରେ ପ୍ରିୟକଥା କହି ସମସ୍ୟାକୁ ସୁଧାରି ନେବେ। ବ୍ୟବସାୟ, ପରିବହନ କ୍ଷେତ୍ର ଆଜି ପାଇଁ ମାନ୍ଦା ହେବ ନାହିଁ। ଅର୍ଥନୈତିକ, ପ୍ରଶାସନିକ, ସାମାଜିକ ତଥା ଆନୁଷ୍ଠାନିକ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ହେତୁ ପ୍ରଶଂସିତ ହେବେ।

**ମୀନ** — ବ୍ୟକ୍ତିଗତ ସମସ୍ୟା ରହିଥିଲେ ମଧ୍ୟ ସାମାଜିକ ସ୍ତରରେ ଉନ୍ନତମାନର ଫଳ ପାଇ ଖୁସି ରହିବେ। ପୂର୍ବ ବିବାଦର ସମାଧାନ ହେବା ସାଙ୍ଗକୁ ଚିନ୍ତା ମଧ୍ୟ କମିଯିବ। ଯାତ୍ରା, ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ସାହିତ୍ୟ,ସଙ୍ଗୀତ,କଳା, ଆଲୋଚନା, ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସା ପ୍ରାପ୍ତି ଘଟିବ।

ଆଜି ବୈଶାଖ ଶୁକ୍ଳ ଚତୁର୍ଥୀ ବୁଧବାର, ମେ ୮ ତାରିଖ, ବିଶ୍ୱ ରେଡ୍‌କ୍ରସ ଦିବସ,ବିଶ୍ୱ ଥାଲାସିମିଆ ଦିବସ, ରାଶି ନକ୍ଷତ୍ର-ମୃଗଶିରା/ମିଥୁନ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, କନ୍ୟା ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର, ସକାଳ ଘ୬।୪୯ମି. ଗତେ ଘ୮।୨୬ମି. ମଧ୍ୟେ, ଘ୨।୫୩ମି. ଗତେ ଘ୪।୩୦ମି. ମଧ୍ୟେ ଅମୃତବେଳା। ସକାଳ ଘ୪।୩୩ମି. ଗତେ ଘ୬।୦୯ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୧।୪୩ମି. ଗତେ ଘ୧।୧୯ମି. ମଧ୍ୟେ ରାହୁକାଳ।


# classifieds Everyday
**0674-2580101, 2549302**

**real estate**

**SALE**

Gharabari plot sale Bhubaneswar, Sundarpada, 30'road, sqft. 850/-, BJEM-2 - 550/-, 350/-, ବାଳକାଟି- 450/-, 650/-. 9438823759, 9937922999. D-66369

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66332

**Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332.** D-66366

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8594954102. D- 66367

Now Matrimonial ads. only on Wednesday & Sunday Book 1 Get 1 FREE

**packers & movers**

Shivam logistic packers movers. House hold/ car relocation country wide. 9777044177, 9338461133. D-12311

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**healthcare**

Fully refreshed/ relaxed body massage by expert therapist, Shastri Nagar: 7377984773. D-66508

Rejuvenate and ayurvedic full body massage by smart Therapist: 9114402304. D-66509

Full body massage with refreshment, expert therapist. 7381239385, 0674-2540855. D-66510

Summer special mesmerizing offer expert therapeutic refreshing massage appointment. 9668374480. D-66514

Newly opening ayurvedic body massage smart therapist, Shree herbal. 7750020754. D-66513

Herbal full body massage by smart/expert therapist. Contact: 8338067247. D-66512

Experience full body massage with us (expert). Call: 7377048581, 0674-2597822. D-66511

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

**ନିରୁଦ୍ଦିଷ୍ଟ**



**ରକ୍ଷାକର ପାତ୍ର**

ବୟସ- ୬୨, ରଙ୍ଗ- ଶ୍ୟାମଳ, ଉଚ୍ଚତା- ୫ ଫୁଟ ୩ ଇଞ୍ଚ ହଜିଥିବା ସମୟରେ ନୀଳ ଶାର୍ଟ କଳା ପ୍ୟାଣ୍ଟ ପିନ୍ଧିଥିଲେ। ପଟିଆ ସ୍ଥାନରେ ହଜିଥିଲେ। ଠିକଣା- Sai Premium Apartment, Flat-303, Block-A, Sailashree Bihar (Damana), Near Atmaram Sweet. Mob: 8455915021, Other: 07758008602. ଧ-୧୨୪୮



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମିଛ ଜାତୀୟତାବାଦକୁ ଆପଣାଇଛନ୍ତି। ସେ ବିଗତ ବର୍ଷଗୁଡ଼ିକରେ କିଛି ବି କାମ କରିନାହାନ୍ତି। ନିଜ ବିଫଳତାକୁ ଲୁଚାଇବା ପାଇଁ ମୋଦି ଏୟାର ଷ୍ଟ୍ରାଇକ କରି ଆତଙ୍କବାଦୀଙ୍କୁ ନିପାତ କରିଥିବା କଥା କହୁଛନ୍ତି ବୋଲି ଏଏପି ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ସମାଲୋଚନା କରି କହିଛନ୍ତି।




## ସଂକ୍ଷେପରେ

### ପଶ୍ଚିମରେ ପ୍ରବଳ ତାତି, ଉପକୂଳରେ ଗୁଳୁଗୁଳି

**ଭୁବନେଶ୍ୱର,୭।୫(ବ୍ୟୁରୋ):** ବାତ୍ୟା ପରେ ପ୍ରଚଣ୍ଡ ଗ୍ରୀଷ୍ମ ରାଜ୍ୟକୁ ଉତ୍ତପ୍ତ କରିଛି। ପଶ୍ଚିମ, ଆଭ୍ୟନ୍ତରୀଣ ଓଡ଼ିଶାରେ ପାରଦ ୪୪ ଡିଗ୍ରୀ ସେଲସିୟସ ଉପରକୁ ଉଠି ଯାଇଥିବା ବେଳେ ଉପକୂଳରେ ଗୁଳୁଗୁଳି ଅସହ୍ୟ କରିଛି। ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ତାତି ଅଧିକ ନ ଥିଲେ ମଧ ବାୟୁମଣ୍ଡଳର ଆର୍ଦ୍ରତା ୮୦ ପ୍ରତିଶତ ଉପରେ ରହୁଛି। ଫଳରେ ଗୁଳୁଗୁଳି ଅନୁଭୂତ ହେଉଛି। ଗ୍ରୀଷ୍ମ ଓ ଗୁଳୁଗୁଳିରେ ଲୋକମାନେ ଆଉଟପାଉଟ ହେଉଛନ୍ତି। ମଙ୍ଗଳବାର ରାଜ୍ୟର ୧୧ଟି ଜିଲାରେ ପାରଦ ୪୦ରୁ ୪୪ ଡିଗ୍ରୀ ମଧ୍ୟରେ ଥିବା ବେଳେ ୬ଟି ସହରରେ ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ଉପରେ ରହିଛି। ଟିଟିଲାଗଡରେ ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ୪୪.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ସମ୍ବଲପୁର ୪୩.୧ ସର୍ବୋଚ୍ଚ ତାପମାତ୍ରା ୪୧.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ, ମୟୂରଭଞ୍ଜ ଓ କନ୍ଧମାଳ ଜିଲାର କେତେକ ସ୍ଥାନରେ କାଳବୈଶାଖୀ ହେବାର ସମ୍ଭାବନା ରହିଛି। ଘଣ୍ଟାକୁ ୪୦ରୁ ୫୦ କିଲୋମିଟର ବେଗରେ ଝଡ ପବନ ବହିବା ସହ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କ କରି ଦିଆଯାଇଛି।

# ବିଦ୍ୟୁତ୍ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ବାହାରୁ ଆସିବେ କୁଶଳୀ ଟିମ୍

**ଭୁବନେଶ୍ୱର, ୭।୫(ବ୍ୟୁରୋ)**

'ଫନୀ' କ୍ଷତିଗ୍ରସ୍ତ ଅଞ୍ଚଳରେ ଜଳ ଯୋଗାଣ ସ୍ଥିତିରେ ସୁଧାର ଆସିଛି। ବାତ୍ୟା ପ୍ରଭାବରେ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ବିଦ୍ୟୁତ୍ ବ୍ୟବସ୍ଥାର ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। ମଙ୍ଗଳବାର କ୍ୟାବିନେଟ୍ ସଚିବ ପ୍ରଦୀପ କୁମାର ସିହ୍ନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜାତୀୟ ସଙ୍କଟ ପରିଚାଳନା କମିଟି ବୈଠକର ଆଲୋଚନାରୁ ଏହା ଜଣାପଡ଼ିଛି। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଏହି ବୈଠକରେ ଯୋଗଦେଇଥିଲେ। ବୈଠକ ଶେଷରେ ପାଢ଼ୀ କହିଛନ୍ତି, ମୋବାଇଲ ଫୋନ ଓ ଡାଟା କନେକ୍ଟିଭିଟି ନ ଥିବାରୁ ରିଲିଫ ଏବଂ ପୁନରୁଦ୍ଧାର କାର୍ଯ୍ୟରେ ଅସୁବିଧା ସୃଷ୍ଟି ହେଉଛି। ସେଥିଲାଗି ଏହି ସଂଯୋଗ ପୁନରୁଦ୍ଧାର କରିବାକୁ ସମ୍ପୃକ୍ତ କମ୍ପାନୀ ଓ ନିଗମଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଉ ବୋଲି କହିଛୁ। ମୋବାଇଲ କମ୍ପାନୀଗୁଡ଼ିକ ତାଙ୍କ ମାଷ୍ଟର ସେଣ୍ଟରକୁ ଜେନେରେଟର ସାହାଯ୍ୟରେ ଚଳାଇବା ଏବଂ ଅଧିକ ଟ୍ରକ ମାଉଣ୍ଟେଡ ଟାୱାର ଓଡ଼ିଶାକୁ ପଠାଇବା ପାଇଁ ପାଢ଼ୀ ଅନୁରୋଧ କରିଛନ୍ତି। ପ୍ରତି ବ୍ଲକ ଏବଂ ପୋଲିସ ଷ୍ଟେସନ ପର୍ଯ୍ୟନ୍ତ



ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମୁଖ୍ୟ ଶାସନ ସଚିବ ଆଦିତ୍ୟପ୍ରସାଦ ପାଢ଼ୀ କ୍ୟାବିନେଟ୍ ସଚିବଙ୍କ ସହ ଆଲୋଚନା କରୁଛନ୍ତି।

ମୋବାଇଲ ସେବା ପୁନଃ ସ୍ଥାପନ ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି। ଏହି କାର୍ଯ୍ୟଗୁଡ଼ିକର ତଦାରଖ ପାଇଁ ଗୃହ ସଚିବ ଅସିତ୍ ତ୍ରିପାଠୀଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଛି ବୋଲି ସେ କହିଛନ୍ତି।

ଅଧିକ କ୍ଷତିଗ୍ରସ୍ତ ହୋଇଥିବା ପୁରୀ ଓ ଭୁବନେଶ୍ୱର ସହରରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ସୁଧାର ଆସିଛି। ରାଜଧାନୀରେ ବର୍ତ୍ତମାନ ସୁଦ୍ଧା ସାଧାରଣ ଯୋଗାଣର ପ୍ରାୟ ୯୦ପ୍ରତିଶତ ଜଳ ଯୋଗାଯାଉଛି। ପାଇପ୍ ଜଳ ଯୋଗାଣ ନ ଥିବା ଅଞ୍ଚଳରେ ଟ୍ୟାଙ୍କର ସାହାଯ୍ୟରେ ପାଣି ଦିଆଯାଉଛି। ସେହିପରି କଟକରେ ମଧ ଜଳ ଯୋଗାଣରେ ବ୍ୟାପକ ସୁଧାର ଆସିଛି। ପ୍ରତିଦିନ ଏହି କାର୍ଯ୍ୟକୁ ଅଧିକ ପ୍ରସାରିତ କରାଯାଉଛି। ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବିଦ୍ୟୁତ୍ ବ୍ୟବସ୍ଥାର ପୁନରୁଦ୍ଧାର ପାଇଁ କ୍ଷେତ୍ରସ୍ତରୀୟ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉଛି। ଏହା ମଧ୍ୟରେ ୪ହଜାର ଲୋକଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଗଞ୍ଜାମ, ଯାଜପୁର, ବାଲେଶ୍ୱର ଜିଲାରେ ୧୦୦ ପ୍ରତିଶତ ପୁନରୁଦ୍ଧାର କାର୍ଯ୍ୟ ସରିଛି। ଜଗତ୍‌ସିଂହପୁର, କେନ୍ଦ୍ରାପଡା ଜିଲାର ସ୍ଥିତିରେ ସୁଧାର ଆସିଛି। ଭୁବନେଶ୍ୱର, ଖୋର୍ଦ୍ଧା ଏବଂ ପୁରୀର କ୍ଷତିଗ୍ରସ୍ତ ଅଞ୍ଚଳରେ ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଯୋଗାଇବାର କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରାୟ ୧ଲକ୍ଷ ୫୬ହଜାରରୁ ଊର୍ଦ୍ଧ୍ୱ ନୂତନ ଖୁଣ୍ଟ ସ୍ଥାପନ

### ବାତ୍ୟା ଫନୀ ସମ୍ପର୍କିତ ବୈଠକ

- କ୍ୟାବିନେଟ୍ ସଚିବଙ୍କ ସହ ମୁଖ୍ୟ ଶାସନ ସଚିବଙ୍କ ଆଲୋଚନା
- ମୋବାଇଲ ଓ ଇଣ୍ଟରନେଟ୍ ସେବା ଉପରେ ଗୁରୁତ୍ୱ
- ଆଡ୍‌ଭାନ୍ସ ଜେଇଇ ଲାଗି ଆଇଆଇଟି ପ୍ରତିଷ୍ଠାନ କମ୍ପ୍ୟୁଟରରେ ହୋଇପାରିବ ଆବେଦନ

ସହ ନଷ୍ଟ ହୋଇଯାଇଥିବା ଗ୍ରୀଡ୍ ଉଚ୍ଚକ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ପୁନଃ ସ୍ଥାପନ ସମୟ ସାପେକ୍ଷ ହେଉଥିବାରୁ ବିଦ୍ୟୁତ୍ ବ୍ୟବସ୍ଥା ସ୍ୱାଭାବିକ ହେବାକୁ ଅଧିକ ସମୟ ଲାଗିବ। ଉକ୍ତ କାର୍ଯ୍ୟ ପାଇଁ ଅନ୍ୟ ରାଜ୍ୟରୁ ଓଡ଼ିଶାକୁ ଅଧିକ କୁଶଳୀ ଟିମ୍ ପଠାଇବା ପାଇଁ ମୁଖ୍ୟ ଶାସନ ସଚିବ ଅନୁରୋଧ କରିଛନ୍ତି। ଏମାନେ ମୁଖ୍ୟତଃ ତେଲେଙ୍ଗାନା, ଆନ୍ଧ୍ର ଓ ପଶ୍ଚିମବଙ୍ଗରୁ ଆସିବେ। ଏମାନଙ୍କ ପାଇଁ ଟ୍ରେନ୍‌ରେ ଯାତାୟାତ ଦେୟମୁକ୍ତ କରିବାକୁ ମଧ ପାଢ଼ୀ ଅନୁରୋଧ କରିଛନ୍ତି।

ପାଢ଼ୀ ଆହୁରି କହିଛନ୍ତି, ପୂର୍ବରୁ ଆଜବେଷ୍ଟସ୍ ଘରଥିବା ପରିବାରଗୁଡ଼ିକ ଏସ୍.ଇ.ସି.ସି. ତାଲିକା ଅନ୍ତର୍ଭୁକ୍ତ ନ ଥିଲେ। ଏବେ ଏହି ପରିବାରକୁ ଗ୍ରାମୀଣ ଗୃହ ଯୋଗାଣ ଯୋଜନାରେ ସାମିଲ କରିବାକୁ ଅନୁରୋଧ କରାଯାଇଛି। ଇଣ୍ଟରନେଟ୍ ସେବା ନ ଥିବାରୁ ଅନ୍‌ଲାଇନରେ ଆଡଭାନ୍ସ ଜେଇଇ ପାଇଁ ଦସ୍ତଖତ ସେବା ସମ୍ଭବ ହୋଇପାରୁ ନାହିଁ। ଆଇ.ଆଇ.ଟି. ଭୁବନେଶ୍ୱରରେ ଦରଖାସ୍ତ ଦେବାକୁ ପରୀକ୍ଷାର୍ଥୀମାନେ ସିଧାସଳଖ ସୁଯୋଗ ପାଇପାରୁ ନାହାନ୍ତି। ଏବେ ସମ୍ପୃକ୍ତ ପରୀକ୍ଷାର୍ଥୀମାନେ ଉକ୍ତ ପ୍ରତିଷ୍ଠାନର କମ୍ପ୍ୟୁଟର ବ୍ୟବସ୍ଥାରେ ଆବେଦନ କରିପାରିବେ ବୋଲି ନିଷ୍ପତ୍ତି ହୋଇଛି। ଏହାର ସୁବିଧା ନେବାକୁ ପରୀକ୍ଷାର୍ଥୀଙ୍କୁ ମୁଖ୍ୟ ଶାସନ ସଚିବ ଅନୁରୋଧ କରିଛନ୍ତି।

### ■ ପାଟକୁରା ନିର୍ବାଚନ ୨ ମାସ ଘୁଞ୍ଚିବା ଘଟଣା

# ଷଡ଼ଯନ୍ତ୍ର ସଫଳ ହୋଇଛି: ବିଜୟ

**କେନ୍ଦ୍ରାପଡ଼ା ଅଫିସ୍, ୭।୫**

ବାତ୍ୟା ଫନୀକୁ ଆଳ କରି ପାଟକୁରା ବିଧାନସଭା ଆସନ ନିମନ୍ତେ ନିର୍ବାଚନ ୨ ମାସ ଘୁଞ୍ଚା ଯିବା ଦ୍ୱାରା ବିଜେଡି ତା'ର ରଣନୀତିରେ ସଫଳ ହୋଇଛି। ଏହି ନିର୍ବାଚନକୁ ବନ୍ଦ କରିବା ସକାଶେ ବିଜେଡି ପକ୍ଷରୁ ଆରମ୍ଭରୁ ଉଦ୍ୟମ କରାଯାଉଥିବା ବେଳେ ଏଥିପାଇଁ କରାଯାଉଥିବା ଷଡ଼ଯନ୍ତ୍ର ସତରେ ପରିଣତ ହୋଇଛି ବୋଲି ପାଟକୁରା ଭାଜପା ବିଧାୟକ ପ୍ରାର୍ଥୀ ବିଜୟ ମହାପାତ୍ର କହିଛନ୍ତି। ଫନୀ ଯୋଗୁ ପୁରୀ, କଟକ ଓ ଭୁବନେଶ୍ୱର ବିଶେଷ ଭାବେ ପ୍ରଭାବିତ ହୋଇଥିବା ବେଳେ କେନ୍ଦ୍ରାପଡ଼ା ଜିଲା ପାଟକୁରା ନିର୍ବାଚନମଣ୍ଡଳୀ ଅଞ୍ଚଳରେ ସାମାନ୍ୟ କ୍ଷତି ହୋଇଛି। ବାତ୍ୟାର ୨ଦିନ ପରେ ଯାତାୟାତ ସ୍ୱାଭାବିକ ହୋଇଥିବା ବେଳେ ଆସନ୍ତା ୩ ଦିନ ମଧ୍ୟରେ ବିଦ୍ୟୁତ୍ ଓ ପାଣି ସମସ୍ୟା ମଧ ସମାଧାନ ହୋଇଯିବ। କିନ୍ତୁ ଫନୀକୁ ଆଳ କରି ପାଟକୁରାରେ ନିର୍ବାଚନକୁ ଘୁଞ୍ଚାଇ ଦିଆଯାଇଛି। ତେବେ ଏହି କ୍ଷୟକ୍ଷତିର ବାସ୍ତବ ତଥ୍ୟ ନିର୍ବାଚନ କମିଶନଙ୍କୁ ଦିଆଯାଇନାହିଁ। ଏହାର ସମ୍ପୂର୍ଣ୍ଣ ତଥ୍ୟ ନିର୍ବାଚନ କମିଶନଙ୍କୁ ପ୍ରଦାନ କରାଯିବ ବୋଲି ମଙ୍ଗଳବାର ସହରର କାକଟ ଲକ୍ଷ୍ମିତ ଏକ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜୟ କହିଛନ୍ତି। ସେ ପ୍ରକାଶ କରିଥିଲେ ଯେ, ବାତ୍ୟାକୁ ଆଳ କରି ନିର୍ବାଚନକୁ ୨ ମାସ ଘୁଞ୍ଚାଇବା ଘଟଣା ଭାରତୀୟ ଗଣତନ୍ତ୍ରରେ ପ୍ରଥମ। ଅପରପକ୍ଷେ ପାଟକୁରାରେ ଯଦି ଭୟଙ୍କର ବାତ୍ୟା ହୋଇଥିବାରୁ ନିର୍ବାଚନ ଘୁଞ୍ଚାଯାଇଛି, ତେବେ ସେହି ପରିମାଣରେ କାହିଁକି ରିଲିଫ ବ୍ୟବସ୍ଥା ହୋଇନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଭୟଙ୍କର ବାତ୍ୟାର ଚିତ୍ର ସମ୍ପର୍କରେ କେଉଁ ପ୍ରଶାସନିକ ଅଧିକାରୀଙ୍କ ରିପୋର୍ଟକୁ ଆଧାର କରାଯାଇଛି, ତାହା ସର୍ବସାଧାରଣ ସମ୍ମୁଖକୁ ଅଣାଯିବା ଆବଶ୍ୟକ ବୋଲି ଦାବି କରିଛନ୍ତି। ଅପରପକ୍ଷରେ ବିଧାନସଭା ନିର୍ବାଚନ କରାଇ ନଦେଇ ପାଟକୁରାବାସୀଙ୍କୁ ପ୍ରତାରିତ କରାଯାଇଛି। ଏହାର ଜବାବ ପାଟକୁରାବାସୀ ଆଗାମୀ ଦିନରେ ମାଗିବେ ବୋଲି ବିଜୟ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜିଲା ଭାଜପା ସଭାପତି ଦୁର୍ଯ୍ୟୋଧନ ସାହୁ, ବରିଷ୍ଠ ନେତା ଭୁବନମୋହନ ଜେନା ଉପସ୍ଥିତ ଥିଲେ।

# ପରଲୋକରେ ସ୍ୱାଧୀନତା ସଂଗ୍ରାମୀ ଦୟାନିଧି

**ଧାମନଗର, ୭।୫(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ଅଞ୍ଚଳର ବିଶିଷ୍ଟ ସ୍ୱାଧୀନତା ସଂଗାମୀ ଦୟାନିଧି ଧଳଙ୍କର ୯୩ ବର୍ଷ ବୟସରେ ମଙ୍ଗଳବାର ଅପରାହ୍ନରେ ପରଲୋକ ହୋଇଯାଇଛି। ମୃତ୍ୟୁ ଖବର ପ୍ରଚାରିତ ହେବାପରେ ବହୁ ବିଶିଷ୍ଟ ବ୍ୟକ୍ତି ଧାମନଗର ବ୍ଲକ ସୂର୍ଯ୍ୟପୁର ଗ୍ରାମସ୍ଥିତ ତାଙ୍କ ବାସ ଭବନକୁ ଯାଇ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଧାମନଗର ତହସିଲଦାର ଲଗ୍ନଜିତ୍ ବେହେରା ଏବଂ ଧୁଷୁରୀ ଥାନା ଅଧିକାରୀ ପ୍ରଫିଲ କୁମାର ସିଂ ପ୍ରମୁଖ ପହଞ୍ଚି ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସ୍ୱାଧୀନତା ସଂଗାମୀ ଗୌରୀ ଶ୍ୟାମ ଗୋସ୍ୱାମୀ ଏବଂ ଅନ୍ତର୍ଯ୍ୟାମୀ ପହଙ୍କ ସମେତ ବହୁ ରାଜନେତା, ଶିକ୍ଷାବିତ୍ ତାଙ୍କ ବାସ ଭବନକୁ ଆସି ଶେଷ ଦର୍ଶନ କରିଥିଲେ। ଦୟାନିଧି ଯୁବାବସ୍ଥାରେ ସ୍ୱାଧୀନତା ସଂଗାମ ଆନ୍ଦୋଳନରେ ଝାସ ଦେଇଥିଲେ ବହୁ ଜନନେତାଙ୍କ ସଂସ୍ପର୍ଶରେ ଆସିଥିଲେ। ୧୯୪୨ ମସିହା ଭାରତ ଛାଡ ଆନ୍ଦୋଳନରେ ସାମିଲ ହୋଇ ସେ ବାଲେଶ୍ୱର ଜେଲରେ ୭



ମାସ କାରାବରଣ କରିଥିଲେ। ଦେଶ ସ୍ୱାଧୀନ ହେବା ପରେ କଂଗ୍ରେସ ସେବା ଦଳରେ ନିଜକୁ ନିୟୋଜିତ କରିଥିଲେ । ପଣ୍ଡିତ ଜବାହାରଲାଲ ନେହେରୁ ଏବଂ ଡ. ହରେକୃଷ୍ଣ ମହତାବଙ୍କ ପରି ଜନନେତାଙ୍କ ସହିତ କାର୍ଯ୍ୟ କରି ସେ ଦେଶ ପାଇଁ ବହୁ ଅବଦାନ ଦେଇ ଯାଇଛନ୍ତି। ଏହା ଯୁବ ପିଢି ଲାଗି ପ୍ରେରଣା ହୋଇ ରହିବ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି। ପରେ ବିରାଟ ଶୋଭାଯାତ୍ରାରେ ଦୟାନିଧିଙ୍କ ମରଦେହକୁ ଗ୍ରାମ ପରିକ୍ରମା କରାଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ଜନସାଧାରଣ ବାତ୍ୟାରେ ଭାଙ୍ଗିଥିବା ଗଛକାଟି ନେଇପାରିବେ

**ଭୁବନେଶ୍ୱର,୭।୫(ବ୍ୟୁରୋ)**

ବାତ୍ୟା ଫନୀ ପ୍ରଭାବରେ ଭୁବନେଶ୍ୱର, ପୁରୀ ଓ କଟକ ଜିଲାର ବିଭିନ୍ନ ଅଞ୍ଚଳରେ ଲକ୍ଷ ଲକ୍ଷ ଗଛ ଉପୁଡ଼ିପଡିଛି। ଏତେ ସଂଖ୍ୟାର ଗଛ ସଫା କରିବା ସମୟ ସାପେକ୍ଷ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏସବୁ ଦୃଷ୍ଟିରେ ରଖି ଜନସାଧାରଣ ଚାହିଁଲେ ବାତ୍ୟାରେ ଉପୁଡି ଯାଇଥିବା କିମ୍ବା ଭାଙ୍ଗିପଡିଥିବା ଗଛଗୁଡ଼ିକ ନିଜ ବ୍ୟବହାର ପାଇଁ କାଟି ନେଇପାରିବେ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ଜନସାଧାରଣ ସତର୍କତାର ସହ ନିରାପଦରେ ଗଛ କାଟି ପାରିବେ। ଯେଉଁ ଗଛଗୁଡ଼ିକ ବଞ୍ଚିପାରିବ ସେଗୁଡ଼ିକର ଯତ୍ନ ନେବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଛି।

# ଏଚ୍-୧ ଭିଜା ଆବେଦନ ଶୁଳ୍କ ବଢ଼ାଇବାକୁ ପ୍ରସ୍ତାବ

**ୱାଶିଂଟନ,୭।୫**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶରେ ତାଙ୍କର ପ୍ରଶାସନ ଏଚ୍-୧ଭିଜା ଆବେଦନ ଶୁଳ୍କ ବଢ଼ାଇବାକୁ ପ୍ରସ୍ତାବ ଦେଇଛନ୍ତି। ଶ୍ରମ ମନ୍ତ୍ରୀ ଆଲେକ୍‌ଜାଣ୍ଡାର ଅକୋଷ୍ଟା ଆମେରିକା ସାଂସଦଙ୍କୁ ଜଣାଇଥିଲେ ଯେ, ଏକ ଆପ୍ରେଣ୍ଟିସ୍ କାର୍ଯ୍ୟକ୍ରମର ବିସ୍ତାର ଲାଗି ପାଣ୍ଠି ସଂଗ୍ରହ କରିବା ଉଦ୍ଦେଶ୍ୟରେ ଭିଜା ଆବେଦନ ଶୁଳ୍କ ବଢ଼ାଇବାର ପ୍ରସ୍ତାବ ଦିଆଯାଇଛି। ଏହି ପାଣ୍ଠି ଦ୍ୱାରା ଆମେରିକାର ଯୁବବର୍ଗଙ୍କୁ ପ୍ରଯୁକ୍ତିଗତ ପ୍ରଶିକ୍ଷଣ ଦିଆଯାଇଥାଏ। ତେବେ ଆମେରିକା ସଂସଦ(କଂଗ୍ରେସ)ର ଏକ କମିଟି ସମ୍ମୁଖରେ ଚଳିତବର୍ଷ ଅକ୍ଟୋବର ପହିଲାରୁ ଆରମ୍ଭ ହେଉଥିବା ଆର୍ଥିକ ବର୍ଷ ୨୦୨୦ ଲାଗି ଶ୍ରମ ମନ୍ତ୍ରଣାଳୟର ବଜେଟ ଉପସ୍ଥାପନ ବେଳେ ଏଚ୍-୧ ଭିଜା ଆବେଦନ ଶୁଳ୍କ କେତେ ବଢ଼ାଯିବ ସେ ସମ୍ପର୍କରେ ଅକୋଷ୍ଟା କିଛି ଉଲ୍ଲେଖ କରିନାହାନ୍ତି। ଏହାଛଡ଼ା କେଉଁ ଶ୍ରେଣୀର ଭିଜା ପାଇଁ ଆବେଦନ ଶୁଳ୍କ ବଢ଼ାଯିବ ତାହା ମଧ ସ୍ପଷ୍ଟ କରିନାହାନ୍ତି। ତେବେ ପୂର୍ବର ଅଭିଜ୍ଞତାରୁ ଏତିକି ସ୍ପଷ୍ଟ ହେଉଛି ଯେ, ଭାରତୀୟ ଆଇଟି କମ୍ପାନୀଗୁଡ଼ିକ ଉପରେ ଏସଂକ୍ରାନ୍ତରେ ଅତିରିକ୍ତ ଆର୍ଥିକ ବୋଝ ପଡ଼ିବାକୁ ଯାଉଛି। ସୂଚନାଯୋଗ୍ୟ ଯେ, ଭାରତୀୟ ଆଇଟି କମ୍ପାନୀଗୁଡ଼ିକ ବହୁମାତ୍ରାରେ ଏଚ୍-ବି ଭିଜା ଲାଗି ଆବେଦନ କରିଥାନ୍ତି।

No. 03-AA

**GOVERNMENT OF ODISHA**
**ELECTRICAL LICENSING BOARD**
**OFFICE OF THE ENGINEER-IN-CHIEF ELECTRICITY-CUM-PRINCIPAL CHIEF ELECTRICAL INSPECTOR, ODISHA**
**3RD FLOOR HEADS OF DEPARTMENT BUILDING**
**BHUBANESWAR- 751001**

Email: **secyelbo@nic.in**, Fax/Ph. **0674-2394572**

## NOTICE

No. ELBO/Fani/125/2019/452/Dated Bhubaneswar, the 07.05.2019

ଓଡ଼ିଶାର ସମସ୍ତ ୬୪୪ ଲାଇସେନ୍ସପ୍ରାପ୍ତ HT ବିଦ୍ୟୁତ୍ କଣ୍ଟ୍ରାକ୍ଟରମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଲାଇସେନ୍ସର ସର୍ତ୍ତ ମୁତାବକ ବାତ୍ୟା "ଫନି"ର ପରବର୍ତ୍ତୀ ବିଦ୍ୟୁତ୍ ଭିତ୍ତିଭୂମିର ପୁନଃଉଦ୍ଧାର କାର୍ଯ୍ୟ ନିମନ୍ତେ ଆସନ୍ତା ୧୦ତାରିଖ ସକାଳ ୧୦ଟା ସୁଦ୍ଧା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ, ଭୁବନେଶ୍ୱରଙ୍କଠାରେ ତାଙ୍କ ଅଧୀନସ୍ଥ ସମସ୍ତ କୁଶଳୀ, ଅର୍ଦ୍ଧକୁଶଳୀ, ଅଣକୁଶଳୀ ଶ୍ରମିକ ଗ୍ୟାଙ୍ଗ୍ ତଥା ସୁପରଭାଇଜର ଏବଂ ଆବଶ୍ୟକ ଯନ୍ତ୍ରପାତି ସହିତ ରିପୋର୍ଟ କରିବେ। ରିପୋର୍ଟକରିବାରେ ବିଫଳ ହେଲେ ସେମାନଙ୍କ କଣ୍ଟ୍ରାକ୍ଟର ଲାଇସେନ୍ସ ରଦ୍ଦ ହୋଇଗଲା ବୋଲି ବିବେଚନା କରାଯିବ।

ସ୍ୱା./- ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ
ଓଡ଼ିଶା

## ସଂକ୍ଷେପରେ

### ଫନୀ ପାଇଁ ଅକ୍ଷୟତୃତୀୟାରେ ସୁନା ବେପାର ମାନ୍ଦା

**କଟକ ଅଫିସ,୭।୫:** ପବିତ୍ର ଅକ୍ଷୟ ତୃତୀୟାରେ ସୁନା ଦୋକାନ ଖାଁ ଖାଁ। ଫନୀର ପ୍ରଭାବ ଯୋଗୁ ସୁନା ବ୍ୟବସାୟ ମାନ୍ଦା ପଡିଥିବା ଦେଖିବାକୁ ମିଳିଛି। ଅକ୍ଷୟ ତୃତୀୟା ପାଇଁ ବିଭିନ୍ନ ଜୁଏଲେରୀ ଦୋକାନ ପକ୍ଷରୁ ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ଆକର୍ଷଣୀୟ ଅଫର ରହିଥିଲା। ହେଲେ ଫନୀ ଯୋଗୁ କ୍ଷୟକ୍ଷତି ହୋଇଥିବାରୁ ଲୋକମାନେ ସୁନା ଅଳଙ୍କାର କିଣିବା ପାଇଁ ସେତେଟା ଆଗ୍ରହ ପ୍ରକାଶ କରି ନ ଥିଲେ। ଏ ନେଇ ଲାଲଚାନ୍ଦ ଜୁଏଲର୍ସ ଡାଇରେକ୍ଟର କିଶନଲାଲ ଗୁପ୍ତା କହିଛନ୍ତି, କଟକରେ ଗତବର୍ଷ ଅକ୍ଷୟ ତୃତୀୟା ଉପଲକ୍ଷେ ବ୍ୟବସାୟୀମାନେ ଦୁଇ କୁଇଣ୍ଟାଲ ଓଜନର ସୁନା ଅଳଙ୍କାର ବ୍ୟବସାୟ କରିଥିଲେ। କିନ୍ତୁ ଚଳିତବର୍ଷ ଅଧ କୁଇଣ୍ଟାଲ ଓଜନର ଅଳଙ୍କାର ବିକ୍ରି ହୋଇଛି। ଫନୀ ପ୍ରଭାବରେ ବ୍ୟବସାୟ କମିଥିବା ସହ ଲୋକଙ୍କ ପାଖରେ ଅର୍ଥ ମହଜୁଦ ନ ଥିବା, ନେଟୱର୍କ ସମସ୍ୟା କାରଣରୁ ସ୍ୱାଇପ ମେଶିନ କାମ କରୁ ନ ଥିବା, ମୋବାଇଲ ୱାଲେଟ କାମ ନ କରିବା ଯୋଗୁ ଲୋକେ କାରବାର କରିପାରୁନାହାନ୍ତି। ଚଳିତବର୍ଷ ଅକ୍ଷୟ ତୃତୀୟାକୁ ଦୃଷ୍ଟିରେ ରଖି ଦିଲ୍ଲୀ, ବାଙ୍ଗାଲୋର, କୋଲକାତା, କେରଳ, ଅହମ୍ମଦାବାଦରୁ ବିଭିନ୍ନ ଡିଜାଇନର ସୁନା ଅଳଙ୍କାର ଅଣାଯାଇଥିଲେ ମଧ ବ୍ୟବସାୟ ସମ୍ପୂର୍ଣ୍ଣ ମାନ୍ଦାଥିବା କିଶନଲାଲ କହିଛନ୍ତି। ତନିସ୍କ ଜୁଏଲେରୀର ସେଲ୍ସ ମ୍ୟାନେଜର ସୁନୀଲ ଭୋଲ ଓ ଖିମ୍‌ଜୀ ଜୁଏଲେରୀର ସେଲ୍ସ ମ୍ୟାନେଜର ଟି.ଏ. ଖାନ୍ କହିଛନ୍ତି, ଫନୀ ପ୍ରଭାବରେ ବ୍ୟବସାୟ ମାନ୍ଦା ହୋଇଛି। ଆସନ୍ତା ଦୁଇ ସପ୍ତାହ ଭିତରେ ପରିସ୍ଥିତି ସ୍ୱାଭାବିକ ହେଲେ ବ୍ୟବସାୟ ଭଲ ହେବ। ଅନ୍ୟପକ୍ଷରେ ଗ୍ରାହକ ଲକ୍ଷ୍ମୀଧର ସାହୁ କହିଛନ୍ତି, ଅକ୍ଷୟ ତୃତୀୟାରେ ସୁନା ଅଳଙ୍କାର କିଣିଲେ ଘରକୁ ଲକ୍ଷ୍ମୀ ଆସନ୍ତି ବୋଲି ଲୋକଙ୍କ ବିଶ୍ୱାସ ରହିଛି। ତେଣୁ ଆମେ ସୁନା କିଣିବାକୁ ଆସିଛୁ।

### ନଷ୍ଟଭ୍ରଷ୍ଟ ଏକାମ୍ରକାନନ, ଜୟଦେବ ବାଟିକା

ଭୁବନେଶ୍ୱର, ୭।୫ ରାଜଧାନୀର କଂକ୍ରିଟ୍ ଜଙ୍ଗଲ ମଧ୍ୟରେ ସବୁଜିମା ଭରିଦେଉଥିବା ଏକାମ୍ରକାନନ ଓ ଜୟଦେବ ବାଟିକା ଏବେ ସମ୍ପୂର୍ଣ୍ଣ ଭାବେ ନଷ୍ଟଭ୍ରଷ୍ଟ ହୋଇଯାଇଛି। ଏକାମ୍ରକାନନରେ ଥିବା ଔଷଧୀୟ ବୃକ୍ଷଗୁଡିକ ଭାଙ୍ଗି ପଡ଼ିଥିବା ବେଳେ ଜଗନ୍ନାଥ ବାଟିକା ବି ନଷ୍ଟଭ୍ରଷ୍ଟ ହୋଇଯାଇଛି। ଟିସ୍ୟୁ କଲ୍‌ଚର ଗବେଷଣା ପାଇଁ ଏହା ପରିସରରେ ଥିବା ଘର ଭାଙ୍ଗିଯାଇଛି। କାକ୍‌ଟସ୍ ବୃକ୍ଷ ଥିବା ପିରାମିଡ୍‌ର ଛାତ ଉଡ଼ିଯାଇଛି। ସେହିଭଳି ଗୋଲାପ ଉଦ୍ୟାନ ମଧ ପୂରା ନଷ୍ଟ ହୋଇଯାଇଛି। ଅନ୍ୟପକ୍ଷରେ ହଜାର ହଜାର ଗଛରେ ପରିପୂର୍ଣ୍ଣ ଥିବା ଜୟଦେବ ବାଟିକା ଏବେ ଶ୍ରୀହୀନ ପାଲଟିଛି। ଏହାର ଗୋଟିଏ ପଟୁ ଦେଖିଲେ ଆରପଟ ଦେଖାଯାଉଛି। ସେହିଭଳି ଫିଲ୍ମ ଶୁଟିଂ ହେଉଥିବା ସ୍ଥାନ ଏବଂ ବିଭିନ୍ନ ଅର୍ନାମେଣ୍ଟାଲ ପ୍ଲାଣ୍ଟ୍‌ଗୁଡିକ ଭାଙ୍ଗିଯାଇଛି।



### ଥୁଣ୍ଟା ପାହାଡ଼ରେ ଶାନ୍ତିସ୍ତୂପ

ସବୁଜିମା ବଳୟ ମଧ୍ୟରେ ଧବଳ ରଙ୍ଗରେ ଶାନ୍ତିର ପ୍ରତୀକ ଭଳି ଛିଡା ହୋଇଥିବା ଧଉଳି ଶାନ୍ତିସ୍ତୂପ ଏବେ ଥୁଣ୍ଟା ପାହାଡରେ ଛିଡା ହୋଇଛି। ଚାରିଆଡେ ଅନାଇଲେ ଭଙ୍ଗାଗଛ ଆଉ ଧ୍ୱସ୍ତବିଧ୍ୱସ୍ତ ପରିବେଶ। ଦେଶ ଓ ଦେଶ ବାହାରର ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣ ସାଜୁଥିବା ଧଉଳି ଶାନ୍ତିସ୍ତୂପ ଫନୀର ତାଣ୍ଡବରେ ଶ୍ରୀହୀନ ହୋଇଯାଇଛି। ଏହାର ଚାରିପାଖରେ ଥିବା ହଜାର ହଜାର ଗଛ ଭାଙ୍ଗିଯାଇଛି। ପାହାଡ଼ ପାଦଦେଶରେ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣ ସାଜୁଥିବା ପାର୍କ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବସ୍ ପାର୍କିଂସ୍ଥଳର ଶେଡ୍ ଉଡିଯାଇଛି। ପାଚେରି ଭାଙ୍ଗିରୁଜି ଯାଇଛି। ପୁଣିଥରେ ପୁରୁଣା ରୂପ ଫେରି ପାଇବାକୁ ଆଉ କେତେଦିନ ସମୟ ଲାଗିବ ତାହାର ଉତ୍ତର କାହା ପାଖରେ ନାହିଁ।



ଫନୀ ପ୍ରଭାବରେ ଭୁବନେଶ୍ୱରସ୍ଥିତ ଟ୍ରାଇବାଲ ମ୍ୟୁଜିୟମ ପରିସର କ୍ଷତିଗ୍ରସ୍ତ।

# ଚନ୍ଦକା, କଣ୍ଟାବାଡ଼, ମେଣ୍ଢାଶାଳରେ ପ୍ରଳୟର ଚିତ୍ର

ତ୍ରିନାଥ ମହାନ୍ତି
ଭୁବନେଶ୍ୱର, ୭।୫

ପ୍ରଳୟଙ୍କାରୀ ବାତ୍ୟା 'ଫନୀ'ର ତାଣ୍ଡବ ଧୀରେ ଧୀରେ ଏବେ ପଦାକୁ ଆସିବାରେ ଲାଗିଛି। ରାଜଧାନୀ ଉପକଣ୍ଠ ଅନେକ ଗ୍ରାମକୁ ଫନୀ ତା'ର କରାଳ ରୂପରେ ଛାରଖାର କରିଦେଇଛି। ଚନ୍ଦାକା, ମଳିପଡା, କଣ୍ଟାବାଡ଼,ଅନ୍ଧରୁଆ, ଗିରିଙ୍ଗାପୁଟ, କୁକୁଡାମୁଣ୍ଡି ଓ ମେଣ୍ଢାଶାଳ ଆଦି ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ବିଶେଷ କରି ଆଦିବାସୀ ଗ୍ରାମ ଗୋଡିବାରିରେ ଥିବା ଚାଳ ଛପର ଘର ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଥିବାବେଳେ ଆଜ୍‌ବେଷ୍ଟସ ଘର ଭାଙ୍ଗି ଯାଇଛି। ଏପରିକି କିଛି ଛାତ ଘର କାନ୍ଥରେ ଫାଟ ଦେଖିବାକୁ ମିଳିଛି। ବିଦ୍ୟୁତ୍ ଖୁଣ୍ଟ ଧରାଶାୟୀ ହୋଇପଡିଥିବାରୁ ସେବା ବନ୍ଦ ରହିଛି। ପିତାପଲ୍ଲୀରୁ ଚନ୍ଦକା ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ୩୦ରୁ ଊର୍ଦ୍ଧ୍ୱ ବର୍ଷର ଆମ୍ବ ଓ କାଜୁ ଗଛ ଧ୍ୱଂସ ପାଇଯାଇଛି। ବିଭିନ୍ନ ଗ୍ରାମ ଓ ଡେରାସ ଫାର୍ମରେ ଥିବା ହଜାର ହଜାର ଗଛ ଭାଙ୍ଗିଯାଇଥିବାରୁ ସବୁଠୁ ଶ୍ରୀହୀନର ଚିତ୍ର ଦେଖିବାକୁ ମିଳୁଛି। ସେହିଭଳି ବ୍ୟାପକ ଧାନ ଫସଲ ମଧ ନଷ୍ଟ ହୋଇଛି। ବାସ ଓ ଜୀବିକା ହରାଇ ଚାଷୀମାନେ ଚିନ୍ତାରେ କାଳାତିପାତ କରୁଛନ୍ତି।

### ଏଠିବି ପାଣି, ଖାଦ୍ୟ ପାଇଁ ହାହାକାର ସ୍ଥିତି

ଚନ୍ଦକା ଅଞ୍ଚଳଟି ପାହାଡ଼ିଆ ଓ ଜଙ୍ଗଲିଆ ହୋଇଥିବାରୁ ବାତ୍ୟା ପ୍ରଭାବ ସେତେଟା ପଡ଼ିବ ନାହିଁ ବୋଲି ଲୋକେ ଆଶା କରିଥିଲେ। ତଥାପି ବିପଦ ଆଶଙ୍କା କରି ଲୋକେ ସୁରକ୍ଷିତ ସ୍ଥାନକୁ ଚାଲିଆସିଥିବାରୁ ଜୀବନ ବଞ୍ଚିଯାଇଛି। ହେଲେ ପରବର୍ତ୍ତୀ ଦୁର୍ଦ୍ଦଶା ସବୁଠୁ ବଳିଯାଇଛି। ଲୋକେ କ୍ରମଶଃ ଗ୍ରାମକୁ ଫେରି ପ୍ରଳୟର ସ୍ଥିତିକୁ ଦେଖି ମୁଣ୍ଡରେ ହାତ ଦେଇ ବସିଛନ୍ତି। ଘର ନ ଥିବାରୁ ସ୍ଥାନୀୟ ସ୍କୁଲ୍‌ଘରକୁ କିଛିଦିନ ପାଇଁ ବାସସ୍ଥାନ ଭାବେ ଧରିନେଇଛନ୍ତି। କିନ୍ତୁ ନାନା ସମସ୍ୟା ସେମାନଙ୍କ ଜୀବନକୁ ଦୁର୍ବିଶହ କରିଦେଇଛି। ବିଷଶକରି ପାଣି, ଖାଦ୍ୟ ପାଇଁ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି। କଣ୍ଟାବାଡ଼ ଗ୍ରାମର ପ୍ରଭାତ ମାର୍ଥା କହିଛନ୍ତି ଯେ, ଲୋକଙ୍କ ଏଭଳି ଦୁର୍ଦ୍ଦିନ ସମୟରେ କୌଣସି ନେତା ଓ ମନ୍ତ୍ରୀ କିମ୍ବା ପ୍ରଶାସନିକ ଅଧିକାରୀଙ୍କ ଦେଖାନାହିଁ।





### ସଂଘର୍ଷ କରୁଛନ୍ତି ଆଦିବାସୀ ଲୋକେ

ଅନ୍ଧାରୁଆ ପଞ୍ଚାୟତ ଗୋଡିବାରି ଗାଁରେ ପ୍ରାୟ ୪୫୦ ଆଦିବାସୀ ପରିବାର ରୁହନ୍ତି। ସେମାନେ ଠିକାଦାରଙ୍କ ଅଧୀନରେ ମଜୁରି କରୁଥିବାବେଳେ ଆଉ କେତେକ ଲୋକେ ବିଲରେ ଖଟି ପରିବାର ପୋଷଣ କରନ୍ତି। ଆଉ କେହି ହାଣ୍ଡିଆ ବିକ୍ରି କରନ୍ତି। ହେଲେ ଫନୀ ସେମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଛି। ରହିବାକୁ ଘର ନାହିଁ କି ଖାଇବାକୁ ଖାଦ୍ୟ ନାହିଁ। ବଞ୍ଚିବାକୁ ଏକପ୍ରକାର ସଂଘର୍ଷ କରୁଛନ୍ତି। ସେମାନେ ଗଛ ମୂଳେ ଓ ସ୍ଥାନୀୟ ସ୍କୁଲରେ ମୁଣ୍ଡ ଗୁଞ୍ଜିଛନ୍ତି। ଏଥିସହ ଛୋଟ ପିଲାମାନଙ୍କୁ ନେଇ ସେମାନେ ଖରାରେ ନିଜ ଭଙ୍ଗା ଘରକୁ ସଜାଡିବାକୁ ଚେଷ୍ଟା କରୁଛନ୍ତି ବୋଲି ବଇରାମ ମୁଣ୍ଡାଙ୍କ ସମେତ ବହୁ ବିପନ୍ନ ଜଣାଇଛନ୍ତି।

### ବିଦ୍ୟୁତ୍ ପାଇଁ ଆହୁରି ୨୦ ଦିନ

ଚନ୍ଦକା ଅଞ୍ଚଳରେ ଶତାଧିକ ବିଦ୍ୟୁତ୍ ଖୁଣ୍ଟ ଏବଂ ଟ୍ରାନ୍ସଫର୍ମର ଏବେବି ରାସ୍ତା ଓ ଭୂମିରେ ପଡି ରହିଛି। ମଳିପଡାଠାରୁ ଗିରିଙ୍ଗାପୁଟ ପର୍ଯ୍ୟନ୍ତ ଅତ୍ୟଧିକ କ୍ଷତିଗ୍ରସ୍ତ ହୋଇଛି। କେଉଁଠି ତାର ଛିଡି ରାସ୍ତା ଉପରେ ପଡିଛି ତ ଆଉ କେଉଁଠି ଟ୍ରାନ୍ସଫର୍ମର ପାଣି ଭିତରେ ବୁଡି ରହିଛି। ଚନ୍ଦା ସି' ଫାର୍ମକୁ ବିଦ୍ୟୁତ ସଂଯୋଗ ନ ଥିବାରୁ ଶୀତଳ ଭଣ୍ଡାରରେ ଥିବା ବହୁ ଟଙ୍କାର ସାମଗ୍ରୀ ନଷ୍ଟ ହେବାକୁ ବସିଛି। ସେହିଭଳି ଡେରାସକୁ ମଧ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଇଛି। ମରାମତିପରେ ଏହିଅଞ୍ଚଳକୁବିଦ୍ୟୁତ୍ ସେବା ମିଳିବାକୁ ୨୦ ଦିନରୁ ଊର୍ଦ୍ଧ୍ୱସମୟ ଲାଗିପାରେ ବୋଲି ସେସୁ ବିଭାଗ ପକ୍ଷରୁ କୁହାଯାଉଛି।



### ବ୍ୟାପକ ଧାନ ଫସଲ ନଷ୍ଟ

ଚନ୍ଦକା ଅଞ୍ଚଳର ଅଧିକାଂଶ ଲୋକ ମୁଖ୍ୟତଃ ଧାନ ଚାଷ ଉପରେ ନିର୍ଭର କରନ୍ତି। ସେମାନେ ଖରାଦିନିଆ ଧାନ ଚାଷ କରିଥିଲେ। ହେଲେ ବାତ୍ୟା ଫନୀ ସବୁ ଫସଲକୁ ଉଜାଡି ଦେଇଛି। ଧାନ ଗଛଗୁଡିକ ମାଟିରେ ମିଶିଯାଇଛି। ବର୍ଷା ହେବା ଦ୍ୱାରା ମାଟିରେ ଶୋଇଥିବା ଧାନରୁ ଗଜା ବାହାରିଲାଣି। ଅନେକ ଚାଷୀ କରଜ କରି ଧାନ ଚାଷ କରିଥିଲେ। ସେମାନେ ଏବେ କିପରି କରଜ ଶୁଝିବେ ସେହି ଚିନ୍ତାରେ ଘାରି ହେଉଛନ୍ତି। ପ୍ରଶାସନ ପକ୍ଷରୁ ଚାଷୀଙ୍କ ଏପରି ଦୁର୍ଦ୍ଦିନରେ ସହାୟତା ଯୋଗାଇ ଦେବାକୁ ଚାଷୀମାନେ ନିବେଦନ କରିଛନ୍ତି।

### ଶ୍ରୀହୀନ ଡେରାସ

ସବୁଜ ବନାନୀରେ ପରିପୂର୍ଣ୍ଣ ଡେରାସ ଡ୍ୟାମ୍ ଓ ପର୍ଯ୍ୟଟନ କ୍ଷେତ୍ର ଏବେ ଶ୍ରୀହୀନ ହୋଇପଡିଛି। ବାତ୍ୟା ଫନୀ ଏହି ପର୍ଯ୍ୟଟନସ୍ଥଳର ସୌନ୍ଦର୍ଯ୍ୟ ଲୁଟି ନେଇଛି। ଚାରିଆଡେ ଭଙ୍ଗା ଓ ଥୁଣ୍ଟା ଗଛ ଦେଖିବାକୁ ମିଳୁଛି। ପାହାଡ଼ ଓ ରାସ୍ତାର ଚିତ୍ର କହୁଛି ଡେରାସର ପୁନଃ ନବୀକରଣ ଓ ପୂର୍ବର ସୌନ୍ଦର୍ଯ୍ୟ ଫେରାଇବା ପାଇଁ ବହୁ ବର୍ଷ ଲାଗିଯିବ। ବାତ୍ୟା ପରଠୁ ଡେରାସ ଅନିର୍ଦ୍ଦିଷ୍ଟ କାଳ ବନ୍ଦ ରହିଛି। ଅଧାଭଙ୍ଗା ଗଛଗୁଡିକ ଓହଳି ରହିଥିବାରୁ ପର୍ଯ୍ୟଟକଙ୍କ ଜୀବନ ପ୍ରତି ବିପଦ ରହିଛି। ଡେରାସକୁ ଯିବା ରାସ୍ତାରେ ଏକାଧିକ ବିଦ୍ୟୁତ୍ ଖୁଣ୍ଟ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏହି ସବୁ ସମସ୍ୟା ସୁଧୁରିବା ପରେ ଡେରାସ ପୁଣି ଖୋଲାଯିବ ବୋଲି ଜଣେ କର୍ମଚାରୀ ମାନସ ମାଝି କହିଛନ୍ତି।

### ଗ୍ରାମବାସୀଙ୍କ ଦୁଃଖ

ପିତାପଲ୍ଲୀରୁ ବାରଙ୍ଗ ପର୍ଯ୍ୟନ୍ତ ରାସ୍ତା କଡରେ ଲାଗିଥିବା ୩୦ ବର୍ଷରୁ ଅଧିକ ଦିନର ପୁରୁଣା ଗଛ ବାତ୍ୟା ଫନୀରେ ନଷ୍ଟ ହୋଇଯାଇଛି। କେତେକ ଗଛ ଛିଡା ହୋଇଥିବାବେଳେ ଆଉ କେତେକ ଗଛ ଉପୁଡି ପଡିଛି। ଏହି ରାସ୍ତାକୁ ଦୁଇଟିକିଆ କରାଯିବା ପାଇଁ ପୂର୍ବରୁ ପ୍ରଶାସନ ପକ୍ଷରୁ ଏସବୁ ଗଛ କାଟିବାକୁ କୁହାଯାଇଥିଲା। ଏହାକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିବାରୁ ଗଛ କଟାଯାଇ ପାରୁ ନ ଥିଲା। ଏବେ ବାତ୍ୟା ଏହି ଗଛଗୁଡ଼ିକୁ ଉପାଡି ଦେଇଥିବାରୁ ଗ୍ରାମବାସୀ ଦୁଃଖ ପ୍ରକାଶ କରିଛନ୍ତି। ସେମାନଙ୍କ ପୂର୍ବ ପୁରୁଷମାନେ ଏହି ଗଛଗୁଡିକୁ ଲଗାଇଥିବାରୁ ସେମାନଙ୍କ ଶନ୍ତକ ଆଉ କିଛି ରହିବ ନାହିଁ ବୋଲି ସେମାନେ ଦୁଃଖର ସହ କହିଛନ୍ତି।

### ଅଧ କି.ମି. ଦୂରକୁ ଉଡ଼ିଯାଇଛି କ୍ୟାବିନ

ରାସ୍ତା କଡରେ ଥିବା ବହୁ ଦୋକାନ ଓ ଢାବା ଅବସ୍ଥା ନ କହିବା ଭଲ। ବାତ୍ୟା ଫନୀ ରେ ଏବୁ ଛିନ୍‌ଛତର୍ ହୋଇଯାଇଛି। ଅନେକ କ୍ୟାବିନ୍ ଉଡି ଅଧ କିଲୋମିଟର ଦୂରରେ ପଡିଥିବା ଦେଖିବାକୁ ମିଳିଛି। ଅନେକ ଦୋକାନୀ ବାତ୍ୟା ପରେ ନିଜର ଦୋକାନକୁ ଉଠାଇ ପୁଣି ସଜାଡିବାରେ ଲାଗିପଡିଛନ୍ତି। ଅନେକ ଦୋକାନୀ ବାତ୍ୟା ସମୟରେ ଦୋକାନରୁ ଏକାଧିକ ସାମଗ୍ରୀ କାଢି ନେଇପାରି ନ ଥିଲେ। ଫଳରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଥିବା ଦୋକାନୀମାନେ କହିଛନ୍ତି।

### କ୍ଲବ୍ ପିଲା ପୋତିଲେ ବିଦ୍ୟୁତ୍ ଖୁଣ୍ଟ



ମଳିପଡ଼ା ଓ କଣ୍ଟାବାଡ ଆଦି ଅଞ୍ଚରେ ଥିବା ଗ୍ରାମକୁ କିପରି ଶୀଘ୍ର ବିଦ୍ୟୁତ୍ ଆସିବ ସେଥିପାଇଁ ଗ୍ରାମବାସୀ ଉଦ୍ୟମ ଚଳାଇଛନ୍ତି। ମରାମତି ପାଇଁ ସେମାନେ ସେସକୁ ନିବେଦନ କରିଥିଲେ। ଭୁବନେଶ୍ୱର କାମ ସରିବା ପରେ ଗାଁ କାମ ହେବ ବୋଲି କହିବାରୁ ଗ୍ରାମବାସୀ ନିଜେ ଖୁଣ୍ଟଗୁଡିକୁ ପୋତି ତାର ଟାଣିବା ଆରମ୍ଭ କରିଥିବା କଣ୍ଟାବାଡ଼ ଗ୍ରାମର ସୁଦର୍ଶନ ବେହେରା କହିଛନ୍ତି। ସେହିଭଳି ନେତାଜୀ ସୁବାଷ ବୋଷ କ୍ଲବ୍‌ର ପିଲାମାନେ ବିଦ୍ୟୁତ ଖୁଣ୍ଟ ଉପରେ ପଡିଥିବା ଗଛକୁ କାଟି ସଫା କରିବା ସହ ଖୁଣ୍ଟ ପୋତି ତାର ଟାଣୁଛନ୍ତି। କାମ ସରିଲେ ବିଦ୍ୟୁତ୍ ସଂଯୋଗ ହେବ ବୋଲି ସେମାନେ ଆଶା ରଖିଛନ୍ତି। ବାତ୍ୟାଦିନ ମଧ ସେମାନେ ବହୁ ଲୋକଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନେଇ ରନ୍ଧାଖାଦ୍ୟ ବ୍ୟବସ୍ଥା କରିଥିଲେ।

# ଜେନେରେଟର
## ଯିଏ ଅଧିକ ଦେଲା, ସିଏ ନେଲା



### ଗ୍ରାହକ ବଢ଼ାଉଛନ୍ତି ଦର

ଭୁବନେଶ୍ୱର,୭।୫(ବ୍ୟୁରୋ)

ବାତ୍ୟା 'ଫନୀ'ରେ ରାଜଧାନୀ ଭୁବନେଶ୍ୱର ସମେତ କଟକ, ପୁରୀ, ଖୋର୍ଦ୍ଧା ଜିଲାରେ ଉଜୁଡ଼ିଯାଇଛି ବିଦ୍ୟୁତ୍ ବ୍ୟବସ୍ଥା। ପୁରୀ ଜିଲାରେ କେବେ ଲୋକଙ୍କ ଘରେ ବିଦ୍ୟୁତ୍ ସଂଯୋଗ ସ୍ୱାଭାବିକ ହେବ ତାହା ସରକାର ମଧ କହିପାରୁନାହାନ୍ତି। ଅନ୍ୟପକ୍ଷରେ ଭୁବନେଶ୍ୱର, କଟକ ସମେତ ଅନ୍ୟ କେତେକ ସ୍ଥାନରେ ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟ ଜୋରସୋରରେ ଚାଲିଛି। ଏଭଳି ସ୍ଥିତିରେ ଦୋହଲିଯାଇଛି ଜୀବନଜୀବିକା। ପାଣି ବିନା ମଣିଷ ବଞ୍ଚିବା ସମ୍ଭବ ନୁହେଁ ସତ, ହେଲେ ବିଦ୍ୟୁତ୍ ବିନା ମୃତ୍ୟୁଭଳି ଯନ୍ତ୍ରଣା ମିଳୁଛି। ଦିନସାରା ପ୍ରବଳ ଗ୍ରୀଷ୍ମ ତାତି, ରାତିରେ ଗୁଳୁଗୁଳି ପରିସ୍ଥିତି। ୩ ତାରିଖରୁ ଏଭଳି ପରିସ୍ଥିତି ଜାରି ରହିଛି। ତେଣୁ ଘରେ ବିଦ୍ୟୁତ୍ ଉପଲବ୍ଧ କରାଇ ପରିସ୍ଥିତିର ମୁକାବିଲା କରିବା ପାଇଁ ଲୋକେ ଲୋଡ଼ୁଛନ୍ତି ଜେନେରେଟର। ଏଥିସହିତ ପାଣି ଉଠାଇବା ଲାଗି ଜେନେରେଟରକୁ ଲୋକେ ବ୍ୟବହାର କରୁଛନ୍ତି। ଏଭଳି ଚାହିଦା ବଜାରରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିଛି। ଆବଶ୍ୟକ ଷ୍ଟକ୍ ନ ଥିବାରୁ ଏହା ଚଢ଼ା ଦରରେ ବିକ୍ରି ହୋଇଚାଲିଛି। ପରିସ୍ଥିତି ଏଭଳି ହୋଇଛି ଯେ, ନିଲାମ ଡକାହେଲା ଭଳି ଯିଏ ଅଧିକ ଟଙ୍କା ଦେଲା, ସେ ଦୋକାନୀଠାରୁ ଜେନେରେଟର ନେଇଗଲା। ମଙ୍ଗଳବାରର ଘଟଣା ସବୁଠୁ ବଳିଯାଇଥିଲା। ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଓ କଟକରୋଡ ଅଞ୍ଚଳକୁ ଟ୍ରକ ଦ୍ୱାରା କୋଲକାତାରୁ ଆସିଥିବା ଜେନେରେଟରଗୁଡ଼ିକ ଆଖିପିଛୁଳାକେ ଧାର୍ଯ୍ୟଦରଠାରୁ ଯଥେଷ୍ଟ ଅଧିକ ମୂଲ୍ୟରେ ଲୋକେ କିଣି ନେଇଥିଲେ। ଯେଉଁଠି ଗୋଟିଏ ଜେନେରେଟର ମୂଲ୍ୟରେ ଅତିବେଶିରେ ୨୬ ହଜାର ଟଙ୍କା ହେବା କଥା, ତାହା ଲକ୍ଷେରୁ ଊର୍ଦ୍ଧ୍ୱ ଟଙ୍କା ଟପିଯାଇଥିଲା।

ବିଜୁଳି ଓ ଜଳ ଆବଶ୍ୟକତା ମେଣ୍ଟାଇବା ପାଇଁ ଜେନେରେଟରଟିଏ ନେବାକୁ ଧନ ଅଜାଡି ଦେଉଛନ୍ତି ରାଜଧାନୀବାସୀ। ଗତ ଶନିବାରଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ଜେନେରେଟର ଦୋକାନରୁ କମୁନି ଭିଡ଼। ପୁଣି ଗୁରୁବାର କିମ୍ବା ଶୁକ୍ରବାର ଆସିବାକୁ ଥିବା ଜେନେରେଟର ପାଇଁ ଲୋକେ ମଙ୍ଗଳବାରଠାରୁ ଅଗ୍ରିମ ଦେଇସାରିଲେଣି। ଲକ୍ଷ୍ମୀସାଗର ଟ୍ରାଫିକ୍ ଛକରୁ ବୁଦ୍ଧେଶ୍ୱରୀ କଲୋନୀ ମଧ୍ୟରେ ଏକାଧିକ ଜେନେରେଟର ଦୋକାନରେ ପ୍ରବଳ ଗହଳି ରହୁଛି। ଖଣ୍ଡଗିରିରୁ ଜେନେରେଟର କିଣିବାକୁ ଆସିଥିବା ଦମ୍ପତି ରାକେଶ ପ୍ରଧାନ ଏବଂ ସୁସ୍ମିତାଙ୍କୁ ଶେଷରେ ନିରାଶ ହେବାକୁ ପଡ଼ିଲା। ରାକେଶ ଘରୋଇ କମ୍ପାନୀରେ କାର୍ଯ୍ୟରତ। ତେଣୁ ୮୫,୦୦୦ ଟଙ୍କା ଦେଇ ଜେନେରେଟର କିଣିବା ତାଙ୍କ ପକ୍ଷେ ସମ୍ଭବ ହୋଇନାହିଁ। ସେ କହିଛନ୍ତି ଯେ, ସହରୀ ଜୀବନରେ ବିଦ୍ୟୁତ୍ ଆବଶ୍ୟକତା ଅପରିହାର୍ଯ୍ୟ। କଷ୍ଟ ହେଉ ପଛେ ଜେନେରେଟର କିଣିବା ପାଇଁ ମନ ବଳାଇଥିଲୁ। ହେଲେ ୫୫ରୁ ୬୦ ହଜାର ଟଙ୍କା ଭିତରେ ବଜେଟ୍ ହେବ ବୋଲି ଭାବିଥିଲୁ। କିନ୍ତୁ ୮୫ ହଜାର ଟଙ୍କା ଦାମ ଶୁଣି କିଣିବା କଥା ଭୁଲିଗଲୁ। ଜେନେରେଟରଗୁଡିକର ହଠାତ୍ ଦରବୃଦ୍ଧି ସମ୍ପର୍କରେ ପଚାରିବାରୁ ସଂପୃକ୍ତ ଦୋକାନୀ କହିଲେ, ଗ୍ରାହକଙ୍କ ବ୍ୟଗ୍ରତା ହିଁ ଦର ବଢ଼ାଇ ଦେଉଛି। ଡିମାଣ୍ଡ ଅଛି, ତେଣୁ ରେଟ୍ ଅଧିକ ଲାଗୁଛି। ଅଧିକ ପଚାରିବାରୁ ବହୁ ଟ୍ୟାକ୍ସ ଦେବାକୁ ପଡୁଥିବା କହିଥିଲେ। ହେଲେ ୮୫,୦୦୦ ଟଙ୍କା ମୂଲ୍ୟରେ କେତେ ଟଙ୍କାର ଜିଏସ୍‌ଟି ଲାଗୁଛି ତାହା କହିପାରି ନ ଥିଲେ। ସୂଚନାଥାଉ କି ଏବେ ବଜାରରେ ଶବ୍ଦବିହୀନ ୫ ୱାଟ୍ ଜେନେରେଟର ଦାମ ୧,୭୫,୦୦୦ ଟଙ୍କା ଛୁଇଁଛି। ସାଧାରଣତଃ ଏହାର ବଜାର ମୂଲ୍ୟ ୧,୩୫,୦୦୦ରୁ ୧,୫୦,୦୦୦ ଉପଲବ୍ଧ ହୋଇଥାଏ। ୭ ୱାଟ ଜେନେରେଟର ମୂଲ୍ୟ ୨,୩୫,୦୦୦ରୁ ବିକ୍ରି ଆରମ୍ଭ ହେଉଛି।

ଅନ୍ୟପକ୍ଷରେ ଯେଉଁମାନେ ଜେନେରେଟର କିଣିପାରୁ ନାହାନ୍ତି, ଗୋଷ୍ଠୀଗତ ଭାବେ ଚାନ୍ଦା କରି ଭଡ଼ାରେ ଚଳାଉଥିବା ଦେଖିବାକୁ ମିଳୁଛି। ଏଥିପାଇଁ ଘଣ୍ଟାକୁ ୩୫୦୦ରୁ ୬୦୦୦ ଟଙ୍କା ଦେବାକୁ ପଡୁଛି। ଆଶ୍ଚର୍ଯ୍ୟର କଥା ୨୫,୦୦୦ ଟଙ୍କା ମୂଲ୍ୟର ଜେନେରେଟରକୁ ଭଡ଼ାରେ ଘଣ୍ଟାପିଛା ୨୫୦୦ରୁ ୩୦୦୦ ଟଙ୍କା ଦାବି କରାଯାଉଛି। କଟକ ରୋଡ୍‌ର ଏକ ଜେନେରେଟର ଦୋକାନ ଆଗରେ ଜମିଥିବା ଭିଡରୁ ଅଧିକାଂଶ ଲୋକ କହିଛନ୍ତି ଯେ, କଟକ, କେନ୍ଦ୍ରାପଡ଼ା ଏବଂ ଯାଜପୁର ଆଦି ସହରରେ ମିଳୁଥିବା ଜେନେରେଟର ସରିଯାଇଛି। କେତେକ ଭଡ଼ାରେ ଯାଇଛି। ବହୁସଂଖ୍ୟକ ଜେନେରେଟର ପୁରୀ ଜିଲା ଯାଇଥିବା କୁହାଯାଇଛି। କେତେକ ଦୋକାନୀ ଦୈନିକ ୨୫ରୁ ୪୦ ସେଟ୍ ବିକ୍ରି କରୁଛନ୍ତି। ସେମାନେ ଅସାଧୁ ଉପାୟରେ ସର୍ବନିମ୍ନ ୫ ଲକ୍ଷରୁ ସର୍ବାଧିକ ୮ ଲକ୍ଷ ଟଙ୍କା ଉପାର୍ଜନ କରୁଥିବା କୁହାଯାଉଛି। ଲୋକେ ଅସ୍ୱାଭାବିକ ସମୟ ଦେଇ ଗତି କରୁଥିବାବେଳେ ଏହି ଚଢ଼ାଦର ଉପରେ ପ୍ରଶାସନର ନିଘା ନାହିଁ। ଏଥିନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

– ରିପୋର୍ଟ: ଚିଦାନନ୍ଦ ଜେନା, ସ୍ଥିତପ୍ରଜ୍ଞ ମିଶ୍ର

### କଟକରେ ଭଡ଼ା ଘଣ୍ଟାକୁ ୨ ହଜାର

ବାତ୍ୟା ପରେ ଅନ୍ଧାରରେ ରହୁଥିବା ଲୋକମାନେ ସାମୟିକ ଆଶ୍ୱସ୍ତି ପାଇଁ ଜେନେରେଟରକୁ ଭଡାରେ ଆଣୁଥିବା ଦେଖିବାକୁ ମିଳିଛି। ଦିନକୁ ୫୦୦ ଟଙ୍କା ଭଡ଼ାରେ ଯାଉଥିବା ଜେନେରେଟର ଏବେ ଘଣ୍ଟା ପିଛା ୨ହଜାର ଟଙ୍କାରେ ଭଡ଼ା ସୂତ୍ରରେ ଲାଗୁଥିବା ବାଦାମବାଡି ଅଞ୍ଚଳର ପବିତ୍ର ନାୟକ କହିଛନ୍ତି। ପାଣି, ପବନ, ଆଲୁଅ ପାଇଁ କଟକବାସୀ ଅଧିକ ଦରରେ ଜେନେରେଟରକୁ ଭଡାରେ ନେବା ପାଇଁ ବାଧ ହେଉଛନ୍ତି।

ଧରିତ୍ରୀ DHARITRI CAREER APPOINTMENT ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

NABARD
NATIONAL BANK FOR AGRICULTURE AND RURAL DEVELOPMENT
Plot No. C-24, G Block, Bandra-Kurla Complex, Bandra (E), Mumbai 400051

Direct Recruitment of Officers in Grade 'A' & 'B' – 2019

NABARD, an all India Apex Organization, wholly owned by Government of India, invites ONLY online applications from Indian citizens having necessary qualification for appointment in NABARD for the following posts :

| Sr. No. | Post | Vacancies | Online Application Registration |
|---|---|---|---|
| 1 | Manager in Grade 'B' (Rural Development Banking Service) | 08 | 10.05.2019 to 26.05.2019 |
| 2 | Assistant Manager in Grade 'A' (Rural Development Banking Service) | 79 | 10.05.2019 to 26.05.2019 |

For all details related to vacancies, educational qualification, age, application fee, selection procedure, etc., please visit **https://www.nabard.org**

Chief General Manager
HRMD
Date : 06.05.2019

गाँव बढ़े >> तो देश बढ़े www.nabard.org Taking Rural India >> Forward

INDIAN PORT RAIL & ROPEWAY CORPORATION LIMITED
SAGARMALA
(formerly known as Indian Port Rail Corporation Ltd.)
(A Government of India Enterprise)
CIN No: U60300DL2015GOI282703
4th Floor, Nirman Bhavan, Mumbai Port Trust Building, M.P. Road, Mazgaon (East), Mumbai – 400010. Phone No. 022 - 6656 6335, Fax No. 022-6656 6336 Email: hr.iprcl@gmail.com

Advt No.IPRCL/MUM/HR/Rec.02/2019

Indian Port Rail & Ropeway Corporation Ltd. invites applications from Retired Officers of Railways / Railway PSUs / PSUs in the field of Railways / Govt.Companies Operating in the Field of Railways.

| Post | Mode of Recruitment | No.of Posts | IDA Pay-scale & Level | Place of posting | Age Limit (in yrs) |
|---|---|---|---|---|---|
| Dy. General Manager (Projects) | On Re-employment Annual Contract for three years | One | ₹ 80000-220000 (E-5) | Dhamra | Between 60-63 |

For Eligibility Conditions, and format of application etc. please visit on website www.ipa.nic.in then click for Whats New/ Ports / Other Organisation Advertisement / Indian Port Rail Corp. Ltd. or www.iprcl.org. Last date of receiving applications in IPRCL Office is 15 days from publication of this advertisement.

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



ଯେକୌଣସି କାମ କରିବାକୁ ଶ୍ରଦ୍ଧାର ସହିତ ଚେଷ୍ଟା କଲେ ଯେତେ ବାଧା, ବିଘ୍ନ ଓ ଅସୁବିଧା ଆସୁ ପଛେ ଲୋକ ନିଶ୍ଚୟ ସଫଳ ହେବ ।
-ଜନ ବେୟାର୍ଡ

# ସ୍ୱାଭାବିକ ହୋଇପାରୁନି ଭୁବନେଶ୍ୱର

ଭୁବନେଶ୍ୱର, ୭।୫(ବ୍ୟୁରୋ): ବାତ୍ୟା ଫନୀର ତାଣ୍ଡବକୁ ୫ ଦିନ ବିତିବାକୁ ବସିଲାଣି ହେଲେ ସ୍ୱାଭାବିକ ହୋଇପାରୁନି ଭୁବନେଶ୍ୱର । ନା ଆସିଛି ବିଦ୍ୟୁତ୍, ନା ମିଳୁଛି ପର୍ଯ୍ୟାପ୍ତ ପାଣି । କାହା ଘର ଉପରେ ଗଛ ପଡ଼ିଛି ତ ଆଉ କାହାର ପାଚେରିରେ ୧୧ କେଭି ବିଦ୍ୟୁତ ତାର ଛିଣ୍ଡିକି ପଡ଼ିଛି । ଅଳ୍ପ କେତେଗୋଟି ମୋବାଇଲ ନେଟୱର୍କ ଆସୁଥିବାବେଳେ ଅଧିକାଂଶ ବନ୍ଦ ପଡ଼ିଛି । ବିଦ୍ୟୁତ୍ ନ ଥିବାରୁ ଫୋନ ଚାର୍ଜ କରିବାକୁ ଏଣେ ତେଣେ ଧାଇଁବାକୁ ପଡୁଛି । କିଏ ରେଳ ଷ୍ଟେଶନରେ ଚାର୍ଜ କରୁଛି ତ କିଏ କ୍ୟାପିଟାଲ ହସ୍ପିଟାଲରେ । ଅନେକେ ବ୍ୟାଙ୍କ ଖୋଲିବାକୁ ଅପେକ୍ଷା କରି ରହୁଛନ୍ତି । ଏ ସମସ୍ୟାକୁ ନେଇ ଲୋକମାନେ କ'ଣ କହୁଛନ୍ତି...

### ୧୯୯୯ ମହାବାତ୍ୟାର ଝଲକ ଦେଖାଇଲା ଫନୀ



"୧୯୯୯ ମହାବାତ୍ୟାକୁ ଦେଖି ନ ଥିଲି । କିନ୍ତୁ ଫନୀ ତା'ର ଏକ ଝଲକ ଦେଇଦେଲା । ବର୍ତ୍ତମାନ ଖାଦ୍ୟଠାରୁ ଆରମ୍ଭ କରି ପାନୀୟ ଜଳ, ବିଦ୍ୟୁତ୍ ସମସ୍ୟା ପ୍ରମୁଖ ସମସ୍ୟା ହୋଇ ସାମ୍ନାକୁ ଆସିଛି । ଲୋକମାନେ ଅନେକ ଅସୁବିଧାର ସାମ୍ନା କରୁଛନ୍ତି । ବ୍ୟାଙ୍କରେ ସର୍ଭର କାମ କରୁ ନ ଥିବା କାରଣରୁ ଲୋକେ ନଗଦ ଟଙ୍କା ଉଠାଇ ପାରୁନାହାନ୍ତି । ଗତ ୩ ଦିନ ହେବ ଜେନେରେଟର ଚଲାଇ ଯେତେ ଚେଷ୍ଟା କଲା ପରେ ମଧ୍ୟ ଲୋକଙ୍କୁ ସୁବିଧା ଯୋଗାଇ ହେଉନି । ଏମିତିକି ଏଟିଏମ୍ ମଧ୍ୟ କାମ କରୁନାହିଁ, ଫଳରେ ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି ।

**– ଅଶୋକ ରାଉତ, ଷ୍ଟେଟ ବ୍ୟାଙ୍କ ବ୍ରାଞ୍ଚ ମ୍ୟାନେଜର, ବଡ଼ଗଡ଼**

### ବିଜୁଳି ଆସିଲେ ସମସ୍ୟା ଦୂର ହେବ



"ଫନୀ ରଚିଥିବା ପ୍ରଳୟ ମହାବାତ୍ୟାକୁ ବି ଟପିଯାଇଛି । ସେତେବେଳେ ଅଧିକ ସାଧନ ନ ଥିଲା କିନ୍ତୁ ୧୦ ଦିନ ଭିତରେ ସ୍ଥିତି ସ୍ୱାଭାବିକ ହୋଇଥିଲା । ବିଏମ୍‌ସି ଓ ବିଦ୍ୟୁତ୍ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଚାଲିଛି । ବିଦ୍ୟୁତ୍ ସଂଯୋଗ ହୋଇଗଲେ ପାଖାପାଖି ସବୁ ସମସ୍ୟା ଦୂର ହୋଇଯିବ । ଲୋକଙ୍କୁ ନିଜ ଆବଶ୍ୟକତା ଅନୁସାରେ ପାଣି ସାଙ୍ଗକୁ ଗରମରୁ ତ୍ରାହି ମିଳିବ । ୫ ଦିନ ହେଲାଣି କଷ୍ଟ ସହୁଛୁ ତ ଆଉ ଦିନେ ଦୁଇଦିନ କଷ୍ଟ ସହିଲେ କିଛି ଅସୁବିଧା ନାହିଁ ।

**– କବିତା ସାହୁ, ଆଇନଜୀବୀ**

### ଭୁବନେଶ୍ୱର ଏକ ଦଶନ୍ଧି ପଛକୁ ଆସିଛି



"ଫନୀ ଭୁବନେଶ୍ୱରକୁ ଏକ ଦଶନ୍ଧି ପଛକୁ ନେଇ ଆସିଛି । ସହରର ସୌନ୍ଦର୍ଯ୍ୟକରଣ ଓ ସବୁଜିମା ଉପରେ ବିଶେଷ ପ୍ରଭାବ ପକାଇଛି । ବିଦ୍ୟୁତ୍ ଖୁଣ୍ଟି ଓ ସହରର ବହୁ ପୁରାତନ ଗଛଗୁଡ଼ିକ ଭାଙ୍ଗି ତଳେ ପଡ଼ିଛି । ଫଳରେ ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ ବନ୍ଦ ହୋଇଛି । ପାଣି ପାଇଁ ଲୋକେ ଡ଼ହଳବିକଳ ହେଉଛନ୍ତି । ବିନା ବିଦ୍ୟୁତ୍‌ରେ ଗରମରେ ଘରେ ରହି ହେଉନି । ଅବଶ୍ୟ ପ୍ରଶାସନ ପକ୍ଷରୁ ପୁନରୁଦ୍ଧାର କାର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯାଉଛି । କିନ୍ତୁ ଲୋକଙ୍କୁ ମୌଳିକ ସୁବିଧା ମିଳୁନାହିଁ ।

**– କେଦାର ସାମଲ, ବୁଦ୍ଧିଜୀବୀ**

### ପାଣି ସମସ୍ୟା ମୁଣ୍ଡ ବିନ୍ଧାର କାରଣ



"ପାଣି ସମସ୍ୟା ଏବେ ମୁଣ୍ଡ ବିନ୍ଧାର କାରଣ ସାଜିଛି । ସକାଳେ ଟ୍ୟାପରେ ପାଣି ଆସୁଛି କିନ୍ତୁ ବାହାରେ ପାଣି ପାଇଁ ଭିଡ଼ ଅଧିକ ରହୁଛି । ସେଥିପାଇଁ ଆବଶ୍ୟକ ଅନୁସାରେ ପାଣି ମିଳୁନାହିଁ । ବଜାରରେ ମଧ୍ୟ ପୂର୍ବ ଭଳି ପାଣି ମିଳୁନି । ୨୦ ଲିଟର ପାଣି ଜାରଟି କିଣିବା ଲାଗି ଗଲାବେଳକୁ ସେ ୫୦୦ଟଙ୍କା କହୁଛି । ଗୋଟେ ଲିଟର ପାଣି ବୋତଲ ଦାମ ମଧ୍ୟ ୨୫ରୁ ୩୦ଟଙ୍କା । ପର୍ଯ୍ୟାପ୍ତ ପାଣି ନ ଥିବାରୁ ଏବେ ଘରୋଇ କାମ କରିବା କଷ୍ଟସାଧ୍ୟ ହୋଇପଡ଼ିଲାଣି ।

**– ସୋନାଲି କଅଁର, କର୍ମଜୀବୀ ମହିଳା**

### କିଛି ସୁବିଧା ମିଳିନି



"ବାତ୍ୟା ସରି ୫ ଦିନ ଗଲାଣି କିନ୍ତୁ ପ୍ରଶାସନ ପକ୍ଷରୁ କିଛି ସୁବିଧା ମିଳିପାରୁନାହିଁ । ଘରଦ୍ୱାର ଉଡିଯାଇଛି, ଛୋଟିଆ ପାନ ଦୋକାନରୁ ବାହାରୁଥିବା ଅର୍ଥରେ ପରିବାର ଚଳୁଛି । ଅନ୍ୟମାନଙ୍କୁ ଅଢେଇ ହଜାର ଟଙ୍କା ଲେଖା ମିଳୁଛି, କିନ୍ତୁ ଆମକୁ କିଛି ମିଳିନାହିଁ । ବସ୍ତିକୁ ପାଣି ମଧ୍ୟ ଆସୁନି । ଯେଉଁ ଗୋଟିଏ ଜାଗାରେ ପାଣି ଦେଉଛନ୍ତି ସେଠି ଶତାଧିକ ଲୋକ ଲାଇନରେ ଠିଆ ହୋଇ ପାଣି ଆଣୁଛନ୍ତି । ଗୋଟିଏ ବାଲଟି ପାଣିରେ ଆବଶ୍ୟକତା ପୂରଣ ହୋଇପାରୁନି ।

**– ସୁଶାନ୍ତ କାଳିଆ, ୟୁନିଟ୍ ୩ ବସ୍ତି ବାସିନ୍ଦା**

### ସବୁ ଉଜାଡ଼ି ଦେଲା



"ବାତ୍ୟା ଫନୀ ସବୁ ଉଜାଡ଼ି ଦେଇଛି । ଘରଦ୍ୱାର, ଦୋକାନକୁ ଭାଙ୍ଗି ଦେଇଛି । ବାତ୍ୟା ଲାଗି ଲୋକଙ୍କୁ ସ୍ଥାନାନ୍ତର କରିବା ପରେ ଆମେ ଆଶ୍ରୟସ୍ଥଳୀରେ ଥିଲୁ । ୩ ତାରିଖ ସନ୍ଧ୍ୟାରେ ବାତ୍ୟା ଗଲା ପରେ ଆଉ କିଛି ନ ଥିଲା । ବସ୍ତିରେ ଥିବା ଘର ଓ ମାଷ୍ଟରକ୍ୟାଣ୍ଟିନ ନିକଟରେ ଥିବା ଦୋକାନ ସବୁ ଭାଙ୍ଗି ଯାଇଥିଲା । ଦୋକାନ ରାସ୍ତା ଉପରେ ପଡ଼ିଥିବା ବେଳେ ସେଥିରୁ ଲୁଟ ହୋଇଥିଲା । ଏବେ ଅଣ୍ଟା ସଳଖିବା ପାଇଁ ଉଦ୍ୟମ ଜାରି ରହିଛି । ଖାଦ୍ୟପେୟ ସମସ୍ୟା ଲାଗି ରହିଥିବା ବେଳେ ବହୁ କଷ୍ଟରେ ପରିବାର ଗୁଜୁରାଣ ମେଣ୍ଟୁଛି ।

**– ନବ କିଶୋର ସାହୁ, ସତ୍ୟନଗର ବାସିନ୍ଦା**

ରିପୋର୍ଟ : ସ୍ଥିତପ୍ରଜ୍ଞ ମିଶ୍ର

## ସଂକ୍ଷେପରେ

### ଗଡ଼ିଲା ମୋ ବସ୍




ଭୁବନେଶ୍ୱର, ୭।୫(ବ୍ୟୁରୋ): ଫନୀର ୪ ଦିନ ବିତିବା ପରେ ମଙ୍ଗଳବାରଠାରୁ ମୋ ବସ ସେବା ଆରମ୍ଭ ହୋଇଛି । ୪ଟି ରୁଟ ଛାଡ଼ି ଅନ୍ୟ ସମସ୍ତ ରୁଟରେ ମୋ ବସ୍ ପୁଣି ଗଡ଼ିଛି । ଅନ୍‌ଲାଇନ୍‌ରେ ଟିକେଟ ବୁକିଂ ବ୍ୟବସ୍ଥା ଏବେ ବନ୍ଦ ଥିବା ବେଳେ ଏ ନେଇ କାର୍ଯ୍ୟ ଜାରି ରହିଛି ବୋଲି କ୍ୟାପିଟାଲ ରିଜିଅନ୍ ଅରବାନ ଟ୍ରାନ୍ସପୋର୍ଟ(କ୍ରୁଟ) ପକ୍ଷରୁ ସୂଚନା ମିଳିଛି । ମଙ୍ଗଳବାର କ୍ରୁଟ ଅଫିସିଆଲ ଟ୍ୱିଟର ଆକାଉଣ୍ଟରେ ଟ୍ୱିଟ କରି ଲେଖିଛି ଯେ, ମୋ ବସ୍ ପୁଣି ନିଜ ଟ୍ରାକକୁ ଫେରିଛି । ରୁଟ୍ ନଂ. ୧୦, ୧୮, ୨୨ ଓ ୩୧ ଛଡ଼ା ଅନ୍ୟ ସମସ୍ତ ସ୍ଥାନରେ ଲୋକମାନଙ୍କୁ ମୋ ବସ ତା ସେବା ଯୋଗାଇବ ବୋଲି ସେଥିରେ ଉଲ୍ଲେଖ କରାଯାଇଛି ।

### ମଦ ବୋଝେଇ ମିନିଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

ଭୁବନେଶ୍ୱର, ୭।୫(ବ୍ୟୁରୋ): ଖଣ୍ଡଗିରି ଥାନା ସୌଭାଗ୍ୟନଗର ଛକ ନିକଟରେ ମଙ୍ଗଳବାର ଏକ ମଦ ବୋଝେଇ ମିନିଟ୍ରକ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଖୋର୍ଦ୍ଧା ଜଙ୍କିଆ ଅଞ୍ଚଳର ନୃସିଂହ ଜେନା । ସୂଚନା ଅନୁଯାୟୀ, ନୃସିଂହ ଏକ ବାଇକ୍‌ରେ ଜାଗମରା ଛକରୁ ସୌଭାଗ୍ୟନଗର ଅଭିମୁଖେ ଆସୁଥିଲେ । ଏହି ସମୟରେ ଜାଗମରା ପଟୁ ଆସୁଥିବା ଉକ୍ତ ମିନିଟ୍ରକ୍ ଦ୍ରୁତ ଗତିରେ ଆସି ନୃସିଂହଙ୍କୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଦୁର୍ଘଟଣା ଘଟାଇବା ପରେ ମିନିଟ୍ରକ୍ ଡ୍ରାଇଭର ଗାଡିକୁ ନେଇ ଫେରାର ହୋଇଯାଇଥିଲେ । ଖବରପାଇ ପିସିଆର ଭ୍ୟାନ୍ ପହଞ୍ଚି ଉକ୍ତ ମିନିଟ୍ରକ୍‌ର ପିଛା କରି ଡେଲଟା ଛକ ନିକଟରେ ଅଟକାଇ ଡ୍ରାଇଭରଙ୍କୁ କାବୁ କରିନେଇଥିଲା । ଅନ୍ୟପକ୍ଷରେ ବାଇକ୍ ଚାଳକଙ୍କ ମୃତ୍ୟୁକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଯାଇଥିଲା । ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି । ଏ ନେଇ ଖଣ୍ଡଗିରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

### ନଦୀରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

ବାରଙ୍ଗ,୭।୫(ଡି.ଏନ୍.ଏ.): ନନ୍ଦନକାନନ ଥାନା ଅଧୀନ କଲ୍ୟାଣପୁର ଗ୍ରାମ ବେଣାଗାଡିଆ ସାହି ପାଖ କୁଆଖାଇ ନଦୀରେ ବୁଡ଼ି ମଙ୍ଗଳବାର ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ ଘଟିଛି । ମୃତ ଛାତ୍ରଜଣଙ୍କ ପ୍ରସନ୍ନଜିତ ମହାନ୍ତି ବୋଲି ଜଣାପଡିଛି । ଏ ନେଇ ପୋଲିସ ପାଖରେ କୌଣସି ଖବର ନ ଥିବା ଜଣାପଡିଛି । ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୩ଟାରେ ଏକ ଘରୋଇ ଇଞ୍ଜିନିୟରିଂ କଲେଜର ୩ଜଣ ଛାତ୍ର ଏକ ସ୍କୁଟି(ଓଡି୦୨ ଏଇ ୩୯୨୭) ଓ ବାଇକ୍‌ରେ ନଦୀକୁ ଗାଧୋଇବାକୁ ଆସିଥିଲେ । ମାତ୍ର ଗାଧୋଇବା ବେଳେ ଜଣେ ଛାତ୍ର ପାଣିରେ ବୁଡିଯାଇଥିଲେ । ଖବରପାଇ କଲ୍ୟାଣପୁର ଗ୍ରାମବାସୀ ପହଞ୍ଚି ମୃତ ଛାତ୍ରଙ୍କୁ ଉଦ୍ଧାର କରିଥିଲେ । ଉଦ୍ଧାର ପରେ ଦୁଇ ଜଣ ଛାତ୍ର ମୃତକଙ୍କୁ ମେଡିକାଲକୁ ନେଉଛୁ କହି ବାଇକ୍‌ରେ ନେଇ ଘଟଣାସ୍ଥଳରୁ ପଳାଇଆସିଥିଲେ । ସେଠାରେ ଥିବା ସ୍କୁଟି ନଦୀ କୂଳରେ ପଡିଥିବା ଗ୍ରାମବାସୀ କହିଛନ୍ତି ।

### ମଲ୍ଟି କଣ୍ଟ୍ରୋଲରୁମ୍‌ରେ ୭୭୦ରୁ ଊର୍ଦ୍ଧ୍ୱ ଅଭିଯୋଗ

ଭୁବନେଶ୍ୱର, ୭।୫(ବ୍ୟୁରୋ): ବହୁମୁଖି ନିୟନ୍ତ୍ରଣ କକ୍ଷ(ମଲ୍ଟି କଣ୍ଟ୍ରୋଲରୁମ୍)ରେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ୭୭୦ରୁ ଊର୍ଦ୍ଧ୍ୱ ଅଭିଯୋଗ ଆସିଛି । ଗୃହ ବିଭାଗର ମୋଟ ୨୯ଟି ଦଳ ୧୩ଟି ଜୋନରେ କାର୍ଯ୍ୟରତ ଥିବାବେଳେ ଏନ୍‌ଡିଆରଏଫର ୧୩ଟି ଦଳ, ଅଗ୍ନିଶମ ବିଭାଗର ୭ଟି ଦଳ ଓ ସେସୁର ୩ଟି ଦଳ କାର୍ଯ୍ୟରତ ଅଛନ୍ତି । ସହରକୁ ପୁଣି ଥରେ ତା'ର ମୁଖ୍ୟ ରୂପକୁ ଫେରାଇ ଆଣିବାକୁ ସେମାନେ ଚେଷ୍ଟା କରୁଛନ୍ତି । ଅପରପକ୍ଷେ ଭାରତୀୟ ନୌସେନା ପକ୍ଷରୁ ଭୁବନେଶ୍ୱରର ରେଣ୍ଟାଲ କଲୋନୀ ହାଇସ୍କୁଲ ଅଞ୍ଚଳ ଓ ରେଣ୍ଟାଲ କଲୋନୀ ବସ୍ତିରେ ୫ ହଜାର ଲିଟର ପିଇବା ପାଣି ସହ ୧୨ଶହ ପ୍ୟାକେଟ ବିସ୍କୁଟ ପ୍ୟାକେଟ ବଣ୍ଟା ଯାଇଛି ।

# ପାହାଳ ମିଠା ବଜାରର ୮୦ ବ୍ୟବସାୟୀ କ୍ଷତିଗ୍ରସ୍ତ

ବାଲିଅନ୍ତା,୭।୫(ଡି.ଏନ୍.ଏ.)

ରାଜଧାନୀ ଉପକଣ୍ଠ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱ ପାହାଳସ୍ଥିତ ଓଡ଼ିଶାର ବଡ ମିଠା ବଜାର କୁହାଯାଉଥିବା ବଜାର ବାତ୍ୟା ଫନୀ ଯୋଗୁ ସମ୍ପୂର୍ଣ୍ଣ ଛାରଖାର ହୋଇଯାଇଛି । ଏଥିରେ ୮୦ଜଣ ବ୍ୟବସାୟୀ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି । ବାତ୍ୟା ଯୋଗୁ ପ୍ରାୟ ଲକ୍ଷାଧିକ ଟଙ୍କାର ମିଠା ନଷ୍ଟ ହୋଇଯାଇଛି । ବିଏମ୍‌ସିର ୪ନଂ ୱାର୍ଡ ପାହାଳ ଅଞ୍ଚଳଟି କେବଳ ସୁସ୍ୱାଦ ମିଠା ପାଇଁ ପ୍ରସିଦ୍ଧ ରହିଆସିଛି । ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରାଚୀ, କଳିଙ୍ଗ, ଲକ୍ଷ୍ମୀ ଓ ତୁଳସୀ ନାମିତ ଆଦି ୮୦ଟି ମିଠା ବ୍ୟବସାୟୀ ଦୋକାନ ରହିଛି । ଏହି ମିଠା ବଜାରରୁ ସାରା ଓଡ଼ିଶାକୁ ଦୈନିକ କୁଇଣ୍ଟାଲ କୁଇଣ୍ଟାଲ ରସଗୋଲା, ଛେନା ଗଜା ପଠାଯାଇଥାଏ । ତେବେ ବାତ୍ୟା ଆସି ସବୁ ଦୋକାନଗୁଡ଼ିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଛି । ଏହାସହ ବର୍ଷା ପାଣି ପଶି ଦୋକାନରେ ଥିବା ମିଠାଗୁଡିକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ୮୦ଦୋକାନୀ କ୍ଷୟକ୍ଷତି ହେବାସହ ପ୍ରତ୍ୟକ୍ଷ ଭାବେ ଜଡିତ ଛେନା ବେପାରୀ, କାଠ, ଚିନି, ସୁଜି ବେପାରୀଙ୍କ ମଧ୍ୟ ରୋଜଗାର ସମ୍ପୂର୍ଣ୍ଣ ଠପ ହୋଇଛି । ବାତ୍ୟା ଯିବାର ୫ଦିନ ପରେ ମଧ୍ୟ ଦୋକାନ ଖୋଲା ନ ହୋଇପାରିବାରୁ ସରକାରୀ ସହାୟତା ଯୋଗାଇବା ପାଇଁ ପପୁ ଲେଙ୍କା, ନିରଞ୍ଜନ ବେହେରା ଦାବି କରିଛନ୍ତି ।

## ନ୍ୟାୟ ପାଇଁ ଗ୍ରାମବାସୀଙ୍କ ରାସ୍ତାରୋକୋ

ବାରଙ୍ଗ,୭।୫(ଡି.ଏନ୍.ଏ.)

ଜମିବାଡ଼ି ଭାଗବଣ୍ଟାକୁ କେନ୍ଦ୍ରକରି ନନ୍ଦନକାନନ ଥାନା ଅଧୀନ ଝିଙ୍କରଡିହି ଗ୍ରାମରେ ଏକ ପରିବାରକୁ ଗତ ୪ତାରିଖରେ ଆକ୍ରମଣ ହୋଇଥିଲା । ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ପୋଲିସ କୌଣସି ପଦକ୍ଷେପ ନ ନେବାରୁ ମଙ୍ଗଳବାର ଉକ୍ତ ପରିବାରକୁ ସମର୍ଥନ ଜଣାଇ ଗ୍ରାମବାସୀ ନନ୍ଦନକାନନ ଥାନା ସମ୍ମୁଖରେ ନନ୍ଦନକାନନ ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ । ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା । ଖବରପାଇ ସ୍ଥାନୀୟ ଏସିପି ତରୁଣ କୁମାର ଦାସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଆହତ ପରିବାରଙ୍କୁ ସୁରକ୍ଷା ଓ ଆକ୍ରମଣକାରୀଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା । ଏହାପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା ।

## ବାଲିଅନ୍ତା ବ୍ଲକରେ ୪୬୦୦ ହେକ୍ଟର ଫସଲ ନଷ୍ଟ

ବାଲିଅନ୍ତା,୭।୫(ଡି.ଏନ୍.ଏ.)

ସାମୁଦ୍ରିକ ଝଡ଼ ଫନୀ ଯୋଗୁ ବାଲିଅନ୍ତା ବ୍ଲକରେ ଚାଷଜମି ସମ୍ପୂର୍ଣ୍ଣ ଉଜୁଡି ଯାଇଛି । ବ୍ଲକରେ ପ୍ରାୟ ୪୬୦୦ ହେକ୍ଟର ଜମିର ଧାନ, ମୁଗ, ବିରି, ଚିନାବାଦାମ, ରାଶି, ପାନବରଜ ଓ ପନିପରିବା ଚାଷ ନଷ୍ଟ ହୋଇଥିବା ପ୍ରାରମ୍ଭିକ ଆକଳନରୁ ଜଣାପଡିଥିବା କୃଷିବିଭାଗର ସହକାରୀ କୃଷି ଅଧିକାରୀ ମନୋରଞ୍ଜନ ରାଉଳ କହିଛନ୍ତି । ବାତ୍ୟାରେ ହୋଇଥିବା କ୍ଷୟକ୍ଷତିର ଆକଳନ କରିବା ପାଇଁ ପ୍ରଶାସନ ପକ୍ଷରୁ ୮ଟି ଟିମ ଗଠନ କରାଯାଇଛି । ଏଥିରେ ରାଜସ୍ୱ, କୃଷି, ଉଦ୍ୟାନ କୃଷି, ପ୍ରାଣୀ ଚିକିତ୍ସା ଓ ପଞ୍ଚାୟତିରାଜ ବିଭାଗ କର୍ମଚାରୀଙ୍କୁ ନିୟୋଜିତ କରାଯାଇ କ୍ଷୟକ୍ଷତିର ଆକଳନ କରାଯାଉଛି । ବାତ୍ୟା ଫନୀ ଯୋଗୁ କଦଳୀ ଚାଷ ମଧ୍ୟ ପୂରା ଉଜୁଡି ଯାଇଛି । ଭିଙ୍ଗାରପୁର, ପ୍ରତାପରୁଦ୍ରପୁ, ଜୟଦେବ ଓ କାକରୁଦ୍ରପୁର ପ୍ରଭୃତି ପଞ୍ଚାୟତରେ ବ୍ୟାପକ କଦଳୀ ବଗିଚା ନଷ୍ଟ ହୋଇଥିବା ଜଣାପଡ଼ିଛି ।

■ବାତ୍ୟାରେ ଭାଙ୍ଗିଲା ୨ ଗୋଦାମ ଗୃହ

## ବର୍ଷାରେ ଧାନ, ଚାଉଳ ନଷ୍ଟ

ବାଲିଅନ୍ତା,୭।୫(ଡି.ଏନ୍.ଏ.)

ବାତ୍ୟା ପ୍ରଭାବରେ ବାଲିଅନ୍ତା ଅଧୀନ ପାରିବାସୁଦେଇପୁର ଗ୍ରାମ ନିକଟରେ ଥିବା ଏକ ରାଇସମିଲ କ୍ଷତିଗ୍ରସ୍ତ ହୋଇଛି । ୨ଟି ଗୋଦାମ ଗୃହର କଂକ୍ରିଟ କାନ୍ଥ ଭୁଶୁଡି ପଡ଼ିବା ସହ ଟିଣ ଉଡିଯାଇଛି । ଫଳରେ ଏହି ଗୋଦାମ ଗୃହରେ ଗଚ୍ଛିତ ଥିବା ହଜାର ହଜାର ବସ୍ତା ଧାନ ଓ ଚାଉଳରେ ବର୍ଷା ପାଣି ନଷ୍ଟ ହୋଇଯାଇଛି । ଏହାସହ ରାଇସ୍ ମିଲର ଗୋଟିଏ ପାୱାର ପ୍ଲାଣ୍ଟ ମଧ୍ୟ ବାତ୍ୟା ଫନୀ ପ୍ରଭାବରେ କ୍ଷତି ହୋଇଛି । ଏହି ରାଇସ ମିଲର ୨ଟି ବଡ ଗୋଦାମରେ ଚାଷୀଙ୍କଠାରୁ ସମିତି ଦ୍ୱାରା କିଣା ହୋଇଥିବା ଧାନ ଗଚ୍ଛିତ ଥିଲା । ସେସବୁରେ ମଧ୍ୟ ବର୍ଷା ପାଣି ପଶି ନଷ୍ଟ ହେବାସହ ମିଲର ମେଶିନ ଖରାପ ହୋଇଯାଇଛି ।

## ୨୩ ହଜାର ବିପନ୍ନଙ୍କୁ ସ୍ୱତନ୍ତ୍ର ସହାୟତା ଦେଲା ବିଏମ୍‌ସି

ଭୁବନେଶ୍ୱର, ୭।୫(ବ୍ୟୁରୋ)



ଜଣେ ଅଧିକାରୀ କ୍ଷତିଗ୍ରସ୍ତ ବିପନ୍ନଙ୍କୁ ଅର୍ଥରାଶି ପ୍ରଦାନ କରୁଛନ୍ତି ।

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପ୍ରଦାନ କରାଯାଇଛି । ସୋମବାରଠାରୁ ବିଏମ୍‌ସି ପକ୍ଷରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟର ଦ୍ୱିତୀୟ ଦିନରେ ମୋଟ ୬୭ଟି ୱାର୍ଡ଼ର ୨୩ହଜାର ଲୋକଙ୍କୁ ୨ହଜାର ୫ଶହ ଟଙ୍କାର ସହାୟତା ସହ ୫୦ କେଜି ଚାଉଳ ଦିଆଯାଇଛି । ସୋମବାର ଅପରାହ୍ନରେ ଭୁବନେଶ୍ୱରର ମୋଟ ୬୭ଟି ୱାର୍ଡ଼ରୁ ମାତ୍ର ୫ଟି ୱାର୍ଡ଼ରେ ଏହି ସହାୟତା ରାଶି ପ୍ରଦାନ କରାଯାଇଥିଲା । ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅର୍ନ୍ତଭୁକ୍ତ ୧ଲକ୍ଷ ୪ହଜାର ୮ଶହ ୧୪ଜଣଙ୍କୁ ବିଏମ୍‌ସି ଏହି ସହାୟତା ରାଶି ପ୍ରଦାନ କରିବ । କ୍ଲେଶ ତଥା ଦୂରାବସ୍ଥା ସହାୟତା ଲାଗି ୨ହଜାର ଟଙ୍କା ଦିଆଯାଉଥିବା ବେଳେ ପାଲ କିଣିବା ପାଇଁ ୫ଶହ ଟଙ୍କା ଯୋଗାଇ ଦିଆଯିବ । ୱାର୍ଡ଼ ନମ୍ବର ୧୫, ୨୨, ୨୩, ୨୪ ଓ ୪୯ର ଲୋକଙ୍କୁ ସୋମବାର ଏହି ସହାୟତା ରାଶି ଓ ଚାଉଳ ଯୋଗାଇ ଦିଆଯାଇଥିଲା । ସହାୟତା ବଣ୍ଟନ ସ୍ଥଳରେ ଚାପା ଉତ୍ତେଜନା ହେବା ଭୟରେ ପୋଲିସ କର୍ମୀଙ୍କୁ ନିୟୋଜିତ କରାଯାଇଥିଲା । ଉଲ୍ଲେଖ ଥାଉ କି, କ୍ଷତିଗ୍ରସ୍ତ ଲୋକଙ୍କୁ ୨୬କୋଟି ୨୦ଲକ୍ଷ ୩୫ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ ।

## ଭିଙ୍ଗାରପୁରରେ ଅଖିମୁଠି ଅନୁକୂଳ

ବାଲିଅନ୍ତା,୭।୫(ଡି.ଏନ୍.ଏ.)

ମଙ୍ଗଳବାର ପବିତ୍ର ଅକ୍ଷୟତୃତୀୟା ଅବସରରେ ବାଲିଅନ୍ତା ବ୍ଲକ କୃଷି ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ଅଖିମୁଠି ଅନୁକୂଳ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏହି ବ୍ଲକର ସହକାରୀ କୃଷି ଅଧିକାରୀ ମନୋରଞ୍ଜନ ରାଉଳ ଯୋଗଦେଇ ଅଖିମୁଠିରେ ଶୁଭ ଅନୁକୂଳ କରିଥିଲେ । ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁରସ୍ଥିତ ଶ୍ରୀ ବକ୍ରେଶ୍ୱର ମନ୍ଦିର ସମ୍ମୁଖ ଚାଷ ଜମିରେ ଏହି ଉତ୍ସବ ଆୟୋଜିତ ହୋଇଥିଲା । ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଉଦ୍ୟାନ ଅଧିକାରୀ ପଦ୍ମିନୀ ବଳ, କୃଷି ସୂଚନା ପରାମର୍ଶ କେନ୍ଦ୍ରର ବିଟିଏମ ପ୍ରଶାନ୍ତ ମିଶ୍ର, କୃଷି ଉପଦେଷ୍ଟା କମିଟି ଆତ୍ମାର ଅଧ୍ୟକ୍ଷ ବିରଞ୍ଚି ନାରାୟଣ କର, କୃଷି ବିଜ୍ଞାନ କେନ୍ଦ୍ରର ଖୋର୍ଦ୍ଧାର ବୈଜ୍ଞାନିକ ସୁଶାନ୍ତ ମିଶ୍ର ଓ ବିଭିନ୍ନ ବିଭାଗର ଅଧିକାରୀ, କୃଷକ ସାଥୀ ଓ ବହୁ ଚାଷୀ ଯୋଗଦେଇଥିଲେ ।

## ଧ୍ୱସ୍ତବିଧ୍ୱସ୍ତ ଇତିହାସର ମୂକସାକ୍ଷୀ 'ସଂଗ୍ରହାଳୟ'

■ରାଜ୍ୟ ସଂଗ୍ରହାଳୟକୁ ଗଣମାଧ୍ୟମ ମନା

ଭୁବନେଶ୍ୱର, ୭।୫(ବ୍ୟୁରୋ)

ଇତିହାସର ମୂକସାକ୍ଷୀ କୁହାଯାଉଥିବା ସଂଗ୍ରହାଳୟକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଛି ବାତ୍ୟା ଫନୀ । ଭୁବନେଶ୍ୱରରେ ରାଜ୍ୟର ପ୍ରମୁଖ ସଂଗ୍ରହାଳୟଗୁଡିକ ରହିଥିବା ବେଳେ ତାହା ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଛି । ରାଜ୍ୟ ସଂଗ୍ରହାଳୟରୁ ଆରମ୍ଭ କରି ଜନଜାତି ସଂଗ୍ରହାଳୟ, ଆଞ୍ଚଳିକ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟ, ହସ୍ତତନ୍ତ ଓ ହସ୍ତଶିଳ୍ପ ସଂଗ୍ରହାଳୟ 'କଳାଭୂମି' ଆଦି ନଷ୍ଟ ହୋଇଯାଇଛି । ରାଜ୍ୟ ଜନଜାତି ସଂଗ୍ରହାଳୟ ପ୍ରବେଶଦ୍ୱାରରେ ବଡ଼ ବଡ଼ ଗଛ ଭାଙ୍ଗିପଡ଼ିଥିବା ବେଳେ ନାମଫଳକ ମଧ୍ୟ ଭାଙ୍ଗିଯାଇଛି । ସଂଗ୍ରହାଳୟ ପରିସରରେ ଥିବା ବିଭିନ୍ନ ଜନଜାତି ସମ୍ପ୍ରଦାୟର ଗୃହ ଓ ଗ୍ରାମସଭା ଆଦି ଭାଙ୍ଗି ଯାଇଛି । ଅଧିକାଂଶ ଘରର ଛପର ଉଡ଼ିଯାଇଛି । ସଳପ ଗଛ ସହ ଏକାଧିକ ନଡ଼ିଆ ଗଛ ଭାଙ୍ଗିଯାଇଛି । ଲକ୍ଷାଧିକ ଟଙ୍କାର କ୍ଷତି ହୋଇଥିବା ବେଳେ ମ୍ୟୁଜିୟମ୍ ଏବେ ଜନସାଧାରଣଙ୍କ ପାଇଁ ଏକ ସପ୍ତାହ ପର୍ଯ୍ୟନ୍ତ ବନ୍ଦ ରହିଛି । ସେହିଭଳି ଆଞ୍ଚଳିକ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟ ପରିସରରେ ଥିବା ବହୁ ମୂଲ୍ୟବାନ୍ ଓ ବିରଳ ଔଷଧୀୟ ବୃକ୍ଷ ଭାଙ୍ଗିଯିବା ସହ ଉପୁଡି ଯାଇଛି । କାଚ ଝରକାଗୁଡିକ ଭାଙ୍ଗିଯାଇଥିବା ବେଳେ ଆଜ୍‌ବେଷ୍ଟସ୍ ଉଡ଼ିଯାଇଛି । ସଂଗ୍ରହାଳୟ ଅଡିଟୋରିୟମ୍‌ରେ ବର୍ଷାଜଳ ପଶିଯାଇଛି । ଅନ୍ୟପକ୍ଷରେ ରାଜ୍ୟ ସଂଗ୍ରହାଳୟ ପରିସରରେ ଥିବା ବଗିଚା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି । ଗ୍ୟାଲେରିଗୁଡିକର ବିଶେଷ କ୍ଷତି ହୋଇ ନ ଥିବା ବେଳେ ଲାଇବ୍ରେରୀ ମଧ୍ୟରେ ପାଣି ପଶିଯାଇଛି । ଏ ନେଇ ଖବର ସଂଗ୍ରହ ଓ ଫଟୋ ଉଠାଇବାକୁ ଗଲେ ମ୍ୟୁଜିୟମ୍ କର୍ତ୍ତୃପକ୍ଷ ଭିତରକୁ ଛାଡୁନାହାନ୍ତି । ଗେଟ୍ ନିକଟରେ ଥିବା କର୍ମଚାରୀ ଫଟୋ ଉଠାଇଲେ ବାରଣ କରିବା ସହ ସଂଗ୍ରହାଳୟ ଅଧୀକ୍ଷିକା ଜୟନ୍ତୀ ରଥ ବାହାରେ କିମ୍ବା ଭିତରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଫଟୋ ଉଠାଇବାକୁ ଓ ଭିତରକୁ ପଶିବାକୁ ମନା କରିଥିବା କହୁଛନ୍ତି । ଅନ୍ୟପକ୍ଷରେ ସଂଗ୍ରହାଳୟର କେତେଜଣ କର୍ମଚାରୀ ଏଠାରେ ବିଶେଷ କ୍ଷୟକ୍ଷତି ହୋଇ ନ ଥିବା କହିଛନ୍ତି । ହେଲେ କ'ଣ ପାଇଁ ସପ୍ତାହେ ପର୍ଯ୍ୟନ୍ତ ବନ୍ଦ ରହିଛି ତାହାର କାରଣ ଜଣାପଡ଼ିନାହିଁ । ଏ ନେଇ ଅଧୀକ୍ଷିକା ରଥଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇନାହିଁ ।

## ଥଇଥାନ ପ୍ରକ୍ରିୟା ପାଇଁ ଗଠନ ହେଲା 'ଫନୀ ମୁକାବିଲା ସମୂହ'

ଭୁବନେଶ୍ୱର, ୭।୫(ବ୍ୟୁରୋ)



ବୈଠକରେ ବସିଥିବା ବିଭିନ୍ନ ସାମାଜିକ ଅନୁଷ୍ଠାନ, ରିଲିଫ ସଂସ୍ଥାର ଅଧିକାରୀ ଓ କର୍ମକର୍ତ୍ତାମାନେ ।

ରାଜ୍ୟର ୧୧ଟି ଉପକୂଳବର୍ତ୍ତୀ ଜିଲାରେ ତାଣ୍ଡବ ଘଟାଇଥିବା ଫନୀର ମୁକାବିଲା ଏବଂ ପୁନର୍ଗଠନ ଓ ଥଇଥାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନିମନ୍ତେ ରାଜ୍ୟର ୩୦ରୁ ଊର୍ଦ୍ଧ୍ୱ ପ୍ରମୁଖ ସାମାଜିକ ଅନୁଷ୍ଠାନଗୁଡ଼ିକ ସହ ବିଭିନ୍ନ ରିଲିଫ୍ ସଂସ୍ଥା ଓ ଗଣମାଧ୍ୟମ ପ୍ରତିନିଧିଙ୍କ ମିଳିତ ଉଦ୍ୟମରେ ସାମାଜିକ ଅନୁଷ୍ଠାନ 'ଫନୀ ମୁକାବିଲା ସମୂହ' ଗଠନ ହୋଇଛି । ମଙ୍ଗଳବାର ସିୱାଇଏସ୍‌ଡି ପରିସରରେ ଅନୁଷ୍ଠିତ ସଂଯୋଜନା ବୈଠକରେ ବିଭିନ୍ନ ସଙ୍ଗଠନ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇ ଫନୀରେ କ୍ଷତିଗ୍ରସ୍ତ ଅଞ୍ଚଳ ଓ ପ୍ରଭାବିତ ଲୋକମାନଙ୍କ ଥଇଥାନ ଦିଗ ଉପରେ ଆଲୋଚନା କରିଥିଲେ । ଏଥିପାଇଁ ଏକ ପଞ୍ଚସୂତ୍ରୀ ପ୍ରସ୍ତାବ ଆଗତ କରାଯାଇଛି । ପ୍ରଭାବିତ ଅଞ୍ଚଳରେ ଜଳ, ପରିମଳ, ସ୍ୱାସ୍ଥ୍ୟ ଭଳି ଗୁରୁତର ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ୫ଟି ଦଳ ଗଠନ କରାଯାଇଛି । ଏହି ଦଳ ସରକାରଙ୍କ ସହ ମିଶି ରିଲିଫ୍, ପୁନର୍ଗଠନ ଓ ଥଇଥାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବେ । ଫନୀରେ ଖରିଫ୍ ଫସଲ ସମେତ ବିଭିନ୍ନ ଅର୍ଥକାରୀ ଫସଲର ବ୍ୟାପକ କ୍ଷତି ହୋଇଥିବା ପ୍ରାଥମିକ ଆକଳନରୁ ଜଣାପଡ଼ିଛି । ଚାଷୀମାନଙ୍କୁ ଅଭାବୀ ବିକ୍ରି ଭଳି ସମସ୍ୟାରୁ ମୁକୁଳାଇବା ପାଇଁ ସରକାର ତୁରନ୍ତ ପଦକ୍ଷେପ ନେବାସହ ଖରିଦଦାର ନିୟମକୁ କୋହଳ ଏବଂ ଉତ୍ପାଦଗୁଡ଼ିକର କ୍ରୟ କରିବା ଆବଶ୍ୟକ ବୋଲି ଆଲୋଚନାରେ ମତପ୍ରକାଶ ପାଇଛି । ପ୍ରଭାବିତ ଅଞ୍ଚଳର ଚାଷୀମାନେ ବିଭିନ୍ନ ସରକାରୀ ଓ ବେସରକାରୀ ଉତ୍ସରୁ ଆଣିଥିବା ଋଣ ପରିଶୋଧ ଦିଗରେ କୋହଳ ମନୋଭାବ ପୋଷଣ କରିବା ସହ କିସ୍ତି ପୈଠ ସମୟସୀମାକୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ଆଗତ ହୋଇଛି । ଗ୍ରାମାଞ୍ଚଳରେ ବର୍ଜ୍ୟବସ୍ତୁ ନିଷ୍କାସନ ଓ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ନିମନ୍ତେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ରୋଜଗାର ଯୋଜନାକୁ ବ୍ୟାପକ କରାଯିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ବ୍ୟାଙ୍କ ସେବା ବାଧାପ୍ରାପ୍ତ ହୋଇଥିବାରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମଜୁରି ପଞ୍ଚାୟତ ମାଧ୍ୟମରେ ସିଧାସଳଖ ନଗଦ ରାଶି ପୈଠ କରିବା ପାଇଁ ସମୂହ ପ୍ରସ୍ତାବ ଦେଇଛି । ଆକଳନର ତ୍ୱରିତ କାର୍ଯ୍ୟାନ୍ୱୟନ ଓ ଠିକ ହିତାଧିକାରୀ ଚୟନ ପ୍ରକ୍ରିୟାରେ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଗୁରୁତ୍ୱାରୋପ କରାଯାଇଛି । ରିଲିଫ୍ ସାମଗ୍ରୀ ବଣ୍ଟନ ବ୍ୟବସ୍ଥାରେ ଜାତିଗତ ପକ୍ଷପାତିତାକୁ ଦୂରେଇବା ଏବଂ ଅନୁସୂଚିତ ଜାତି, ଜନଜାତି, ଦିବ୍ୟାଙ୍ଗମାନଙ୍କୁ ପ୍ରାଧାନ୍ୟ ଓ ପ୍ରାଥମିକତା ଦିଆଯିବା ଆବଶ୍ୟକ ବୋଲି ବୈଠକରେ ମତପ୍ରକାଶ ପାଇଛି । ଏହି ବୈଠକରେ ସାମାଜିକ କର୍ମୀ ସ୍ନେହା ମିଶ୍ର, ମହମ୍ମଦ ଅମିନ, ଅବସରପ୍ରାପ୍ତ ଲ୍ୟୁଟନାଣ୍ଟ ଜେନେରାଲ କେ.ପି. ଧଳସାମନ୍ତଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ରିଲିଫ ପାଣ୍ଠିର ଡ. ପ୍ରଭାସ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟର ଏହିଭଳି ବିପତ୍ତି ସମୟରେ ସରକାର, ବେସରକାରୀ ସଂସ୍ଥା, ବ୍ୟବସାୟିକ ଅନୁଷ୍ଠାନ ଆଦିଙ୍କ ମିଳିତ ଉଦ୍ୟମର ଅନେକ ଆବଶ୍ୟକତା ରହିଛି ବୋଲି ପୂର୍ବତନ ସୂଚନା କମିଶନର ତଥା ସିୱାଇଏସ୍‌ଡିର ମାର୍ଗଦର୍ଶକ ଓ ସହ–ପ୍ରତିଷ୍ଠାତା ଜଗଦାନନ୍ଦ ମତବ୍ୟକ୍ତ କରଛନ୍ତି ।



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାଜ୍ୟବାସୀଙ୍କୁ 'ଜୟ ଶ୍ରୀରାମ' କହିବାକୁ ଦେଉନାହାନ୍ତି । ଭଗବାନ ରାମଙ୍କ ନାମ ଭାରତରେ ଯଦି ଉଚ୍ଚାରଣ କରା ନ ଯିବ ତେବେ କ'ଣ ପାକିସ୍ତାନରେ କୁହାଯିବ କି ବୋଲି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଘଟାଲ୍‌ର ଏକ ନିର୍ବାଚନୀ ସଭାରେ ପ୍ରଶ୍ନ କରିଛନ୍ତି।



## ସଂକ୍ଷେପରେ

### ଜଙ୍ଗଲରୁ ମିଳିଲା ଛାତ୍ରଙ୍କ ଗଳିତ ମୃତଦେହ

**ଜୟପୁର,୭।୫(ନି.ପ୍ର.):** କୋରାପୁଟ ଜିଲା ଜୟପୁର ସଦର ଥାନା ବାରିଣିପୁଟ ନିକଟସ୍ଥ ପଟାରିଗୁଡ଼ା ଜଙ୍ଗଲରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ ହେଲେ ନବରଙ୍ଗପୁର ଜିଲା ବଡ଼ହୁରୁଣ୍ଡି ଗ୍ରାମର ସୋମନାଥ ହରିଜନ (୧୮)। ଗାଁର ୨ ଜଣ ବୃଦ୍ଧା ବୃଦ୍ଧ ରବିବାର ଅପରାହ୍ନରେ ଜଙ୍ଗଲକୁ କାଠ ଆଣିବାକୁ ଯାଇଥିବା ବେଳେ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ସେଠାରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଗୋଟିଏ ପରିଚୟ ପତ୍ର ଜବତ କରିଛି। ମୃତ ଯୁବକ ଜଣକ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଧୁରୁଡ଼ା ସ୍ଥିତ ଅଲେଖ ମହିମା ମହାବିଦ୍ୟାଳୟର ଯୁକ୍ତ ୨ର ଛାତ୍ର ବୋଲି ଜଣାପଡ଼ିଛି। ୧୦ରୁ ୧୨ ଦିନ ତଳେ ମୃତ୍ୟୁ ଘଟିଥିବା ବେଳେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ତଦନ୍ତ ପରେ ଜଣାପଡ଼ିବ। ମୃତଦେହ ଶଢ଼ିଯାଇଥିବା ଯୋଗୁ ସେହିଠାରେ ହିଁ ତାହାର ବ୍ୟବଚ୍ଛେଦ କରାଯାଇଥିଲା। ଏନେଇ କେସ୍ ନଂ ୧୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବା ସଦର ଥାନା ଅଧିକାରୀ ଧୀରେନ୍ଦ୍ର ବେହେରା କହିଛନ୍ତି।

### ଏସ୍‌ସିବିରେ ପ୍ରଥମ ଫନୀ ମୃତ୍ୟୁ

#### ମେଡିକାଲରେ ୭୨ ରୋଗୀ

**କଟକ ଅଫିସ,୭।୫:** ସାମୁଦ୍ରିକ ଝଡ଼ ଫନୀ ଦ୍ୱାରା ଆହତ ହୋଇ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଜଣେ ରୋଗୀଙ୍କ ରବିବାର ରାତିରେ ମୃତ୍ୟୁ ଘଟିଛି। ସେ ହେଲେ କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଧୀନ ବଡଖିରୀ ଗ୍ରାମର ସତ୍ୟଜିତ ନାୟକ(୧୭)। ଗତ ଝଡ ସମୟରେ ସତ୍ୟଜିତଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଚିକିତ୍ସାଲାଗି ତାଙ୍କୁ ଏସ୍‌ସିବିର ସ୍ନାୟୁଶଲ୍ୟ ବିଭାଗରେ ଭର୍ତ୍ତି କରାଯାଇଥିଲା। ଗତ ୪ ତାରିଖରେ ତାଙ୍କ ମୁଣ୍ଡରେ ଅପରେଶନ କରାଯାଇଥିଲା। ମାତ୍ର ୫ ତାରିଖ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ସତ୍ୟଜିତଙ୍କ ମୃତ୍ୟୁ ଘଟିଥିବା ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସିବିକେ ମହାନ୍ତି କହିଛନ୍ତି। ଅନ୍ୟପକ୍ଷରେ ଫନୀ ଦ୍ୱାରା ପ୍ରଭାବିତ ହୋଇ ମୋଟ୍ ୭୨ଜଣ ରୋଗୀ ଏସ୍‌ସିବି ମେଡିକାଲକୁ ଆସିଛନ୍ତି। ଗତ ୩ରୁ ୬ ତାରିଖ ସନ୍ଧ୍ୟା ମଧରେ ଏହି ରୋଗୀମାନେ ମେଡିକାଲକୁ ଆସିଥିବା ଜଣାପଡିଛି।

### ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଅଗ୍ନିକାଣ୍ଡ

**ବଲାଙ୍ଗୀର ଅଫିସ, ୭।୫:** ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପ୍ରଶାସନିକ କୋଠାରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟିଛି। ତେବେ ଠିକଣା ସମୟରେ ଅଗ୍ନିଶମ ଓ ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିବାରୁ ଏକ ବଡଧରଣର କ୍ଷୟକ୍ଷତି ଟଳିଛି । ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୨ଟାରେ ନିଆଁ ବିଶ୍ୱବିଦ୍ୟାଳୟ ପ୍ରଶାସନିକ କୋଠା ମିଟର ରୁମ୍ ନିକଟରେ ଲାଗିଥିଲା। ବିଦ୍ୟୁତ୍ ତାର ଜଳୁଥିବା ଦେଖି ଅଧାପକ, କର୍ମଚାରୀମାନେ ବ୍ୟତିବ୍ୟସ୍ତ ହୋଇପଡିଥିଲେ। ଯୁକ୍ତଦୁଇ ପରୀକ୍ଷା ଖାତା ଦେଖା ଚାଲିଥିବାରୁ ପ୍ରାୟ ୧୦ଜଣ ଅଧାପକ ଉପର ମହଲାରୁ ତଳକୁ ଓହ୍ଲାଇ ପାରି ନ ଥିଲେ। ଅଗ୍ନିଶମ ଓ ବିଦ୍ୟୁତ୍ ବିଭାଗକୁ ଖବର ଦିଆଯିବା ପରେ ସେମାନେ ନିଆଁକୁ ଆୟତ୍ତ କରିଥିଲେ ।

### ନାବାଳିକାଙ୍କୁ ବଳାତ୍କାର

#### ପୋଲିସ ହେପାଜତରେ ଅଭିଯୁକ୍ତ

**ପାଟପୁର,୭।୫(ଡି.ଏନ.ଏ.):** ଗଞ୍ଜାମ ଜିଲା ପାଟପୁର ଥାନା ଅଞ୍ଚଳରେ ଜଣେ ନାବାଳିକା ବଳାତ୍କାରର ଶିକାର ହୋଇଛନ୍ତି। ସୋମବାର ରାତିରେ ୯ ବର୍ଷୀୟା ଏହି ନାବାଳିକା ନିଜର ଜଣେ ସମ୍ପର୍କୀୟଙ୍କ ବିବାହ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବରଙ୍କ ଜଣେ ସମ୍ପର୍କୀୟ ତଥା ଦିଗପହଣ୍ଡି ବ୍ଲକ ଭାଷ୍ମଗିରି ଗ୍ରାମର ଯୁବକ ପ୍ରଲୋଭନ ଦେଖାଇ ତାଙ୍କୁ ରଙ୍ଗୁଣି ଛକ ପ୍ରାଥମିକ ସ୍କୁଲ ପଛପଟେ ବଳାତ୍କାର କରିଥିଲେ। ବିଳମ୍ବିତ ରାତିରେ ବରଯାତ୍ରୀ ଦଳ କନ୍ୟାଘରେ ପହଞ୍ଚିବା ପରେ ନାବାଳିକାଙ୍କୁ ତାଙ୍କ ବାପା ଓ ସମ୍ପର୍କୀୟମାନେ ଖୋଜିଥିଲେ। କିଛି ସମୟ ପରେ ସେମାନେ ନାବାଳିକାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ କାବୁ କରିଥିଲେ। ମଙ୍ଗଳବାର ଏ ନେଇ ପାଟପୁର ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଅଭିଯୁକ୍ତ ମୁନା ବାଡ଼ତ୍ୟାଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ତାଙ୍କର ଡାକ୍ତରୀ ମାଇନା କରାଯାଇଛି।

# ଫନୀର କୋପ: ବର୍ତ୍ତିଲାନି ଶୀତଳଭଣ୍ଡାର





ପୁରୀ ଓ କଟକ ଜିଲାରେ 'ଫନୀ' ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ଦୁଇ ଶୀତଳଭଣ୍ଡାର।

- ନଷ୍ଟ ହେବାକୁ ବସିଛି ବହୁ ସାମଗ୍ରୀ
- ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହୋଇନାହିଁ

**ଭୁବନେଶ୍ୱର,୭।୫(ବ୍ୟୁରୋ)**

ସାମୁଦ୍ରିକ ଝଡ଼ ଫନୀ ଉପକୂଳ ଓଡ଼ିଶାର ବହୁ ଶୀତଳଭଣ୍ଡାରରେ କ୍ଷତି ପହଞ୍ଚାଇଛି। ରାଜ୍ୟ ଶୀତଳ ଭଣ୍ଡାର ସଂଘ ପକ୍ଷରୁ ମଙ୍ଗଳବାର ଏନେଇ ଗଣମାଧ୍ୟମକୁ ଅବଗତ କରାଯାଇଛି। ସଂଘ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ ପୁରୀ ଜିଲାରେ ଅବସ୍ଥାପିତ ୮ କୋଟି ଟଙ୍କା ମୂଲ୍ୟର ଏନ୍‌କି ଭେନଚର୍ସ କୋଲ୍ଡ ଷ୍ଟୋରେଜ କ୍ଷତି ହୋଇଛି। ଏହି ଶୀତଳଭଣ୍ଡାରରେ ପ୍ରାୟ ୪୦୦ ଲକ୍ଷ ଟଙ୍କାର ବିଭିନ୍ନ ସାମଗ୍ରୀ ମହଜୁଦ୍ ରହିଛି। ପାଇକରାପୁରସ୍ଥିତ ୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ସାଇ ଶୀତଳଭଣ୍ଡାର ଫନୀ ଦ୍ୱାରା ବହୁଳ ପ୍ରଭାବିତ ହୋଇଛି। ଏହି ଶୀତଳ ଭଣ୍ଡାରରେ ୫୦୦ ଲକ୍ଷ ଟଙ୍କାର ସାମଗ୍ରୀ ମହଜୁଦ୍ ରହିଛି। କଟକସ୍ଥିତ ମଣ୍ଟେଶ୍ୱରୀ କୋଲ୍ଡ ଷ୍ଟୋରେଜ୍‌ରେ ମହଜୁଦ୍ ଥିବା ୩୦୦ ଲକ୍ଷ ଟଙ୍କାର ଆଳୁ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଛି ବୋଲି ଅଭିଯୋଗ ହୋଇଛି।

ଉପରୋକ୍ତ ସମସ୍ତ ଶୀତଳଭଣ୍ଡାର ରାଜ୍ୟ ସରକାରଙ୍କ ଆଳୁ ମିଶନ ଯୋଜନାର ଅନ୍ତର୍ଭୁକ୍ତ। ପ୍ରତି ଶୀତଳଭଣ୍ଡାରକୁ ସେ ସମୟରେ ୨୨୦ ଲକ୍ଷ ଟଙ୍କାର ସବ୍‌ସିଡି ପ୍ରଦାନ କରାଯାଇଥିଲା। ନିବେଶକାରୀ ମଧ୍ୟ ଶୀତଳଭଣ୍ଡାର ଗୁଡ଼ିକରେ ପୁଞ୍ଜିନିବେଶ କରିଥିଲେ। ଫନୀ ଦ୍ୱାରା ଲକ୍ଷ ଲକ୍ଷ ଟନର ସାମଗ୍ରୀ ସହ ରାଜ୍ୟର ବହୁ ଶୀତଳଭଣ୍ଡାର ନଷ୍ଟ ହୋଇଛି। ବାତ୍ୟା ହେବାର ଇତି ମଧ୍ୟରେ ୧୦୦ରୁ ଊର୍ଦ୍ଧ୍ୱ ଘଣ୍ଟା ବିତିଥିଲେ ବି ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇପାରିନାହିଁ। ତେଣୁ ଯେଉଁ ସବୁ ସାମଗ୍ରୀ ମହଜୁଦ୍ ରହିଛି, ତାହା ନଷ୍ଟହେବା ନେଇ ସଂଘ ପକ୍ଷରୁ ଆଶଙ୍କା କରାଯାଇଛି। ଶୀତଳଭଣ୍ଡାରଗୁଡ଼ିକ ଉପରେ ପ୍ରତ୍ୟକ୍ଷ ଭାବେ ନିର୍ଭରଶୀଳ ପ୍ରାୟ ୩୦୦ କର୍ମଚାରୀ ଏବଂ ପରୋକ୍ଷ ନିର୍ଭରଶୀଳ ୧୦,୦୦୦ ବ୍ୟକ୍ତିବିଶେଷ ପ୍ରଭାବିତ ହୋଇଛନ୍ତି। ଏହା ଦ୍ୱାରା ରାଜ୍ୟରେ ଅନେକ ଖାଉଟି ମଧ୍ୟ ହନ୍ତସନ୍ତ ହେବାର ସମ୍ଭାବନା ରହିଛି। ତେଣୁ ରାଜ୍ୟ ସରକାର ତଥା ସମବାୟ, କୃଷି, ଯୋଗାଣ ବିଭାଗ କୋଲ୍ଡ ଷ୍ଟୋରେଜ୍‌ଗୁଡିକର ପୁନରୁଦ୍ଧାର ପାଇଁ ଚେଷ୍ଟା କରନ୍ତୁ ବୋଲି ସଂଘର ସମ୍ପାଦକ ଜନାର୍ଦ୍ଦନ ସାହୁ ଦାବି କରିଛନ୍ତି।

ଦୁଇମାସ ପୂର୍ବେ ରାଜ୍ୟ ସରକାର ଶୀତଳଭଣ୍ଡାର ସଂଘର ବିଭିନ୍ନ ଦାବିକୁ ଅଣଦେଖା କରିଥିଲେ। ଏହି କାରଣରୁ ପ୍ରାୟ ୨୦ରୁ ୨୨ ଦିନ ଆନ୍ଦୋଳନ ଜାରି ରହିଥିଲା। ପରେ ସରକାର ସଂଘର କାର୍ଯ୍ୟକର୍ତ୍ତାଙ୍କୁ ଡାକି କେତେକ ମୌଳିକ ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେଇଥିଲେ। ଯେଉଁ କାରଣରୁ ସଂଘ ଆନ୍ଦୋଳନରୁ ଓହରିଥିଲା। ସେ ସମୟରେ ମଧ କୋଲ୍ଡ ଷ୍ଟୋରେଜ୍‌ଗୁଡିକ ଅଚଳ ହୋଇ ପଡ଼ିବାରୁ ବ୍ୟାପକ କ୍ଷତି ହୋଇଥିଲା। ବୋଝ ଉପରେ ନଳିତା ବିଡ଼ା ପରି ପ୍ରାଥମିକ ଭାବେ ସରକାରୀ ଅଣଦେଖା ଏବଂ ପରବର୍ତ୍ତୀ ସମୟରେ ଫନୀ ଯୋଗୁ ଶୀତଳଭଣ୍ଡାରଗୁଡିକ ନିଜର ସ୍ଥିତି ହରାଇବାକୁ ବସିଥିବା ଅଭିଯୋଗ ହୋଇଛି।

# ବୋଲେରୋ ଧକ୍କାରେ ୨ ସଢୁ ମୃତ

### ଶାଳକଙ୍କ ବାହାଘରକୁ ଆସିଥିଲେ

**ଚାନ୍ଦିଡି,୭।୫(ଡି.ଏନ୍.ଏ.)**

ନିଜ ଶାଳକଙ୍କ ବାହାଘରକୁ ବରଯାତ୍ରୀରେ ସାମିଲ ହୋଇଆସିଥିଲେ ଦୁଇ ସଢୁ। ସେମାନେ ସୋମବାର ରାତିରେ ଭଦ୍ରକ-ଚାନ୍ଦବାଲି ରାସ୍ତାର ଗୋଳାପୋଖରୀ ଛକରେ ଠିଆ ହୋଇଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ବୋଲେରୋ ଭାରସାମ୍ୟ ହରାଇ ସେମାନଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟାଇଥିବା ବୋଲେରୋଟି ଚାନ୍ଦବାଲିରୁ ଭଦ୍ରକ ଯାଉଥିଲା। ସ୍ଥାନୀୟ ଲୋକେ ଦୁର୍ଘଟଣା ସ୍ଥଳରୁ ଦୁଇ ସଢୁ ରମେଶ ଦାସ( ୩୮) ଏବଂ କଦମ୍ବ ବନ୍ଧୁ ଆର୍ଯ୍ୟଭଟ୍ଟ ମିଶ୍ର( ୪୨)ଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ରମେଶଙ୍କୁ ଚାନ୍ଦିଡି ଡାକ୍ତରଖାନା ଏବଂ ଅନ୍ୟଜଣଙ୍କୁ ଭଦ୍ରକ ଡାକ୍ତରଖାନା ନିଆଯିବା ସମୟରେ ବାଟରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣାକୁ କେନ୍ଦ୍ରକରି ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଭଦ୍ରକ-ଚାନ୍ଦବାଲି ରାସ୍ତା ଦିନକୁ ଦିନ ଦୁର୍ଘଟଣାପ୍ରବଣ ପାଲଟିଥିବାରୁ ଏହାର ପ୍ରତିବାଦରେ ମଙ୍ଗଳବାର ଉତ୍ତ୍ୟକ୍ତ ଲୋକେ ଭଦ୍ରକ- ଚାନ୍ଦବାଲି ରାସ୍ତାକୁ ଗୋଳାପୋଖରୀ ଛକରେ ଟାୟାର ଜାଳି ଅବରୋଧ କରିଥିଲେ। ସଡ଼କ ସୁରକ୍ଷା ପ୍ରତି ଉପଯୁକ୍ତ ଧ୍ୟାନ ଦିଆଯିବା ସହ ଛକ ଓ ଅନ୍ୟ ସ୍ଥାନରେ ହମ୍ପସ୍ ନିର୍ମାଣ ଦାବିକରି ରାସ୍ତାରୋକୋ କରିବାରୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଚାନ୍ଦିଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା ଉଦ୍ୟମ କରିଥିଲେ ମଧ୍ୟ ଲୋକେ ଦାବି ପୂରଣ ଜିଦ୍‌ରେ ଅଡି ବସିଥିଲେ।



ଶୀତଳଷଷ୍ଠୀ ପାଇଁ ଥାଳଉଠିଲା: ମଙ୍ଗଳବାର ସମ୍ବଲପୁର ସୋମନାଥ ବାବାଙ୍କ ପୀଠରେ ବରକନ୍ୟାଙ୍କ ମାତାପିତାଙ୍କ ଉପସ୍ଥିତିରେ ଥାଳ ଉଠାଯାଉଛି।

# ଓଡ଼ିଶାର ପୁନଃନିର୍ମାଣ ପାଇଁ ଅର୍ଥର ଅଭାବ ରହିବନାହିଁ: ଧର୍ମେନ୍ଦ୍ର

**ଭୁବନେଶ୍ୱର,୭।୫(ବ୍ୟୁରୋ)**

ବାତ୍ୟା ଫନୀ ପ୍ରଭାବରେ ଘରଭଙ୍ଗା, ଫସଲନଷ୍ଟ ଓ ପଶୁ ସମ୍ପଦ କ୍ଷତି ଆକଳନ କରି କ୍ଷତିପୂରଣ ତୁରନ୍ତ ପହଞ୍ଚାଇବା ଲୋକମାନଙ୍କ ପ୍ରମୁଖ ଦାବି। ଏହି ପ୍ରସଙ୍ଗରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ସହ ଟେଲିଫୋନ ଯୋଗେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କଥା ହୋଇ ଅବଗତ କରାଇଛନ୍ତି। ବାତ୍ୟାରେ ବିଧ୍ୱସ୍ତ ପୁରୀ ଜିଲା ଗସ୍ତ ସମୟରେ ଧର୍ମେନ୍ଦ୍ର ସ୍ଥାନୀୟ ଲୋକମାନଙ୍କ ସହ ଆଲୋଚନା କରିଥିଲେ। ପୂର୍ବରୁ ହୋଇଥିବା ବାତ୍ୟା ସମୟରେ ସରକାରୀ ସହାୟତା ମିଳିବାରେ ବିଳମ୍ବ ହୋଇଥିଲା। ପୁରୀ ଜିଲାର ନିମାପଡା, ଗୋପ, କୋଣାର୍କ, ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ଆଦି ଅନେକ ଅଞ୍ଚଳ ବୁଲି ଲୋକଙ୍କ ସୁବିଧା ଅସୁବିଧା କଥା ବୁଝିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି, ଫନୀ ପ୍ରଭାବରେ ୧୪ଜିଲାରେ ବ୍ୟାପକ କ୍ଷତି ହୋଇଛି। ଫନୀ ପୁରୀ ଜିଲାରେ ଲ୍ୟାଣ୍ଡଫଲ କରିଥିଲା। ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ଓଡିଶାର ପୁନଃନିର୍ମାଣ ପାଇଁ ସମସ୍ତେ ଆଗେଇ ଆସିବା ଆବଶ୍ୟକ। ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ଅଞ୍ଚଳ ବୁଲି ଲୋକଙ୍କ ସହ ଆଲୋଚନା କରିଛି। ଏପରି ସମୟରେ ସମସ୍ତେ ଧୈର୍ଯ୍ୟ ଧରି ଏକାଠି କାମ କରିବା ଦରକାର। ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ସହ ଆଲୋଚନା ମଧ୍ୟ କରିଛି। ବାତ୍ୟାର ମୁକାବିଲା ଲାଗି କେନ୍ଦ୍ର ସରକାର ସମସ୍ତ ପଦକ୍ଷେପ ନେଇଛନ୍ତି। ରାଜ୍ୟର ପୁନଃନିର୍ମାଣ ପାଇଁ ଅର୍ଥର ଅଭାବ ରହିବନି ବୋଲି ଧର୍ମେନ୍ଦ୍ର କହିଛନ୍ତି।



ପୁରୀ ଜିଲାର ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖୁଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ନାଲ୍‌କୋ ପକ୍ଷରୁ ରିଲିଫ ସହାୟତା

**ଭୁବନେଶ୍ୱର,୭।୫**

ରାଜ୍ୟର ଫନୀ ପ୍ରଭାବିତ ଅଞ୍ଚଳରେ ଉଦ୍ଧାର ତଥା ରିଲିଫ କାର୍ଯ୍ୟ ଆଗେଇ ନେବା ଲାଗି ନବରତ୍ନ କମ୍ପାନୀ ନାଲ୍‌କୋ ଏବଂ ଦୈନିକ ଖବର କାଗଜ ସମାଜ ପକ୍ଷରୁ ମିଳିତ ଭାବେ ରିଲିଫ ସହାୟତା ପ୍ରଦାନ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଉତ୍କଳମଣୀ ଗୋପବନ୍ଧୁଙ୍କ ଜନ୍ମସ୍ଥାନ ପୁରୀ ଜିଲ୍ଲାର ସୁଆଣ୍ଡୋ ଗ୍ରାମ ଏବଂ ସତ୍ୟବାଦୀ ନିକଟବର୍ତ୍ତୀ ଅଞ୍ଚଳରେ ସହାୟତା ପ୍ରଦାନ କରାଯିବ। ଇତିମଧ୍ୟରେ ନାଲ୍‌କୋ ପକ୍ଷରୁ ଭୁବନେଶ୍ୱରର ବିଭିନ୍ନ କଲୋନି, ବସ୍ତି ଏବଂ ଆଖପାଖ ଅଞ୍ଚଳରେ ରିଲିଫ୍ ବ୍ୟବସ୍ଥା ଆରମ୍ଭ କରାଯାଇଛି। ୬ଟି ରିଲିଫ ଦଳ ଦ୍ୱାରା କାର୍ଯ୍ୟ ସମ୍ପାଦନ ହେଉଛି। ମିଳିତ ରିଲିଫ୍ ଦଳର କାର୍ଯ୍ୟକୁ ନାଲ୍‌କୋ ଅଧ୍ୟକ୍ଷ ଡଃ ତପନ କୁମାର ଚାନ୍ଦ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସମାଜର ଡଃ ପ୍ରଭାସ ଆଚାର୍ଯ୍ୟ ଏବଂ ନାଲ୍‌କୋ ନିର୍ଦ୍ଦେଶକ (ଉତ୍ପାଦନ) ଭି.ବାଲସୁବ୍ରମଣ୍ୟମ, ନିର୍ଦ୍ଦେଶକ (ମାନବସମ୍ବଳ) ବି.କେ.ଠାକୁର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଅର୍ଥ) ଏସ୍.ଡି. ସାହୁ,ମହାପ୍ରବନ୍ଧକ (ମାନବସମ୍ବଳ ଓ ପ୍ରଶାସନ) ଅମୀୟ ପଟ୍ଟନାୟକ ଏବଂ ମହାପ୍ରବନ୍ଧକ (ଟେକ୍ନିକାଲ) ଏସ୍.କେ, ପଟେଲ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।




ରିଲିଫ ଭ୍ୟାନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ନାଲ୍‌କୋ ଅଧ୍ୟକ୍ଷ ଟି.କେ. ଚାନ୍ଦ।


**ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର**

ସଂଖ୍ୟା.୧୩୮୨୫ ତା.୦୭.୦୫.୨୦୧୯ରିଖ

**ନୋଟିସ୍**

ପ୍ରଳୟଙ୍କାରୀ ବାତ୍ୟା ଫନି ଦ୍ୱାରା ପ୍ରଭାବିତ ହୋଇଥିବା ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ସମସ୍ତ ରାସନ୍ କାର୍ଡ଼ଧାରୀ ମାନଙ୍କୁ (ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଭୁକ୍ତ) ସରକାରୀ ଆର୍ଥିକ ସହାୟତା ଦେବାର କାର୍ଯ୍ୟକ୍ରମ ଗତ ତା.୦୬.୦୫.୨୦୧୯ରିଖ ଠାରୁ ଆରମ୍ଭ କରାଯାଇଅଛି। ଏଥି ନିମନ୍ତେ ସଂପୃକ୍ତ କଣ୍ଟ୍ରୋଲ ଡିଲରମାନଙ୍କୁ ନିମ୍ନ ତାଲିକା ଅନୁଯାୟୀ ୬୭ଟି ବଣ୍ଟନ କେନ୍ଦ୍ରରେ ସଂଯୋଗ କରାଯାଇଅଛି ଓ ତାହାର ତାଲିକା ନିମ୍ନରେ ଦିଆଗଲା।

ଏଣୁ ସମସ୍ତ ରାସନ କାର୍ଡ଼ଧାରୀ ମାନଙ୍କୁ ଅନୁରୋଧ କରାଯାଉଅଛି ଯେ ସେମାନେ ନିଜର ଡିଲର ପାଇଁ ଉଲ୍ଲିଖିତ ବଣ୍ଟନ କେନ୍ଦ୍ରକୁ ଯାଇ ସହାୟତା ରାଶି ଗ୍ରହଣ କରନ୍ତୁ। ଏଥି ପାଇଁ ସେମାନଙ୍କୁ ରାସନ୍ ନେଉଥିବା ବହି ଏବଂ ପରିଚୟ ପତ୍ର ଦର୍ଶାଇବା ନିତ୍ୟାନ୍ତ ଆବଶ୍ୟକ। ସମସ୍ତ ରାସନ୍ କାର୍ଡ଼ଧାରୀମାନେ ସହାୟତା ପାଇବା ପର୍ଯ୍ୟନ୍ତ ଏହି ବଣ୍ଟନ କାର୍ଯ୍ୟକ୍ରମ ଚାଲୁରହିବ।

କମିଶନର
ଭୁବନେଶ୍ୱର ମହାନଗର ନିଗମ

| Ward No. | Distribution Point | FPS TAG |
|---|---|---|
| 1 | Pathani Samanta Sikhayakendra | Minati Samal |
| 2 | Sikharachandi Vidyapitha | Nalini Samantaray |
| 3 | Cspur UP School | Prahallad Sahoo |
| 4 | Pahala Society office-W-4 | Somanath Sahoo<br>Subash Chandra Sahoo<br>Jitendra Kumar Sasmal<br>Tarun Pattnaik |
| 5 | Manchanathdev H.S.-W-5 | Brahmananda Khuntia<br>Akhya Kumar Mohanty |
| 6 | Mahima Vidya Vihar Gyatrivihar | Nalini Samantray |
| 7 | Phase-II Primary School Saileshree Vihar-W-7 | Santosh Kumar Giri |
| 8 | Acharya Harihar College | Chandra Sekhar SHG |
| 9 | Rangamatia School | Babaji Charan Sahoo<br>Jagabandhu Sahoo |
| 10 | Silpa Anchalika H.S.-W-10 | Naresh Goswami |
| 11 | VSS Nagar High School | Anil Kumar Routray<br>Khirod Kumar Swain |
| 12 | New Govt.Colony building ,Near ICDS office | Bichitrananda Jena<br>Gobinda chandra Sahoo |
| 13 | Vivekananda School-W-13 | Subash Chandra Sahoo |
| 14 | Sector -IV UP School-Niladri Vihar-W-14 | Santosh Kumar Giri<br>Nabashakti WSHG |
| 15 | Rental High School | MFPS Bramunda |
| 16 | Govt.Polytechince Building | MFPS ID Market |
| 17 | Vanivihar School | Dilip Kumar Rout |
| 18 | Pandra UP School | Prasant Kumar Pradhan |
| 19 | Gadagopinath Highschool | Brajakishore Sahoo<br>Niranjan Swain |
| 20 | Loyola School | Kishore Sahoo<br>MFPS ID Market |
| 21 | Indiragandhi Pharmacy College | Rajashree Harichandan<br>MFPS ID Market |
| 22 | Cluster Community Center,Bharatpur | Sibashankar Achari<br>Ajya Kumar Gadabada<br>Laxmi Subudhi<br>Krushna Chandra Sahoo<br>Laxmidhar Das |
| 23 | Ghatikia ME school | Damodar Behera<br>Kabita Sahoo |
| 24 | Govt.UP School,Baramunda HB Colony | Annapaurna Jena<br>MFPS Bramunda |
| 25 | I.R.C.Govt. H.S.(N3)-W-25 | MFPS ID Market |
| 26 | Bijupattnaik College | MFPS ID Market |
| 27 | I.R.C.Primary School-(N6) | Kalyani General Store(Baman Charan Behera)<br>Smt.Sasmita Mishra |
| 28 | Tirupati Kalyan Mandap | Subash Chandra Panda |
| 29 | Girls H.S.Unit-9 | Rinku Store(Smt.Mamata Padhi) |
| 30 | Sahid Nagar H.S | Urbashi Swain (Parbati Store) MFPS Sahid Nagar |
| 31 | Palasuni UG ME School (Rasulgarh) | Srinibas Samantray<br>Sahid Nagar MFPS |
| 32 | Jharapada High School | Srinibas Samantray |
| 33 | Yatri Niwas | Sahid Nagar MFPS |
| 34 | Satya Nagar UP School | Ekamra Store(Madanmohan Rath)<br>Ranjan Store(Nalini Ranjan Mohanty)<br>Sarat Ch. Behera |
| 35 | Capital H.S.Unit-3 | Kalpana Store<br>Smt.Renubala Pattnaik |
| 36 | MLA Colony Primary School | Laxmi Store (Smt.Khirodini Rout)<br>Rajkishore Mahapatra<br>MFPS Unit-4 |
| 37 | Kasturaba Sikhyasadan,Nayapalli | Subash Chandra Panda |
| 38 | Devrai College,Naypalli | Ramaswarup Prasad |
| 39 | Utkalmani Nodal UP School | Rajendra Pattnaik |
| 40 | Govt Boy's Highschool Unit-1 | Secretariate 4th grade Employees Cooperative<br>Govt.Employees Cooperative store |
| 41 | Social Equity Centre,Kharavela Nagar | Ananta Charan Sahoo<br>Sundaramani Sahoo<br>Rajdhani General Store(Smt.Pramila Debi) |
| 42 | Budheswari Community Centre | Deepak Kumar Pattnaik<br>Consumer General Mart |
| 43 | Municipal High School | Ranjan Kumar Nayak |
| 44 | Badagada H.S.School-W-44 | Prasant Kumar Jena |
| 45 | Chinta Maniswar Girls H.S. | Bibhuti Bhusan Mangaraj |
| 46 | Govt.Girls H.S,Unit-6 | Alaka<br>Pravat Ranjan Mohanty |
| 47 | Unit-8 Community Centre | Pravas Kumar Maharathi<br>Sanjaya Das<br>Bilasi Rout<br>Chakradhar Samantray |
| 48 | Mangala Mandap,Unit-8 | Secretary Delta Primary Consumer Employees Cop. |
| 49 | Topoban Highschool | Ramachandra Das<br>Harihar Prusty |
| 50 | Baramunda Highschool | Gobinda Chandra Parida |
| 51 | Sevasharam School | Bhaskar Sahoo |
| 52 | Ganganagar Community Centre | Debabrata Mohapatra<br>Srivatsa Mohapatra<br>Manoranjan Das |
| 53 | Bapujinagar Primary School | Dilip Kumar Mohanty<br>Arun Kumar Das<br>Gourishankar Dasmahapatra<br>Debaprasad Sahoo |
| 54 | Ramakrushana Mission School | Dilip Kumar Mohapatra<br>Lingaraj Store<br>Parsuram Panda<br>Gouri Store<br>Deepak Mohapatra<br>Debabrata Mohapatra<br>Harihara Mahapatra<br>Debaprasad Sahoo |
| 55 | Goutam Nagar High school | Prasant Kumar Samantray |
| 56 | Arts Block ,BJB College | B.B.Pratistan<br>Bikram Dev Garabadu |
| 57 | Saraswati Sisumandir,Badagada | Bipin Kumar Mohanty<br>M.Manmadha Rao |
| 58 | Brahmeswar Patna UP School | Hemanta Kumar Senapati<br>Mamata Samantray |
| 59 | Nuagoan UP School | Nishmani Mohanty<br>Babuli Bisoi<br>Pramila Das<br>Anjana Mahapatra<br>Pradeep Kumar Sahoo |
| 60 | B.M. H.S., Oldtown | Kamalakanta Mahapatra<br>Saraswati Panda<br>Akhya Kumar Dixit<br>K.P. Mohapatra<br>Mamata Panda<br>Arati Mahapatra<br>Umakanta Garabadu(Kedar Gouri Store) |
| 61 | Bhimatangi U.P.School | Mangaraj Sahoo<br>Usharani Mahanty<br>Kabiraj Swain |
| 62 | Central School,Pokhariput | Kabiraj Swain |
| 63 | Khandagiri Govt.H.S.School | Saranga Dhar Pradhan<br>Smt.Basanti Patra |
| 64 | Dumuduma Village U.P. School | Nasim Khan<br>Dhiraj Kumar Jena |
| 65 | First Phase UP School,Dumduma | Santosh Ku. Subudhi<br>SuryaKanta Jena |
| 66 | Raghunath Nagar UP School | Monalisha Priyadarsani Pradhan |
| 67 | Ekamra College | Babaji Charan Champati<br>Tapan Kumar Mahapatra |



# ମଧୁର ପାଣିରେ ଚିଙ୍ଗୁଡ଼ି ଚାଷ

'ସ୍କାମ୍ପି' ଚିଙ୍ଗୁଡ଼ିକୁ ସାଧାରଣତଃ 'ନଦୀ ଚିଙ୍ଗୁଡ଼ି' ବା 'ଗଜାଚିଙ୍ଗୁଡ଼ି' ବୋଲି କୁହାଯାଇଥାଏ। ଏହା ବୃହଦାକାର ଓ ମଧୁର ଜଳରେ ଦ୍ରୁତ ବୃଦ୍ଧି ହୋଇଥାଏ। ଦେଶ ବିଦେଶରେ ଏହାର ବହୁଳ ଚାହିଦା ହେତୁ ଏହାକୁ ଚାଷ କରାଯାଇଥାଏ। ଏହି ଚିଙ୍ଗୁଡ଼ିକୁ ଏକୁଟି ଚାଷ ଏବଂ ମିଶ୍ରିତ ଚାଷ ମଧ କରାଯାଇପାରେ।

**ଚାଷ:** ଅଧ ଏକରରୁ ଅଧ ହେକ୍ଟର ଆୟତନ ପୋଖରୀକୁ ଦେଢ଼ମିଟରରୁ ଦୁଇମିଟର ଖୋଳି ଏହାର ନିମ୍ନାଂଶକୁ ସାମାନ୍ୟ ଗଡ଼ାଣିଆ କରି ଶେଷ ଭାଗକୁ ଖାଲୁଆ କରାଯାଇଥାଏ, ଯାହାଦ୍ୱାରା ଚିଙ୍ଗୁଡ଼ି ଅମଳ ସୁବିଧାରେ ହୋଇଥାଏ। ସାମାନ୍ୟ ଉଷ୍ମ ଜଳରେ ଏହା ଭଲ ବଢ଼ୁଥିବାରୁ ଆମ ରାଜ୍ୟର ଜଳବାୟୁ ଏହାର ଚାଷ ପାଇଁ ଅନୁକୂଳ। ଏହାର ପୋଷ୍ଟଲାର୍ଭାକୁ ୪୫ରୁ ୬୦ ଦିନ ପର୍ଯ୍ୟନ୍ତ ପ୍ରଥମେ ନର୍ସରୀ ପୋଖରୀରେ ଚାଷ କରିବା ପରେ ମୁଖ୍ୟ ପୋଖରୀରେ ଚାଷ କଲେ ଉତ୍ପାଦନ ଅଧିକ ହୋଇଥାଏ। ନର୍ସରୀ ପୋଖରୀ ବିନା ସହାୟତାରେ ମୁଖ୍ୟପୋଖରୀରେ ଚାଷ କଲେ ବଞ୍ଚିବା ହାର କମିଯାଏ ଓ ଉତ୍ପାଦନ ମଧ କମିଥାଏ।

ମାଛ ଚାଷ ପରି ଚିଙ୍ଗୁଡ଼ି ଚାଷରେ ମଧ ପୋଖରୀକୁ ପୂର୍ବ ପ୍ରସ୍ତୁତି କରାଯାଏ।

**ନର୍ସରୀ ପୋଖରୀ:** ପ୍ରାୟ ଏକମିଟର ଗଭୀରର ଛୋଟପୋଖରୀକୁ ନର୍ସରୀ ପାଇଁ ବ୍ୟବହାର କରାଯାଇଥାଏ। ଜଳାୟତନର ୧୦% ସ୍ଥାନରେ ପୋଷ୍ଟଲାର୍ଭା ଯାଆଁଳଙ୍କ ଆଶ୍ରୟ ପାଇଁ ଭାସମାନ ଦଳ ବଢ଼ାଯାଇପାରେ। ଦଳର ବିଶେଷ ବୃଦ୍ଧି ନ ହେବା ଲାଗି ଏହା ଚାରିପଟେ ପିଭିସି ପାଇପ୍ କିମ୍ବା ବାଉଁଶର ଫ୍ରେମ୍ ବାନ୍ଧିଦିଆଯାଏ। ନର୍ସରୀ ପୋଖରୀରେ ୮ରୁ ୧୦ମି.ଗ୍ରାମର ପୋଷ୍ଟଲାର୍ଭା ଯାଆଁଳ ବର୍ଗମିଟର ପ୍ରତି ୨୦ ସଂଖ୍ୟକ ହିସାବରେ ଛଡ଼ାଯାଇ ଦୈନିକ ଶରୀର ଓଜନର ଶତପ୍ରତିଶତ ସ୍ଫୁଲିତ କୃତ୍ରିମ ଗୁଣ୍ଡ ଖାଦ୍ୟ ପ୍ରଥମ ୧୫ ଦିନ ପର୍ଯ୍ୟନ୍ତ ଦିଅନ୍ତୁ। ଏହାପରେ ଦୈନିକ ୫୦ ପ୍ରତିଶତ ଓଜନର ଖାଦ୍ୟ ଦିଅନ୍ତୁ। କୃତ୍ରିମ ଖାଦ୍ୟ ଅନୁପସ୍ଥିତିରେ ବାଦାମପିଡ଼ିଆ ଓ କୁଣ୍ଡାର ମିଶ୍ରଣକୁ ଖାଦ୍ୟ ରୂପେ ଦିଆଯାଇପାରେ। ସକାଳେ ଓ ସନ୍ଧ୍ୟାରେ ଦିନକୁ ଦୁଇଥର ଖାଦ୍ୟକୁ ପୋଖରୀ ପାଣିରେ ବୁଣି ଦିଆଯାଏ। ଦୈନିକ ଆବଶ୍ୟକ ଖାଦ୍ୟର ପ୍ରାୟ ୬୫ ପ୍ରତିଶତ ସନ୍ଧ୍ୟା ସମୟରେ ଓ ୩୫ ପ୍ରତିଶତ ସକାଳେ ଦିଆଯାଇଥାଏ। ପୋଖରୀରେ ଅମ୍ଳଜାନ ବୃଦ୍ଧି ପାଇଁ ଦୈନିକ ୬ରୁ ୮ ଘଣ୍ଟା ଏରେଟର୍ ବ୍ୟବହାର କରାଯାଇପାରେ। ୨୮ରୁ ୩୨ ଡିଗ୍ରୀ ସେଣ୍ଟିଗ୍ରେଡ୍ ତାପମାତ୍ରାରେ ଯାଆଁଳର ଭଲ ବୃଦ୍ଧି ହୋଇଥାଏ। ନର୍ସରୀରେ ସର୍ବାଧିକ ଦୁଇମାସ ଚାଷ ମଧ୍ୟରେ ଯାଆଁଳ ପୋଷ୍ଟଲାର୍ଭାରୁ ୧ରୁ ୨ଗ୍ରାମ୍ ବିଶିଷ୍ଟ ଜୁଭେନାଇଲ୍ ହୋଇଥାନ୍ତି ଏବଂ ବଞ୍ଚିବା ହାର ପ୍ରାୟ ୬୦ରୁ ୭୦ ପ୍ରତିଶତ ହୋଇଥାଏ।

**ମୁଖ୍ୟପୋଖରୀରେ ଚିଙ୍ଗୁଡ଼ି ଚାଷ:** ଜୁଭେନାଇଲ୍ ଯାଆଁଳକୁ ୪ରୁ ୬ ମାସ ପର୍ଯ୍ୟନ୍ତ ମୁଖ୍ୟ ପୋଖରୀରେ ଚାଷ କରାଯାଏ। ଏହି ଯାଆଁଳକୁ ହେକ୍ଟର ପିଛା ୪୦,୦୦୦ରୁ ୫୦,୦୦୦ ସଂଖ୍ୟାରେ ଗଚ୍ଛିତ କରି ଏକୁଟି ଚାଷ କରାଯାଏ। ୨୫ରୁ ୩୦ ପ୍ରତିଶତ ପ୍ରୋଟିନ୍‌ଯୁକ୍ତ ପେଲେଟ୍ ଖାଦ୍ୟକୁ ପ୍ରଥମ ମାସରେ ଶରୀର ଓଜନର ୧୦ ପ୍ରତିଶତ ହାରରେ ପୋଖରୀ କୂଳରେ ବୁଣିଦିଆଯାଏ। ଦ୍ୱିତୀୟ ମାସଠାରୁ ଏହାକୁ ୩ ପ୍ରତିଶତ ହାରରେ ଦିଆଯାଇଥାଏ। ପେଲେଟ୍ ଖାଦ୍ୟ ଅନୁପସ୍ଥିତିରେ ବାଦାମପିଡ଼ିଆ, କୁଣ୍ଡା ଓ ମାଛଗୁଣ୍ଡର ମିଶ୍ରଣକୁ ପାଣିରେ ଚକଟି ଦିଆଯାଇଥାଏ। ଖାଦ୍ୟକୁ ଦୈନିକ ଦୁଇରୁ ତିନିଥର ଏବଂ ସନ୍ଧ୍ୟା ସମୟରେ ସର୍ବାଧିକ ପରିମାଣ ଦିଆଯାଇଥାଏ। ଦୈନିକ ଖାଦ୍ୟ ବିନିଯୋଗ ଜାଣିବା ପାଇଁ ପୋଖରୀର ବିଭିନ୍ନ ସ୍ଥାନରେ ୪ରୁ ୬ଟି ଚେକ୍‌ଟ୍ରେ ରଖାଯାଇଥାଏ। ସେହି ଅନୁସାରେ ଖାଦ୍ୟର ପରିମାଣକୁ ହ୍ରାସ ବୃଦ୍ଧି କରାଯାଇଥାଏ। ଚିଙ୍ଗୁଡ଼ି ଖୋଳପା ଛାଡ଼ିବା ସମୟରେ ଓ ଅଣ୍ଡା ସମୟରେ କମ୍ ଖାଉଥିବାରୁ, ଏହି ସମୟରେ ଖାଦ୍ୟ ପରିମାଣକୁ କମାଇ ଦିଆଯାଏ।

ପୋଖରୀରେ ଦେଢ଼ମିଟରରୁ ଦୁଇମିଟର ପର୍ଯ୍ୟନ୍ତ ଜଳ ଗଭୀରତା ରଖାଯାଏ। ପୋଖରୀର ଜଳର ଗୁଣ ନିୟମିତ ମପାଯାଏ। ସେହି ଅନୁସାରେ ମଝିରେ ମଝିରେ ପୋଖରୀରେ ଚୂନ, ସାର, ଗୋବର ଇତ୍ୟାଦି ପ୍ରୟୋଗ କରାଯାଏ। ପୋଖରୀ ପାଣିରେ ୩୦ରୁ ୪୦ ସେମିର ଜଳ ସ୍ୱଚ୍ଛତା ରହିବା ଆବଶ୍ୟକ। ସଘନ ଚିଙ୍ଗୁଡ଼ି ଚାଷରେ ଅଧିକ ଯାଆଁଳ ଛାଡ଼ି ଚାଷ କଲେ ପୋଖରୀ ପାଣିକୁ ନିୟମିତ ବଦଳାଇବା ଓ ଏରେଟର୍ ବ୍ୟବହାର କରି ପାଣିରେ ଅମ୍ଳଜାନ ବୃଦ୍ଧି କରିବା ଅପରିହାର୍ଯ୍ୟ ହୋଇପଡ଼େ। ପୋଖରୀରୁ ୪ର୍ଥ ମାସରୁ ଚିଙ୍ଗୁଡ଼ି ଅମଳ କଲେ, ଅମଳ ଅଧିକା ହେବା ସହିତ ଛୋଟ ଚିଙ୍ଗୁଡ଼ି ଶୀଘ୍ର ବଢ଼ିଥାଏ।

ବେଳେବେଳେ ପାଣିରେ ଅତ୍ୟଧିକ ଫାଇଟୋପ୍ଲାଙ୍କଟନ୍ ବୃଦ୍ଧି ପାଇ ପାଣି ନୀଳ ହୋଇଗଲେ, ପାଣିସ୍ତର କମିଗଲେ, ଦୀର୍ଘଦିନ ମେଘୁଆ ପାଗ ହେଲେ ପାଣିରୁ ଅମ୍ଳଜାନ ପରିମାଣ କମିଯାଏ। ଫଳରେ ଚିଙ୍ଗୁଡ଼ି ପାଣିର ଉପରସ୍ତରକୁ ଉଠିଆସନ୍ତି ଓ ପୋଖରୀ କୂଳରେ ଆଶ୍ରୟ ନିଅନ୍ତି। ଏଥିପାଇଁ ଅତିଶୀଘ୍ର ପାଣି ବଦଳାଇବା କିମ୍ବା ଏରେଟର୍ ଚାଲୁ କରିବା ଆବଶ୍ୟକ ହୋଇଥାଏ।

ସାଧାରଣତଃ ଏହି ଚିଙ୍ଗୁଡ଼ି ୪ରୁ ୬ ମାସ ମଧ୍ୟରେ ପ୍ରାୟ ୫୦ ଗ୍ରାମ୍ ଓଜନର ହୋଇ ବିକ୍ରିଯୋଗ୍ୟ ହୋଇଥାଏ। ଉତ୍ତମ ପରିଚାଳନାରେ ଏକ ହେକ୍ଟରରୁ ଗୋଟିଏ ଚାଷରେ ପ୍ରାୟ ଦେଢ଼ଟନ୍ ଚିଙ୍ଗୁଡ଼ି ଉତ୍ପାଦନ ହୋଇଥାଏ। ପୋଖରୀ ମଧ୍ୟରେ ଫିଙ୍ଗାଜାଲ ପକାଇ କିମ୍ବା ପୋଖରୀ ମଧ୍ୟରୁ ସମସ୍ତ ପାଣି ବାହାରକରି ତା'ପରେ ହାତରେ ଗୋଟାଇ ଚିଙ୍ଗୁଡ଼ି ଅମଳ କରାଯାଇପାରେ। ଚିଙ୍ଗୁଡ଼ି ଖୋଳପା ଛଡ଼ାଇବା ପୂର୍ବରୁ କିମ୍ବା ଖୋଳପା ଛଡ଼ାଇବା ପରେ ପରେ ଅମଳ କରାଯିବା ଆଦୌ ଉଚିତ ନୁହେଁ। ଏହାଦ୍ୱାରା ଚିଙ୍ଗୁଡ଼ି ମୂଲ୍ୟ ବହୁ କମିଯାଏ। ତେଣୁ ଖୋଳପା ଛଡ଼ାଯିବା ପରେ ଓ ପରବର୍ତ୍ତୀ ଖୋଳପା ଛାଡ଼ିବା ପୂର୍ବରୁ ଏହାକୁ ଯାଞ୍ଚ କରି ଅମଳ କରାଗଲେ ଚାଷୀ ଭଲ ଲାଭ ପାଇଥାଏ।



–ଦୀପ୍ତି କୁମାର ମହାପାତ୍ର

# ଜିଆଖତ

## ପନିପରିବାରୁ ଅଧିକ ଅମଳ ପାଇଁ ଜିଆଖତର ଆବଶ୍ୟକତା ଓ ପ୍ରସ୍ତୁତି ସମ୍ପର୍କରେ...

ଅତ୍ୟଧିକ ରାସାୟନିକ ସାର ପ୍ରୟୋଗ ଯୋଗୁ ମୃତ୍ତିକାର ଉତ୍ପାଦିକା ଶକ୍ତି ହ୍ରାସ ପାଉଛି, ତେଣୁ ଜମିରେ ଯେଉଁ ଫସଲ ଲଗାଉଛେ, ତାହାର ଆଶାନୁରୂପ ଅମଳ ପାଇପାରୁନୁ। ଏହାର ପ୍ରମୁଖ କାରଣ ହେଲା ଜମିରେ ଖତ କମ୍ ବ୍ୟବହାର କରୁଛୁ ବା ଆଦୌ ବ୍ୟବହାର କରୁନୁ। କୃଷି ଯାନ୍ତ୍ରୀକରଣ ଯୋଗୁ ଗୋରୁଙ୍କ ସଂଖ୍ୟା ଧୀରେ ଧୀରେ କମିଗଲାଣି। ତେଣୁ ଚାଷୀଭାଇମାନେ ଗୋବର ଖତର ବ୍ୟବହାର କମ୍ କରୁଛନ୍ତି। ଯେଉଁ ଚାଷୀ ଭାଇମାନେ ବ୍ୟବସାୟିକଭିତ୍ତିରେ ପରିବା ଚାଷ କରୁଛନ୍ତି ସେମାନଙ୍କ ପାଇଁ ଜମିରେ ଖତ ପ୍ରୟୋଗ କରିବା ନିହାତି ଆବଶ୍ୟକ। ଏହି ଆବଶ୍ୟକତାକୁ ସେମାନେ ଜିଆ ଖତରୁ ହିଁ ପାଇ ପାରିବେ।

ଜିଆଖତ ପ୍ରସ୍ତୁତି ପ୍ରଣାଳୀ ଏକ ପଦ୍ଧତି, ଯାହାଦ୍ୱାରା ଜୈବିକ ବର୍ଜ୍ୟବସ୍ତୁ ଓ ଗୋବର ମିଶ୍ରଣକୁ ଜିଆ ଏକ ଉର୍ବର ଖତରେ ପରିବର୍ତ୍ତନ କରେ। ଏହା ଏକ ଉପାଦେୟ ଖତ, ଯାହା ମୃତ୍ତିକାର ଜଳଧାରଣ ଶକ୍ତି ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଆବଶ୍ୟକତା ଅନୁସାରେ ଗଛକୁ ପୋଷକତତ୍ତ୍ୱ ଯୋଗାଏ। ଜିଆ ଖତରେ ୧.୬୮% ଯବକ୍ଷାରଜାନ, ୦.୨୩%ଫସଫରସ, ୧.୨୬% ପଟାସ ଅଛି । ଏହା ଛଡା ଦସ୍ତା, ତମ୍ବା, ମାଙ୍ଗାନିଜ ଓ ଲୌହ ଅଂଶ ମଧ ଅତି କମ୍ ମାତ୍ରାରେ ଅଛି। ଯାହାକି ଗଛର ଅମଳ ଓ ବୃଦ୍ଧିରେ ସାହାଯ୍ୟ କରେ । ଜିଆଖତ ଦୁଇ ପ୍ରକାର ପଦ୍ଧତିରେ ପ୍ରସ୍ତୁତ କରାଯାଏ। ଚଟାଣରେ ଜିଆଖତ ପ୍ରସ୍ତୁତି ଓ ଟାଙ୍କି ବା ଗାଡରେ ଜିଆ ଖତ ପ୍ରସ୍ତୁତି।

**ଚଟାଣରେ ଜିଆ ଖତ ପ୍ରସ୍ତୁତି:** ଏହି ପଦ୍ଧତିରେ ଅଳ୍ପ ଛାଇ ପାଉଥିବା ଉଚ୍ଚ ଚଟାଣ ଜିଆଖତ ପ୍ରସ୍ତୁତି ପାଇଁ ମନୋନୀତ କରାଯାଏ। ଅଧିକ ଆର୍ଦ୍ରତା ଥିବା ଥଣ୍ଡା ଜାଗା ଏହା ପାଇଁ ଉପଯୁକ୍ତ। ଜୈବିକ ବର୍ଜ୍ୟବସ୍ତୁ (ଘାସ/ଅଦରକାରୀ ପନିପରିବା/ ଅନ୍ୟାନ୍ୟ ଜୈବିକ ବସ୍ତୁ) ଗୋବରରେ ମିଶାଇ ୨ମିଟର x ୧ମିଟର x ୦.୫ ମିଟର– ଜାଗାରେ ରଖନ୍ତୁ। ଉପରୋକ୍ତ ବସ୍ତୁ ୧୫-୨୦ ଦିନ ମଧ୍ୟରେ ଅଧାଅଧି ଶଢିଯାଏ। ଏହାପରେ ୫୦୦ ସଂଖ୍ୟକ ଜିଆ ଏଥିରେ ଛାଡି ଦିଅନ୍ତୁ। ଏହି ଶଯ୍ୟା ଉପରେ ଝୋଟଅଖା ଘୋଡାଇ ଏହା ଉପରେ ସମୟ ସମୟରେ ପାଣି ଛିଞ୍ଚିଲେ ତାପମାତ୍ରା କମ୍ ରହିବା ସହ ଜଳୀୟ ଆର୍ଦ୍ରତା ଯୋଗୁ ଜିଆମାନେ ସକ୍ରିୟ ରହନ୍ତି। ଏହି ଉପାୟରେ ଜିଆଖତ, ପ୍ରାୟ ୭୫-୯୦ ଦିନ ମଧ୍ୟରେ ପ୍ରସ୍ତୁତ ହୋଇଥାଏ। ସମ୍ପୂର୍ଣ୍ଣ ପ୍ରସ୍ତୁତ ଜିଆଖତକୁ ଏକାଠି ଗଦା କରିଦେଲେ ଜିଆମାନେ ୨ରୁ ୩ ଘଣ୍ଟା ଭିତରେ ଖତ ଗଦାର ତଳ ଅଂଶକୁ ଚାଲିଯାଆନ୍ତି। ଉପରୋକ୍ତ ଜିଆଖତକୁ ଖରାରେ ଶୁଖାଇ ଚାଲୁଣିରେ ଚଲାଇ ପ୍ୟାକେଟରେ ବ୍ୟବହାର ପାଇଁ ରଖାଯାଇ ପାରେ।



ଟାଙ୍କିରେ ଜିଆଖତ ପ୍ରସ୍ତୁତି ଲାଗି ଶୁଷ୍କ ସ୍ଥାନ ନିରୂପଣ କରିବା ନିତାନ୍ତ ଆବଶ୍ୟକ। ଇଟା ଏବଂ ସିମେଣ୍ଟ ଦ୍ୱାରା ୩ ମିଟର ଲମ୍ୱା x ୧.୫ ମିଟର ପ୍ରସ୍ତ x ୦.୭ ମିଟର ଟାଙ୍କି ପ୍ରସ୍ତୁତ କରାଯାଏ। ଟାଙ୍କିର ଚଟାଣ ଗଡାଣିଆ ହେବା ସହିତ ସିମେଣ୍ଟରେ ପ୍ରସ୍ତୁତ ହେବା ଦ୍ୱାରା ନାଳଦେଇ ଅଦରକାରୀ ପାଣି ସହଜରେ ନିଷ୍କାସିତ ହୋଇଥାଏ। ଟାଙ୍କିର କାନ୍ଥ ୧୫ ଇଞ୍ଚ ଓସାର ହେବା ସହିତ ଉଭୟ ପାର୍ଶ୍ୱରେ ପଲସ୍ତରା କରନ୍ତୁ। ଏହି କାନ୍ଥର ଉପର ଭାଗରେ ୨ ଇଞ୍ଚ ଓସାରର ପାଣି ନାଳ ରହିବା ଦ୍ୱାରା ପିମ୍ପୁଡି ତଥା ଅନ୍ୟମାନଙ୍କ ପ୍ରବେଶକୁ ପ୍ରତିରୋଧ କରାଯାଇପାରେ। ଖରା ବର୍ଷାରୁ ରକ୍ଷା ପାଇବା ପାଇଁ ଉକ୍ତ ଟାଙ୍କି ଉପରେ ଛାଉଣି କରନ୍ତୁ। ସମସ୍ତ ଜୈବିକ ବର୍ଜ୍ୟବସ୍ତୁ (ଘାସ/ଅଦରକାରୀ ପରିବା ତଥା ଅନ୍ୟାନ୍ୟ ଜୈବିକ ପଦାର୍ଥ) ଗୋବର ସହିତ ମିଶାଇ ଦିଅନ୍ତୁ। ଉପରୋକ୍ତ ପଦାର୍ଥକୁ ୧୫-୨୦ ଦିନ ପର୍ଯ୍ୟନ୍ତ ଶଢିବାକୁ ଦିଅନ୍ତୁ। ତା'ପରେ ୫୦୦-୧୦୦୦ ସଂଖ୍ୟକ ଜିଆ ଏହି ଜୈବିକ ବର୍ଜ୍ୟବସ୍ତୁ ଉପରେ ଛାଡନ୍ତୁ। ଉପଯୁକ୍ତ ଜଳୀୟ ଅଂଶ ତଥା ତାପମାତ୍ରା ଜିଆମାନଙ୍କୁ ସତେଜ ରଖେ। ସମ୍ପୂର୍ଣ୍ଣ ଜିଆଖତକୁ ଏକାଠି ଗଦା କରିଦେଲେ ଜିଆମାନେ ୨-୩ ଘଣ୍ଟା ମଧ୍ୟରେ ଖତଗଦାର ତଳ ଅଂଶରେ ଏକତ୍ରିତ ହୁଅନ୍ତି। ଉକ୍ତ ଜିଆଙ୍କୁ ପୁଣି ଅଧାଶଢା ଖତ ଉପରେ ଛାଡନ୍ତୁ। ସମ୍ପୂର୍ଣ୍ଣ ଜିଆଖତକୁ ଶୁଖାଇ ଚାଲୁଣିରେ ଚଲାଇ ପନିପରିବା ଖେତରେ ବ୍ୟବହାର କରାଯାଏ।

ଜିଆଖତ ପ୍ରସ୍ତୁତିରେ ବ୍ୟବହାର ହେଉଥିବା ଜିଆ ପ୍ରଜାତି ହେଲା ଆଫ୍ରିକୀୟ ପ୍ରଜାତି ତଥା ଇଶେନିଆ ଫୋଟିଡା, ଯାହାକି ଭାରତୀୟ ଜଳବାୟୁରେ ବଂଶବୃଦ୍ଧି କରିବା ସହ ଭଲ ଜିଆଖତ ପ୍ରସ୍ତୁତି କରେ। ଜିଆଖତ ପ୍ରସ୍ତୁତି ପାଇଁ ଅଦରକାରୀ ପନିପରିବା ଚୋପା, ପତ୍ର, ଘାସ ପୋଖରୀରେ ଦେଖାଯାଉଥିବା ଦଳ ଇତ୍ୟାଦି ବ୍ୟବହାର କରାଯାଏ। ଜିଆଖତ ପ୍ରସ୍ତୁତିରେ ପଲିଥିନ ଜାତୀୟ ବର୍ଜ୍ୟବସ୍ତୁ ବ୍ୟବହାର କରନ୍ତୁ ନାହିଁ। ସମ୍ପୂର୍ଣ୍ଣ ଶୁଷ୍କ କିମ୍ବା ଅତ୍ୟଧିକ ଦଳ ଜିଆମାନଙ୍କର ମୃତ୍ୟୁର କାରଣ ହୋଇଥାଏ। ସେଥିପାଇଁ ଚାଷୀଭାଇମାନେ ଯତ୍ନବାନ ହୁଅନ୍ତୁ। ନିଶ୍ଚିତ ଭାବରେ ଜିଆଦ୍ୱାରା ପ୍ରସ୍ତୁତ ଖତ ପନିପରିବା ଫସଲର ଅମଳ ବୃଦ୍ଧି ସହ ଚାଷୀଭାଇମାନଙ୍କୁ ଲାଭାନ୍ୱିତ କରିବ।

–ପ୍ରାର୍ଥନା ମହାନ୍ତି



ପ୍ରଥମ ପୃଷ୍ଠାରୁ...

## ଜେଇଇ ଆଡ୍‌ଭାନ୍ସ ...

ମଙ୍ଗଳବାର ଟୁଇଟ୍ କରି ଜଣାଇଛନ୍ତି। ଅନ୍ୟପକ୍ଷରେ ଆଇଆଇଟି ଭୁବନେଶ୍ୱରରେ ଇଣ୍ଟରନେଟ୍ ସେବା ପୂର୍ଣ୍ଣକାର୍ଯ୍ୟକ୍ଷମ ରହିଥିବାରୁ ଛାତ୍ରୀଛାତ୍ରୀମାନେ ଏଠାରେ ପଞ୍ଜୀକରଣ କରିପାରିବେ ବୋଲି ସେ କହିଛନ୍ତି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ଯେ, ଆଇଆଇଟି ଭୁବନେଶ୍ୱର କ୍ୟାମ୍ପସରେ ଜେଇଇ ଆଡ୍‌ଭାନ୍ସ ପଞ୍ଜୀକରଣ ପାଇଁ ଏକ ସ୍ୱତନ୍ତ୍ର କାଉଣ୍ଟର ଖୋଲାଯାଇଛି। ଯେଉଁ ଛାତ୍ରୀଛାତ୍ରମାନେ ଏହି ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ସେମାନେ ଏହି କାଉଣ୍ଟରରେ ପଞ୍ଜୀକରଣ କରିପାରିବେ। ଏଥିପାଇଁ ଏଠାରେ ସମସ୍ତ ସହଯୋଗ ମିଳିବ।

## ଆଇସିଏସ୍‌ଇ ଦଶମ ...

୨୪ଜଣ ଛାତ୍ରୀଛାତ୍ର ୯୯.୨୦ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି କଲିକତାର ଦିଓ୍ୱାଙ୍ଗ କୁମାର ଅଗ୍ରଓ୍ୱାଲ ଓ ବେଙ୍ଗାଲୁରୁର ବିଭା ସ୍ୱାମୀନାଥନ୍ ପ୍ରଥମଥର ପାଇଁ ୧୦୦ ପ୍ରତିଶତ ନମ୍ବର ରଖି ଆଇଏସ୍‌ସି ଦ୍ୱାଦଶ ପରୀକ୍ଷାରେ ଟପ୍ପର ହୋଇଛନ୍ତି। ଦ୍ୱାଦଶରେ ୧୬ଜଣ ଛାତ୍ରୀଛାତ୍ର ୯୯.୭୫ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ୩୬ଜଣ ଛାତ୍ରୀଛାତ୍ର ୯୯.୫୦ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି। ଏହି ଦୁଇ ପରୀକ୍ଷାରେ ଛାତ୍ରୀମାନେ ବାଜିମାତ୍ କରିଛନ୍ତି। ଛାତ୍ରଙ୍କ ପାସ୍‌ହାର ତୁଳନାରେ ଛାତ୍ରୀଙ୍କ ପାସ୍‌ହାର ଅଧିକ ରହିଛି। ଆଇସିଏସ୍‌ଇ ଦଶମ ପରୀକ୍ଷାରେ ଛାତ୍ରୀଙ୍କ ପାସ୍‌ହାର ୯୯.୫ ପ୍ରତିଶତ ଥିବାବେଳେ ଛାତ୍ରଙ୍କ ପାସ୍‌ହାର ୯୮.୧୨ ପ୍ରତିଶତ ରହିଛି। ସେହିଭଳି ଆଇଏସ୍‌ସି ଦ୍ୱାଦଶ ପରୀକ୍ଷାରେ ଛାତ୍ରୀଙ୍କ ପାସ୍‌ହାର ୯୭.୮୪ ପ୍ରତିଶତ ଓ ଛାତ୍ରଙ୍କ ପାସ୍‌ହାର ୯୫.୪ ପ୍ରତିଶତ ରହିଛି। ଛାତ୍ରୀଛାତ୍ର ନିଜର ପରୀକ୍ଷା ଫଳ ୱେବ୍‌ସାଇଟ୍‌ରେ ଦେଖିପାରିବେ।

## ପୁନରୁଦ୍ଧାର କାର୍ଯ୍ୟରେ ...

ଦେବାକୁ ପଡୁଛି ବୋଲି ଶକ୍ତି ବିଭାଗ ପକ୍ଷରୁ କୁହାଯାଇଛି। ଘରୋଇ ମୋବାଇଲ ଟାଓ୍ୱାର କିମ୍ବା କେନ୍ଦ୍ର ସରକାରଙ୍କ ଅଧୀନ ବିଏସଏନଏଲ ମଧ ଠିକ୍ ଭାବେ କାର୍ଯ୍ୟ କରୁନାହିଁ। କେଉଁଠି ସିଗ୍‌ନାଲ ମିଳିଲେ କେଉଁଠି ନାହିଁ। ଯେଉଁଠି ସିଗ୍‌ନାଲ ମିଳୁଛି କଥା ହେଉ ହେଉ କଟିଯାଉଛି।

ପୁରୀ ଓ ଭୁବନେଶ୍ୱର ସହରକୁ କେବେ ସୁଦ୍ଧା ସମ୍ପୂର୍ଣ୍ଣ ବିଦ୍ୟୁତ୍ ଯୋଗାଇବା ସମ୍ଭବ ହେବ ତାହାର ଉତ୍ତର ଶକ୍ତି ବିଭାଗ ପାଖରେ ନାହିଁ। ଯୋଗାଯୋଗ ସାଙ୍ଗକୁ ବିଦ୍ୟୁତ ଖୁଣ୍ଟ ଓ କର୍ମଚାରୀଙ୍କ ଅଭାବ ଏହି ସମସ୍ୟାକୁ ବହୁଗୁଣିତ କରିଛି। ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟରେ ୪ ହଜାର କର୍ମଚାରୀ ଲାଗିଛନ୍ତି। ତେବେ ଆହୁରି ୧୨ ହଜାର କର୍ମଚାରୀଙ୍କର ଆବଶ୍ୟକତା ରହିଛି ବୋଲି ଶକ୍ତି ବିଭାଗ ପକ୍ଷରୁ କୁହାଯାଇଛି। ବାତ୍ୟାରେ ଦେଢ଼ ଲକ୍ଷ ବିଦ୍ୟୁତ୍ ଖୁଣ୍ଟ ନଷ୍ଟ ହୋଇଛି। ପୁନରୁଦ୍ଧାର କାର୍ଯ୍ୟ ଜୋରଦାର ଚାଲିଛି। ଏ ପର୍ଯ୍ୟନ୍ତ ଅନୁଗୋଳ, ଢେଙ୍କାନାଳ, ନୟାଗଡ, ଗଞ୍ଜାମ, ଗଜପତି, ରାୟଗଡା, କନ୍ଧମାଳରେ ୧୦୦ ପ୍ରତିଶତ ବିଦ୍ୟୁତ୍ ଯୋଗାଇ ଦିଆଯାଇଥିବା ବେଳେ ପୁରୀରେ ପୁନରୁଦ୍ଧାର କାର୍ଯ୍ୟ ଚାଲିଛି। ଭୁବନେଶ୍ୱରରେ ବିମାନବନ୍ଦର, ରେଳଷ୍ଟେଶନ, ସଚିବାଳୟ, କ୍ୟାପିଟାଲ ହସ୍ପିଟାଲ, ଜରୁରୀ ସେବା ଅଞ୍ଚଳ ସହିତ ୨୦୦ରୁ ଊର୍ଦ୍ଧ୍ୱ ଘରୋଇ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଦିଆଯାଇଛି। ପର୍ଯ୍ୟାୟ କ୍ରମେ ସମସ୍ତ ଅଞ୍ଚଳକୁ ବିଦ୍ୟୁତ ଯୋଗାଇ ଦିଆଯିବ। କେନ୍ଦ୍ରାପଡ଼ା ଜିଲାର ୪୦ ପ୍ରତିଶତ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଥିବା ବେଳେ କଟକରେ ୫୦, ଜଗତ୍‌ସିଂହପୁର ୫୦, ଯାଜପୁର ଜିଲାରେ ୮୦ ପ୍ରତିଶତ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଥିବା ଶକ୍ତି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସହରର ପ୍ରମୁଖ ରାସ୍ତା ଓ ଗଳିକନ୍ଦି ରାସ୍ତାରୁ ଗଛ ହଟି ଯାଇଛି । ରିଲିଫ ବଣ୍ଟନ କାର୍ଯ୍ୟ ଜାରି ରହିଛି। ପ୍ରଭାବିତ ଜିଲାର ଜିଲାପାଳଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତି ଅଧ ଘଣ୍ଟାରେ ଥରେ ପୁନରୁଦ୍ଧାର କାର୍ଯ୍ୟର ଟିକିନିଖି ଅନୁଧ୍ୟାନ କରୁଛନ୍ତି ବୋଲି ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ.ଡି. ଦେବେଗୌଡା ଏବଂ କର୍ନାଟକ ମୁଖ୍ୟମନ୍ତ୍ରୀ ଏଚ.ଡି. କୁମାରସ୍ୱାମୀ ମଙ୍ଗଳବାର ଅପରାହ୍ଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଟେଲିଫୋନ ଯୋଗେ ବାତ୍ୟା କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରିଛନ୍ତି। ଏଭଳି ବିପତ୍ତିରେ କର୍ନାଟକ ଓଡିଶାବାସୀଙ୍କ ସହ ଦୃଢତାର ସହ ଛିଡ଼ା ହୋଇଛି। କର୍ନାଟକ ସରକାର ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି ଉଭୟ କହିଛନ୍ତି। ବାତ୍ୟା ପୁନରୁଦ୍ଧାର ନେଇ କେନ୍ଦ୍ର କ୍ୟାବିନେଟ ସଚିବ ପି. କେ. ସିହ୍ନା ଭିଡିଓ କନ୍‌ଫରେନ୍ସ ଜରିଆରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ସହ ଆଲୋଚନା କରିଛନ୍ତି।

ଭୁବନେଶ୍ୱରରେ ୬୫ଟି ଟିମ୍ ରାସ୍ତା ସଫା କାର୍ଯ୍ୟରେ ନିୟୋଜିତ ହୋଇଥିବା ବେଳେ ସେସୁକୁ ସହଯୋଗ କରିବାକୁ ୨୬ଟି ଅଗ୍ନିଶମ ବିଭାଗ ଟିମ୍ ଗଛ କାଟିବା ଦାୟିତ୍ୱରେ ନିୟୋଜିତ ରହିଛନ୍ତି। ଜଳ ଯୋଗାଣ କାର୍ଯ୍ୟରେ ମଧ ଏହି ଟିମ୍ ସହଯୋଗ କରୁଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ୨୪ଘଣ୍ଟା ମଧ୍ୟରେ ଜଳ ଯୋଗାଣ ସ୍ୱାଭାବିକ ହେବ : ସରକାର

ଭୁବନେଶ୍ୱର,୭।୫(ବ୍ୟୁରୋ): ବାତ୍ୟା ପ୍ରଭାବିତ ସହରାଞ୍ଚଳରେ ରାଜ୍ୟ ସରକାର କେତେ ମାତ୍ରାରେ ପାନୀୟ ଜଳ ଯୋଗାଣର ପୁନରୁଦ୍ଧାର କରିଛନ୍ତି ତାର ହିସାବ ରଖିଛନ୍ତି। ରାଜ୍ୟ ସରକାରଙ୍କ କହିବାନୁଯାୟୀ, ପୁରୀ ସହରରେ ପାନୀୟ ଜଳର ଆବଶ୍ୟକତା ୩୬ଏମ.ଏଲ.ଡି ଥିବାବେଳେ ମଙ୍ଗଳବାର ସକାଳ ୫ଟା ସୁଦ୍ଧା ୨୪ଟି ଡିଜେଲ ଚାଳିତ ଜେନେରେଟର ୩୩ଟି ପାଣି ଟାଙ୍କି ଓ ୧୦୦ ପି.ଭି.ସି ଟ୍ୟାଙ୍କର ମାଧ୍ୟମରେ ଜଳ ଯୋଗାଣ ସୁବ୍ୟବସ୍ଥିତ କରାଯାଇପାରିଛି। ସମସ୍ତ ୱାର୍ଡକୁ ବିଶୁଦ୍ଧ ପାଇପ୍ ପାଣି ଯୋଗାଇବାକୁ ସରକାର ସକ୍ଷମ ହୋଇଛନ୍ତି। ସେହିପରି ରାଜଧାନୀରେ ପାନୀୟ ଜଳ ଆବଶ୍ୟକତା ୨୦୦ ଏମ୍ .ଏଲ.ଡି ଥିବାବେଳେ ୧୮୪ଏମ୍.ଏଲ.ଡି ପାନୀୟ ଜଳ ଯୋଗାଇ ଦିଆଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ୧୧୦ଟି ଜେନେରେଟର ଓ ୧୩୬ପାଣି ଟାଙ୍କି ଏବଂ ୬ଶହ ପି.ଭି.ସି ପାଇପ ଟାଙ୍କି ବ୍ୟବହାର କରାଯାଇ ସହରର ସମସ୍ତ ୱାର୍ଡକୁ ବିଶୁଦ୍ଧ ପାଣି ଯୋଗାଯାଇଛି। ସେହିପରି କଟକ ସହରରେ ୧୦୮ ଏମ.ଏଲ.ଡି ପାନୀୟ ଜଳର ଆବଶ୍ୟକତା ଥିଲା। ମଙ୍ଗଳବାର ସୁଦ୍ଧା ଏଥିରୁ ୮୫ଏମ.ଏଲ.ଡି ଜଳ ଯୋଗାଇ ଦିଆଯାଇଛି। ଏହା ମୋଟ ଜଳ ଯୋଗାଣର ଶତକଡା ୮୦ଭାଗ ଅଟେ। ଏଥିଲାଗି ୫୯ ଡିଜେଲ ଜେନେରେଟର, ୩୬ପାଣି ଟାଙ୍କି ଓ ୧୫୦ରୁ ଅଧିକ ପି.ଭି.ସି ଟାଙ୍କି ବ୍ୟବହାର କରାଯାଇଛି। ଆସନ୍ତା ୨୪ଘଣ୍ଟା ମଧ୍ୟରେ କଟକରେ ଜଳ ଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ସ୍ୱାଭାବିକ କରିବାକୁ ଲକ୍ଷ୍ୟ ରଖାଯାଇଥିବା ରାଜ୍ୟ ସରକାର କହିଛନ୍ତି।

# ଗେଷ୍ଟ ହାଉସ୍‌ରେ ତାଲା ପକାଇଲା ପୋଲିସ

**ପ୍ରେମୀଯୁଗଳଙ୍କ ମୃତଦେହ ଉଦ୍ଧାର ଘଟଣା**

- ଗେଷ୍ଟ ହାଉସ୍‌ର ୩ କର୍ମଚାରୀ ଅଟକ
- ଡାକ୍ତରଖାନା ପରିସରରେ ଉତ୍ତେଜନା
- ଏକ ପ୍ଲାଟୁନ୍ ଫୋର୍ସ ମୁତୟନ ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଲା

ଭଦ୍ରକ ଅଫିସ, ୭।୫

ଭଦ୍ରକର କୁଆଁସ ରାସ୍ତା କଡରେ ଥିବା ସାଳନ୍ଦୀ ଗେଷ୍ଟ ହାଉସରୁ ସୋମବାର ପ୍ରେମୀଯୁଗଳଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର ଘଟଣା ସହରରେ ଆଲୋଡନ ସୃଷ୍ଟି କରିଛି। ଟାଉନ ଥାନା ପୋଲିସ ତଦନ୍ତ ଚଳାଇ ସେମାନଙ୍କୁ ଚିହ୍ନଟ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁହେଁ ଭିନ୍ନ ସମ୍ପ୍ରଦାୟର ହୋଇଥିବାରୁ ସାମାଜିକ ସ୍ୱୀକୃତି ନ ପାଇବା ଭୟରେ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ପୋଲିସ କହିଛି। ଅନ୍ୟପକ୍ଷେ ଗେଷ୍ଟ ହାଉସ କର୍ମଚାରୀଙ୍କ କାର୍ଯ୍ୟରେ ସନ୍ଦେହ ପ୍ରକାଶ କରି ପୋଲିସ ରେଜିଷ୍ଟର ଜବତ କରିବା ସହ ୩ କର୍ମଚାରୀଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଅନ୍ୟପକ୍ଷେ ଗେଷ୍ଟ ହାଉସରେ ପୋଲିସ ତାଲା ପକାଇ ଦେଇଛି। ସୋମବାର ଅପରାହ୍ଣରେ ବାଲେଶ୍ୱରରୁ ଆସିଥିବା ଏକ ସାଇଣ୍ଟିଫିକ୍ ଟିମ୍ ଗେଷ୍ଟ ହାଉସ ପରିସରରେ ତଦନ୍ତ କରି ଫେରିଛି।

ପୋଲିସ ସୂଚନା ଅନୁଯାୟୀ ଏହି ପ୍ରେମୀ ଯୁଗଳ ସୋମବାର ସକାଳେ ସାଳନ୍ଦୀ ଗେଷ୍ଟ ହାଉସକୁ ଆସି ୧୦୭ ନମ୍ବର ରୁମ୍ ଭଡା ନେଇ ରହିଥିଲେ। ୩ ଘଣ୍ଟା ପରେ ସେମାନଙ୍କ ରକ୍ତାକ୍ତ ମୃତଦେହ ରୁମ୍‌ରେ ପଡ଼ିଥିବା ଗେଷ୍ଟ ହାଉସ କର୍ମଚାରୀ ଦେଖିବାକୁ ପାଇଥିଲେ। ଟାଉନ ଥାନା ପୋଲିସ ସେଠାରେ ପହଞ୍ଚି ତନାଘନା ଆରମ୍ଭ କରିଥିଲା। ପରେ ମୃତ ଯୁବକଙ୍କୁ ଚିହ୍ନଟ କରାଯାଇଥିଲା। ତାଙ୍କ ନାମ ମହମ୍ମଦ ଅବଦୁଲ ରଜାକ୍ ଏବଂ ଘର ପୁରୁଣାବଜାର ମୂଳାସାହିରେ ବୋଲି ଜଣାପଡ଼ିଥଲା। ମୃତା ଯୁବତୀ ଏକ ହିନ୍ଦୁ ପରିବାରର । ସେ ଯୁକ୍ତ ୨ ଶ୍ରେଣୀର ଛାତ୍ରୀ ଥିଲେ। ତାଙ୍କ ଘର ସ୍ଥାନୀୟ ସହରରେ ବୋଲି ପୋଲିସ କହିଛି।

ଜେରା ବେଳେ ଗେଷ୍ଟ ହାଉସ କର୍ମଚାରୀ କହିଛନ୍ତି ଯେ, ଏହି ଯୁବତୀଯୁବକ ଦ୍ୱୟ ସୋମବାର ସକାଳ ୬ଟା ୨୦ ମିନିଟ୍ ବେଳେ ଆସି ଗେଷ୍ଟ ହାଉସ୍‌ରେ ପହଞ୍ଚିଥିଲେ। ସେମାନେ ଏକ ରୁମ୍ ଭଡାରେ ନେଇ ରହିଥିଲେ। ଦେଢଘଣ୍ଟା ପରେ ରୁମ୍ ମଧ୍ୟରୁ ପାଟି ଶୁଣାଯିବାରୁ ଜଣେ କର୍ମଚାରୀ ସନ୍ଦେହରେ ସେଠାକୁ ଯାଇ କବାଟ ବାଡେଇଥିଲେ। ରୁମ୍ ଭିତରୁ ଦୁହିଁଙ୍କ ଶବ୍ଦ ଶୁଣି ଫେରି ଆସିଥିଲେ। କିଛି ସମୟ ପରେ ଆଉ କିଛି ସ୍ୱରଶବ୍ଦ ଶୁଣା ନ ଯିବାରୁ କର୍ମଚାରୀମାନେ ସନ୍ଦେହ କରି ରୁମ୍ କବାଟ ଖୋଲିବାରୁ ଦୁହେଁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ଦେଖିଥିଲେ। ସେମାନେ ଧାରୁଆ ଅସ୍ତ୍ରରେ ଦେହକୁ କାଟିଥିବା ଅନୁମାନ କରାଯାଉଛି। ଟାଉନ ଥାନା ଅଧିକାରୀ ସରୋଜିନୀ ସିଂ ଗେଷ୍ଟ ହାଉସ୍‌ରେ ପହଞ୍ଚି ରକ୍ତାକ୍ତ ଅବସ୍ଥାରେ ପଡିଥିବା ଯୁବତୀ ଓ ଯୁବକ ଦ୍ୱୟଙ୍କୁ ଉଦ୍ଧାର କରି ଭଦ୍ରକ ଜିଲା ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତଦନ୍ତରେ ଅଧିକ ଅଗ୍ରଗତି ଘଟିବ ବୋଲି ଥାନା ପକ୍ଷରୁ କୁହାଯାଇଛି।

ଉଲ୍ଲେଖନୀୟ ଯେ, ସୋମବାର ଜିଲା ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦକୁ ନିଆଯାଇଥିବା ବେଳେ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଅତିରିକ୍ତ ଏସ୍‌ପି କୈଳାସ ଚନ୍ଦ୍ର ପରିଡ଼ା, ଗ୍ରାମାଞ୍ଚଳ ଥାନା ଅଧିକାରୀ ଦୟାନିଧି ଦାସ, ପୁରୁଣା ବଜାର ଥାନା ଅଧିକାରୀ ପ୍ରଜ୍ଞା ମହାନ୍ତି ଏବଂ ଏସ୍‌ଡିପିଓ ଜଳନ୍ଧର ଜାଲି ଏକ ପ୍ଲାଟୁନ ଫୋର୍ସ ସହ ସେଠାରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।

> ମହିଳା ଟି୨୦ ଚ୍ୟାଲେଞ୍ଜର ଓପନିଂ ମ୍ୟାଚରେ ଦର୍ଶକଙ୍କ ଉପସ୍ଥିତି ଉତ୍ସାହଜନକ ନ ଥିଲା, କିନ୍ତୁ ଭବିଷ୍ୟତରେ ଆମେ ହାଉସ୍‌ଫୁଲ୍ ଆଶା କରୁଛୁ ।
> –ସୋଫି ଡିଭାଇନ୍, ନ୍ୟୁଜିଲାଣ୍ଡ ଅଲରାଉଣ୍ଡର

> ଆଫଗାନିସ୍ତାନ ଦଳର ଲମ୍ବା ଭବିଷ୍ୟତକୁ ଦୃଷ୍ଟିରେ ରଖି ଅସଘର ଆଫଗାନଙ୍କୁ ଦିନିକିଆ ଅଧିନାୟକ ପଦବୀରୁ ହଟାଇ ଦିଆଯାଇଛି ।
> –ଦୌଲତ ଖାଁ ଅହମ୍ମଦଜାଇ, ଆଫଗାନିସ୍ତାନ ମୁଖ୍ୟ ଚୟନକର୍ତ୍ତା

## ସଂକ୍ଷେପରେ

### ଆସନ୍ତାବର୍ଷ ପ୍ରାରମ୍ଭରେ ଭାରତ-ଅଷ୍ଟ୍ରେଲିଆ ଦିନିକିଆ ସିରିଜ

**ମେଲବୋର୍ନ,୭।୫(ପି.ଟି.):** ଆସନ୍ତାବର୍ଷ ପ୍ରାରମ୍ଭରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଏକ ଦିନିକିଆ ସିରିଜ ଆୟୋଜନ ହେବା ସ୍ପଷ୍ଟ ହୋଇଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଏହି ସିରିଜ ଖେଳିବାକୁ ଉଭୟ ଦେଶର ବୋର୍ଡ ଶେଷରେ ରାଜି ହୋଇଛନ୍ତି। ଭାରତରେ ଏହି ସିରିଜ ଖେଳିବାକୁ କ୍ରିକେଟ ଅଷ୍ଟ୍ରେଲିଆ ସମ୍ମତି ପ୍ରକାଶ କରିଛି। ଜୟପୁରରେ ଆରମ୍ଭ ହୋଇଥିବା ମିନି ଟି୨୦ ଲିଗ୍‌ରେ ଅଷ୍ଟ୍ରେଲିଆ ତା'ର ୩ ମହିଳା ଖେଳାଳିଙ୍କୁ ସାମିଲ କରିବାର ନେଇ କଥା ଦେଇଥିଲେ ମଧ ଶେଷରେ ଓହରିଯାଇଥିଲା ଓ ଏ ନେଇ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ତେବେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ କ୍ରିକେଟ ଅଷ୍ଟ୍ରେଲିଆ ମତପାର୍ଥକ୍ୟ ଦୂର କରିବା ପରେ ଏହି ସିରିଜ ଆୟୋଜନ ନେଇ ପଥ ପରିଷ୍କାର ହୋଇଛି। ତେଣୁ ଆସନ୍ତା ଜାନୁୟାରୀ ମଧ ଭାଗରେ ଅଷ୍ଟ୍ରେଲିଆ ଏକ ୧୦ ଦିନିଆ ଭାରତ ଗସ୍ତରେ ଆସି ୩ଟି ଦିନିକିଆ ମ୍ୟାଚ୍ ଖେଳିବ। ଏ ନେଇ କ୍ରିକେଟ ଅଷ୍ଟ୍ରେଲିଆ ତା'ର ଅଫିସିଆଲ ୱେବ୍ ସାଇଟ୍‌ରେ ଉଲ୍ଲେଖ କରିଛି। ଚଳିତ ମାସ ପ୍ରାରମ୍ଭରେ କ୍ରିକେଟ ଅଷ୍ଟ୍ରେଲିଆ ମୁଖ୍ୟ କାର୍ଯ୍ୟନିର୍ବାହୀ କେଭିନ୍ ରୋବର୍ଟ୍ସ ଓ ବିସିସିଆଇ ପଦାଧିକାରୀ ରାହୁଲ ଜୋହରିଙ୍କ ମଧ୍ୟରେ ମଧ ଏ ନେଇ ଆଲୋଚନ ହୋଇଥିଲା।

### ତୀରନ୍ଦାଜୀ ବିଶ୍ୱକପ୍ କମ୍ପାଉଣ୍ଡ କ୍ୱାଲିଫିକେଶନ୍: ଟପ୍-୧୦ରେ ପ୍ରବୀଣ

**ଶାଙ୍ଘାଇ,୭।୫(ପି.ଟି.):** ଏଠାରେ ଚାଲିଥିବା ତୀରନ୍ଦାଜୀ ବିଶ୍ୱକପ୍ ଷ୍ଟେଜ୍-୨ କ୍ୱାଲିଫିକେଶନ ରାଉଣ୍ଡରେ ଭାରତୀୟ ତୀରନ୍ଦାଜ ପ୍ରବୀଣ କୁମାର ନବମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ଏଥି ସହିତ ତାରକା କମ୍ପାଉଣ୍ଡ ତୀରନ୍ଦାଜ ପ୍ରବୀନ ଟପ୍-୧୦ରେ ସ୍ଥାନ ହାସଲ କରି ସଫଳ ପ୍ରଦର୍ଶନ କରିଛନ୍ତି। ଅନ୍ୟପଟେ ଭାରତୀୟ ପୁରୁଷ ଦଳ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ପ୍ରବୀଣ ୭୦୪ ଶୁଟ୍ କରି ଶୀର୍ଷରେ ଥିବା ଆମେରିକାର ମ୍ୟାଟ ସୁଲିଭାନଙ୍କଠାରୁ ମାତ୍ର ୮ ପଏଣ୍ଟ ପଛରେ ରହିଛନ୍ତି। ଏଥିସହିତ ପ୍ରବୀଣ ଦ୍ୱିତୀୟ ରାଉଣ୍ଡରେ ବାଏ ପାଇଛନ୍ତି। ପ୍ରବୀଣଙ୍କ ଟିମ୍ ମେଟ୍ ଲଭଜୋତ ସିଂ ଓ ଗୁରବୀନ୍ଦର ସିଂ ମିଳିତ ଭାବେ ୨୦୯୧ ପଏଣ୍ଟ ସ୍କୋର କରି ଦଳକୁ ଚତୁର୍ଥ ସ୍ଥାନରେ ପହଞ୍ଚାଇଥିଲେ। ଏବେ ଏମାନେ ୧୩ ସିଡ ମାନ୍ୟତା ପାଇଥିବା ନ୍ୟୁଜିଲାଣ୍ଡକୁ ଭେଟିବେ। ସେହିପରି ମହିଳା ବର୍ଗ ପ୍ରତିଯୋଗିତାରେ ପର୍ବିଣା ୨୦ତମ ସ୍ଥାନ ଅଧିକାର କରି ଶ୍ରେଷ୍ଠ ଭାରତୀୟ ତୀରନ୍ଦାଜ ବିବେଚିତ ହୋଇଥିଲେ। ଅନ୍ୟପଟେ ମୋନାଲି ଯାଦବ ଓ ପ୍ରିୟା ଗୁର୍ଜର ଯଥାକ୍ରମେ ୨୪ ଓ ୨୫ତମ ସ୍ଥାନରେ ରହିଥିଲେ। ତେବେ ଏହି ଦୁଇ ମହିଳା ତୀରନ୍ଦାଜ ଦଳ ହିସାବରେ ଷଷ୍ଠ ସିଡ ମାନ୍ୟତା ପାଇଛନ୍ତି। କମ୍ପାଉଣ୍ଡ ମିକ୍ସଡ ପେୟାରରେ ପ୍ରବୀଣ ଓ ପର୍ବିନା ସାଥିହୋଇ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ମିକ୍ସଡ ପେୟାର ଇଭେଣ୍ଟରେ ଭାରତକୁ ସପ୍ତମ ସିଡ ମାନ୍ୟତା ମିଳିଛି। ଏଥିରେ ଏହି ଦୁଇ ଖେଳାଳି ଦଶମ ସିଡ ମାଲେସିଆକୁ ଭେଟିବେ। ଭାରତୀୟ ଦଳ ସହ କୌଣସି କମ୍ପାଉଣ୍ଡ କୋଚ୍ ଦଳ ସହ ଯାତ୍ରା କରିନାହାନ୍ତି। କୋଚ୍‌ଙ୍କ ଅନୁପସ୍ଥିତି ସତ୍ତ୍ୱେ ଭାରତୀୟ ତୀରନ୍ଦାଜମାନେ ଭଲ ପ୍ରଦର୍ଶନ କରିବାରେ ସଫଳ ହୋଇଛନ୍ତି।

# ଫାଇନାଲରେ ମୁମ୍ବାଇ

**ଚେନ୍ନାଇ, ୭।୫**

ମୁମ୍ବାଇ ଇଣ୍ଡିଆନ୍ସ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ କ୍ୱାଲିଫାୟର-୧ରେ ମୁମ୍ବାଇ ୬ ଉଇକେଟରେ ଚେନ୍ନାଇ ସୁପରକିଙ୍ଗ୍ସକୁ ପରାସ୍ତ କରିଛି। ଚେନ୍ନାଇ ପକ୍ଷରୁ ଧାର୍ଯ୍ୟ ୧୩୨ ରନର ବିଜୟ ଲକ୍ଷ୍ୟକୁ ମୁମ୍ବାଇ ୧୮.୩ ଓଭରରେ ୪ ଉଇକେଟ ହରାଇ ହାସଲ କରିନେଇଛି। ମୁମ୍ବାଇ ବିଜୟରେ ହିରୋ ସାଜିଛନ୍ତି ସୂର୍ଯ୍ୟ କୁମାର ଯାଦବ। ଚେନ୍ନାଇର ଚ୍ୟାଲେଞ୍ଜିଂ ଟ୍ରାକ୍‌ରେ କ୍ୟାରିୟରର ଅନ୍ୟତମ ଶ୍ରେଷ୍ଠ ଇନିଂସ ଖେଳି ସେ ମୁମ୍ବାଇକୁ ବିଜୟ ଭେଟି ଦେଇଛନ୍ତି। ୩ ଥର ଚାମ୍ପିୟନ ମୁମ୍ବାଇର ଏହା ହେଉଛି ୫ମ ଆଇପିଏଲ ଫାଇନାଲ ପ୍ରବେଶ। ଚେନ୍ନାଇ ପରାଜିତ ହୋଇଥିଲେ ହେଁ ଏହାର ଫାଇନାଲରେ ପହଞ୍ଚିବା ଆଶା ଶେଷ ହୋଇ ଯାଇନାହିଁ। ବୁଧବାର ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଏଲିମିନେଟର ମ୍ୟାଚ ଅନୁଷ୍ଠିତ ହେବ। ଏହାର ବିଜେତାକୁ ଚେନ୍ନାଇ କ୍ୱାଲିଫାୟର-୨ରେ ଭେଟିବ। କ୍ୱାଲିଫାୟର-୨ର ବିଜେତା ଫାଇନାଲରେ ମୁମ୍ବାଇ ସହିତ ମୁକାବିଲା କରିବ।

ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ପ୍ରତିପକ୍ଷ ମୁମ୍ବାଇର ସ୍ପିନରମାନଙ୍କୁ ସଫଳ ମୁକାବିଲା କରି ନ ପାରିବାରୁ ବଡ଼ ସ୍କୋର ହୋଇପାରି ନ ଥିଲା। କ୍ୱାଲିଫାୟର ପରି ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଓପନରଙ୍କ ବିଫଳତା ଯୋଗୁ ଦଳ ଉପରକୁ ଚାପ ଆସି ଯାଇଥିଲା। ଦଳୀୟ ସ୍କୋର ମାତ୍ର ୬ ଥିବାବେଳେ ଫାଫ୍ ଡୁପ୍ଲେସି ପ୍ରଥମ ଖେଳାଳିଭାବେ ପ୍ୟାଭିଲିୟନ ଫେରିଥିଲେ। ସେ ୬ ରନ କରିଥିବାବେଳେ ରାହୁଲ ଚହରଙ୍କ ବଲ୍‌ରେ ଅତିରିକ୍ତ ଖେଳାଳି ଅନମୋଲପ୍ରୀତ ସିଂଙ୍କୁ କ୍ୟାଚ ଦେଇଥିଲେ। ଶେନ ୱାଟସନ ମଧ ଫେଲ୍ ମାରିଥିଲେ। ସେ ୧୩ ବଲ୍‌ରୁ ୧୦ ରନ କରି କ୍ରୁନାଲ ପାଣ୍ଡ୍ୟାଙ୍କ ଶିକାର ବନିଥିଲେ। ଫଳରେ ୧୨ ରନ ମଧ୍ୟରେ ଚେନ୍ନାଇ ଦୁଇ ବ୍ୟାଟ୍ସମ୍ୟାନ୍‌ଙ୍କୁ ହରାଇଥିଲା। ସୁରେଶ ରାଇନା ମାତ୍ର ୫ ରନ କରି ଆଉଟ ହେବା ଦଳକୁ ଶକ୍ତ ଧକ୍କା ପହଞ୍ଚାଇଥିଲା। ସେ ମାତ୍ର ୫ ରନ କରିବାକୁ ସକ୍ଷମ ହୋଇଥିଲେ। ମିଡଲ ଅର୍ଡରରେ ମୁରଲୀ ବିଜୟ ଭଲ ଆରମ୍ଭ କରିଥିଲେ ହେଁ ୨୬ ବଲ୍‌ରୁ ୨୬( ୩ ଚୌକା) ରନ କରି ଆଉଟ ହେବାରୁ ଚେନ୍ନାଇ ସ୍କୋର ୬୫/୪ ହୋଇଯାଇଥିଲା। ଅମ୍ବାତି ରାୟୁଡୁ ଓ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ୫ମ ଉଇକେଟ ଯୋଡ଼ିରେ ୪୮ ବଲ୍‌ରୁ ୬୬ ରନ ଯୋଗ କରିବାରୁ ଚେନ୍ନାଇ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚି ପାରିଥିଲା। ୩୭ଟି ବଲ୍‌ର ସମ୍ମୁଖୀନ ହୋଇଥିବା ରାୟୁଡୁ ୩ ଚୌକା ଓ ୧ ଛକା ସହ ୪୨ ଓ ଧୋନୀ ୨୯ ବଲ୍‌ରୁ ୩୭(୩ ଛକା)ରନକରି ଅପରାଜିତ ରହିଥିଲେ। ଅତିରିକ୍ତଭାବେ ୫ ରନ ମିଳିଥିବାବେଳେ ମୁମ୍ବାଇ ପକ୍ଷରୁ ରାହୁଲ ଚହର ୨ଟି ଏବଂ କ୍ରୁନାଲ ପାଣ୍ଡ୍ୟା ଓ ଜୟନ୍ତ ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ରାହୁଲ ଅତି ଚମତ୍କାର ବୋଲିଂ କରି ନିଜ ୪ ଓଭର ସ୍ପେଲରେ ମାତ୍ର ୧୪ ରନ ବ୍ୟୟ କରି ଚେନ୍ନାଇ ଇନିଂସକୁ ସୀମିତ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ରୋହିତ ଶର୍ମା ପ୍ରଥମ ୫ ଓଭରରେ ୫ ବୋଲରଙ୍କୁ ବ୍ୟବହାର କରି ଫାଇଦାରେ ରହିଥିଲେ। ପାୱାରପ୍ଲେ ମଧ୍ୟରେ ଚେନ୍ନାଇ ୩୨ ରନ ମଧ୍ୟରେ ୩ଟି ଉଇକେଟ ହରାଇ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା।

ବିଜୟ ଲକ୍ଷ୍ୟ ବଡ଼ ନ ଥିଲେ ହେଁ ଚେନ୍ନାଇ ସ୍ଲୋ ପିଚ୍‌ରେ ଖେଳିବା ସହଜ ନ ଥିଲା। ଫଳରେ ଚେନ୍ନାଇ ପରି ମୁମ୍ବାଇ ମଧ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଅଧିନାୟକ ରୋହିତ ଶର୍ମା ୪ ଓ କ୍ୱିଣ୍ଟନ ଡି'କକ୍ ୮ ରନରେ ଆଉଟ ହେବାରୁ ୨୧ ରନ ମଧ୍ୟରେ ମୁମ୍ବାଇ ୨ଟି ଉଇକେଟ ହରାଇଥିଲା। ମାତ୍ର ସୂର୍ଯ୍ୟକୁମାର ଓ ଇଶାନ କିଷନ ୩ୟ ଉଇକେଟ ଯୋଡ଼ିରେ ୮୦ ରନ ସଂଗ୍ରହ କରି ଦଳ ପାଇଁ ବିଜୟ ପଥ ପରିଷ୍କାର କରିଦେଇଥିଲେ। ଇଶାନ ୩୧ ବଲ୍‌ରୁ ୨୮( ୧ ଚୌକା,୧ ଛକା) ରନ କରି ଓ କ୍ରୁନାଲ ପାଣ୍ଡ୍ୟା ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ ହେଁ ସୂର୍ଯ୍ୟକୁମାର ଓ ହାର୍ଦ୍ଦିକ ପାଣ୍ଡ୍ୟା ଅପରାଜିତ ରହି ମୁମ୍ବାଇ ବିଜୟରେ ମୁଦ୍ରି ମାରିଥିଲେ। ୫୪ଟି ବଲ୍‌ର ସମ୍ମୁଖୀନ ହୋଇଥିବା ସୂର୍ଯ୍ୟକୁମାର ୧୦ ଚୌକା ସହାୟତାରେ ସର୍ବାଧିକ ୭୧ ଏବଂ ହାର୍ଦ୍ଦିକ ୧୧ ବଲ୍‌ରୁ ୧୩(୧ ଚୌକା) ରନ କରି ଅପରାଜିତ ରହିଥିଲେ। ଚେନ୍ନାଇ ବୋଲରଙ୍କ ମଧ୍ୟରେ ଇମ୍ରାନ ତାହିର ୨ଟି ଏବଂ ଦୀପକ ଚହର ଓ ହରଭଜନ ସିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ମ୍ୟାଚ୍ ବିଜୟୀ ଇନିଂସ୍ ଅବସରରେ ସୂର୍ଯ୍ୟକୁମାର ଯାଦବ।

### ଆଇପିଏଲ୍ ସ୍କୋର ବୋର୍ଡ

| ଚେନ୍ନାଇ ସୁପର କିଙ୍ଗ୍ସ ଇନିଂସ | ମୁମ୍ବାଇ ଇଣ୍ଡିଆନ୍ସ ଇନିଂସ |
|---|---|
| ଡୁପ୍ଲେସି-କ-ଅନମୋଲପ୍ରୀତ-ବୋ-ଚହର-୬ | ରୋହିତ-ଏଲବିଡବଲ୍ୟୁ-ଚହର-୪ |
| ୱାଟସନ-କ-ଜୟନ୍ତ-ବୋ-କ୍ରୁନାଲ-୧୦ | ଡି'କକ୍-କ-ଡୁପ୍ଲେସି-ବୋ-ହରଭଜନ-୮ |
| ରାଇନା-କ ଆଣ୍ଡ ବୋ-ଜୟନ୍ତ-୫ | ସୂର୍ଯ୍ୟକୁମାର-ନଟଆଉଟ-୭୧ |
| ବିଜୟ୍-କ ଆଣ୍ଡ ବୋ-ଚହର-୨୬ | ଇଶାନ-ବୋ-ତାହିର-୨୮ |
| ରାୟୁଡୁ-ନଟଆଉଟ-୪୨ | କ୍ରୁନାଲ-କ ଆଣ୍ଡ ବୋ-ତାହିର-୦ |
| ଧୋନୀ-ନଟଆଉଟ-୩୭ | ହାର୍ଦ୍ଦିକ-ନଟଆଉଟ-୧୩ |
| ଅତିରିକ୍ତ-୫ | ଅତିରିକ୍ତ-୮ |
| ମୋଟ(୨୦ ଓଭର, ୪ ଉଇକେଟ) ୧୩୧। | ମୋଟ(୧୮.୩ ଓଭର, ୪ ଉଇକେଟ) ୧୩୨। |
| ଉଇକେଟ ପତନ: ୧/୬, ୨/୧୨, ୩/୩୨, ୪/୬୫। | ଉଇକେଟ ପତନ: ୧/୪, ୨/୨୧, ୩/୧୦୧, ୪/୧୦୧। |
| ବୋଲିଂ(ମୁମ୍ବାଇ ଇଣ୍ଡିଆନ୍ସ) | ବୋଲିଂ(ଚେନ୍ନାଇ) |
| ଲାସିଥ ମାଲିଙ୍ଗା ୩-୦-୨୬-୦ | ଦୀପକ ଚହର ୩.୩-୦-୩୦-୧ |
| କ୍ରୁନାଲ ପାଣ୍ଡ୍ୟା ୪-୦-୨୧-୧ | ହରଭଜନ ସିଂ ୪-୦-୨୫-୧ |
| ରାହୁଲ ଚହର ୪-୦-୧୪-୨ | ଜାଡେଜା ୪-୦-୧୮-୦ |
| ଜୟନ୍ତ ଯାଦବ ୩-୦-୨୫-୧ | ଡ୍ୱେନ ବ୍ରାଭୋ ୩-୦-୨୫-୦ |
| ବୁମ୍ରା ୪-୦-୩୧-୦ | ଇମ୍ରାନ ତାହିର ୪-୦-୩୩-୨। |
| ହାର୍ଦ୍ଦିକ ପାଣ୍ଡ୍ୟା ୨-୦-୧୩-୦ | |

# ଟାଇଗରଙ୍କୁ ଆମେରିକାର ସର୍ବୋଚ୍ଚ ନାଗରିକ ସମ୍ମାନ

**ୱାଶିଂଟନ,୭।୫(ପି.ଟି.)**

ବିଶ୍ୱର ସଫଳତମ ଗଲ୍ଫ ତାରକା ଟାଇଗର ଉଡ୍ସଙ୍କୁ ଆଉ ଏକ ବଡ଼ ଧରଣର ସମ୍ମାନ ମିଳିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କୁ ଆମେରିକାର ସର୍ବୋଚ୍ଚ ନାଗରିକ ସମ୍ମାନରେ ସମ୍ମାନିତ କରିଛନ୍ତି। ହ୍ୱାଇଟ୍ ହାଉସ୍‌ରେ ଆୟୋଜିତ ସ୍ୱତନ୍ତ୍ର ହ୍ୱାଇଟ୍ ରୋଜ ଗାର୍ଡେନ ସେରିମନୀରେ ତାଙ୍କୁ ପ୍ରେସିଡେନ୍ସିଆଲ ମେଡାଲ ଅଫ୍ ଫ୍ରିଡମ୍ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ଉପସ୍ଥିତ ମାନ୍ୟଗଣ୍ୟ ଅତିଥିମାନେ ତାଙ୍କୁ ଛିଡ଼ା ହୋଇ ଅଭିବାଦନ ଜଣାଇଥିଲେ। ବିଶ୍ୱକ୍ରୀଡ଼ା ଇତିହାସରେ ଟାଇଗର ପ୍ରକୃତରେ ଜଣେ କିମ୍ବଦନ୍ତୀ ଖେଳାଳି ବୋଲି ଟ୍ରମ୍ପ କହିଛନ୍ତି। ଗତ ସପ୍ତାହରେ ଟାଇଗର ପ୍ରତ୍ୟାବର୍ତ୍ତନ କରି ପଞ୍ଚମ ମାଷ୍ଟର୍ସ ଟାଇଟଲ ହାସଲ କରିଥିଲେ। ୪୩ ବର୍ଷୀୟ ଟାଇଗର ଏପ୍ରିଲରେ ଅଗଷ୍ଟାରେ ମାଷ୍ଟର୍ସ ଟାଇଟଲ ହାସଲ କରିଥିଲେ। ସେ ଚତୁର୍ଥ ଓ ସର୍ବକନିଷ୍ଠ ଗଲ୍ଫର ଭାବେ ଆମେରିକାର ଏହି ସର୍ବୋଚ୍ଚ ନାଗରିକ ସମ୍ମାନ ହାସଲ କରିଛନ୍ତି। ଟାଇଗର ଜଣେ ସମର୍ପିତ କ୍ରୀଡ଼ାବିତ୍ ଓ ତାଙ୍କ ପ୍ରଦର୍ଶନ ମାଧ୍ୟମରେ ସେ ଆମେରିକାକୁ ଗର୍ବିତ କରିଛନ୍ତି। କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ସେ ବିଶ୍ୱର ଜଣେ ପ୍ରତିଷ୍ଠିତ କ୍ରୀଡ଼ାବିତ୍ ଭାବେ ପରିଚୟ ହାସଲ କରିଛନ୍ତି। କ୍ରୀଡ଼ା ଇତିହାସରେ ଉଡ୍ସ ଅନ୍ୟତମ ଶ୍ରେଷ୍ଠ କ୍ରୀଡ଼ାବିତ୍ ବୋଲି ଟ୍ରମ୍ପ ପ୍ରଶଂସା କରି କହିଛନ୍ତି। ଜଣେ ସଫଳ କ୍ରୀଡ଼ାବିତ୍ ହେବା ସହିତ ଟାଇଗର ଜଣେ ଉତ୍ତମ ବ୍ୟକ୍ତି। ୧୯୯୭ରୁ ୨୦୧୯ ମଧ୍ୟରେ ଟାଇଗର ଐତିହାସିକ ସଫଳତା ହାସଲ କରିଥିଲେ। ସେ ଆହତ ହୋଇଥିଲେ ମଧ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିଲେ ବୋଲି ଟ୍ରମ୍ପ କହିଛନ୍ତି। ଉଡ୍ସ ମଧ ଏହି ଅବସରରେ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ନିଜ ମା, ଦୁଇ ସନ୍ତାନ ଓ ବାନ୍ଧବୀଙ୍କୁ ସେ ଧନ୍ୟବାଦ ଜଣାଇଥିଲେ। ୩୩ତମ କ୍ରୀଡ଼ାବିତ୍ ଭାବେ ଟାଇଗର ଏହି ସମ୍ମାନ ହାସଲ କରିଛନ୍ତି। ଏହି ସମ୍ମାନ ହାସଲ କରିଥିବା ଅନ୍ୟ ଗଲ୍ଫରମାନେ ହେଲେ ଆର୍ନୋଲ୍ଡ ପାଲମର, ଜ୍ୟାକ ନିକ୍ଲାଉସ ଓ ଚାର୍ଲି ସିଫର୍ଡ। ୧୯୯୬ରେ ମାତ୍ର ୨୦ ବର୍ଷ ବୟସରେ ଉଡ୍ସ ପେସାଦାର ଗଲ୍ଫରେ ପଦାର୍ପଣ କରିଥିଲେ। ସେ ଏପର୍ଯ୍ୟନ୍ତ ୧୫ଟି ମେଜର ଟାଇଟଲ ହାସଲ କରି ନିକ୍ଲାଉସ୍‌ଙ୍କ ପଛରେ ରହି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ନିକ୍ଲାଉସ ୧୮ଟି ମେଜର ଟାଇଟଲ ଜିତିଥିଲେ।

# ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୫୦,୦୦୦ ଦେଲେ ଦୂତୀ



**ଭୁବନେଶ୍ୱର, ୭।୫(କ୍ରୀଡ଼ା ପ୍ରତିନିଧି)**

ସାମୁଦ୍ରିକ ଝଡ଼ ଫନୀ ପ୍ରଭାବରେ ଓଡ଼ିଶାର ଅନେକ ଅଞ୍ଚଳ ପ୍ରଭାବିତ ହୋଇଛି। ଏଥିପାଇଁ ଅନେକ ବ୍ୟକ୍ତି ସହାୟତାର ହାତ ବଢ଼ାଇଛନ୍ତି। ଏଥିରେ ସାମିଲ ହୋଇଛନ୍ତି ଭାରତର ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ। ମହିଳା ୧୦୦ ମିଟର ରେସ୍‌ରେ ଜାତୀୟ ରେକର୍ଡଧାରିଣୀ ଯାଜପୁର ଚକା ଗୋପାଳପୁରର ଦୂତୀ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୫୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ରାଜ୍ୟ ବର୍ତ୍ତମାନ ସଙ୍କଟ ସମୟ ଦେଇ ଗତି କରୁଥିବାରୁ ମୁଁ ବ୍ୟକ୍ତିଗତ ଭାବରେ ଯତ୍‌କିଞ୍ଚିତ ସାହାଯ୍ୟ କରିବାକୁ ଉଚିତ ମନେ କରିଛି। ଅନ୍ୟମାନେ ମଧ ତାହା କରିବା ଉଚିତ। ଆମେ ସମସ୍ତେ ମିଳିମିଶି ଓଡ଼ିଶାକୁ ପୁଣିଥରେ ନୂଆ କରି ଗଢ଼ିବାକୁ ପ୍ରୟାସ କରିବା ଉଚିତ ବୋଲି ଦୂତୀ ନିଜ ପ୍ରତିକ୍ରିୟାରେ କହିଛନ୍ତି। ରାଜ୍ୟରେ ଖୁବ୍ ଶୀଘ୍ର ସ୍ୱାଭାବିକ ପରିସ୍ଥିତି ଫେରିବ ବୋଲି ଏହି ତାରକା ଆଥଲେଟ୍ ଆଶା ପ୍ରକାଶ କରିଛନ୍ତି।

# ତୃତୀୟ ରାଉଣ୍ଡରେ କ୍ୱିଟୋଭା



**ମାଡ୍ରିଡ୍, ୭।୫(ଏଏଫ୍‌ପି)**

## ମାଡ୍ରିଡ୍ ଓପନ୍

ଡିଫେଣ୍ଡିଂ ଚାମ୍ପିୟନ ପେଟ୍ରା କ୍ୱିଟୋଭା ଏଠାରେ ଚାଲିଥିବା ମାଡ୍ରିଡ୍ ଓପନ୍ ଟେନିସ ପ୍ରତିଯୋଗିତା ମହିଳା ସିଙ୍ଗଲ୍ସର ୩ୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ରାଉଣ୍ଡର ଏକ ମୁକାବିଲାରେ କ୍ୱିଟୋଭା ୬-୩, ୭-୬ (୭/୫) ସେଟ୍‌ରେ ଫ୍ରାନ୍ସର କ୍ରିଷ୍ଟିନା ମ୍ଲାଡେନୋଭିକ୍‌ଙ୍କୁ ପରାସ୍ତ କରିଛନ୍ତି। ଏଥିସହ କ୍ରିଷ୍ଟିନାଙ୍କ ବିପକ୍ଷରେ ଶେଷ ୫ ମୁକାବିଲାରେ ଦ୍ୱିତୀୟ ସିଡ୍ କ୍ୱିଟୋଭା ଅପରାଜେୟ ରହିବାର ସୌଭାଗ୍ୟ ଲାଭ କରିଛନ୍ତି। ସେହିଭଳି ଅନ୍ୟ ଏକ ମ୍ୟାଚ୍‌ରେ ବେଲାରୁଷର ସ୍ଲୋଆନେ ଷ୍ଟିଫେନ୍ସ ୬-୪, ୨-୬, ୬-୨ ସେଟ୍‌ରେ ବିଶ୍ୱର ଏକ ନମ୍ବର ଖେଳାଳି ଭିକ୍ଟୋରିଆ ଆଜାରେଙ୍କାଙ୍କୁ ହରାଇଛନ୍ତି। ଦୁଇଥର ଅଷ୍ଟ୍ରେଲିଆ ଓପନ୍ ବିଜୟିନୀ ଆଜାରେଙ୍କାଙ୍କ ବିପକ୍ଷରେ ସ୍ଲୋଆନେଙ୍କ ଏହା କ୍ରମାଗତ ୪ର୍ଥ ବିଜୟ ଥିଲା। ୨୦୧୪ ଓ ୨୦୧୮ରେ ମଧ ସ୍ଲୋଆନେ ଏହି ପ୍ରତିଯୋଗିତାର ୩ୟ ରାଉଣ୍ଡରେ ପ୍ରବେଶ କରିବାରେ ସଫଳ ହୋଇଥିଲେ। ସପ୍ତମ ସିଡ୍ ନେଦରଲାଣ୍ଡ୍ସର କିକି ବର୍ଟେନ୍ସ ୬-୪, ୬-୩ ସିଧାସଳଖ ସେଟ୍‌ରେ ଜେଲିନା ଓଷ୍ଟାପେଙ୍କୋଙ୍କୁ ମାତ୍ ଦେଇ ୩ୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି।

## ବିପର୍ଯ୍ୟସ୍ତ ବାରବାଟୀ ଷ୍ଟାଡିୟମ

# ୧୫ କୋଟିର କ୍ଷତି

**କଟକ ଅଫିସ, ୭।୫**

ରାଜ୍ୟର ଏକମାତ୍ର ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ ଭେନ୍ୟୁ ବାରବାଟୀ ଷ୍ଟାଡିୟମ ଫନୀ ପ୍ରଭାବରେ ବିଶେଷ କ୍ଷତିଗ୍ରସ୍ତ ହୋଇଛି। ସାମୁଦ୍ରିକ ଝଡ଼ ଫନୀ ଯୋଗୁଁ ବାରବାଟୀ ଷ୍ଟାଡିୟମର ୧୫ କୋଟି ଟଙ୍କା କ୍ଷତି ହୋଇଛି ବୋଲି ଆକଳନ କରାଯାଇଛି । ବିଶେଷକରି ଷ୍ଟାଡିୟମ ପରିସରରେ ଥିବା ଅତ୍ୟାଧୁନିକ ବ୍ୟବସ୍ଥା ବିଶିଷ୍ଟ ପ୍ରକୋଷ୍ଠଗୁଡ଼ିକ ଅଧିକ ମାତ୍ରାରେ କ୍ଷତିଗ୍ରସ୍ତ ଘଟିଛି । ଏହା ମଧ୍ୟରେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସମ୍ମିଳନୀ କକ୍ଷ, ପ୍ରେସ ଗ୍ୟାଲେରୀ, ନ୍ୟୁ ପ୍ୟାଭିଲିୟନ, ସଚିନ ତେନ୍ଦୁଲକର ଇନ୍‌ଡୋର ହଲ, କର୍ପୋରେଟ ବକ୍ସ, ଗ୍ୟାଲେରୀ ନଂ-୫ ଭାଙ୍ଗିରୁଜି ଯାଇଛି । ଗ୍ରାଉଣ୍ଡରେ କେବଳ କାଚର ଅଂଶ ପଡ଼ିଥିବା ଦେଖିବାକୁ ମିଳିଛି। ସବୁଠାରୁ ମୁଖ୍ୟ କଥା ଏହା ଯେ, ବାରବାଟୀର ଆକର୍ଷଣ କୁହାଯାଉଥିବା ୱାଚ ଟାୱାରର ଘଣ୍ଟା ମଧ ଫନୀ ଝଡ଼ରେ ଭାଙ୍ଗି ତଳେ ପଡ଼ିଛି । ଏହାଛଡ଼ା ଫ୍ଲଡ ଲାଇଟ୍ ମଧ ନଷ୍ଟ ହୋଇଛି । ୨୦୦୩ ମସିହାରେ ୪ କୋଟି ଟଙ୍କା ବ୍ୟୟରେ ଫ୍ଲଡ ଲାଇଟ ଓ ୱାଚ୍ ଟାୱାର ପ୍ରତିଷ୍ଠା କରାଯାଇଥିଲା । ମୋଟ ୧୫ କୋଟି ଟଙ୍କା ବାରବାଟୀ ଷ୍ଟାଡିୟମରେ କ୍ଷତି ହୋଇଛି ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି । ଓସିଏ କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ଧୀରେନ ପଲାଇଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଥିଲେ ଯେ, କ୍ଷୟକ୍ଷତି ସମ୍ପର୍କିତ ରିପୋର୍ଟ ଖୁବଶୀଘ୍ର ସରକାରଙ୍କୁ ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ଙ୍କୁ ଜଣାଇ ଦିଆଯିବ । ତେବେ ବର୍ତ୍ତମାନ ପରିସ୍ଥିତିରେ ରାଜ୍ୟର ଏହି ଅନ୍ତର୍ଜାତୀୟ ମାନ୍ୟତା ପ୍ରାପ୍ତ କ୍ରିକେଟ ଭେନ୍ୟୁକୁ ପୁଣି ଥରେ ପୂର୍ବାବସ୍ଥାକୁ ଫେରାଇ ଆଣିବାକୁ କେତେ ଦିନ ସମୟ ଲାଗିବ ତାହା ଅପେକ୍ଷା ରହିଲା ।



ଇଂଲଣ୍ଡରେ ଖେଳାଯିବାକୁଥିବା ଆଇସିସି ବିଶ୍ୱକପ୍‌ରେ ରବିଚନ୍ଦ୍ରନ ଅଶ୍ୱିନଙ୍କଠାରୁ ପାଇଥିବା ଟିପ୍ସର ମୁଁ ଠିକଣା ଉପଯୋଗ କରିବି ।

–ମୁଜିବୁର ରହମନ, ଆଫଗାନିସ୍ତାନ ସ୍ପିନର

ଆଇପିଏଲ୍ ଏଲିମିନେଟର ଖେଳିବାକୁ ଥିବା ଦୁଇ ଦଳରେ ପ୍ରମୁଖ ଖେଳାଳି ଅନୁପସ୍ଥିତ ରହୁଥିବାରୁ ମୁକାବିଲା ଜୋର୍‌ଦାର ହେବ ବୋଲି ଆଶା ।

–ଶ୍ରେୟାସ ଆୟାର, ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ

## ସଂକ୍ଷେପରେ

### ଭାରତର ୬୨ତମ ଜିଏମ୍ ହେଲେ ସ୍ୱୟମ୍ଭ



**ଭୁବନେଶ୍ୱର, ୭।୫(କ୍ରୀଡ଼ା ପ୍ରତିନିଧି):** ସ୍ୱୟମ୍ଭ ମିଶ୍ର ଓଡ଼ିଶାର ଦ୍ୱିତୀୟ ଓ ଦେଶର ୬୨ତମ ଗ୍ରାଣ୍ଡମାଷ୍ଟର(ଜିଏମ) ହେବାର ସୌଭାଗ୍ୟଲାଭ କରିଛନ୍ତି। ପୋଲାଣ୍ଡରେ ଅନୁଷ୍ଠିତ ପୋଲୋନିଆ ରୋକ୍ଲ ମାଷ୍ଟର୍ସ କପ୍‌ରେ ସେ କ୍ୟାରିୟରର ତୃତୀୟ ତଥା ଅନ୍ତିମ ଜିଏମ୍ ନର୍ମ ହାସଲ କରିବା ସହ ଏହି ଗୌରବ ପାଇଛନ୍ତି। ତାଙ୍କ ପୂର୍ବରୁ ଦେବାଶିଷ ଦାସ ଏପର୍ଯ୍ୟନ୍ତ ରାଜ୍ୟର ଏକମାତ୍ର ଗ୍ରାଣ୍ଡମାଷ୍ଟର ହେବାର ସୌଭାଗ୍ୟ ହାସଲ କରିଥିଲେ। ରବିବାର ଶେଷ ହୋଇଥିବା ପ୍ରତିଯୋଗିତାରେ ସ୍ୱୟମ୍ଭ ୭ ପଏଣ୍ଟ ହାସଲ କରି ଚାମ୍ପିୟନ ମଧ ହୋଇଛନ୍ତି। ୨୦୧୪ରେ ସେ ଭୁବନେଶ୍ୱରରେ ଅନୁଷ୍ଠିତ କିଟ୍ ଓପନରେ ପ୍ରଥମ ଗ୍ରାଣ୍ଡମାଷ୍ଟର ନର୍ମ ହାସଲ କରିଥିଲେ। ଏହାର ଗୋଟିଏ ବର୍ଷ ପରେ ସେ ଆଇଜଲ ଅଫ୍ ମ୍ୟାନ୍‌ଠାରେ ଦ୍ୱିତୀୟ ଗ୍ରାଣ୍ଡମାଷ୍ଟର ନର୍ମ ପାଇଥିଲେ। ଏବେ ତାଙ୍କର ରେଟିଂ ୨୪୬୩ ଥିଲେ ହେଁ ପୂର୍ବରୁ ଥରେ ମ୍ୟାଜିକ୍ ସଂଖ୍ୟା ୨୫୦୦ ଅତିକ୍ରମ କରିଥିବାରୁ ନିୟମ ଅନୁସାରେ ସେ ଗ୍ରାଣ୍ଡମାଷ୍ଟର ଟାଇଟଲ ପାଇଛନ୍ତି। ତୃତୀୟ ଗ୍ରାଣ୍ଡମାଷ୍ଟର ନର୍ମ ପାଇଁ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଲାଗିଲା। ମୁଁ ଟୁର୍ନାମେଣ୍ଟ ଜିତିବା ସହ ଗ୍ରାଣ୍ଡମାଷ୍ଟର ଟାଇଟଲ ଜିତିଥିବାରୁ ଅତ୍ୟନ୍ତ ଆନନ୍ଦିତ ବୋଲି ସ୍ୱୟମ୍ଭ କହିଛନ୍ତି।

### ଆଣ୍ଡି ମୁରେଙ୍କୁ ୱାଇଲ୍ଡ କାର୍ଡ

**ଲଣ୍ଡନ, ୭।୫ (ଏଏଫ୍‌ପି):** ଆଣ୍ଡି ମୁରେ ହିପ୍ ସର୍ଜରି ପରେ କୋର୍ଟକୁ କେବେ ଫେରିବେ ସେଥିଲାଗି ଏପର୍ଯ୍ୟନ୍ତ ଦିନ ଧାର୍ଯ୍ୟ କରି ନ ଥିଲେ ମଧ ଆସନ୍ତା ମାସରେ ଲଣ୍ଡନର କୁଇନ୍ସ କ୍ଲବରେ ଖେଳିବା ଲାଗି ତାଙ୍କୁ ୱାଇଲ୍ଡ କାର୍ଡ ମିଳିଛି। ଲଣ୍ଡନରେ ଏହି ଟୁର୍ନାମେଣ୍ଟ ଜୁନ୍ ୧୭ରୁ ୨୩ ତାରିଖ ପର୍ଯ୍ୟନ୍ତ ହେବ। ମୁରେ ପୂର୍ବରୁ ଏହି ଟୁର୍ନାମେଣ୍ଟର ୫ ଥର ଚାମ୍ପିୟନ ହୋଇ ସାରିଛନ୍ତି। ଆଗକୁ ୱିମ୍ବେଲଡନ ଥିବାବେଳେ ଏହି ଗ୍ରାସ୍‌କୋର୍ଟ ପ୍ରତିଯୋଗିତାରେ ସେ ନିଜର ଫିଟ୍‌ନେସ୍‌କୁ ପରଖିନେବେ। ବ୍ରିଟେନର ପୂର୍ବତନ ନମ୍ବର ୱାନ ଖେଳାଳି ବର୍ତ୍ତମାନ ବିଶ୍ୱ ର୍‍ୟାଙ୍କିଙ୍ଗରେ ୨୧୭ତମ ସ୍ଥାନରେ ରହିଛନ୍ତି। ଗତ ଜାନୁୟାରୀରେ ଲଣ୍ଡନରେ ତାଙ୍କ ହିପ୍ ସର୍ଜରି ହୋଇଛି। ସେ କହିଛନ୍ତି, ବର୍ତ୍ତମାନ ମୁଁ ଯନ୍ତ୍ରଣାମୁକ୍ତ ଅନୁଭବ କରୁଛି ଏବଂ ବଲ୍ ମଧ ହିଟ୍ କରିପାରୁଛି। ଚଳିତ ବର୍ଷର ୱିମ୍ବେଲଡନରେ ଅଂଶଗ୍ରହଣ ଲାଗି ୱାଇଲ୍ଡ କାର୍ଡ ଆବେଦନ ଶେଷ ତାରିଖ ଜୁନ୍ ୧୮ ରଖାଯାଇଛି। ହେଲେ ୩ଥର ଗ୍ରାଣ୍ଡ ସ୍ଲାମ ଚାମ୍ପିୟନ ଲାଗି ଆବଶ୍ୟକ ସ୍ଥଳେ ୱାଇଲ୍ଡ କାର୍ଡ ସଂରକ୍ଷିତ ରଖାଯାଇପାରେ ବୋଲି ୱିମ୍ବେଲଡନ ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଷ୍ଟିଫେନ୍ ଫ୍ୟାରୋ ପ୍ରକାଶ କରିଛନ୍ତି।

# ଦିଲ୍ଲୀ–ହାଇଦ୍ରାବାଦ ଏଲିମିନେଟର ଆଜି

**ବିଶାଖାପାଟଣା, ୭।୫(ପି.ଟି.)**

ଆଇପିଏଲ୍ ଦ୍ୱାଦଶ ସଂସ୍କରଣ ଅନ୍ତିମ ପର୍ଯ୍ୟାୟରେ ଉପନୀତ ହୋଇଛି। ବୁଧବାର ଦିଲ୍ଲୀ କ୍ୟାପିଟାଲ୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଏଲିମିନେଟର ମ୍ୟାଚ୍ ଅନୁଷ୍ଠିତ ହେବ। ଯେଉଁଦଳ ଏହି ମ୍ୟାଚ୍ ହାରିବ ସେ ଚଳିତ ଆଇପିଏଲ୍‌ରୁ ବାହାରିବା ସ୍ପଷ୍ଟ। ତେଣୁ ଉଭୟ ଦିଲ୍ଲୀ ଓ ହାଇଦ୍ରାବାଦ ପାଇଁ ଏହି ମ୍ୟାଚ୍ ବେଶ୍ ଗୁରୁତ୍ୱ ବହନ କରୁଛି।

ଆଇପିଏଲ୍‌ର ଚଳିତ ସଂସ୍କରଣକୁ ନଜର ପକାଇଲେ ଶ୍ରେୟାସ ଆୟାରଙ୍କ ନେତୃତ୍ୱାଧୀନ ଦିଲ୍ଲୀ ଅନ୍ୟତମ ଶ୍ରେଷ୍ଠ ଦଳ ବିବେଚିତ ହୋଇଛି। ଦିଲ୍ଲୀ ଯେଉଁଭଳି ଭାବରେ ପ୍ରଭାବୀ ପ୍ରଦର୍ଶନ କରିଛି ପୂର୍ବରୁ କେବେ ଦେଖିବାକୁ ମିଳି ନ ଥିଲା। ଦିଲ୍ଲୀ ୧୪ ମ୍ୟାଚ୍‌ରୁ ୯ ବିଜୟ ଓ ୫ ପରାଜୟ ସହ ୧୮ ପଏଣ୍ଟ ହାସଲ କରି ପ୍ଲେ-ଅଫ୍‌ରେ ପ୍ରବେଶ କରିଥିଲା। ସନ୍‌ରାଇଜର୍ସଠାରୁ ୩ଟି ମ୍ୟାଚ୍ ଅଧିକ ଜିତିଥିଲେ ମଧ ନକ୍‌ଆଉଟ୍ ମ୍ୟାଚ୍ ଖେଳିବାକୁ ପଡ଼ିଥିବାରୁ ଦିଲ୍ଲୀକୁ ଏହା ନିରାଶ କରିଛି। ଲିଗ୍ ପର୍ଯ୍ୟାୟରେ ଏତେ ଭଲ ପ୍ରଦର୍ଶନ ସତ୍ତ୍ୱେ ଦିଲ୍ଲୀ ଯଦି ଏଲିମିନେଟରେ ହାଇଦ୍ରାବାଦ ନିକଟରୁ ହାରିଯାଏ ତେବେ ଦଳକୁ ପ୍ରତିଯୋଗିତାରୁ ବିଦାୟ ନେବାକୁ ପଡ଼ିବ। ଅବଶ୍ୟ ଆଇସିସି ବିଶ୍ୱକପ୍ ପ୍ରସ୍ତୁତି ଲାଗି ସନ୍‌ରାଇଜର୍ସର ଦୁଇ ବିସ୍ଫୋରକ ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ ଡେଭିଡ୍ ୱାର୍ନର ଓ ଜନି ବେୟାରଷ୍ଟୋର ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଯାଇଥିବାରୁ ଦିଲ୍ଲୀ ପାଇଁ ଏହା ଆଶ୍ୱସ୍ତି ଆଣିଛି।

ଆଇପିଏଲ୍ ଇତିହାସରେ ଦିଲ୍ଲୀ ଆଜି ପର୍ଯ୍ୟନ୍ତ କେବେ ଫାଇନାଲରେ ପ୍ରବେଶ କରିପାରିନାହିଁ। ୨୦୧୨ରେ ଟପ୍-୪ରେ ପ୍ରବେଶ କରିବା ଦିଲ୍ଲୀର ଶ୍ରେଷ୍ଠ ପ୍ରଦର୍ଶନ ହୋଇରହିଛି। ତେବେ ଚଳିତ ସିଜନରେ ପ୍ରଦର୍ଶନରେ ସ୍ଥିରତା ଓ ଖେଳାଳିଙ୍କ ମଧ୍ୟରେ ଭଲ କମ୍ବିନେଶନ ରହିଥିବାରୁ ଦିଲ୍ଲୀ ପୁଣିଥରେ ବହୁବର୍ଷର ବ୍ୟବଧାନ ପରେ ପ୍ଲେ-ଅଫ୍‌ରେ ପହଞ୍ଚିପାରିଛି। ମୁମ୍ବାଇ ବିପକ୍ଷରେ ବିଜୟରୁ ଅଭିଯାନ ଆରମ୍ଭ କରିଥିବା ଦିଲ୍ଲୀ ଏହାପରେ ଚେନ୍ନାଇ ସୁପର୍ କିଙ୍ଗ୍ସ, କିଙ୍ଗ୍ସ ଇଲେଭେନ ପଞ୍ଜାବ ଓ ହାଇଦ୍ରାବାଦ୍ ବିପକ୍ଷରେ ଲିଗ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା। ତେବେ ଏହାପରେ ଦଳ ବିଜୟ ପଥକୁ ପ୍ରତ୍ୟାବର୍ତ୍ତନ କରି ଶ୍ରେଷ୍ଠ-୪ ଟିମ୍ ମଧ୍ୟରେ ରହିବାରେ ସଫଳ ହୋଇଛି। ଅଭିଜ୍ଞ ଶିଖର ଧାୱନ ୪୮୧ ରନ ସଂଗ୍ରହ କରି ଦିଲ୍ଲୀ ପାଇଁ ଶ୍ରେଷ୍ଠ ପ୍ରଦର୍ଶନକାରୀ ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହୋଇଛନ୍ତି। ଓପନିଂରେ ପୃଥ୍ୱୀ ଶ' ମଧ ଧାୱନଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ କରିଛନ୍ତି। ସେହିଭଳି ଅଧିନାୟକ ଆୟାର (୪୪୨ରୁ ଉର୍ଦ୍ଧ୍ୱ ରନ) ଓ ବିଶ୍ୱକପ୍ ଦଳରୁ ଅଣଦେଖା ହୋଇଥିବା ରିଷଭ ପନ୍ତ (୪୦୧ ରନ)ମଧ ଚମତ୍କାର ଫର୍ମରେ ରହିଛନ୍ତି। ତେବେ ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର କାଗିସୋ ରାବାଡା ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଯାଇଥିବାରୁ ଦଳ ତାଙ୍କ ସେବାରୁ ବଞ୍ଚିତ ହେବ। ତେବେ ଇଶାନ୍ତ ଶର୍ମା, କେମୋ ପଲ୍, ଟ୍ରେଣ୍ଟ ବୋଲ୍ଟ, ଅମିତ୍ ମିଶ୍ରାଙ୍କ ଉପରେ ଦିଲ୍ଲୀର ବୋଲିଂ ଭାର ନିର୍ଭର କରିବ।

ଅପରପକ୍ଷରେ ଆଇପିଏଲ୍ ଇତିହାସରେ ପ୍ରଥମ ଦଳ ଭାବେ ୧୨ ପଏଣ୍ଟ ଅର୍ଜନ କରି ପ୍ଲେ-ଅଫ୍‌ରେ ପ୍ରବେଶ କରିଥିବା ହାଇଦ୍ରାବାଦ୍ ମଧ ଏହି ମ୍ୟାଚ୍‌ରେ ପ୍ରଭାବୀ ପ୍ରଦର୍ଶନ କରି କ୍ୱାଲିଫାୟର-୨ରେ ସ୍ଥାନ ପକ୍କା କରିବାକୁ ଲକ୍ଷ୍ୟ ରଖିଛି। ଅଧିନାୟକ କେନ୍ ୱିଲିୟମସନଙ୍କ ସମେତ ମାର୍ଟିନ ଗୁପ୍‌ଟିଲ, ମନୀଷ ପାଣ୍ଡେ, ୟୁସୁଫ୍ ପଠାନ, ରିଦ୍ଧିମାନ ଶାହଙ୍କୁ ନେଇ ଦଳର ବ୍ୟାଟିଂ ଲାଇନ୍‌ଅପ୍ ବେଶ୍ ଶକ୍ତିଶାଳୀ। ବୋଲିଂରେ ଭୁବନେଶ୍ୱର କୁମାର, ରଶିଦ ଖାଁ, ଖଲିଲ ଅହମ୍ମଦ, ମହମ୍ମଦ ନବି ପ୍ରମୁଖ ଦିଲ୍ଲୀ ବ୍ୟାଟ୍ସମ୍ୟାନଙ୍କୁ ଅଡୁଆରେ ପକାଇବାରେ ଲକ୍ଷ୍ୟ ରଖିଛନ୍ତି।



ଭୁବନେଶ୍ୱର କୁମାର ଓ ଖଲିଲ ଅହମ୍ମଦ।



ନେଟ୍ସରେ ଇଶାନ୍ତ ଶର୍ମା।

### ପୂର୍ବତନ ୱେଷ୍ଟଇଣ୍ଡିଜ କ୍ରିକେଟର ନର୍ସଙ୍କ ପରଲୋକ

**ଜାମାଇକା, ୭।୫ (ପି.ଟି.):** ୱେଷ୍ଟଇଣ୍ଡିଜ ପୂର୍ବତନ ବ୍ୟାଟ୍ସମ୍ୟାନ ସେମୋର ନର୍ସ ୮୫ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି। ୧୯୬୦ରୁ ୧୯୬୯ ମଧ୍ୟରେ ନର୍ସ ୨୯ଟି ଟେଷ୍ଟ ଖେଳିଥିଲେ। ସେ ୬ଟି ଶତକ ଓ ୧୦ଟି ଅର୍ଦ୍ଧଶତକ ସହ ୪୭.୬୦ ରନ ହାରରେ ମୋଟ ୨୫୨୩ ରନ ସଂଗ୍ରହ କରିଥିଲେ। ବାର୍ବାଡୋସର ଏହି ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ୧୪୧ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳି ୪୩.୯୩ ରନ ହାରରେ ମୋଟ ୯୪୮୯ ରନ ସଂଗ୍ରହ କରିଥିଲେ। ୱେଷ୍ଟଇଣ୍ଡିଜ ପୂର୍ବତନ ଓପନର ଡେସ୍‌ମଣ୍ଡ ହେନ୍ସ ଫେସ୍‌ବୁକ୍‌ରେ ପୋଷ୍ଟ ଶେୟାର କରି ନର୍ସଙ୍କ ଦେହାନ୍ତ କଥା ଉଲ୍ଲେଖ କରିଥିଲେ। ନର୍ସ ମୋର କୋଚ୍ ଥିଲେ ଓ ତାଙ୍କଠାରୁ ମୁଁ କ୍ରିକେଟ ଶିକ୍ଷା କରିଛି। ତାଙ୍କର ଆତ୍ମାର ସଦ୍‌ଗତି ହେଉ ବୋଲି ହେନ୍ସ ଫେସ୍‌ବୁକ୍‌ରେ ଉଲ୍ଲେଖ କରିଛନ୍ତି। ୧୯୬୦ରେ ଇଂଲଣ୍ଡ ବିପକ୍ଷରେ ନର୍ସ ଟେଷ୍ଟ ପଦାର୍ପଣ କରିଥିଲେ। କ୍ୟାରିୟରର ପ୍ରଥମ ଇନିଂସରେ ସେ ୭୦ ରନ ସଂଗ୍ରହ କରିଥିଲେ। ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୭ ଉଇକେଟରେ ବିଜୟୀ ହୋଇଥିଲା। ୧୯୬୨ରେ ସେ ଭାରତ ବିପକ୍ଷରେ ପୋର୍ଟ ଅଫ୍ ସ୍ପେନ୍‌ରେ ଟେଷ୍ଟ ଖେଳିବା ପରେ ଇଞ୍ଜୁରିର ଶିକାର ହୋଇଥିଲେ। ତେବେ ୧୯୬୬ରେ ସେ ଦଳକୁ ପ୍ରତ୍ୟାବର୍ତ୍ତନ କରି ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ୪ଟି ଅର୍ଦ୍ଧଶତକ ଓ ଗୋଟିଏ ଶତକ ହାସଲ କରିଥିଲେ। ୧୯୬୭ରେ ତାଙ୍କୁ ୱିସଡନ କ୍ରିକେଟର ଅଫ୍ ଦି ଇୟର ସମ୍ମାନ ପ୍ରଦାନ କରାଯାଇଥିଲା।

## କାନାଡା ପାରାବ୍ୟାଡମିଣ୍ଟନରେ ଓଡ଼ିଶାର ପ୍ରମୋଦ ଭଗତ



**କଟକ ଅଫିସ, ୭।୫:** ମେ ୮ରୁ ୧୩ତାରିଖ ପର୍ଯ୍ୟନ୍ତ କାନାଡାର ଓଟ୍ଟାୱା ମୋନପେଟିଟ ହଲରେ କାନାଡା ପାରା ବ୍ୟାଡମିଣ୍ଟନ ଅନ୍ତର୍ଜାତୀୟ ଚାମ୍ପିୟନଶିପ୍-୨୦୧୯ ଅନୁଷ୍ଠିତ ହେବ। ଉକ୍ତ ଚାମ୍ପିୟନଶିପରେ ଓଡ଼ିଶାରୁ ଏକମାତ୍ର ଖେଳାଳି ଭାବେ ପ୍ରମୋଦ ଭଗତ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିବେ। ପ୍ରତିଯୋଗିତାରେ ମୋଟ ୨୨୮ଜଣ ପ୍ରତିଯୋଗୀ ଭାଗ ନେଉଥିବାବେଳେ ଭାରତ ୧୧ଜଣଙ୍କୁ ନେଇ କାନାଡା ଯାତ୍ରା କରିଛି । ନିକଟ ଅତୀତରେ ଶେଷ ହୋଇଥିବା ଉଗାଣ୍ଡା ପାରାବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ଉଭୟ ସିଙ୍ଗିଲ୍ସ ଓ ଡବଲ୍ସ ବିଭାଗରେ ବରଗଡ଼ ଜିଲା ଅତାବିରାର ପ୍ରମୋଦ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ । ଏପରି କି ଅନ୍ତର୍ଜାତୀୟ ଚାମ୍ପିୟନଶିପ୍‌ର ସିଙ୍ଗିଲ୍ସ ବିଭାଗରେ ଲଗାତାର ୬ଥର ଚାମ୍ପିୟନ ହୋଇ ପ୍ରମୋଦ ବିଶ୍ୱର ଏକ ନଂ ର୍‍ୟାଙ୍କିଂ ବଜାୟ ରଖିଛନ୍ତି । କାନାଡା ପାରାବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ପ୍ରମୋଦ ଭଲ ପ୍ରଦର୍ଶନ କରିବେ ବୋଲି ଓଡ଼ିଶା ପାରା ବ୍ୟାଡମିଣ୍ଟନ ଆସୋସିଏଶନର ସମ୍ପାଦକ ମନୋରଞ୍ଜନ ଦାସ ଆଶାବ୍ୟକ୍ତ କରିଛନ୍ତି ।

## ୱାର୍ନର ଅଷ୍ଟ୍ରେଲିଆର ଓପନ୍ କରିବା ଉଚିତ

**ମେଲବୋର୍ନ, ୭।୫ (ପି.ଟି.):** ଆସନ୍ତା ଆଇସିସି ବିଶ୍ୱକପ୍‌ରେ ଡେଭିଡ୍ ୱାର୍ନର ଅଷ୍ଟ୍ରେଲିଆ କ୍ରିକେଟ ଦଳରେ ଆରୋନ ଫିଞ୍ଚଙ୍କ ସହିତ ଓପନ୍ କରିବା ଉଚିତ୍। କାରଣ ପଡ଼ିଆ କଟକଣାବେଳେ ଅନ୍ୟ ବ୍ୟାଟ୍ସମ୍ୟାନଙ୍କ ତୁଳନାରେ ସେ ଅଧିକ ଆକ୍ରମଣାତ୍ମକ ଖେଳିଥାନ୍ତି। ଅଷ୍ଟ୍ରେଲିଆର ପୂର୍ବତନ ଜାତୀୟ ଚୟନକର୍ତ୍ତା ମାର୍କ ୱ ଏହା ପ୍ରକାଶ କରିଛନ୍ତି। ଚଳିତବର୍ଷ ଜଣେ ଅଷ୍ଟ୍ରେଲୀୟ ଖେଳାଳି ହିସାବରେ ଉସ୍‌ମାନ ଖ୍ୱାଜା (୭୬୯) ଚଳିତବର୍ଷ ଏପର୍ଯ୍ୟନ୍ତ ସବୁଠାରୁ ଅଧିକ ଅନ୍ତର୍ଜାତୀୟ ଦିନିକିଆ ରନ ସଂଗ୍ରହ କରିସାରିଛନ୍ତି। ନିକଟରେ ଭାରତ ଓ ପାକିସ୍ତାନ ବିପକ୍ଷ ସିରିଜରେ ଖ୍ୱାଜା ଓ ଫିଞ୍ଚ୍ ଉପଯୋଗୀ ଓପନିଂ ପାର୍ଟନର ସାବ୍ୟସ୍ତ ହୋଇଛନ୍ତି। ଏହା ସତ୍ତ୍ୱେ ୱାର୍ନର ଶ୍ରେଷ୍ଠ ବିକଳ୍ପ ବୋଲି ୱ' ବିଗ୍ ସ୍ପୋର୍ଟ୍ସ ବ୍ରେକ୍‌ଫାଷ୍ଟ ରେଡିଓ ପ୍ରୋଗ୍ରାମ୍‌ରେ ଅଂଶଗ୍ରହଣ ପୂର୍ବକ ପ୍ରକାଶ କରିଛନ୍ତି। ବାମହାତୀ ୱାର୍ନର ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ସନରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ଟପ୍ ଅର୍ଡରରେ ଭଲ ସ୍କୋର ମଧ କରିଛନ୍ତି।

## ହକି ସିରିଜ ଫାଇନାଲ୍ସ ପାଇଁ ତତ୍ପରତା



କ୍ଷତିଗ୍ରସ୍ତ ହକି କମ୍ପ୍ଲେକ୍ସ।

**ଭୁବନେଶ୍ୱର, ୭।୫(କ୍ରୀଡ଼ା ପ୍ରତିନିଧି)**

ଏଫଆଇଏଚ୍ ପୁରୁଷ ହକି ସିରିଜ ଫାଇନାଲ୍ସ ପାଇଁ ତତ୍ପରତା ପ୍ରକାଶ ପାଇଛି। ଏହା ଜୁନ୍ ୬ରୁ ୧୫ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ହେବାର କାର୍ଯ୍ୟକ୍ରମ ରହିଛି। ମାତ୍ର ସାମୁଦ୍ରିକ ଝଡ଼ ଫନୀର ପ୍ରଭାବରେ ଷ୍ଟାଡିୟମ କ୍ଷତିଗ୍ରସ୍ତ ହୋଇଥିବାରୁ ଏହା ହେବାନେଇ ଆଶଙ୍କା ପ୍ରକାଶ ପାଇଥିଲା। ମାତ୍ର ନିର୍ଦ୍ଧାରିତ ସମୟରେ ଷ୍ଟାଡିୟମ ମରାମତି କାର୍ଯ୍ୟ ହୋଇ ଯିବାନେଇ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ଆଶା ପ୍ରକାଶ କରାଯାଇଛି। କ୍ରୀଡ଼ା ବିଭାଗ ପକ୍ଷରୁ ଷ୍ଟାଡିୟମର ଭିତ୍ତିଭୂମି ଅନୁଧ୍ୟାନ କରାଯାଇଛି। ହକି ଟର୍ଫ ଅଳ୍ପ କେତେକ ସ୍ଥାନରେ କ୍ଷତିଗ୍ରସ୍ତ ହୋଇଛି। ଏହା ବ୍ୟତୀତ ଷ୍ଟାଡିୟମର ଆଖପାଖ ଅଞ୍ଚଳ ମଧ କ୍ରୀଡ଼ା ବିଭାଗ ପକ୍ଷରୁ ଅନୁଧ୍ୟାନ କରାଯାଇଛି। "ଆମ ଟିମ୍ ହକି କମ୍ପ୍ଲେକ୍ସ ଭିତ୍ତିଭୂମି ଅନୁଧ୍ୟାନ କରିଛି। ଏହା ସାମାନ୍ୟ କ୍ଷତିଗ୍ରସ୍ତ ହୋଇଥିବାରୁ ଆମେ ମେ ଶେଷସୁଦ୍ଧା ଏହାର ମରାମତି କରିଦେବା ନେଇ ଆଶା ରଖିଛୁ। ଆମେ କଠିନ ପରିଶ୍ରମ କରି ଷ୍ଟାଡିୟମର ପୂର୍ବାବସ୍ଥା ଫେରାଇ ଆଣିବା ପାଇଁ ଉଦ୍ୟମ କରୁଛୁ" ବୋଲି କ୍ରୀଡ଼ା ସଚିବ ବିଶାଲ ଦେବ ପ୍ରକାଶ କରିଛନ୍ତି। ଟେକ୍ନିକାଲ ବିଶେଷଜ୍ଞଙ୍କୁ ନେଇ ହକି ଇଣ୍ଡିଆର ଏକ ଟିମ୍ ଷ୍ଟାଡିୟମ ଏବଂ ଟର୍ଫ ଅନୁଧ୍ୟାନ ପାଇଁ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ସେମାନେ ଅନୁଧ୍ୟାନ କରିବାପରେ ଆମେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ତେବେ ଆମେ ନିର୍ଦ୍ଧାରିତ ସମୟରେ ପ୍ରତିଯୋଗିତା ଆୟୋଜନ ନେଇ ଆଶାବାଦୀ ଅଛୁ ବୋଲି ବିଶାଲ କହିଛନ୍ତି। ହକି ସିରିଜ ଫାଇନାଲ୍ସରେ ବିଶ୍ୱର ୮ଟି ଦଳ ଭାରତ, ଜାପାନ, ମେକ୍ସିକୋ, ପୋଲାଣ୍ଡ, ରୁଷିଆ, ଦକ୍ଷିଣ ଆଫ୍ରିକା, ଆମେରିକା ଓ ଉଜ୍‌ବେକିସ୍ତାନ ଅଂଶଗ୍ରହଣ କରିବେ।

## ଗେଲ୍ ଉପ-ଅଧିନାୟକ

**ଜାମାଇକା, ୭।୫(ପି.ଟି.)**



ଆଇସିସି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଆସନ୍ତା ୩୦ରୁ ୟୁନାଇଟେଡ୍ କିଙ୍ଗଡମରେ ଆରମ୍ଭ ହେବାକୁ ଯାଉଛି। ଏଥିଲାଗି ବିସ୍ଫୋରକ ବ୍ୟାଟ୍ସମ୍ୟାନ କ୍ରିସ୍ ଗେଲ୍‌ଙ୍କୁ ୱେଷ୍ଟଇଣ୍ଡିଜ ଦଳର ଉପ-ଅଧିନାୟକ ଭାବେ ନିଯୁକ୍ତ କରାଯାଇଛି। ବିଶ୍ୱକପ୍ ପରେ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ୍‌ରୁ ଅବସର ନେବାକୁ ମନସ୍ଥ କରିସାରିଥିବା ଗେଲ୍ ବର୍ତ୍ତମାନ ଶ୍ରେଷ୍ଠ ଫର୍ମରେ ରହିଛନ୍ତି। କିଙ୍ଗ୍ସ ଇଲେଭେନ ପଞ୍ଜାବ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଗେଲ୍ ଆଇପିଏଲ୍‌ର ଚଳିତ ସଂସ୍କରଣରେ ପାଖାପାଖି ୫୦୦ ରନ ସଂଗ୍ରହ କରିଛନ୍ତି। ସେହିଭଳି ଶେଷ ହୋଇଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ୫ ମ୍ୟାଚ୍‌ବିଶିଷ୍ଟ ଘରୋଇ ସିରିଜରେ ସେ ୨ଟି ଲେଖାଏ ଶତକ ଓ ଅର୍ଦ୍ଧଶତକ ହାସଲ କରିଥିଲେ। 'ୱେଷ୍ଟଇଣ୍ଡିଜ ପକ୍ଷରୁ ଯେକୌଣସି ଫର୍ମାଟ୍‌ରେ ପ୍ରତିନିଧିତ୍ୱ କରିବା ସମ୍ମାନର ବିଷୟ। ତେଣୁ ବିଶ୍ୱକପ୍ ନିଶ୍ଚିତ ଭାବେ ମୋ ପାଇଁ ସ୍ୱତନ୍ତ୍ର ରହିବ। ଜଣେ ସିନିୟର ଖେଳାଳି ଭାବେ ଅଧିନାୟକଙ୍କ ସମେତ ଅନ୍ୟ ସମସ୍ତ ଖେଳାଳିଙ୍କୁ ସମର୍ଥନ କରିବା ମୋର ଦାୟିତ୍ୱ ହେବ' ବୋଲି ୨୮୯ ଦିନିକିଆରୁ ୧୦,୧୫୧ ରନ୍ ସଂଗ୍ରହ କରିଥିବା ୩୯ ବର୍ଷୀୟ ଗେଲ୍ ପ୍ରକାଶ କରିଛନ୍ତି।

## ଅମୂଲ ଆଫଗାନିସ୍ତାନର ମୁଖ୍ୟ ପ୍ରାୟୋଜକ

**ନୂଆଦିଲ୍ଲୀ, ୭।୫ (ପି.ଟି.):** ଆଇସିସି ବିଶ୍ୱକପ୍ ପାଇଁ ଭାରତର ବୃହତ୍ ଦୁଗ୍ଧଜାତ ସାମଗ୍ରୀ କମ୍ପାନୀ 'ଅମୂଲ୍' ଆଫଗାନିସ୍ତାନ କ୍ରିକେଟ ଦଳର ପ୍ରମୁଖ ପ୍ରାୟୋଜକ ହେବ। ଏହାର ପରିଚାଳନା ନିର୍ଦ୍ଦେଶକ ଆର.ଏସ. ସୋଧି ମଙ୍ଗଳବାର ଏ ବିଷୟରେ ସୂଚନା ଦେଇଛନ୍ତି। ଅମୂଲ ତୃତୀୟ ଥର ବିଶ୍ୱକପ୍‌ରେ ଏକ କ୍ରିକେଟ ଦଳର ପ୍ରାୟୋଜକ ହେବାକୁ ଯାଉଛି। ପୂର୍ବରୁ ବିଶ୍ୱକପ୍ ଟୁର୍ନାମେଣ୍ଟରେ କମ୍ପାନୀ ନ୍ୟୁଜିଲାଣ୍ଡ ଓ ହଲାଣ୍ଡ ଦଳ ସହିତ ରହିଥିଲା। ଆଫଗାନିସ୍ତାନ ଦଳ ସହିତ ହୋଇଥିବା କାରବାର ସମ୍ପର୍କରେ ପଚରାଯିବାରେ ସୋଧି କୌଣସି ମନ୍ତବ୍ୟ ଦେବାକୁ ପଛାଇଥିଲେ। ସେ କହିଥିଲେ କମ୍ପାନୀ ବର୍ଷକୁ ବିଜ୍ଞାପନ ବାବଦରେ ଯେତିକି ଖର୍ଚ୍ଚ କରେ ତାହାର ୦.୮ ପ୍ରତିଶତ ଏବାବଦରେ ବ୍ୟୟ କରିବ। ସୂଚନାଯୋଗ୍ୟ, ଗୁଜରାଟ ମିଲ୍କ ମାର୍କେଟିଂ ଫେଡେରେଶନ ପଡ଼ୋଶୀ ଦେଶଗୁଡ଼ିକୁ ବାର୍ଷିକ ଅମୁଲ ବ୍ରାଣ୍ଡର ୨୦୦ କୋଟି ଟଙ୍କାର ଉତ୍ପାଦ ରପ୍ତାନୀ କରିଥାଏ।

## ନର୍ଜେ ବାଦ୍, ମୋରିସଙ୍କୁ ଡାକରା

**ଜୋହାନ୍ସବର୍ଗ, ୭।୫(ପି.ଟି.)**



ଆଇସିସି ବିଶ୍ୱକପ୍ ପୂର୍ବରୁ ଦକ୍ଷିଣ ଆଫ୍ରିକା ଦଳକୁ ଝଟ୍‌କା ଲାଗିଛି। ଦ୍ରୁତ ବୋଲର ଏନରିଚ୍ ନର୍ଜେ ଆଘାତଜନିତ ସମସ୍ୟା ଲାଗି ଦକ୍ଷିଣ ଆଫ୍ରିକା ବିଶ୍ୱକପ୍ ଦଳରୁ ବାଦ୍ ପଡ଼ିଛନ୍ତି। ତାଙ୍କ ଆଙ୍ଗୁଠି ଭାଙ୍ଗିଯାଇଥିବା ଜଣାପଡ଼ିଛି। ନର୍ଜେଙ୍କ ସ୍ଥାନରେ ଅଲ୍‌ରାଉଣ୍ଡର କ୍ରିସ ମୋରିସ୍‌ଙ୍କୁ ଏହି କ୍ରିକେଟ୍‌ର ଏହି ମେଗା ଇଭେଣ୍ଟ ଲାଗି ଦଳରେ ସାମିଲ କରାଯାଇଛି। ଚଳିତ ବର୍ଷ ମାର୍ଚ୍ଚରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିବା ପୂର୍ବରୁ ନର୍ଟଜେ ଗୋଇଠି ଓ କହୁଣିଜନିତ ସମସ୍ୟାରୁ ମୁକୁଳିଥିଲେ। ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିବା ପରେ ପ୍ରଭାବୀ ପ୍ରଦର୍ଶନ କରି ୨୫ ବର୍ଷୀୟ ଏହି ଦ୍ରୁତ ବୋଲର ଦକ୍ଷିଣ ଆଫ୍ରିକା ବିଶ୍ୱକପ୍ ଦଳରେ ନିଜକୁ ସାମିଲ କରିପାରିଥିଲେ। କିନ୍ତୁ ଦୁର୍ଭାଗ୍ୟଜନକ ଭାବେ ନେଟ୍ସରେ ଅଭ୍ୟାସ କରୁଥିବାବେଳେ ଡାହାଣହାତର ବୁଢ଼ା ଆଙ୍ଗୁଠି ଭାଙ୍ଗିଯାଇଥିଲା। ସୁସ୍ଥ ହେବାକୁ ତାଙ୍କୁ ୬ରୁ ୮ ସପ୍ତାହ ସମୟ ଲାଗିବାକୁ ଥିବାରୁ ଶେଷରେ ୧୫ ଜଣିଆ ବିଶ୍ୱକପ୍ ଦଳରୁ ବାଦ୍ ଦିଆଯାଇଛି। ଅପରପକ୍ଷରେ ମୋରିସ ବର୍ତ୍ତମାନ ଆଇପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ସେ ୯ ମ୍ୟାଚ୍ ଖେଳି ୧୩ଟି ଉଇକେଟ୍ ଅକ୍ତିଆର କରିଛନ୍ତି।

ଆଇସିସି ବିଶ୍ୱକପ
ଆଉ ୨୧ ଦିନ

## ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଶ୍ରୀମତୀ ରଞ୍ଜୁବାଳା ପାତ୍ର
ସ୍ୱାମୀ– ସୁବ୍ରତ ଖଟେଇ (କୁନା)
ଗ୍ରାମ– ନିଆଳ, ପୋଷ୍ଟ– ଗଡ଼ନିଆଳ, ଖୋର୍ଦ୍ଧା
ଆବିର୍ଭାବ: ୨୪।୦୪।୧୯୮୩
ତିରୋଧାନ: ୩୦।୦୪।୨୦୧୭
ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ଆତ୍ମୀୟସ୍ୱଜନ ଓ ପଟିଆଗଡ଼ ପାତ୍ର ପରିବାରବର୍ଗ
ଧ-୧୨୪୪୭

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଶକୁନ୍ତଳା ଦାସ
ବୋଉ, ତୋର ସ୍ନେହ, ଶ୍ରଦ୍ଧା ଓ ସ୍ମୃତି ସବୁ ହିଁ ହେବ ଆମମାନଙ୍କର ଅବଶିଷ୍ଟ ଜୀବନର ପାଥେୟ। ତୋର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଇତି ତୋର
ନମି, ଟିଲି, ସିପୁନା, ପାପୁନୀ, ପୁତୁଲ୍, ବିଠଲ୍, ଲିକି, ଡୁଗୁ, କୁନାଲ୍, ଗୁଡୁନୁ, ବେବି, ମୀନା, ପଦ୍ମ, ମୁନା।
ଧ-୧୨୪୪୬




# ରିଲିଫ ପାଇଁ ଜନପ୍ରତିନିଧିଙ୍କୁ ଅଟକ

■ ପଞ୍ଚାୟତ, ବ୍ଲକ ଅଫିସ୍‌ରେ ବିପନ୍ନଙ୍କ ହୋହଲ୍ଲା

ନିମାପଡ଼ା, ୭।୫(ଡି.ଏନ.ଏ)

ବାତ୍ୟାର ୫ଦିନ ପରେ ବି ବଳଙ୍ଗା ଅଞ୍ଚଳର ବିପନ୍ନଙ୍କ ପାଖରେ ରିଲିଫ୍ ସାମଗ୍ରୀ ପହଞ୍ଚି ନାହିଁ। ଏଥିଯୋଗୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମଙ୍ଗଳବାର ବଳଙ୍ଗା, ତୋଟା ସାହି, ଗୋଲା ସାହି, ଶମ୍ଭୁ ଭାରତୀ ପାଟଣାର ବହୁ ମହିଳାଙ୍କ ସମେତ ଶତାଧିକ ଲୋକ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ହୋହଲ୍ଲା କରିଥିଲେ। ଏଥିସହ ସେମାନେ ସ୍ଥାନୀୟ ଜିଲାପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟଙ୍କୁ ଅଟକ ରଖି ତୁରନ୍ତ ରିଲିଫ ଯୋଗାଇ ଦେବାକୁ ଦାବି କରିଥିଲେ। ଖବର ପାଇ ବଳଙ୍ଗା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସେହିପରି ସଞ୍ଜୁଲତା ସାହୁ, ସୁକାନ୍ତି ସାହୁ, ସଂଯୁକ୍ତା ମହାପାତ୍ର, ହରି ବାରିକ, ଗଣେଶ ସାହୁ, ସ୍ମୃତିରଞ୍ଜନ ବେହେରାଙ୍କ ନେତୃତ୍ୱରେ ଶତାଧିକ ଲୋକ ବ୍ଲକ ଅଫିସରେ ପହଞ୍ଚି ହୋହଲ୍ଲା କରିବା ସହ ତୁରନ୍ତ ରିଲିଫ୍ ପ୍ରଦାନ ନିମନ୍ତେ ବିଡିଓଙ୍କ ନିକଟରେ ଦାବି କରିଥିଲେ।

# ପଥରଖଣିରେ ଅଜଣା ମୃତଦେହ: ହତ୍ୟା ସନ୍ଦେହ

**ଖୋର୍ଦ୍ଧା ଅଫିସ, ୭।୫:** ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଗୋଡାର ଏକ ମାଙ୍କଡା ପଥର ଖଣିରେ ଅଜଣା ବ୍ୟକ୍ତିଙ୍କ ମୃତଦେହ ପଡିଥିଲା। ମୃତଦେହର ମୁଣ୍ଡଟି କ୍ଷତବିକ୍ଷତ ହୋଇଥିବାରୁ କେହି ହତ୍ୟା କରି ଫୋପାଡି ଦେଇଥିବା ଅନୁମାନ କରାଯାଉଛି। ମଙ୍ଗଳବାର ସ୍ଥାନୀୟ ଲୋକ ପଡି ଯାଇଥିବା ଦେଖି ପୋଲିସକୁ ଖବର ଦେଇଛନ୍ତି। ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

# ତହସିଲଦାରଙ୍କୁ ମାଡ଼, ଆର୍‌ଆଇଙ୍କୁ ଦୁର୍ବ୍ୟବହାର

ନିମାପଡ଼ା, ୭।୫(ଡି.ଏନ.ଏ): ନିମାପଡ଼ା ତହସିଲ ଅଫିସ୍‌ରେ ସୋମବାର ଏନ୍‌ଏସି ଅଞ୍ଚଳର ବାତ୍ୟା ବିପନ୍ନଙ୍କୁ ପଲିଥିନ ବଣ୍ଟନ କରାଯାଉଥିବାବେଳେ ଦପିରେଣ୍ଟା ଗ୍ରାମର ୮/୧୦ଜଣ ଯୁବକ ତହସିଲଦାର କମଳଜିତ ଦାସଙ୍କୁ ଧକ୍କା ମାରିବା ସହ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ୩ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଉକ୍ତ ଘଟଣାକୁ ନେଇ ତହସିଲ କର୍ମଚାରୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସମ୍ପୃକ୍ତ ଯୁବକମାନଙ୍କର ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ସେହିପରି ଅଣ୍ଡିଆ ଏବଂ ଲିଗାମ ସର୍କଲର ରାଜସ୍ୱ ନିରୀକ୍ଷକ (ଆର୍‌ଆଇ)ଙ୍କୁ ଉତ୍ତ୍ୟକ୍ତ ଲୋକେ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଥାନାରେ ଅଭିଯୋଗ ହୋଇଛି।










1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ 35

# କଟକ ଜିଲା: ୩୦ଲକ୍ଷରୁ ଅଧିକ ଲୋକ ପ୍ରଭାବିତ

■ ୫ ମୃତ, ବହୁ ଆହତ
■ ବିଡାନାସୀ ବସ୍ତି ଅଞ୍ଚଳରେ ୨୦୦ ପରିବାର ଜଳବନ୍ଦୀ

**କଟକ ଅଫିସ,୭।୫**

ସାମୁଦ୍ରିକ ଝଡ ଫନୀ ପ୍ରଭାବରେ କଟକ ଜିଲାର ୩୦ଲକ୍ଷ ୯୬ ହଜାର ୮୭୪ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ଫନୀ ଯୋଗୁ ଜିଲାରେ ୫ଜଣ ଲୋକଙ୍କ ମୃତ୍ୟୁ ଘଟିଥିବା ସରକାରୀ ଭାବେ ଜିଲା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ମୃତକମାନେ ହେଲେ କଟକ ସଦର ବ୍ଲକ ଉରାଳି ଗ୍ରାମର ବିଶ୍ୱନାଥ ତ୍ରିପାଠୀ(୫୬), କଣ୍ଠାପଡା ବ୍ଲକ ଓଲଟପୁର ଗ୍ରାମର ପ୍ରଦୀପ୍ତ କୁମାର ପ୍ରଧାନ(୪୬), ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ବନ୍ତୋ ଗ୍ରାମର ଲକ୍ଷ୍ମୀ ଦେହୁରୀ(୬୦), ନିଆଳି ବ୍ଲକ ମାଗୁରକୁଦା ଗ୍ରାମର ପବିତ୍ର ବେହେରା(୨୬) ଓ ପ୍ରଶାନ୍ତ ବେହେରା(୩୦)। କେବଳ ବିଶ୍ୱନାଥଙ୍କୁ ବାଦ୍ ଦେଲେ ବାକି ୪ଜଣଙ୍କ ଉପରେ କାନ୍ଥ ପଡିଯିବାରୁ ସେମାନଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟରେ ଦର୍ଶାଯାଇଛି। ବିଶ୍ୱନାଥଙ୍କ ମୃତ୍ୟୁର କାରଣ କେବଳ ବାତ୍ୟାଜନିତ ବୋଲି ଦର୍ଶାଯାଇଛି। ସେହିପରି ଫନୀ ପ୍ରଭାବରେ ବହୁ ଲୋକ ଆହତ ହୋଇଥିବା ଜଣାପଡିଛି। ସମସ୍ତ ବ୍ଲକରୁ ରିପୋର୍ଟ ଆସି ନ ଥିବା ବେଳେ ପ୍ରାଥମିକ ରିପୋର୍ଟ ଅନୁଯାୟୀ ଜିଲାରେ ୬୦ଟି ଗୋରୁ ଓ ୧୬୮ଟି ଛେଳିଙ୍କର ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ଜିଲାରେ ୨୨୩୭୫ଟି ଘର ଆଂଶିକ ଭାଙ୍ଗିଥିବା ବେଳେ ୨୫୬୪ଟି ଘର ଅଧିକ ଓ ୨୫୩୫ଟି ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ରିପୋର୍ଟରୁ ଜଣାପଡିଛି। ଏହି କ୍ରମରେ ୮୧୪୦ ଜଣଙ୍କୁ ପଲିଥିନ ବଣ୍ଟନ କରାଯାଇଥିବା କୁହାଯାଇଛି। ମୋଟାମୋଟି ଭାବେ ଜିଲାର ୧୪ଟି ବ୍ଲକ ଓ ୪ଟି ସହରାଞ୍ଚଳ ଫନୀ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ନିଆଳି, କଣ୍ଠାପଡା, କଟକ ସଦର, ବାରଙ୍ଗ, ଟାଙ୍ଗୀ-ଚୌଦ୍ୱାର, ମାହାଙ୍ଗା, ନିଶ୍ଚିନ୍ତକୋଇଲି ଓ ସାଲେପୁର ବ୍ଲକ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସରକାରଙ୍କୁ ରିପୋର୍ଟ ଦିଆଯାଇଛି। ଗତ ସୋମବାର ଜିଲା ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିବା ଏହି ରିପୋର୍ଟରେ ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳ ଲୋକ ଅଧିକ ପ୍ରଭାବିତ ହୋଇଛନ୍ତି। ଫନୀ ପ୍ରଭାବରେ ସହରାଞ୍ଚଳରେ ମୋଟ୍ ୮ଲକ୍ଷ ୬୮ହଜାର ୫୩୫ ଜଣ ଓ ଗ୍ରାମାଞ୍ଚଳରେ ୨୨ ଲକ୍ଷ ୨୮ ହଜାର ୩୩୯ ଜଣ ପ୍ରଭାବିତ ହୋଇଛନ୍ତି। ବାତ୍ୟା ଯୋଗୁ ମୋଟ୍ ୧ଲକ୍ଷ ୯୭ ହଜାର ୭୪୪ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କ ମଧ୍ୟରେ ୩୫ହଜାର ୧୩ଜଣ ଶିଶୁ ଥିବା ଜଣାପଡିଛି। ଗତ ୨ରୁ ୪ ତାରିଖ ପର୍ଯ୍ୟନ୍ତ ୧ଲକ୍ଷରୁ ଅଧିକ ଲୋକଙ୍କୁ ରନ୍ଧନ ଖାଦ୍ୟ ଯୋଗାଣ କରାଯାଇଥିବା ସରକାରଙ୍କୁ ରିପୋର୍ଟରେ ଦର୍ଶାଯାଇଛି। ମାତ୍ର ବାତ୍ୟା ପରବର୍ତ୍ତୀ ଅବସ୍ଥାରେ ପ୍ରଶାସନିକ ସ୍ଥାଣୁତା ପରିସ୍ଥିତିକୁ ଅଧିକ ବିଗାଡୁଥିବା ଅଭିଯୋଗ ହୋଇଛି। ସହରର ବିଡାନାସୀ ବସ୍ତି ଅଞ୍ଚଳରେ ଏବେ ବି ୨୦୦ ପରିବାର ପାଣି ଘେରରେ ଥିବାବେଳେ ସେମାନଙ୍କୁ ଜଳବନ୍ଦୀରୁ ମୁକ୍ତ କରିବା ପାଇଁ ବ୍ୟବସ୍ଥା କରାଯାଇନାହିଁ। ବୋସଗଡା ନିକଟରେ ଝୁମ୍ପୁଡି ବସ୍ତି କରି ରହୁଥିବା ଲୋକଙ୍କ ଛପର ଉଡିଯାଇଥିବାବେଳେ ସେମାନଙ୍କୁ ଖଣ୍ଡିଏ ପଲିଥିନ ଯୋଗାଯାଇ ନ ଥିବା ନଗର କଂଗ୍ରେସ ସଭାପତି ମହମ୍ମଦ ମୋକିମ କହିଛନ୍ତି। କେବଳ ପ୍ରଶାସନିକ ଅଧିକାରୀମାନେ ନିଜେ ଶୀତତାପ ନିୟନ୍ତ୍ରିତ କୋଠରିରେ ବସି ବାତ୍ୟା ସମୀକ୍ଷା କରୁଥିବାବେଳେ ସହରବାସୀଙ୍କୁ ପିଇବା ପାଣି ବ୍ୟବସ୍ଥା କରିବାରେ ପ୍ରଶାସନ ଫେଲ୍ ମାରିଥିବା ମୋକିମ କହିଛନ୍ତି। କେବଳ ସେତିକି ନୁହେଁ ଜିଲାର ଶିଶୁଯତ୍ନ ଅନୁଷ୍ଠାନରେ ରହୁଥିବା ଶିଶୁମାନଙ୍କ ଅବସ୍ଥା ଅଧିକ ସଙ୍ଗିନ ହୋଇପଡିଛି। ଜିଲାରେ ମୋଟ୍ ୧୯ଟି ଶିଶୁଯତ୍ନ ଅନୁଷ୍ଠାନରେ ପାଖାପାଖି ୫୦୦ ଶିଶୁ ରହୁଥିବାବେଳେ ପ୍ରତ୍ୟେକ ଅନୁଷ୍ଠାନରେ ପାଣି ଓ ବିଦ୍ୟୁତ ସମସ୍ୟା ଦେଖାଦେଇଛି। ନଳକୂଅରୁ ପାଣି ଆଣି ଏହି ପିଲାମାନେ ପିଉଛନ୍ତି। ସହରର ପ୍ରତିଷ୍ଠିତ ବସୁନ୍ଧରାକୁ ଅଦ୍ୟାବଧି ବିଦ୍ୟୁତ ସଂଯୋଗ କରାଯାଇ ନ ଥିବାବେଳେ ଜେନେରେଟର ବ୍ୟବସ୍ଥା ମଧ୍ୟ କରାଯାଇନାହିଁ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତିଙ୍କୁ ପଚାରିବାରୁ ବସୁନ୍ଧରା ପାଇଁ ଜେନେରେଟର ବ୍ୟବସ୍ଥା କରାଯାଇଥିଲା। ମାତ୍ର ଦୁର୍ଭାଗ୍ୟବଶତଃ ତାହା ଆସିପାରି ନ ଥିବା କହିଛନ୍ତି। ସେହିପରି ସହରର ଡଗରପଡା ନିକଟରେ ଥିବା ବିଚିତ୍ରାନନ୍ଦ କଲ୍ୟାଣଶ୍ରମରେ ମଧ୍ୟ ସମାନ ଅବସ୍ଥା ଉପୁଜିଛି। ଆଶ୍ରମର ପୁରୁଣା ଆଜବେଷ୍ଟସ ଉଡିଯାଇଥିବାରୁ ଅନ୍ତେବାସୀଙ୍କ ରହିବାରେ ସମସ୍ୟା ଉପୁଜିଛି।

### ଏସ୍‌ସିବି କ୍ଷତିଗ୍ରସ୍ତ

ଫନୀ ପ୍ରଭାବରେ ଏସ୍‌ସିବି ବାୟୋ ମେଡିକାଲ ପ୍ଲାଣ୍ଟର ଇନସିନେରେଟର ଚିମିନିଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବାବେଳେ ପଲମନାରୀ ମେଡିସିନ ବିଭାଗର ଅକ୍ସିଜେନ ପ୍ଲାଣ୍ଟ, ସିଟିଭିଏସ୍ ଆଇସିୟୁ, ସେଣ୍ଟ୍ରାଲ ଆଇସିୟୁ, ଟେଲିମେଡିସିନ ବିଭାଗ, ସର୍ଜରୀ ଓଟି, ଅସ୍ଥିଶଲ୍ୟ ଓଟି, ଗାଇନିକ ଓଟି ଆଦି କ୍ଷତିଗ୍ରସ୍ତ ହୋଇଛି। ପ୍ରାଥମିକ ଆକଳନ ଅନୁଯାୟୀ ଏଗୁଡିକ ମରାମତି ନିମନ୍ତେ ସରକାରଙ୍କୁ ଅବଗତ କରାଯାଇଥିବା ଏସ୍‌ସିବି ଅଧୀକ୍ଷକ ପ୍ରଫେସର ସିବିକେ ମହାନ୍ତି ସୂଚନା ଦେଇଛନ୍ତି।



ସିଡିଏ ନ୍ୟାଶନାଲ ଲ' ୟୁନିର୍ଭସିଟି ସମ୍ମୁଖ ରିଂବନ୍ଧ ରାସ୍ତା ଉପରେ ଉପୁଡ଼ିପଡ଼ିଥିବା ଟ୍ରାନ୍ସଫର୍ମର।



ଯୋବ୍ରା ବସ୍ତି ଅଞ୍ଚଳରେ ଜଣେ ପିଲା ଖରାରେ ପାଠ୍ୟପୁସ୍ତକ ଶୁଖାଉଛନ୍ତି।



ଏସ୍‌ୟୁସିଆଇ(ସି) ପକ୍ଷରୁ ଯୋବ୍ରା ଚୁନଭାଟି ବସ୍ତି ଅଞ୍ଚଳରେ ରନ୍ଧା ଖାଦ୍ୟ ବଣ୍ଟାଯାଉଛି।

## ବ୍ଲକସ୍ତରୀୟ ରିଲିଫ ସମୀକ୍ଷା ବୈଠକ

**କଟକ ସଦର,୭।୫(ଡି.ଏନ୍.ଏ.)**

ବାତ୍ୟା ପରବର୍ତ୍ତୀ ରିଲିଫ ଓ ଥଇଥାନ କାର୍ଯ୍ୟର ସମୀକ୍ଷା ପାଇଁ ମଙ୍ଗଳବାର କଟକ ସଦର ବ୍ଲକ କାର୍ଯ୍ୟାଳୟରେ ବିଡିଓ ଦେବାଶିଷ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭ ହେବା ମାତ୍ରେ ବାତ୍ୟାକୁ ୫ଦିନ ବିତିଯାଇଥିଲେ ମଧ୍ୟ ରାଜସ୍ୱ ନିରୀକ୍ଷକମାନେ ଗାଁ ଗାଁ ବୁଲି ଘରଭଙ୍ଗା ତାଲିକା ପ୍ରସ୍ତୁତ କରି ନ ଥିବାରୁ ସରପଞ୍ଚ ଯତୀନ କୁମାର ରାଉଳ, ଲକ୍ଷ୍ମୀପ୍ରିୟା ସ୍ୱାଇଁ ଓ ମିନତି ବେହେରା ପାଟିତୁଣ୍ଡ କରିଥିଲେ। ବୈଠକରେ ଉପସ୍ଥିତ ଥିବା କଟକ ସଦର ତହସିଲଦାର ସଞ୍ଜୟ କୁମାର ପ୍ରତିହାରୀ ସରପଞ୍ଚମାନଙ୍କ ଅଭିଯୋଗକୁ ସ୍ୱୀକାର କରିବା ସହ ଦୁଇ ଦିନ ମଧ୍ୟରେ ଘରଭଙ୍ଗା ତାଲିକା ପ୍ରସ୍ତୁତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ବିଶେଷକରି ବମ୍ଫୁରି, ବିରିବାଟି, ଗତିରାଉତପାଟଣା, ରାଜସ୍ୱ ସର୍କଲ ଅଧୀନରେ ଥିବା ଗ୍ରାମଗୁଡ଼ିକରେ କ୍ଷୟକ୍ଷତି ଆକଳନ କରାଯାଇ ନ ଥିବା କଥାକୁ ତହସିଲଦାର ପ୍ରତିହାରୀ ପରୋକ୍ଷଭାବେ ସ୍ୱୀକାର କରିଥିଲେ। ଘରଭଙ୍ଗା ତାଲିକା ପ୍ରସ୍ତୁତ ହେବା ପରେ ପଲିଥିନ ବଣ୍ଟନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ବୈଠକରେ ଜିପିଇଓ ଯାଜ୍ଞସେନୀ ଗୋଚ୍ଛାୟତ, ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ପରିଡା ସମେତ ରାଜସ୍ୱ ନିରୀକ୍ଷକମାନେ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଓ ଅଧିକାରୀ।

## ବାତ୍ୟା କ୍ଷୟକ୍ଷତି ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ

**ମାହାଙ୍ଗା,୭।୫(ସ୍ୱ.ପ୍ର.)**

ଫନୀ ବାତ୍ୟାରେ ମାହାଙ୍ଗା ବ୍ଲକର ବିଭିନ୍ନ ଅଞ୍ଚଳରେ କ୍ଷତିଗ୍ରସ୍ତ ହୋଇଥିଲା। ଏନେଇ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ମଙ୍ଗଳବାର ମାହାଙ୍ଗା ଗସ୍ତ କରି ବ୍ଲକ ସମ୍ମିଳନୀ କକ୍ଷରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ପାନୀୟ ଜଳ, କୃଷି, ବିଦ୍ୟୁତ୍, ଗମନାଗମନ, ସ୍ୱାସ୍ଥ୍ୟ, ପାଣି ଓ ଉଦ୍ୟାନ ବିଭାଗର ଅଧିକାରୀଙ୍କ ସହ କ୍ଷୟକ୍ଷତି ସମ୍ପର୍କରେ ପଚାରିବୁଝିଥିଲେ। ସୂଚନାଯୋଗ୍ୟ, ବାତ୍ୟାରେ ଏହି ବ୍ଲକର ବିଦ୍ୟୁତ୍ ବିଭାଗର ୧୫୦୦ ଖୁଣ୍ଟି ଭାଙ୍ଗିଯାଇଥିବା ବେଳେ ୧୬ ଟ୍ରାନ୍ସଫରମର କ୍ଷତିଗ୍ରସ୍ତ ହୋଇଛି। ୧୮୦୦ କାର୍ଯ୍ୟକ୍ଷମ କୂପ ମଧ୍ୟରୁ ଏକ ହଜାର କୂପ ଦୂଷିତ ହୋଇଯାଇଛି। ବାତ୍ୟାପରେ ବହୁ ପଞ୍ଚାୟତରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇଥିବା ବେଳେ ଜେନେରେଟର ମାଧ୍ୟମରେ ପାନୀୟଜଳ ପ୍ରକଳ୍ପ ଚାଲୁ କରାଯାଇଛି। ସେହିପରି ବାତ୍ୟାରେ ୧୭୫୦ କୁକୁଡା, ଗୋଟିଏ ମଇଁଷି ଓ ୩ ଛେଳିଙ୍କ ମୃତ୍ୟୁ ଘଟିଛି। ମାହାଙ୍ଗା ତହସିଲରେ ୨୫୦୦ରୁ ଉର୍ଦ୍ଧ୍ୱ ଘର କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି। କ୍ଷତିଗ୍ରସ୍ତମାନଙ୍କୁ ବିଭିନ୍ନ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ବ୍ଲକ ଅଧ୍ୟକ୍ଷ ଶରତ ନାୟକ, ବିଡିଓ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଏବିଡିଓ ମହେଶ୍ୱର ସେଠୀ, ତହସିଲଦାର ଦିଲ୍ଲୀପ ମହାରଣା ଓ ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସଫେଇ କାର୍ଯ୍ୟରେ ଚାରି ପୌରପାଳିକା କର୍ମଚାରୀ ସାମିଲ

**କଟକ ଅଫିସ, ୭।୫**

ଫନୀ ପ୍ରଭାବରେ କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ବିଭିନ୍ନ ସ୍ଥାନରେ ଆବର୍ଜନା ଗଦା ହୋଇ ରହିଛି। ଫଳରେ ମଙ୍ଗଳବାରଠାରୁ ଯୁଦ୍ଧକାଳୀନ ଭିତ୍ତିରେ ଏହି ଅଳିଆ ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ସୋମବାର ସନ୍ଧ୍ୟାରେ ବିକାଶ ଭବନରେ ସିଏମ୍‌ସିର ଯନ୍ତ୍ରୀମାନଙ୍କୁ ନେଇ କମିଶନର ବୈଠକ ଡାକିଥିଲେ। ବୈଠକରେ ସଫେଇ କାର୍ଯ୍ୟ ଗୁରୁବାର ସୁଦ୍ଧା ଶେଷ ହେବାକୁ ନିଷ୍ପତ୍ତି ହୋଇଥିଲା। ତେବେ ସଫେଇ କାର୍ଯ୍ୟ ଠିକାରେ କରାଯିବ ବୋଲି ପ୍ରଥମେ ନିଷ୍ପତ୍ତି ହୋଇଥିଲା। ଏ ନେଇ ଠିକାଦାରଙ୍କ ସହ ଘଣ୍ଟାଘଣ୍ଟା ଆଲୋଚନା ମଧ୍ୟ କରାଯାଇଥିଲା। ସଫେଇ ନିମନ୍ତେ ଘଣ୍ଟାକୁ ଏକ ନିର୍ଦ୍ଦିଷ୍ଟ ଦର ମଧ୍ୟ ଧାର୍ଯ୍ୟ କରାଯାଇଥିଲା। ହେଲେ ଏହି ଦରକୁ ନେଇ ସିଏମ୍‌ସି କର୍ତ୍ତୃପକ୍ଷ ଓ ଠିକାଦାରଙ୍କ ମଧ୍ୟରେ କଥା ଛିଣ୍ଡି ନ ଥିଲା। ଫଳରେ ଏବେ ରାଜ୍ୟର ଚାରି ପୌରପାଳିକା(ଢେଙ୍କାନାଳ, ନୟାଗଡ଼, ପାରାଦୀପ ଓ ଯାଜପୁର)ର କର୍ମଚାରୀ କଟକର ସଫେଇ କାର୍ଯ୍ୟରେ ବୁଧବାରଠାରୁ ନିୟୋଜିତ ହେବେ ବୋଲି ଜଣାପଡ଼ିଛି। ପୌରପାଳିକାଗୁଡ଼ିକ ପକ୍ଷରୁ ଯନ୍ତ୍ରାଂଶ ଓ କର୍ମଚାରୀ ପର୍ଯ୍ୟାପ୍ତ ପରିମାଣରେ ଯୋଗାଇ ଦିଆଯିବ ବୋଲି ସିଏମ୍‌ସିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।



ସତୀଚୌରା ଛକରେ ବିଦ୍ୟୁତ୍ ଖୁଣ୍ଟରେ ତାର ସଜଡ଼ାଯାଉଛି।



ବାତ୍ୟାରେ କଟକ ତ୍ରିଶୁଳିଆ ନିକଟ ସୁଭାଷ ବୋଷ ସେତୁରେ ନିର୍ମିତ ହୋଇଥିବା ସୌରଶକ୍ତି ଚାଳିତ ଆଲୋକୀକରଣର ପ୍ୟାନେଲ ବୋର୍ଡ ଭାଙ୍ଗିଯାଇଛି।

## ବାତ୍ୟା କ୍ଷତିଗ୍ରସ୍ତଙ୍କୁ ସହାୟତା

**ଚୌଦ୍ୱାର,୭।୫(ଡି.ଏନ୍.ଏ.):** 'ଫନୀ'ର ୫ଦିନ ପରେ ବି ପ୍ରଶାସନ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଆଗ୍ରାହାଟ ପଞ୍ଚାୟତର ଭଣ୍ଡାରୀଗ୍ରାମରେ ପହଞ୍ଚି ପାରିନାହିଁ। ଫଳରେ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖବରପାଇ ଅନୁଗୋଳର ଅନ୍ତର୍ଜାତୀୟ ଲାୟନ୍ସ ସଂସ୍ଥା ପକ୍ଷରୁ ଉକ୍ତ ପରିବାରବର୍ଗଙ୍କୁ ସହାୟତା କରାଯାଇଛି। ଜିଲା ଗଭର୍ନର ଲାୟନ୍ସ ଚନ୍ଦ୍ରଶେଖର ପଟ୍ଟନାୟକ, ଜିଲା ଜନ ସମ୍ପର୍କ ଅଧିକାରୀ ଲାୟନ୍ସ କିଶୋର ଦାସଙ୍କ ନେତୃତ୍ୱରେ ଲୋକମାନଙ୍କୁ ଶୁଖିଲା ଖାଦ୍ୟ, ପାନୀୟ ଜଳ ଓ ଲଣ୍ଠନ ଦିଆଯାଇଛି। ଅନୁଗୋଳ ଲାୟନ୍ସ କ୍ଲବର ସମ୍ପାଦକ ନଳିନୀକାନ୍ତ ଉପାଧ୍ୟାୟ, ଅନୁଗୋଳ ହାରମୋନି କ୍ଲବର ସଭାପତି ମନୋରଞ୍ଜନ ଜେନା, ଢେଙ୍କାନାଳ କପିଳାସ କ୍ଲବ ସଭାପତି ଲାୟନ୍ସ ମନୋରଞ୍ଜନ ସାହୁଙ୍କ ସମେତ ବହୁ ସଦସ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଫନୀ ସୁଯୋଗ କଟକ: ଏକାଧିକ ଦୋକାନରୁ ଚୋରି

କଟକ ଅଫିସ,୭।୫- ଫନୀ ପ୍ରଭାବରେ କଟକରେ ୪ ଦିନ ହେବା ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ବାଦାମବାଡି, ମଙ୍ଗଳାବାଗ, ମାଲଗୋଦାମ ଓ ମଧୁପାଟଣା ଆଦି ଅଞ୍ଚଳରୁ ଚୋରି କରିଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହୋଇଥିବାବେଳେ ପୋଲିସର ତଦନ୍ତ ଜାରି ରହିଛି।

ବାଦାମବାଡି ଅଞ୍ଚଳର ଅସିତ୍ ପାଣିଗ୍ରାହୀଙ୍କ ପାନ ଦୋକାନରୁ ସୋମବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଦୋକାନ ତାଲା ଭାଙ୍ଗି ସାମଗ୍ରୀ ଚୋରି କରିଛନ୍ତି। ଏ ନେଇ ଅସିତ୍ ବାଦାମବାଡି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସୋମବାର ରାତିରେ ଅସିତ୍ ତାଙ୍କ ପାନ ଦୋକନାରେ ତାଲା ପକାଇ ଘରକୁ ଆସିଥିଲେ। ମଙ୍ଗଳବାର ସକାଳୁ ସ୍ଥାନୀୟ ଲୋକେ ତାଙ୍କ ଦୋକାନ ଭଙ୍ଗା ଯାଇଥିବା ଖବର ଦେଇଥିଲେ। ସେ ପହଞ୍ଚିବା ପରେ ଦୋକାନରୁ ଅଧିକାଂଶ ସାମଗ୍ରୀ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ।

ସେହିପରି ମଙ୍ଗଳାବାଗ ଥାନା ଅନ୍ତର୍ଗତ ରାଣୀହାଟ ଅଞ୍ଚଳର ସୁଶାନ୍ତ ବେହେରା ନାମକ ଜଣେ ବ୍ୟକ୍ତିଙ୍କ ଘରୁ ଚୋରି ହୋଇଛି। ଦୁର୍ବୃତ୍ତମାନେ ସୁଶାନ୍ତଙ୍କ ଘର ବାରଣ୍ଡାରେ ଥିବା ଲୁଗାପଟା, ହାଣ୍ଡି, କଡେଇ ଏବଂ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିବା ଅଭିଯୋଗ ହୋଇଛି।

ମଧୁପାଟଣା ଥାନା ଅନ୍ତର୍ଗତ ଲିଙ୍କ୍‌ରୋଡ ଅଞ୍ଚଳରେ ଥିବା ସିତାଂଶୁ ସ୍ୱାଇଁଙ୍କ ଦୋକାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି।

ମାଲଗୋଦାମ ଥାନା ଅଞ୍ଚଳର କେତେକ ଫଳ ଦୋକାନରୁ ଚୋରି ହୋଇଛି। ତେବେ ଅନ୍ଧାର ଯୋଗୁ ଏହି ଚୋରି ହୋଇଥିବା ଦୋକାନୀମାନେ ଅଭିଯୋଗ କରିଛନ୍ତି। ରାତିରେ ଦୋକାନ ବନ୍ଦ ଥିବାବେଳେ ଦୁର୍ବୃତ୍ତମାନେ ଦୋକାନ ତାଲା ଭାଙ୍ଗି ଫଳ ଚୋରି କରିଥିବା ଦୋକାନୀମାନେ କହିଛନ୍ତି। ଏହାଛଡା ସିଡିଏ, ଜଗତ୍‌ପୁର ଏବଂ ବିଡାନାସୀ ଅଞ୍ଚଳରୁ ଚୋରି ହୋଇଥିବା ନେଇ ସୂଚନା ମିଳିଛି। ଯୋଗାଯୋଗ ବିଚ୍ଛିନ୍ନ ଯୋଗୁ ସ୍ପଷ୍ଟ ସୂଚନା ମିଳି ପାରି ନ ଥିଲେ ମଧ୍ୟ ସହରର ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ଜଣାପଡିଛି।

## ଗାଧୋଇବାବେଳେ ଉତ୍ତେଜନା

**କଟକ ଅଫିସ,୭।୫:** ବାତ୍ୟାଯୋଗୁ କଟକ ସହରରେ ବିଦ୍ୟୁତ୍ ସମସ୍ୟା ଦେଖାଦେଇଛି। ଲାଇନ୍ ନ ଥିବାରୁ ପାଇପ ଯୋଗେ ଜଳଯୋଗାଣ ସମ୍ଭବ ହେଉନାହିଁ। ଫଳରେ ପିଇବା ପାଣି ପାଇଁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ସ୍ଥଳେ ଗାଧୋଇବା ପାଇଁ ଲୋକେ ନଦୀକୁ ଯାଉଥିବାବେଳେ ସେଠାରେ ପ୍ରବଳ ଭିଡ ଦେଖାଯାଉଛି। ତେବେ ସୋମବାର କାଠଯୋଡି ନଦୀରେ କେତେଜଣ ଯୁବକ ଗାଧୋଇବା ବେଳେ ଅଶ୍ଳୀଳ ଭାଷାରେ କଥାବର୍ତ୍ତା ହେଉଥିଲେ। ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିବା ସହ ସେଠାରୁ ପଳାଇଯିବାକୁ କହିଥିଲେ। ହେଲେ ଉକ୍ତ ଯୁବକମାନେ ସେଠାରୁ ନ ଯିବାରୁ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ପରେ ଉଭୟ ପକ୍ଷକୁ ବୁଝାସୁଝା କରାଯିବାରୁ ପରିସ୍ଥିତି ଶାନ୍ତ ପଡିଥିଲା।

## କାର ଦୁର୍ଘଟଣାରେ ଜଣେ ମୃତ

**ଆଠଗଡ, ୭।୫ (ସ୍ୱ.ପ୍ର.)**

ଆଠଗଡ଼ ଥାନା ଅନ୍ତର୍ଗତ ମେଘା ହନୁମାନ ମନ୍ଦିର ନିକଟରେ ମଙ୍ଗଳବାର ଏକ କାର ଦୁର୍ଘଟଣା ଘଟି ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଭୁବନେଶ୍ୱରସ୍ଥିତ କଳ୍ପନା ଅଞ୍ଚଳର ସର୍ବେଶ୍ୱର ଭଞ୍ଜ (୩୨)। ସେ ଅନୁଗୋଳ ବ୍ଲକ କାର୍ଯ୍ୟାଳୟରେ ଡାଟାଏଣ୍ଟ୍ରି ଅପରେଟର ଭାବେ କାର୍ଯ୍ୟକରନ୍ତି। ଅପରାହ୍ନ ସମୟରେ ସେ ଏକ କାରରେ ଅନୁଗୋଳରୁ ଅଫିସ କାମ ସାରି ଭୁବନେଶ୍ୱର ଫେରୁଥିଲେ। ମେଘାଠାରେ ଚାଳକ ଭାରସାମ୍ୟ ହରାଇ କାରଟିକୁ ରାସ୍ତା କଡରେ ଥିବା ଏକ କଲଭର୍ଟରେ ପିଟି ଦେଇଥିଲା। ଫଳରେ ସର୍ବେଶ୍ୱର ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆଠଗଡ ଉପଖଣ୍ଡ ସରକାରୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ଖବରପାଇ ଆଠଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରିଛନ୍ତି। ଚାଳକ ଫେରାର ହୋଇଯାଇଥିବା ଜଣାପଡିଛି।

## ୩ବଖରା ଜଳିଗଲା, ଗୃହକର୍ତ୍ତା ଆହତ

**କଟକ ସଦର,୭।୫(ଡି.ଏନ୍.ଏ.)**

କିଶନନଗର ତହସିଲ ଅନ୍ତର୍ଗତ ଧରିଣା ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ବିଷ୍ଣୁ ଚରଣ ସାହୁଙ୍କ ୩ ବଖରା ଭସ୍ମୀଭୂତ ହୋଇଯାଇଛି। ଏଥିରେ ୫ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ନିଆଁରୁ ଆସବାବପତ୍ରକୁ ଉଦ୍ଧାର କରିବାକୁ ଯାଇ ବିଷ୍ଣୁ ଓ ତାଙ୍କ ସ୍ତ୍ରୀ ପୋଡିଯାଇ ଆହତ ହୋଇଛନ୍ତି। ପରେ ସେମାନଙ୍କୁ ଚିକିତ୍ସା ପାଇଁ କଟକ ବଡ ମେଡିକାଲ ରେ ଭର୍ତ୍ତି କରାଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ଗ୍ରାମବାସୀ ନିଆଁକୁ ଆୟତ୍ତ କରିଥିଲେ।

## ଅଟ୍ଟାଳୀ ଦେବଙ୍କ ରଥକାଠ ଅନୁକୂଳ

**ଆଠଗଡ,୭।୫(ସ୍ୱ.ପ୍ର.):** ଆଠଗଡର ଆରାଧ୍ୟ ଦେବତା ଶ୍ରୀଶ୍ରୀ ଅଟ୍ଟାଳୀ ଜଗନ୍ନାଥଙ୍କ ରଥକାଠ ମଙ୍ଗଳବାର ଅନୁକୂଳ ହୋଇଛି। ଦେବୋତ୍ତର ସୁପରଭାଇଜର କରୁଣାକର ବେହେରାଙ୍କ ପରିଚାଳନାରେ ବଡପଣ୍ଡା ଶରତ ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ଆନନ୍ଦ ଚନ୍ଦ୍ର ମହାରଣା କାନ୍ଧରେ ବାହି ରଥଖଳାକୁ ଆଣିଥିଲେ। ଦେବୋତ୍ତର ଉପଦେଷ୍ଟା କମିଟି ସଭ୍ୟ କେଶବାନନ୍ଦ ମହାନ୍ତିଙ୍କ ସମେତ ବହୁ ଭକ୍ତ ଏହି ଉତ୍ସବରେ ଉପସ୍ଥିତ ଥିଲେ।



କଟକ ଶ୍ରୀରାମଚନ୍ଦ୍ର ଭବନରେ ଉତ୍କଳ ସାହିତ୍ୟ ସମାଜର ପ୍ରତିଷ୍ଠା ଦିବସ ଅବସରରେ ଡ. ଅର୍ଚ୍ଚନା ନାୟକଙ୍କୁ ମୁଖ୍ୟ ଅତିଥି ସାହିତ୍ୟିକ ମନୋଜ ଦାଶ ଉପସ୍ଥିତ ଅନ୍ୟ ଅତିଥିଙ୍କ ଗହଣରେ ଜେମା ସାମନ୍ତ ସୃଜନୀ ପୁରସ୍କାର ପ୍ରଦାନ କରୁଛନ୍ତି।

## ବିଦ୍ୟୁତ୍ ଆଘାତରେ ସେସୁ କର୍ମଚାରୀ ଗୁରୁତର

**କଟକ ଅଫିସ,୭।୫**

ବିଦ୍ୟୁତ୍ ଆଘାତରେ ସୋମବାର ଜଣେ ସେସୁ କର୍ମଚାରୀ ଗୁରୁତର ହୋଇଛନ୍ତି। ତେବେ ତାଙ୍କ ପରିଚୟ ମିଳିପାରିନାହିଁ। ପୁରୀଘାଟ ଥାନା ଅନ୍ତର୍ଗତ ମେରିଆବଜାର ଅଞ୍ଚଳର ଏକ ବିଦ୍ୟୁତ୍ ଖୁଣ୍ଟରେ ତାର ସଂଯୋଗ କରାଯାଉଥିଲା। ଉକ୍ତ କର୍ମଚାରୀ ଜଣଙ୍କ ତାର ସଜାଡୁଥିବାବେଳେ ହଠାତ୍ ଲାଇନ ଚାର୍ଜ ହୋଇଯିବାରୁ ବିଦ୍ୟୁତ୍ ଆଘାତରେ ସେ ତଳେ ପଡିଯାଇଥିଲେ। ଚିକିତ୍ସାଲାଗି ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୮ ମେ , ୨୦୧୯



ଯେକୌଣସି କାମ କରିବାକୁ ଶ୍ରଦ୍ଧାର ସହିତ ଚେଷ୍ଟା କଲେ ଯେତେ ବାଧା, ବିଘ୍ନ ଓ ଅସୁବିଧା ଆସୁ ପଛେ ଲୋକ ନିଶ୍ଚୟ ସଫଳ ହେବ ।
-ଜନ ବେୟାର୍ଡ



## ସଂକ୍ଷେପରେ

### ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା

ଖୋର୍ଦ୍ଧା ଅଫିସ,୭।୫:ଯୌତୁକ ପାଇଁ ବାଣପୁର ଥାନା ହରିକୁଣ୍ଡ ବରଡି ଗାଁରେ ମମତା ପରିଡା (୩୪)ଙ୍କୁ ହତ୍ୟା କରାଯାଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ ଦଫା ୪୯୮, ୩୦୬ ଓ ୩୪ ଆଇପିସିରେ ନଂ.୧୨୯/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଏହି ହତ୍ୟାରେ ଶାଶୁ, ଶ୍ୱଶୁର, ଯାଆ ଦେଢ଼ଶୁରଙ୍କ ସମ୍ପୃକ୍ତି ରହିଥିବା ଅଭିଯୋଗ ରହିଛି। ସ୍ୱାମୀ କାଳୁ ପରିଡା ବିଦେଶରେ ରହୁଥିବାବେଳେ ଅଧିକ ୫୦ ହଜାର ଟଙ୍କା ପାଇଁ ମମତାଙ୍କୁ ବିଭିନ୍ନ ସମୟରେ ଶାଶୁ ଘର ଲୋକ ନିର୍ଯାତନା ଦେଇ ଆସୁଥିଲେ। ଶେଷରେ ହତ୍ୟା କରି ବିଷଖାଇ ଆତ୍ମହତ୍ୟା କରିଥିବା ଦର୍ଶାଇ ଶାଶୁଘର ଲୋକେ ଖସି ଯିବାକୁ ଉଦ୍ୟମ କରିଥିବାର ଅଭିଯୋଗ ହୋଇଛି।

### କାର୍ଯ୍ୟରେ ଯୋଗଦେଲେ ନୂତନ ଜିଲାପାଳ

ଖୋର୍ଦ୍ଧା ଅଫିସ,୭।୫: ମଙ୍ଗଳବାର ଖୋର୍ଦ୍ଧା ଜିଲାପାଳ ଭାବେ ଭୁପିନ୍ଦର ସିଂ ପୁନିଆ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏଠାରେ ଥିବା ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ରଙ୍କର ବଦଳି ଓଟିଇଟି ନିର୍ଦ୍ଦେଶକ ଭାବେ ସୋମବାର ହୋଇଥିଲା। ରିଲିଫ୍, ଥଇଥାନ, ସର୍ଭେ କାର୍ଯ୍ୟ ଠିକ୍ ଭାବେ କରାଯିବ। ବିପନ୍ନ ପରିବାର ଯେପରି ବାଦ୍ ନ ପଡିବେ ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ଜିଲାପାଳ ପୁନିଆ କହିଛନ୍ତି।

### ୭ଦିନ ମଧ୍ୟରେ ବଣ୍ଟନ ହେବ ରିଲିଫ୍

ଖୋର୍ଦ୍ଧା ଅଫିସ,୭।୫:ଖୋର୍ଦ୍ଧା ଜିଲାରେ ରିଲିଫ୍ ବଣ୍ଟନ ପ୍ରକ୍ରିୟା ବୁଧବାରଠାରୁ ଆରମ୍ଭ ହୋଇ ୭ଦିନ ମଧ୍ୟରେ ଶେଷ କରାଯିବ ବୋଲି ଗଣମାଧ୍ୟମ ସମ୍ମୁଖରେ ଖୋର୍ଦ୍ଧା ଜିଲାପାଳ ଭୂପିନ୍ଦର ସିଂ ପୁନିଆ ମଙ୍ଗଳବାର ପ୍ରକାଶ କରିଛନ୍ତି। ଜିଲାପାଳଙ୍କ ସୂଚନା ଅନୁସାରେ, ଜିଲାର ୮୦ ପ୍ରତିଶତ ଲୋକ ବାତ୍ୟା ପ୍ରଭାବିତ ହୋଇଛନ୍ତି। ସରକାରୀ ନିୟମ ମୁତାବକ, ରିଲିଫ୍ ବିପନ୍ନଙ୍କୁ ବୁଧବାରଠାରୁ ଦିଆଯିବ। ସେହିପରି ପଲିଥିନ୍ ମଧ୍ୟ ଯୋଗାଇ ଦିଆଯିବ। ପାନୀୟଜଳ ସମସ୍ୟାର ସମାଧାନ ପାଇଁ ପୌରାଞ୍ଚଳ ଓ ଜନସ୍ୱାସ୍ଥ୍ୟ ବିଭାଗ ସହ ଆଲୋଚନା କରାଯାଇ ତ୍ୱରିତ ପଦକ୍ଷେପ ନିଆଯାଇଛି। କାର୍ଡଧାରୀମାନେ ଯେପରି ଆଗରୁ ଚାଉଳ କିରୋସିନ ପାଉଥିଲେ ସେମାନଙ୍କୁ ମେ' ମାସର ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଛନ୍ତି।

### ମଲ୍ଟି କଣ୍ଟ୍ରୋଲ ରୁମ୍‌ରେ ୭୭୦ରୁ ଊର୍ଦ୍ଧ୍ୱ ଅଭିଯୋଗ

ଭୁବନେଶ୍ୱର, ୭।୫(ବ୍ୟୁରୋ)- ବହୁମୁଖୀ ନିୟନ୍ତ୍ରଣ କକ୍ଷ(ମଲ୍ଟି କଣ୍ଟ୍ରୋଲ ରୁମ୍)ରେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ୭୭୦ରୁ ଊର୍ଦ୍ଧ୍ୱ ଅଭିଯୋଗ ଆସିଛି। ଗୃହ ବିଭାଗର ମୋଟ ୨୯ଟି ଦଳ ୧୩ଟି ଜୋନରେ କାର୍ଯ୍ୟରତ ଥିବାବେଳେ ଏନ୍‌ଡ଼ିଆରଏଫର ୧୩ଟି ଦଳ, ଅଗ୍ନିଶମ ବିଭାଗର ୭ଟି ଦଳ ଓ ସେସୁର ୩ଟି ଦଳ କାର୍ଯ୍ୟରତ ଅଛନ୍ତି। ସହରକୁ ପୁଣି ଥରେ ତା'ର ମୁଖ୍ୟ ରୂପକୁ ଫେରାଇ ଆଣିବାକୁ ସେମାନେ ଚେଷ୍ଟା କରୁଛନ୍ତି। ଅପରପକ୍ଷେ ଭାରତୀୟ ନୌସେନା ପକ୍ଷରୁ ଭୁବନେଶ୍ୱରର ରେଣ୍ଟାଲ କଲୋନୀ ହାଇସ୍କୁଲ ଅଞ୍ଚଳ ଓ ରେଣ୍ଟାଲ କଲୋନୀ ବସ୍ତିରେ ୫ ହଜାର ଲିଟର ପିଇବା ପାଣି ସହ ୧୨ଶହ ପ୍ୟାକେଟ ବିସ୍କୁଟ ପ୍ୟାକେଟ ବଣ୍ଟାଯାଇଛି।

### ଗ୍ରାମସଭାରେ ଗଣ୍ଡଗୋଳ ଘଟଣା
### ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ବିଫଳ

କୃଷ୍ଣପ୍ରସାଦ,୭।୫(ଡି.ଏନ.ଏ)ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକସ୍ଥ କନ୍ହେଇପୁର ଗ୍ରାମରେ ଆୟୋଜିତ ଗ୍ରାମସଭାରେ ଗତ ୧ ତାରିଖରେ ଗୋଷ୍ଠୀ ବିବାଦ ସୃଷ୍ଟି ହୋଇଥିଲା। ଏଥିଯୋଗୁ ଉଭୟ ପକ୍ଷରୁ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଚିକିତ୍ସା ପରେ କେତେଜଣ ଘରକୁ ଫେରିଥିବାବେଳେ ଏ ପର୍ଯ୍ୟନ୍ତ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସର ବିଫଳତା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗତ ୩ ଦିନ ମଧ୍ୟରେ କୃଷ୍ଣପ୍ରସାଦ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ୪ ଥର ଚଢ଼ାଉ ହୋଇଥିବାବେଳେ ଅଭିଯୁକ୍ତମାନେ ଚମ୍ପଟ ମାରିଥିବା ସୂଚନା ମିଳିଛି। ତେବେ ପୋଲିସ ଗାଁ ଦାଣ୍ଡରେ ଥିବା ଏକ ମୋଟର ସାଇକେଲକୁ ଜବତ କରିଛି। ସମ୍ପ୍ରତି ଉତ୍ତେଜନା ପରିସ୍ଥିତି ଲାଗି ରହିଥିବାବେଳେ ଏ ପର୍ଯ୍ୟନ୍ତ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସର ନିଷ୍କ୍ରିୟତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଦ୍ୟୁତ୍ ବ୍ୟାହତ ଯୋଗୁ ଉଭୟ ପକ୍ଷରୁ ଲିଖିତ ଅଭିଯୋଗ ସମ୍ପୂର୍ଣ୍ଣ ପଞ୍ଜୀକୃତ ହୋଇପାରି ନ ଥିବା କୃଷ୍ଣପ୍ରସାଦ ଥାନା ଅଧିକାରୀ ସୁଧୀର କୁମାର ସାହୁ ପ୍ରକାଶ କରିଛନ୍ତି।

## ବାତ୍ୟାର ୫ ଦିନ ପରେ ବି ବଦଳୁନି ସ୍ଥିତି

# କନ୍ଦାଉଛି ପାଣି, ବିଦ୍ୟୁତ୍

**ଖୋର୍ଦ୍ଧା ଅଫିସ,୭।୫:**

ଫନୀ ପରେ ଖୋର୍ଦ୍ଧା ଜିଲାର ସହରଠାରୁ ଗାଁ ଗୋଟିଏ ଚିତ୍ର। ବାତ୍ୟା ହେବାର ୫ଦିନ ବିତିଯିବାକୁ ବସିଥିଲେ ମଧ୍ୟ ବଦଳୁନି ସ୍ଥିତି। କନ୍ଦାଉଛି ପାଣି, ବିଦ୍ୟୁତ୍। ଗୁଲୁଗୁଲି ଓ ମଶା ନିଦ ହଜାଇ ଦେଉଛନ୍ତି। ସଞ୍ଜ ହେଲେ ତାଟି କବାଟ ପଡିଯାଉଛି। ଦୋକାନ ବଜାର ବନ୍ଦ ରହୁଛି। ଅନ୍ଧାର ପ୍ରତିଟି କ୍ଷେତ୍ରରେ ବାଧକ ସାଜିଛି। ଖର୍ଚ୍ଚ କରିବାକୁ ପାଖରେ ନାହିଁ ଟଙ୍କା। ଏଭଳିସ୍ଥଳେ ପ୍ରଶାସନିକ ବ୍ୟବସ୍ଥା ବିପନ୍ନଙ୍କ ପାଇଁ ଫେଲ ହୋଇଥିବାରୁ ପରିସ୍ଥିତି ଭୟଙ୍କର ହୋଇ ଚାଲିଛି। ଭୋକିଲା ପେଟରେ ବିପନ୍ନ ରାଜରାସ୍ତାକୁ ଓହ୍ଲାଇବା ଆରମ୍ଭ ହୋଇଛି। ରିଲିଫ, ପାନୀୟ ଜଳ, ବିଦ୍ୟୁତ୍ ପରି ସେବା ପାଇବା ଦାବି ନେଇ ଜିଲା ସଦର ମହକୁମା ସମେତ ବିଭିନ୍ନ ଅଞ୍ଚଳରେ ରାସ୍ତାରୋକୋ ହେଲାଣି ତ ଆଉ କେଉଁଠି ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ, ଧାରଣା କରାଯାଉଛି। ବିପନ୍ନଙ୍କ ସ୍ଥିତି ବିଗିଡି ଚାଲିଥିବାବେଳେ ଆଶ୍ୱାସନା ଦିଆଯାଉଛି ପ୍ରଶାସନକୁ ସହଯୋଗ କର, ସବୁ କିଛି ଠିକ୍‌ଠାକ ହୋଇଯିବ। ଅନ୍ୟପକ୍ଷେ ଲୋକଙ୍କ ମନ କିଣିବାକୁ ଜିଲାପାଳଙ୍କୁ ବଦଳି କରି ପ୍ରଶାସନ ଲୋକାଭିମୁଖୀ ହେଉଛି ବୋଲି ଡିଣ୍ଡିମ ପିଟିଲାଣି। ତେବେ ବିପନ୍ନ ଆଉ ବୁଝିବା ସ୍ଥିତିରେ ନାହାନ୍ତି। ସେମାନଙ୍କର ପ୍ରଶ୍ନ ବଞ୍ଚିବେ କିପରି, ରହିବେ କେଉଁଠି। ଖାଇବେ କ'ଣ, ଚଳିବେ କେମିତି । ଦିନକୁ ଦିନ ସ୍ଥିତି ବିଗିଡି ଚାଲିଥିବାରୁ ପ୍ରଶାସନ ଉପରେ ବାତ୍ୟା ବିପନ୍ନଙ୍କ ଭରସା ତୁଟିବାରେ ଲାଗିଛି ।



ଖୋର୍ଦ୍ଧା ମୁକୁନ୍ଦପ୍ରସାଦ ଅଞ୍ଚଳରେ ବିଦ୍ୟୁତ୍‌ଖୁଣ୍ଟ ପୋତାଯାଉଛି ।

ସାମୁଦ୍ରିକ ଝଡ ଫନୀ ଚାଲିଯିବା ପରେ ସାଧାରଣ ଜୀବନଯାତ୍ରା ଦୁର୍ବିସହ ହୋଇପଡିଛି। ପାନୀୟଜଳଠାରୁ ଆରମ୍ଭ କରି ଖାଦ୍ୟ ସଙ୍କଟରେ ଲୋକେ ପେଷି ହୋଇ ଚାଲିଛନ୍ତି। ବାତ୍ୟାର ୫ଦିନ ବିତିଯିବାକୁ ବସିଥିବାବେଳେ ଜିଲା ସଦର ମହକୁମାର ମୁକୁନ୍ଦପ୍ରସାଦରେ ବିଦ୍ୟୁତ୍ ଖୁଣ୍ଟ ପୋତିବା ମଙ୍ଗଳବାର ଆରମ୍ଭ ହୋଇଛି। ତେବେ ଭାଙ୍ଗି ପଡିଥିବା ଓ ବିପଦସଙ୍କୁଳ ଭାବେ ରହିଥିବା ବିଦ୍ୟୁତ୍ ଖୁଣ୍ଟ ଓ ଛିଣ୍ଡି ଯାଇଥିବା ତାରକୁ ହଟାଯାଇନାହିଁ। ସହରର ଅନ୍ୟ ସ୍ଥାନରେ ମରାମତି କାମ କରାଯାଉନାହିଁ। ବିଦ୍ୟୁତ୍ ବିଭାଗର କାର୍ଯ୍ୟକୁ ଅନୁଧ୍ୟାନ କଲେ ୧୦ ଦିନ ବିତିଗଲେ ମଧ୍ୟ ଜିଲା ସଦର ମହକୁମାରେ ବିଦ୍ୟୁତ୍ ସେବା ମିଳିବ ବୋଲି ବିଶ୍ୱାସ ଲାଗୁନି। ସେହିଭଳି ପ୍ରଶାସନର ପୁନର୍ବାସ ଓ ଥଇଥାନ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ପାନୀୟ ଜଳ ସମସ୍ୟା ଉତ୍କଟ ହେବାରେ ଲାଗିଛି। ପାନୀୟଜଳ ନେବା ପାଇଁ ପାଣି ଟ୍ୟାଙ୍କର ଓ ନଳକୂପ ସମ୍ମୁଖରେ ଗହଳି ବଢୁଛି।

- ଗୁଲୁଗୁଲି ସାଙ୍ଗକୁ ମଶା ହଜାଉଛନ୍ତି ନିଦ
- ଖର୍ଚ୍ଚ କରିବାକୁ ନାହିଁ ଟଙ୍କା
- ଦୁର୍ଦ୍ଦଶାରେ ବିପନ୍ନଙ୍କ ଜୀବନ

ଅଧିକ ପରିମାଣ, ପ୍ରଥମେ ପାଣି ନେବାକୁ ପାଟିତୁଣ୍ଡ ଓ ଗଣ୍ଡଗୋଳ ହୋଇ ଉତ୍ତେଜନା ସୃଷ୍ଟି ହେଉଛି। ତେବେ ସବୁ ଲୋକ ପାଣି ପାଇ ପାରୁନାହାନ୍ତି। ଟ୍ୟାଙ୍କର ଜଳ ଶୋଷ ମେଣ୍ଟାଇ ପାରୁନାହିଁ। ସବୁ ସ୍ଥାନକୁ ଟ୍ୟାଙ୍କର ଯାଉନାହିଁ। ଟ୍ୟାଙ୍କର ଯିବା ପାଇଁ ରାଜନୀତି ବି ହେଉଛି। ସହରର ଜଳଯୋଗାଣ ସ୍ଥିତିକୁ ସ୍ୱାଭାବିକ କରିବାକୁ ହେଲେ ବିଦ୍ୟୁତ୍ ସରବରାହକୁ ପ୍ରଥମେ ସଜାଡିବା ଉଚିତ। ତେବେ ଏହାକୁ ଅଣଦେଖା କରି ସମୟ ଗଡା ଯାଉଥିବାରୁ ଲୋକେ ଉତ୍ତେଜିତ ହେଲେଣି। କେତେବେଳେ କ'ଣ ଘଟିବ କହି ହେବ ନାହିଁ। ଅପରପକ୍ଷେ ବ୍ୟାଙ୍କର ନିର୍ଯାତନା ମଧ୍ୟ ବଢ଼ି ଚାଲିଛି। ଡିଜିଟାଲ ଦୁନିଆ ସ୍ଲୋଗାନରେ ପ୍ରଭାବିତ ହୋଇ ଲୋକମାନେ ବ୍ୟାଙ୍କରେ ଟଙ୍କା ଜମା ରଖିଲେ। ବ୍ୟାଙ୍କ ମଧ୍ୟ ଗଳିକନ୍ଦିରେ ଏଟିଏମ୍ ଖୋଲି ଲୋକଙ୍କୁ ସେବା ଯୋଗାଇ ଚାଲିଲେ। ତେବେ ବିପଦ ସମୟରେ ଲୋକେ ଟଙ୍କା ପାଉନାହାନ୍ତି। ଏବେ ଜିଲା ସଦର ମହକୁମାର ଅନେକ ଏଟିଏମ୍ ବନ୍ଦ। ଯେଉଁ ଗୁଡିକ ଖୋଲା ସେଥିରେ ଟଙ୍କା ନାହିଁ। ସ୍ଥିତି ଏଭଳି ହେଲାଣି ଲୋକେ ବ୍ୟାଙ୍କରେ ଟଙ୍କା ରଖି ସଉଦା କିଣିବାକୁ ପାଖରେ ଟଙ୍କା ନାହିଁ। କିଛି ଖୁଚୁରା ବ୍ୟବସାୟୀ, ଉଠା ଦୋକାନୀ ବାତ୍ୟା ପରର ସ୍ଥିତିକୁ ମୁକାବିଲା କରି ନ ପାରି ସହର ଛାଡି ସାରିଲେଣି। କେତେଜଣ ଲୋକ ଘର ଛାଡି ବନ୍ଧୁ ବାନ୍ଧବ ଘରକୁ ଚାଲି ଗଲେଣି। ଏ ନେଇ ବେଗୁନିଆ ବ୍ଲକ ମାନଗୋବିନ୍ଦପୁରର ମଞ୍ଜୁଲତା ଦଳେଇ ଓ ସମ୍ବାରୀ ନାୟକ କୁହନ୍ତି ଚାଳରେ ନଡା ନାହିଁ। ଭଙ୍ଗା ଘରେ ରହିବାକୁ ଭୟ ଲାଗୁଛି। ଘର ଭାଙ୍ଗିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ପଲିଥିନ ଦିଆଗଲାନି। ବାତ୍ୟା ଆଶ୍ରୟସ୍ଥଳକୁ ନ ଯିବାରୁ ଆମକୁ ଅଣଦେଖା କରାଯାଉଛି। ଖୋର୍ଦ୍ଧା ମୁକୁନ୍ଦପ୍ରସାଦର ରବି ଖାନ୍ କୁହନ୍ତି, ଚାଳରେ ନଡା ନାହିଁ। ପିଇବାକୁ ପାଣି ନାହିଁ। ଗୁଲୁଗୁଲିକୁ ରାତିରେ ମଶାଙ୍କ ଉପଦ୍ରବ। ଘରେ ଖାଇବାକୁ ନାହିଁ। କାମ ଠିକ୍‌ରେ ନ ମିଳିବାରୁ ରୋଜଗାର ଠପ୍ ହୋଇଯାଇଛି। ଏଭଳିସ୍ଥଳେ ରିଲିଫ୍ ଓ ସରକାରୀ ସହାୟତା ଦିଆଗଲାନି। ତେବେ ବିପନ୍ନଙ୍କ ପାଇଁ ସବୁ କିଛି ଘୋଷଣା ଚାଲିଛି। ଖୋର୍ଦ୍ଧା ଜିଲାପାଳ ଭୁପିନ୍ଦର ସିଂ ପୁନିଆ କୁହନ୍ତି, ବାତ୍ୟାରେ ଖୋର୍ଦ୍ଧା ଜିଲା କ୍ଷତିଗ୍ରସ୍ତ ହୋଇଛି। ପୁନର୍ବିନ୍ୟାସ ଓ ଥଇଥାନ କାର୍ଯ୍ୟରେ ତ୍ୱରାନ୍ୱିତ ଆଣିବାକୁ ଲୋକଙ୍କର ସହଯୋଗ ଦରକାର। ବିପନ୍ନମାନଙ୍କୁ ତ୍ୱରିତ ସେବା ଯୋଗାଇବାକୁ ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଚାଲୁ ରହିଛି। ଜଟଣୀ ଓ ଚିଲିକା ପରି ଅଞ୍ଚଳରେ ବିଦ୍ୟୁତ୍ ସମସ୍ୟା ରହିଛି। ତେବେ ସବୁ ଅଞ୍ଚଳରେ ବିଦ୍ୟୁତ୍ ସେବା ଶୀଘ୍ର ଦେବାକୁ ପ୍ରଶାସନିକ ତତ୍ପରତାକୁ ଅଧିକ ତ୍ୱରାନ୍ୱିତ କରାଯାଇଛି।

**ରିପୋର୍ଟ : ଲୋକନାଥ ମିଶ୍ର**

### ମଦ ବୋଝେଇ ମିନିଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

**ଭୁବନେଶ୍ୱର, ୭।୫(ବ୍ୟୁରୋ)**

ଖଣ୍ଡଗିରି ଥାନା ସୌଭାଗ୍ୟନଗର ଛକ ନିକଟରେ ମଙ୍ଗଳବାର ଏକ ମଦ ବୋଝେଇ ମିନିଟ୍ରକ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଖୋର୍ଦ୍ଧା ଜଙ୍କିଆ ଅଞ୍ଚଳର ନୃସିଂହ ଜେନା। ସୂଚନା ଅନୁଯାୟୀ, ନୃସିଂହ ଏକ ବାଇକ୍‌ରେ ଜାଗମରା ଛକରୁ ସୌଭାଗ୍ୟନଗର ଅଭିମୁଖେ ଆସୁଥିଲେ। ଏହି ସମୟରେ ଜାଗମରା ପଟୁ ଆସୁଥିବା ଉକ୍ତ ମିନିଟ୍ରକ୍ ଦ୍ରୁତ ଗତିରେ ଆସି ନୃସିଂହଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇବା ପରେ ମିନିଟ୍ରକ୍ ଡ୍ରାଇଭର ଗାଡିକୁ ନେଇ ଫେରାର ହୋଇଯାଇଥିଲେ। ଖବରପାଇ ପିସିଆର ଭ୍ୟାନ୍ ପହଞ୍ଚି ଉକ୍ତ ମିନିଟ୍ରକ୍‌ର ପିଛା କରି ଡେଲଟା ଛକ ନିକଟରେ ଅଟକାଇ ଡ୍ରାଇଭରଙ୍କୁ କାବୁ କରିନେଇଥିଲା। ଅନ୍ୟପକ୍ଷରେ ବାଇକ୍ ଚାଳକଙ୍କ ମୃତ୍ୟୁକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଯାଇଥିଲା। ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏ ନେଇ ଖଣ୍ଡଗିରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ବାତ୍ୟା ପରିସ୍ଥିତି ସମୀକ୍ଷା କଲେ ଜିଲାପାଳ

# ସର୍ଭେ ତୁରନ୍ତ ଶେଷକର



ସମୀକ୍ଷା ବୈଠକରେ ଜିଲାପାଳ ଓ ଅନ୍ୟମାନେ ।

**ଖୋର୍ଦ୍ଧା ଅଫିସ,୭।୫**

ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଜିଲାପାଳ ଭୂପିନ୍ଦର ସିଂ ପୁନିଆ ଖୋର୍ଦ୍ଧା ଜିଲାର ବାତ୍ୟା ପରିସ୍ଥିତି ସମୀକ୍ଷା କରିଛନ୍ତି। ବିପନ୍ନଙ୍କୁ ଅଣଦେଖା ଓ କର୍ତ୍ତବ୍ୟରେ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି। ତେବେ କ୍ଷତିଗ୍ରସ୍ତଙ୍କ ତାଲିକା ତୁରନ୍ତ ସର୍ଭେ କରି ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତି ପଞ୍ଚାୟତରେ ଡିଷ୍ଟ୍ରିବ୍ୟୁଟର ପଏଣ୍ଟ କରାଯିବ। ବୈଠକରେ ରାଜ୍ୟ ସରକାରଙ୍କ ନୋଡାଲ ଅଫିସର କ୍ରିଷ୍ଣ କୁମାର ଉପସ୍ଥିତ ରହି ଅନୁରୂପ ଭାବେ ସମୀକ୍ଷା କରିଥିଲେ।

### ବାତ୍ୟା ପରବର୍ତ୍ତୀ ସ୍ଥିତି ଆକଳନରେ କଚ୍ଛପ ଗତିକୁ ନେଇ ଜିଲାପାଳ କ୍ଷୁବ୍ଧ

**ଖୋର୍ଦ୍ଧା ଅଫିସ,୭।୫**

ବାତ୍ୟା ପରବର୍ତ୍ତୀ ସ୍ଥିତି ଆକଳନରେ କଛପଗତିକୁ ନେଇ ଜିଲାପାଳ ଭୂପିନ୍ଦର ସିଂ ପୁନିଆ ମଙ୍ଗଳବାର ଅଧିକାରୀ ଓ କର୍ମଚାରୀଙ୍କ ଉପରେ କ୍ଷୁବ୍ଧ ହୋଇଛନ୍ତି। ବାତ୍ୟା ଯିବାର ୫ ଦିନ ବିତିବାକୁ ବସିଥିବାବେଳେ ଫୋନ କାମ କରୁନାହିଁ ଦର୍ଶାଇ ସ୍ଥିତି ଆକଳନରେ ବିଳମ୍ବ କରାଯାଇଥିବା ଜିଲାପାଳ ଜାଣିବାକୁ ପାଇଥିଲେ। ଆଗକୁ ଯେପରି ଏ ପରିସ୍ଥିତି ନ ଉପୁଜେ ସେଥିପ୍ରତି ସଜାଗ ରହିବାକୁ ଜିଲାପାଳ ତାଗିଦ୍ କରିଛନ୍ତି।

# ରିଲିଫ୍ ଯୋଗାଇଦେବା ଦାବିରେ ରାସ୍ତାରୋକୋ

**ଖୋର୍ଦ୍ଧା ଅଫିସ,୭।୫**

ରିଲିଫ୍ ଓ ସହାୟତା ଯୋଗାଇବା ଦାବି ନେଇ ସ୍ଥାନୀୟ ଚାଚେରା ଶବରସାହିଠାରେ ମଙ୍ଗଳବାର ପୂର୍ବାହ୍ନରେ ରାସ୍ତାରୋକୋ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ବିପନ୍ନମାନେ ଖୋର୍ଦ୍ଧା ଜଟଣୀ ରାସ୍ତାକୁ ଅବରୋଧ କରି ପୂର୍ବାହ୍ନ ୭ଟାରେ ପଥର ପକାଇ ଟାୟାର ଜାଳି ଥିଲେ। ବିପନ୍ନଙ୍କ ଅଭିଯୋଗ ଅନୁସାରେ, ଘର ଭାଙ୍ଗିଲା ପରେ ସର୍ଭେ କରାଯାଉନି। ବିପନ୍ନ ପରିବାରକୁ ପଲିଥିନ୍ ଦିଆଯାଉନି। ଚାଳରେ ନଡା ନ ଥିବାରୁ ବଞ୍ଚିବା ଦୁର୍ବିଷହ ହୋଇ ପଡିଲାଣି। ବିଦ୍ୟୁତ୍ ସେବା ନାହିଁ। ପାନୀୟଜଳ ଯୋଗାଣ ହେଉନି। ବାତ୍ୟା ପରବର୍ତ୍ତୀ ସ୍ଥିତି ମୁକାବିଲା କରିବାରେ ପ୍ରଶାସନର ବିଫଳତାକୁ ନେଇ ଏହି ରାସ୍ତାରୋକୋ ହୋଇଥିଲା।



ଚାଚରା ଶବରସାହିଠାରେ ଲୋକମାନେ ରିଲିଫ ନ ପାଇବାରୁ ରାସ୍ତାରୋକୋ କରିଛନ୍ତି ।



ମଙ୍ଗଳବାର ବେଗୁନିଆ ଅଞ୍ଚଳରେ ଅଖିମୁଠି ଲାଗି ପୂଜାର୍ଚ୍ଚନା କରାଯାଉଛି ।

# ଫନୀ ଯୋଗୁ କୃଷ୍ଣପ୍ରସାଦରେ ବହୁ କ୍ଷୟକ୍ଷତି

**କୃଷ୍ଣପ୍ରସାଦ,୭।୫(ଡି.ଏନ.ଏ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ଗତ ୩ ତାରିଖ ଫନୀ ବାତ୍ୟା ବହୁ କ୍ଷୟକ୍ଷତି ଘଟାଇଛି। ଘର ଭାଙ୍ଗିଯିବାରୁ ଅନେକ ଲୋକ ବାସହରା ହୋଇ ହନ୍ତସନ୍ତ ହେଉଛନ୍ତି। ସେମାନେ ଏ ପର୍ଯ୍ୟନ୍ତ ନିଜର ବାସଗୃହ ପୁନଃ ତିଆରି କରିବାରେ ସକ୍ଷମ ହୋଇପାରିନାହାନ୍ତି। ଫନୀ ଯୋଗୁ ବହୁ ଘର, ସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର ଭାଙ୍ଗିରୁଜି ଧ୍ୱଂସ ହୋଇଯାଇଛି। ଗଛ ଉପୁଡ଼ିଯିବା, ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯିବା ଓ ଗମନାଗମନ ବ୍ୟାହତ ହେବା କାରଣରୁ ସାଧାରଣ ଜୀବନ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ଏନ୍‌ଡିଆର୍‌ଏଫ୍, ଅଗ୍ନିଶମ ବିଭାଗ ରାସ୍ତାରୁ ଗଛ ହଟାଇବା ପରେ ଲୋକେ ଆଶ୍ୱସ୍ତ ହେବା ସହ ଗମନାଗମନ ସ୍ୱାଭାବିକ ହୋଇଛି। ଗ୍ରାମାଞ୍ଚଳରେ ଉଦ୍ଧାରକାରୀଙ୍କ ସହ ଲୋକେ ସହଯୋଗ କରୁଥିବା ଜଣାପଡ଼ିଛି। ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ୍ ବିଭାଗର କାର୍ଯ୍ୟ ଫଳରେ ମଙ୍ଗଳବାର ମାଲୁଦରେ ବିଦ୍ୟୁତ୍ ସଂଯୋଗ ଘଟିଛି। ଫଳରେ ଲୋକଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଲୋକଙ୍କ ଧନ, ଜୀବନ ସୁରକ୍ଷା ନିମନ୍ତେ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଗୃହପାଳିତ ଓ ଜଙ୍ଗଲ ପଶୁପକ୍ଷୀଙ୍କ ନିମନ୍ତେ ସେଭଳି କିଛି ସରକାରୀ ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ତେଣୁ ବାତ୍ୟା, ବର୍ଷା ଯୋଗୁ ବଙ୍ଗୋପସାଗର ଉପକୂଳ ଝାଉଁବଣରେ ଶହ ଶହ ପଶୁପକ୍ଷୀ ଓ ସାଧାରଣ ଗୃହପାଳିତ ପଶୁ ମରିପଡ଼ିଥିଲେ। ସେମାନଙ୍କ ମୃତଦେହ ପଚି ପରିବେଶ ଦୁର୍ଗନ୍ଧମୟ ହୋଇପଡ଼ିଛି। ଏ ପରିସ୍ଥିତିରେ ପାନୀୟ ଜଳ ସମସ୍ୟା ଲୋକଙ୍କୁ ଚିନ୍ତାରେ ପକାଇଛି। ଏ ପରିସ୍ଥିତିରେ ସରକାର ସବୁ ଅଞ୍ଚଳକୁ ପାନୀୟ ଜଳର ବ୍ୟବସ୍ଥା କରିପାରି ନ ଥିବା ଅଭିଯୋଗ ହୋଇଛି। ତେଣୁ ଗ୍ରାମାଞ୍ଚଳରେ ଝାଡ଼ା ଓ ପେଟଜନିତ ବିଭିନ୍ନ ରୋଗର ପ୍ରାଦୁର୍ଭାବ ଦେଖାଦେଇଛି। ଏଥିପ୍ରତି ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ତେବେ ରାଜସ୍ୱ ବିଭାଗ ତରଫରୁ କ୍ଷୟକ୍ଷତିର ଆକଳନ କରାଯାଇ କ୍ଷତିପୂରଣ ପ୍ରଦାନ କରାଯିବା ନେଇ ସରକାର ଘୋଷଣା କରିଥିବା ସୂଚନା ମିଳିଛି।

- ବାସହରା ହନ୍ତସନ୍ତ
- ମାଲୁଦରେ ବିଦ୍ୟୁତ୍ ସଂଯୋଗ
- ପାନୀୟଜଳ ଅଭାବ, ଗାଁରେ ଝାଡ଼ାରୋଗ ପ୍ରାଦୁର୍ଭାବ

# ମନ୍ଥର ଗତିରେ ଚାଲିଛି ବିଦ୍ୟୁତ୍ ମରାମତି

**ବେଗୁନିଆ, ୭।୫(ଡି.ଏନ.ଏ.)**

ଫନୀର ତାଣ୍ଡବକୁ ୫ ଦିନ ବିତିଛି। ହେଲେ ଏବେବି ମଧ୍ୟ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକବାସୀଙ୍କ ଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି। କୌଣସି ଗାଁକୁ ଏଯାଏ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ଲୋକେ ଅତିଷ୍ଠ ହେଲେଣି। ବିଦ୍ୟୁତ୍ ନ ଥିବା ଯୋଗୁ ୬୦ ଗାଁକୁ ପାଇପ ଜଳ ଯୋଗାଣ ଠପ୍ ହୋଇଯାଇଛି। ସେହିପରି ତାତିରୁ ରକ୍ଷା ପାଇବାକୁ ବଜାରରେ ବିଞ୍ଚଣା ମିଳୁନି। ଗ୍ରୀଷ୍ମ ପ୍ରବାହ ସମୟରେ ଲସି, ଆଇସକ୍ରିମ୍, ବରା ଦର ବଜାରରେ ବୃଦ୍ଧି ପାଇଛି। ତେବେ ଗ୍ରାମାଞ୍ଚଳକୁ ନୀରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଇ ଦେବାରେ ପ୍ରଶାସନ ଫେଲ ମାରିଛି। ଅନ୍ୟପକ୍ଷରେ ଅର୍ଥକରି ଫସଲ କରି ଥିବା ଚାଷୀଙ୍କ ଚିନ୍ତା ବୃଦ୍ଧି ପାଇଛି।

ବ୍ଲକ ଅଞ୍ଚଳରେ ଚାଷୀମାନେ କରିଥିବା ଫସଲ ସୂର୍ଯ୍ୟମୁଖୀ ଏକ ଶହ ହେକ୍ଟର, ପରିବା ୮୦ ହେକ୍ଟର, ଆଖୁ ୪ ହେକ୍ଟର ନଷ୍ଟ ହୋଇଛି। ସେହିପରି ପ୍ରାୟ ୨. ୫ କୋଟି ଟଙ୍କାର ବିଦ୍ୟୁତ୍ ସରଞ୍ଜାମ ନଷ୍ଟ ହୋଇଥିଲା। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟ ଶେଷ କରିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଛି। ହେଲେ ବେଗୁନିଆ ବିଦ୍ୟୁତ୍ ସବ୍‌ଡିଭିଜନ ଅଧୀନରେ କାର୍ଯ୍ୟ କରୁଥିବା କଳାପଥର, ବେଗୁନିଆ, ବାଘମାରୀ ଷ୍ଟ୍ରକଚରକୁ ଏଯାଏ ନୀରବଚ୍ଛିନ୍ନ ଭାବେ ୩୩ କେଭି ବିଦ୍ୟୁତ୍ ଯୋଗାଣ ହୋଇପାରିନାହିଁ। ସେହିପରି ୧୧ କେଭି ଓ ୨୩୦ ଭୋଲ୍ଟର ଲାଇନ ମଧ୍ୟ ମରାମତି ହୋଇନାହିଁ। ଜଙ୍କିଆ ଷ୍ଟ୍ରକଚରରୁ ୧୧ କେଭି ବିଦ୍ୟୁତ୍ ଯୋଗାଣ ହୋଇ ନ ଥିବାରୁ ସିକୋ, ହଜ, ହିରାପୁର, ଶଗଡଭଙ୍ଗା ଆଦି ୭ ପଞ୍ଚାୟତ ଅଞ୍ଚଳ ସେବା ବନ୍ଦ ରହିଛି। ମାତ୍ର ମରାମତି କାର୍ଯ୍ୟ ତ୍ୱରାନ୍ୱିତ ନ ହୋଇ ମନ୍ଥର ଗତିରେ ଚାଲିଛି। ଏଣେ ଜେନେରେଟର ଚଳାଇ ବଜାରରେ ଆଇସକ୍ରିମ୍ ଓ ଲସି ପ୍ରସ୍ତୁତ କରୁଛନ୍ତି ବ୍ୟବସାୟୀ। ଗ୍ରୀଷ୍ମ ସମୟରେ ଯାଉଥିବା ପଥିକ ଏବଂ ଯୁବ ପିଢିମାନଙ୍କ ଥଣ୍ଡା ଦୋକାନରେ ଭିଡ ଜମୁଛି। ୧୦ ଟଙ୍କିଆ ଲସିକୁ ୨୫ ଟଙ୍କା, ୫ ଟଙ୍କା ଆଇସକ୍ରିମ ୧୦ ଟଙ୍କାରେ ବିକ୍ରି ହେଉଛି। ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇ ପାରି ନ ଥିବାରୁ ଶିଳ ଦ୍ୱାରା ବିରି ବାଟି ବରା ପ୍ରସ୍ତୁତ କରୁଛନ୍ତି ଜଳଖିଆ ଦୋକାନୀ। ଫଳରେ ୫ ଟଙ୍କା ବରାକୁ ୧୦ ଟଙ୍କା ମୂଲ୍ୟରେ କିଣି ଲୋକେ ଖାଉଛନ୍ତି। ସେହିପରି ତାତିରୁ ରକ୍ଷା ପାଇବାକୁ ହାତ ତିଆରି ତାଳପତ୍ର ବିଞ୍ଚଣା ବଜାରରେ ମିଳୁନି, କେଉଁଠି ଯଦି କାଁ ଭାଁ ମିଳୁଛି ତାହାର ଦାମ ୧୦ଟଙ୍କା ଜାଗାରେ ୫୦ ଟଙ୍କା ମୂଲ୍ୟରେ ବିକ୍ରି ହେଉଛି। ବିଦ୍ୟୁତ୍ ବନ୍ଦ ଯୋଗୁ ରୋଗୀ, ଶିଶୁମାନେ ଗରମ ସହ୍ୟ ନ କରି ପାରି ତହଳବିକଳ ହେଉଥିବା ଦେଖିବାକୁ ମିଳିଛି। ଏ ସଂକ୍ରାନ୍ତରେ ଖୋର୍ଦ୍ଧା ସେସୁ ବିଭାଗୀୟ ନିର୍ବାହୀଯନ୍ତ୍ରୀ ମନୋଜ ଦାସ କୁହନ୍ତି, ବିପୁଳ ପରିମାଣରେ କ୍ଷୟକ୍ଷତି ହୋଇଛି। ଯଥାଶୀଘ୍ର ମରାମତି କରିବା ସମ୍ଭବ ହେଉନାହିଁ। ତଥାପି ଯୁଦ୍ଧକାଳୀନ ଭାବେ କାର୍ଯ୍ୟ ଆମଟିମ୍ ଦ୍ୱାରା ଜାରି ରହିଛି।

- ଅତିଷ୍ଠ ହେଲେଣି ଲୋକେ
- ଜଳ ଯୋଗାଣ ବନ୍ଦ

**ରିପୋର୍ଟ – ହର ପ୍ରସନ୍ନ ପଣ୍ଡା**

# ଭିଏଚ୍‌ଏଫ୍ ଭାଙ୍ଗି ପଡ଼ିଲା

**ଖୋର୍ଦ୍ଧା ଅଫିସ,୭।୫:**

ବାତ୍ୟା ଫନୀରେ ଖୋର୍ଦ୍ଧା ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ଥିବା ଭିଏଚ୍‌ଏଫ୍ ଭାଙ୍ଗି ଯାଇ ନଷ୍ଟ ହୋଇଯାଇଛି। ଫଳରେ ବନବିଭାଗ ପକ୍ଷରୁ ଭିଏଚ୍‌ଏଫ୍‌ରେ ଯୋଗେ ଯୋଗାଯୋଗ ବନ୍ଦ ହୋଇଯାଇଛି।



ଭିଏଚଏଫ ଭାଙ୍ଗିପଡିଛି ।


ପୁରୀ ସହରର ସିଟିରୋଡ୍ ବସ୍ତିରେ ଭାଙ୍ଗିଯାଇଥିବା ଏକ ଘରର ଇଟାପଥର ତଳୁ ଜିନିଷ କାଢୁଛନ୍ତି ଜଣେ ମହିଳା ।


ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ପୁରୀ ସହରସ୍ଥ ସୁନାର ଗୌରାଙ୍ଗ ।


ଜଣେ ବାଳକ ବର୍ଷାରେ ନଷ୍ଟ ହୋଇଯାଇଥିବା ବହିପତ୍ରକୁ ସଜାଡୁଛନ୍ତି ।

## ସଂକ୍ଷେପରେ

### ଜିଲାପାଳଙ୍କ ଅଫିସ୍ ଆଗରେ ବସିଲେ ବାଲି ନୋଳିଆ ସାହିବାସିନ୍ଦା

## ସଫେଇ ଦାବିରେ ଧାରଣା, ବିକ୍ଷୋଭ

**ପୁରୀ ଅଫିସ, ୭।୫:** ବାତ୍ୟାର ୫ଦିନ ବିତିଲାଣି। ହେଲେ ଏପର୍ଯ୍ୟନ୍ତ ପୁରୀ ସହର ସ୍ୱାଭାବିକ ସ୍ଥିତିକୁ ଫେରିନାହିଁ। କାଁ ଭାଁ ଦୋକାନବଜାର ଖୋଲୁଥିଲେ ମଧ୍ୟ ଅଧିକାଂଶ ବ୍ୟବସାୟୀ ରୋଜଗାର ହରାଇଛନ୍ତି। ଭାଙ୍ଗିଯାଇଛି ଦୋକାନ, ଉଜୁଡ଼ିଯାଇଛି ବଞ୍ଚିବାର ମାଧ୍ୟମ। ସେମିତି ଭଙ୍ଗାଘର ଏବେ ବି ବାତ୍ୟାର ତାଣ୍ଡବକୁ ସ୍ପଷ୍ଟ କରୁଛି। ପ୍ରଶାସନର କ୍ଷୟକ୍ଷତି ଆକଳନକୁ ଚାହିଁ ରହିଛନ୍ତି ବସ୍ତିବାସିନ୍ଦା। ସଜାଡ଼ି ପାରୁନାହାନ୍ତି ଘର। ପ୍ରଶାସନର ରିଲିଫ୍‌ରେ ପେଟ ଭୋକ ମେଣ୍ଟୁ ନ ଥିବାରୁ ବିପନ୍ନଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ରିଲିଫ୍ ସାମଗ୍ରୀର ସୁଷମ ବଣ୍ଟନ ହେଉ ନ ଥିବା ଅନେକ ଅଭିଯୋଗ ବାଢୁଛନ୍ତି। ଅନ୍ୟପକ୍ଷେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ସହରର ଗଳିକନ୍ଦିରେ ଜମିଛି ବାତ୍ୟା ପରର ଅଳିଆ ଆବର୍ଜନା। ୫ଦିନ ଧରି ଅଳିଆ ଆବର୍ଜନା ଜମିରହି ଦୁର୍ଗନ୍ଧ ହେଉଥିବାରୁ କେତେକ ସାହିର ଲୋକେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହୋ ହଲ୍ଲା କରିବା ସହ ଧାରଣା ଦେଇଥିଲେ। ସମୁଦ୍ରକୂଳ ବାଲି ନୋଳିଆ ସାହିର ମହିଳା ପୁରୁଷ ପିଲାଛୁଆଙ୍କୁ ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚିଥିଲେ। ସାହିରୁ ଅଳିଆ ଆବର୍ଜନା ଉଠାଯାଉ ନ ଥିବା ନେଇ ପ୍ରଶାସନ ବିରୋଧରେ ନାରାବାଜି କରିଥିଲେ। ସେଠାରେ ଧାରଣା ମଧ୍ୟ ଦେଇଥିଲେ। ତୁରନ୍ତ ବାଲିନୋଳିଆ ସାହିରୁ ଆବର୍ଜନା ଉଠିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### ଫନୀ ଲିଭାଇଦେଇଛି ଚାଷୀଙ୍କ ମୁହଁରୁ ହସ

## ହେଲାନି ଅକ୍ଷିମୁଠି ଅନୁକୂଳ

**ବ୍ରହ୍ମଗିରି, ୭।୫(ଡି.ଏନ୍.ଏ.):** ସାମୁଦ୍ରିକ ଝଡ଼ ଫନୀ ଛଡ଼ାଇ ନେଇଛି ସବୁକିଛି। ଲିଭାଇ ଦେଇଛି ଚଷାପୁଅ ଓଠରୁ ହସ। ଫନୀର ଫାଶରେ ଧ୍ୱଂସ ସ୍ତୂପରେ ପରିଣତ ହୋଇଥିବା ଉଜୁଡ଼ା ଖେତକୁ ସଜାଡୁ ସଜାଡୁ ଭୁଲିଯାଇଛି ଅକ୍ଷୟତୃତୀୟାର ଅକ୍ଷିମୁଠି ଅନୁକୂଳ ପରମ୍ପରା। କ୍ଷେତରେ ଦେଖିବାକୁ ମିଳିନି ବଳଦଙ୍କ ଦ୍ୱାରା ପ୍ରଥମ କରି ହଳ କରି ଅକ୍ଷିମୁଠି ଅନୁକୂଳ କରିବାର ଦୃଶ୍ୟ। ଏକ ବର୍ଷ ଧରି ଅପେକ୍ଷା କରିରହିଥିବା ଚଷାପୁଅ ପାଇଁ ଅକ୍ଷୟତୃତୀୟା ଯେମିତି ଅଲୋଡା ହୋଇପଡ଼ିଛି।

ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ପ୍ରତ୍ୟେକ ପରିବାର ଚାଷ ଉପରେ ନିର୍ଭର କରିଥାନ୍ତି। ପରମ୍ପରା ଅନୁଯାୟୀ ଅକ୍ଷୟତୃତୀୟାରେ ଅକ୍ଷିମୁଠି ଅନୁକୂଳ ହୋଇଥାଏ। କିନ୍ତୁ ଭାଗ୍ୟର ବିଡମ୍ବନା ଧାରକରଜ କରି କରିଥିବା ଚାଷ ଅମଳ କରିବା ସମୟରେ ବାତ୍ୟା ସବୁ ଉଜାଡିଦେଲା। ଖେତରେ ପାଚିଲା ଧାନ ଭାସୁଥିବାବେଳେ ଘରଦ୍ୱାର ଭାଙ୍ଗିଯିବାରୁ ଅମଳ ହୋଇଥିବା ଧାନ ନଷ୍ଟ ହେବାକୁ ବସିଲାଣି। ଖେତ ଏବେ ଜଳାର୍ଣ୍ଣବ। ଫଳରେ ଚାଷୀ ଚଳିତ ବର୍ଷ ବ୍ରହ୍ମଗିରି ବ୍ଲକରେ ଅକ୍ଷିମୁଠି ଅନୁକୂଳ କରିପାରିନାହାନ୍ତି। ଏ ସମ୍ପର୍କରେ ସାନବନ୍ଧକେରା ଗ୍ରାମର ଚାଷୀ ସୁକାନ୍ତ ନାୟକ କୁହନ୍ତି, ଅକ୍ଷୟତୃତୀୟ ଚାଷୀ ପାଇଁ ଶୁଭ ଦିନ। ବାତ୍ୟା ଯୋଗୁ ଚାଷ ଜମିରେ ପାଣି ଜମି ରହିଛି। ଫଳରେ ଅକ୍ଷିମୁଠି ଅନୁକୂଳ ନ ହେବା ଆମ ପାଇଁ ବଡ଼ ଦୁଃଖଦାୟକ ଘଟଣା। ସେହିପରି ବ୍ରହ୍ମଗିରି ଗ୍ରାମର କାଳୁ ପ୍ରଧାନ କୁହନ୍ତି, ବାତ୍ୟାରେ ଆମେ ଏତେ କ୍ଷତିଗ୍ରସ୍ତ ହୋଇଛୁ ଯେ, ଘର ସଜାଡୁ ସଜାଡୁ ଅକ୍ଷୟତୃତୀୟା କଥା ଭୁଲି ଯାଇଛୁ। ଆପଣଙ୍କଠୁ ଶୁଣିବା ପରେ ଏ ନେଇ ମନେପଡ଼ିଲା।

# ଭୋକଉପାସ ସାଙ୍ଗକୁ ଦୁର୍ଦ୍ଦଶା ବଢ଼ାଉଛି ଅନ୍ଧାର

**ଗୋପ, ୭।୫(ଡି.ଏନ୍.ଏ.)**

ସାମୁଦ୍ରିକ ଝଡ଼ ଫନୀକୁ ୫ଦିନ ବିତିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଗୋପ ବ୍ଲକର ୩୧ ଗ୍ରାମ ପଞ୍ଚାୟତର ଲକ୍ଷାଧିକ ବିପନ୍ନ ଖରାବର୍ଷା ସହିତ ଭୋକ ଉପାସରେ କାଳାତିପାତ କରୁଛନ୍ତି। ଏପର୍ଯ୍ୟନ୍ତ ସେମାନଙ୍କ ନିକଟରେ ଆବଶ୍ୟକୀୟ ରିଲିଫ୍ ସହିତ ଖଣ୍ଡିଏ ପଲିଥିନ୍ ମଧ୍ୟ ପହଞ୍ଚିପାରିନି। ପିଇବା ପାଣି ପାଇଁ ବିପନ୍ନମାନେ ଡହଳ ବିକଳ ହେଉଥିବାବେଳେ ବ୍ଲକ ପକ୍ଷରୁ ଆବଶ୍ୟକୀୟ ପିଇବା ପାଣି ମଧ୍ୟ ପହଞ୍ଚିପାରିନାହିଁ। ଏପରିକି କେତେକ ପଞ୍ଚାୟତକୁ ପ୍ରଶାସନ ତରଫରୁ ପଲିଥିନ ଯୋଗାଇ ଦିଆଯାଇଥିଲେ ମଧ୍ୟ ବଣ୍ଟନରେ ଦଳୀୟ ରାଜନୀତି ଯୋଗୁ ବିଭିନ୍ନ ସ୍ଥାନରେ ଉତ୍ତେଜନା ଦେଖାଦେଇଛି।

ସ୍ଥାନୀୟ ପ୍ରଶାସନ ଅସହାୟ ପାଲଟିଥିବାବେଳେ ୬ଦିନ ଧରି ବ୍ଲକ ଓ ତହସିଲ କାର୍ଯ୍ୟାଳୟ ଅନ୍ଧାରରେ ରହିଛି। ସେହିପରି ପ୍ରାଣୀ ବିଭାଗ ନିକଟରେ ଗୃହପାଳିତ ପଶୁଙ୍କ ମୃତ୍ୟୁ ସମ୍ପର୍କିତ ଠିକ୍ ରିପୋର୍ଟ ନ ଥିବାବେଳେ ବ୍ଲକ କାର୍ଯ୍ୟାଳୟରେ ଶହ ଶହ ବସ୍ତା ଗୋଖାଦ୍ୟ ପଡ଼ିରହିଥିବା ଦେଖିବାକୁ ମିଳିଛି। ସରକାର

### ଫନୀକୁ ବିତିଲା ୫ ଦିନ

- ଖୋଲା ଆକାଶ ତଳେ ଅନେକ ବିପନ୍ନ
- ଖାଦ୍ୟ, ପାନୀୟ ଜଳର ଉତ୍କଟ ଅଭାବ
- ପଲିଥିନ୍ ବଣ୍ଟନରେ ଅବ୍ୟବସ୍ଥା ନେଇ ଅସନ୍ତୋଷ


ରିଲିଫ୍ ସାମଗ୍ରୀ ନେବା ପାଇଁ ଲୋକଙ୍କ ଭିଡ଼।

ପ୍ରତ୍ୟେକ ରାସନ କାର୍ଡ଼ ଧାରୀଙ୍କୁ ୫୦ କେଜି ଚାଉଳ ସମେତ ୨୦୦୦ ଟଙ୍କାର ଆର୍ଥିକ ସହାୟତା ଓ ପଲିଥିନ ପାଇଁ ଘୋଷଣା କରିବାର ୩ ଦିନ ବିତିଯାଇଥିଲେ ବି ଏହା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିପାରିନାହିଁ। ସେହିପରି ତଳିଆ ଅଞ୍ଚଳରେ ଖାଦ୍ୟ ପାନୀୟର ଉତ୍କଟ ଅଭାବ ଦେଖାଦେଇଥିବାବେଳେ କୌଣସି ପଞ୍ଚାୟତରେ ଠିକ୍ ଭାବେ ପାନୀୟ ଜଳ ଯୋଗାଣ ହୋଇପାରି ନ ଥିବା ସୂଚନା ମିଳିଛି। ଜଳ ଓ ପରିମଳ ବିଭାଗ ପଞ୍ଚାୟତଗୁଡ଼ିକୁ ଶୁଦ୍ଧ ପାନୀୟ ଜଳ ଯୋଗାଣରେ ବିଫଳ ହୋଇଥିବାବେଳେ ଯୋଗାଣ ବିଭାଗ ପକ୍ଷରୁ ହିତାଧିକାରୀଙ୍କ ନିକଟରେ ସୁଖିଲା ଖାଦ୍ୟ ପହଞ୍ଚିପାରି ନ ଥିବା ଅଭିଯୋଗ ହେଉଛି। କେତେକ ପଞ୍ଚାୟତରେ ଯୋଗାଣ ସାମଗ୍ରୀ ବଣ୍ଟନ କରାଯାଉଥିଲେ ମଧ୍ୟ ହିତାଧିକାରୀମାନେ ଖରାରେ ଲମ୍ବା ଲାଇନ୍‌ରେ ଠିଆ ହୋଇଥିବାବେଳେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ବ୍ଲକ କାର୍ଯ୍ୟାଳୟରେ ଥିବା ୨–୩ ଟି ଜେନେରେଟର ଦୀର୍ଘ ୫ ଦିନ ଧରି ଅଚଳ ହୋଇପଡ଼ିଥିବାବେଳେ ପ୍ରଶାସନ ପକ୍ଷରୁ ଏଯାବତ୍ ମରାମତି କରାଯାଇନାହିଁ। ଯେଉଁଠି ନିଜ କାର୍ଯ୍ୟାଳୟରେ ପ୍ରଶାସନିକ ଅଧିକାରୀ ଅସହାୟ ପାଲଟିଛନ୍ତି ସେଠାରେ ବିପନ୍ନଙ୍କ ନିକଟରେ ପ୍ରଶାସନ ପହଞ୍ଚିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କର୍ମଚାରୀ ଅନୁପସ୍ଥିତ ରହିବା ଯୋଗୁ ବିଭିନ୍ନ ସମସ୍ୟା ଦେଖାଦେଇଥିବାବେଳେ ଗୋପ ବିଡିଓ ଦୀପ୍ତିରାଣୀ ଦାସ ୮ ଜଣଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କୁ ସୁପାରିଶ କରିଛନ୍ତି। ସେହିପରି ଗୋପ ପଶୁ ଚିକିତ୍ସା ବିଭାଗ ସ୍ଥାଣୁ ପାଲଟିଛି। କ୍ଷୟକ୍ଷତିର ଆକଳନ ପାଇଁ ଗ୍ରାମାଞ୍ଚଳରେ ଅଧିକାରୀମାନେ ପହଞ୍ଚି ନ ଥିବାରୁ ବିଭିନ୍ନ ସ୍ଥାନରେ ଉତ୍ତେଜନା ଦେଖାଦେଇଥିବାବେଳେ ପ୍ରଶାସନ ପାଇଁ କ୍ଷୟକ୍ଷତିର ଆକଳନ କରିବା କଷ୍ଟକର ହୋଇପଡ଼ିଛି। ଯଦିଓ ବିଦ୍ୟୁତ୍ ବିଭାଗ କାର୍ଯ୍ୟ ଆରମ୍ଭ କରିଛି ତେବେ ଗୋପ ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗ ହେବା ପାଇଁ ୧୦ ରୁ ୧୫ ଦିନ ସମୟ ଲାଗିବ ବୋଲି ଜଣାପଡ଼ିଛି।

# ଓଡ଼ିଶା ପୋଲିସ ପକ୍ଷରୁ ରନ୍ଧାଖାଦ୍ୟ ବଣ୍ଟନ


ପୋଲିସ ମହାନିର୍ଦ୍ଦେଶକ ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ବିପନ୍ନଙ୍କୁ ଖାଦ୍ୟ ପରଷୁଛନ୍ତି।

**ପୁରୀ ଅଫିସ, ୭।୫**

ପୁରୀ ସହରର ବାତ୍ୟା ବିପନ୍ନଙ୍କୁ ମଙ୍ଗଳବାର ରନ୍ଧାଖାଦ୍ୟ ପ୍ରଦାନ କରାଯାଇଛି। ଏଥିଲାଗି ଓଡ଼ିଶା ପୋଲିସ ପକ୍ଷରୁ ୫ଦିନିଆ ଶିବିର 'କରୁଣା' ଆରମ୍ଭ ହୋଇଛି। ପୋଲିସ ମହାନିର୍ଦ୍ଦେଶକ ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ଏହାକୁ ଉଦ୍‌ଘାଟନ କରିବା ସହ କେତେଜଣ ଲୋକଙ୍କୁ ଖାଦ୍ୟ ପରଷିଥିଲେ। ସେ କହିଥିଲେ ଯେ, ଓଡ଼ିଶା ପୋଲିସ ଜନତାର ବନ୍ଧୁ। ବିପନ୍ନଙ୍କୁ ସହାୟତା ଉଦ୍ଦେଶ୍ୟରେ ଏହି ଶିବିର ଆୟୋଜନ କରାଯାଇଛି। ଆଗାମୀ ଦିନରେ ବ୍ରହ୍ମଗିରି, କୃଷ୍ଣପ୍ରସାଦ, ସତ୍ୟବାଦୀ ଓ ପିପିଲିରେ ରନ୍ଧାଖାଦ୍ୟ ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଏହି ଅବସରରେ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଏସ୍‌ପି ଡା. ଉମାଶଙ୍କର ଦାଶ, ରାଉରକେଲା ଏସ୍‌ପି ଡା. ସାର୍ଥକ ଷଡ଼ଙ୍ଗୀ, ବରିଷ୍ଠ ପୋଲିସ ଅଧିକାରୀ ସଞ୍ଜୀବ ପଣ୍ଡା, ଅତିରିକ୍ତ ଏସ୍‌ପି ଗାଗାରିନ ମହାନ୍ତି, ରିଜର୍ଭ ଇନ୍ସପେକ୍ଟର ଚନ୍ଦ୍ରଶେଖର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ପୋଲିସ ହାବିଲଦାର ଓ କନଷ୍ଟେବଳ ମହାସଂଘର ପୁରୀ ଜିଲା ସଭାପତି ଶୁଭ୍ରାଂଶୁ ଶେଖର ପ୍ରଧାନ, ସମ୍ପାଦକ ବିରଞ୍ଚି ନାରାୟଣ ମହାରଣାଙ୍କ ସମେତ ଶତାଧିକ ହାବିଲଦାର ଏବଂ କନଷ୍ଟେବଳ ଖାଦ୍ୟ ପରଷିଥିଲେ। ୫ଦିନ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଶିବିରରେ ପ୍ରତ୍ୟେକ ଦିନ ୫ଶହ ଲୋକଙ୍କୁ ଖାଦ୍ୟ ବଣ୍ଟନ କରାଯିବ ବୋଲି ଏସ୍‌ପି ଦାଶ କହିଛନ୍ତି।

## 'ରିଲିଫ୍ ସାମଗ୍ରୀ ଲୁଟି ନେଲେ କାର୍ଯ୍ୟାନୁଷ୍ଠାନ'

**ପୁରୀ ଅଫିସ, ୭।୫**

ମଙ୍ଗଳବାରଠାରୁ ବିଭିନ୍ନ ସାହି ଗଳିରେ ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରତ୍ୟେକ ୱାର୍ଡକୁ ପାଇପ ଜଳଯୋଗାଣ ବ୍ୟବସ୍ଥା ସ୍ୱାଭାବିକ କରାଯାଇଛି। ଏଥିସହ ଟ୍ୟାଙ୍କର ଯୋଗେ ପାଣି ଦିଆଯାଉଛି। ବିଦ୍ୟୁତ୍ ଯୋଗାଣ କିପରି ତୁରନ୍ତ କରାଯାଇ ପାରିବ ସେଥିପାଇଁ କାମ ମଧ୍ୟ ଜୋର୍‌ଦାର ଚାଲିଛି। ଅନ୍ୟପଟେ ରିଲିଫ୍ ଓ ପୁନରୁଦ୍ଧାର କାମକୁ ତ୍ୱରାନ୍ୱିତ କରିବା ଲାଗି ସବୁ ସ୍ତରରେ ଉଦ୍ୟମ ଜାରି ରହିଛି ବୋଲି କହିଛନ୍ତି ପୋଲିସ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମା। ମଙ୍ଗଳବାର ଗଣମାଧ୍ୟମକୁ ଡିଜିପି କହିଛନ୍ତି, ଲୋକେ ଧୈର୍ଯ୍ୟ ଧରିବା ଦରକାର। ଏଭଳି ବିପର୍ଯ୍ୟୟ ସମୟରେ ଲୋକେ ପ୍ରଶାସନକୁ ସହଯୋଗ କଲେ ପୁନରୁଦ୍ଧାର କାମ ଦ୍ରୁତଗତିରେ ଆଗେଇପାରିବ। କିନ୍ତୁ କେତେକ ଜାଗାରେ ଲୋକେ ରିଲିଫ୍ ଗାଡିକୁ ଅଟକାଇ ଛଡାଇ ନେଉଥିବା ଭଳି ଘଟଣା ଘଟିଛି। ଏପରି ହେବା କଥା ନୁହେଁ। ଯଦି ରିଲିଫ୍ ସାମଗ୍ରୀକୁ ବଳପୂର୍ବକ କେହି ଛଡାଇ ନେବାକୁ ଚେଷ୍ଟା କରନ୍ତି ତେବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବର୍ତ୍ତମାନ ସୁଦ୍ଧା ୨/୩ଟି ସ୍ଥାନରେ ଏପରି ଘଟଣା ଘଟିଛି। ଗୋଟିଏ ଘଟଣାରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି।

■ ଦାୟିତ୍ୱ ଗ୍ରହଣ କଲେ ନୂଆ ଜିଲାପାଳ ବଲୱନ୍ତ ସିଂ

# 'ରିଲିଫ୍, ପୁନରୁଦ୍ଧାର କାମ ଚ୍ୟାଲେଞ୍ଜ'

**ପୁରୀ ଅଫିସ, ୭।୫**



ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ପୁରୀର ନୂଆ ଜିଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ବଲୱନ୍ତ ସିଂ। ମଙ୍ଗଳବାର ଦାୟିତ୍ୱ ଗ୍ରହଣ ପରେ ସିଂ କହିଛନ୍ତି, ବାତ୍ୟା ଫନୀରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ପୁରୀ ଜିଲା। ଏଭଳି ଏକ ବିପର୍ଯ୍ୟୟ ସମୟରେ ସମସ୍ତଙ୍କୁ ଧୈର୍ଯ୍ୟ ଧରି ପରିସ୍ଥିତିର ମୁକାବିଲା କରିବାକୁ ପଡ଼ିବ। ବର୍ତ୍ତମାନ ବିପନ୍ନଙ୍କ ପାଖରେ ରିଲିଫ ପହଞ୍ଚାଇବା ଓ ପୁନରୁଦ୍ଧାର କାର୍ଯ୍ୟ ଆମ ପାଇଁ ଏକ ଚ୍ୟାଲେଞ୍ଜ। ସବୁ ପଞ୍ଚାୟତକୁ କିପରି ରିଲିଫ ସାମଗ୍ରୀ ଯିବ ଏବଂ ସରକାର ଯେଉଁ ସାହାଯ୍ୟ ଘୋଷଣା କରିଛନ୍ତି ତାହା କିପରି ଲୋକଙ୍କ ପାଖରେ ପହଞ୍ଚାଯିବ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ରାସ୍ତାରେ ପଡ଼ିରହିଥିବା ଗଛ ଓ ବିଦ୍ୟୁତ ଖୁଣ୍ଟକୁ ହଟାଇ ରାସ୍ତାଘାଟ ସଫା କରାଯାଉଛି। ପ୍ରତ୍ୟେକ ବ୍ଲକରେ ଏନ୍‌ଡିଆରଏଫ୍ କିମ୍ବା ଓଡ୍ରାଫ୍ ଟିମ୍ ରହି କାମ କରୁଛନ୍ତି। ଏଥିସହ କେତେକ ଜାଗାରେ ଅଗ୍ନିଶମ କର୍ମଚାରୀ ମଧ୍ୟ ପୁନରୁଦ୍ଧାର କାମରେ ଲାଗିଛନ୍ତି। ସବୁ ପଞ୍ଚାୟତରେ ମାଗଣା ରନ୍ଧାଖାଦ୍ୟ ପାଇଁ ବ୍ୟବସ୍ଥା ହୋଇଛି। ପଲିଥିନ, ଶୁଖିଲା ଖାଦ୍ୟ ମଧ୍ୟ ପ୍ରଦାନ କରାଯାଉଛି। ଏସ୍‌ଆର୍‌ସିଙ୍କ ଅଫିସରୁ ଜିଲାର କେତେକ ବ୍ଲକକୁ ସିଧାସଳଖ ରିଲିଫ ପଠାଯାଉଛି। ପ୍ରତ୍ୟେକ କାର୍ଡଧାରୀଙ୍କୁ ୫୦କେଜି ଚାଉଳ ଏବଂ ୨ହଜାର ଟଙ୍କା ଦେବା ଲାଗି ସରକାର ଯେଉଁ ଘୋଷଣା କରିଛନ୍ତି ତାହା କିପରି ଶୀଘ୍ର ଲୋକଙ୍କୁ ଦିଆଯିବ ସେଥିଲାଗି ବ୍ୟବସ୍ଥା କରାଯାଉଛି।

ବର୍ତ୍ତମାନ ରାସ୍ତା ଯୋଗାଯୋଗ ସମସ୍ୟା ଯୋଗୁ ଅନେକ ଅଞ୍ଚଳରେ ରିଲିଫ୍ ସାମଗ୍ରୀ ପହଞ୍ଚିବାରେ ଅସୁବିଧା ହେଉଛି। ତେଣୁ ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚିବା ଲାଗି ସମୟ ଲାଗିପାରେ। ପ୍ରଶାସନକୁ ଜନସାଧାରଣ ସହଯୋଗ କଲେ ସବୁ କାର୍ଯ୍ୟ ଶୃଙ୍ଖଳିତ ଏବଂ ଶୀଘ୍ର ହୋଇପାରିବ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରିଲିଫ୍ ଗାଡ଼ି ଗଲାବେଳେ କିଛି ଲୋକ ରାସ୍ତାରେ ଏହାକୁ ଅଟକାଇ ନେଇଯାଉଛନ୍ତି। ଏ କ୍ଷେତ୍ରରେ ପ୍ରଶାସନ କଠୋର ଆଭିମୁଖ୍ୟ ଗ୍ରହଣ କରିବ। ଏପରି ବେନିୟମ କାର୍ଯ୍ୟକୁ କେବେହେଲେ ପ୍ରଶ୍ରୟ ଦିଆଯିବ ନାହିଁ। ଯେଉଁମାନେ ଏଭଳି କାମ କରିବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଫିକା ପଡ଼ିଲା ଚନ୍ଦନ ଯାତ୍ରା


ଚାପ ଖେଳୁଛନ୍ତି ଠାକୁର।

**ସାକ୍ଷୀଗୋପାଳ, ୭।୫(ଡି.ଏନ୍.ଏ.)**

ଅକ୍ଷୟତୃତୀୟାଠାରୁ ଆରମ୍ଭ ହେଉଥିବା ସାକ୍ଷୀଗୋପାଳ ଠାକୁରଙ୍କ ଚନ୍ଦନଯାତ୍ରା ବାତ୍ୟା ଯୋଗୁ ଫିକା ପଡ଼ିଛି। ବିଜେ ଦାଣ୍ଡରେ ପୂର୍ବରୁ ପ୍ରସ୍ତୁତ କରାଯାଇଥିବା ଛାମୁଣ୍ଡିଆ ବାତ୍ୟାରେ ପ୍ରଭାବିତ ହୋଇଛି। ମଙ୍ଗଳବାର ଭୋଇ ସେବକମାନେ ଛାମୁଣ୍ଡିଆ ମରାମତି କାମ ଶେଷ କରିଛନ୍ତି। ଦୈନନ୍ଦିନ ଦେବନୀତି ସହିତ ବୀରକେଶରୀ ବଲ୍ଲଭ ପରେ ଠାକୁରଙ୍କ ଚନ୍ଦନବେଢ଼ା, କାଛିଲାଗି, ଚନ୍ଦନଚର୍ଚ୍ଚିତ ବେଶ, ଦ୍ୱିପ୍ରହର ଧୂପ ପରେ ଦିନ ଚାପକୁ ମଦନମୋହନ ବିଜେ କରିଥିଲେ। ଠାକୁରଙ୍କ ନୀତି ବିଳମ୍ବିତ ହୋଇ ଦିନ ଚାପ ସନ୍ଧ୍ୟାରେ ହୋଇଥିଲା। ମଦନମୋହନଙ୍କ ଚନ୍ଦନସ୍ନାନ, ବେଶ, ଟାହିଆଲାଗି, ଜାତ ଭୋଗ ଗୋଟିପୁଅ ନୃତ୍ୟ ପରେ ରାତି ଚାପ ଅନୁଷ୍ଠିତ ହୋଇଥିଲା। ବିଦ୍ୟୁତ୍ ନ ଥିବାରୁ ଅନ୍ଧାରରେ ଠାକୁରଙ୍କ ଚନ୍ଦନ ଯାତ୍ରା ଓ ଚାପ ଅନୁଷ୍ଠିତ ହୋଇଥିବାବେଳେ ଦେଖିବାକୁ ଭକ୍ତଙ୍କ ଗହଳି ନ ଥିଲା।

# ଫନୀ ବଦଳାଇଦେଲା ବ୍ରହ୍ମଗିରି ଦୃଶ୍ୟପଟ

**ସ୍ୱାଧୀନ ଚମ୍ପତିରାୟ**
**ବ୍ରହ୍ମଗିରି, ୭।୫(ଡି.ଏନ୍.ଏ.)**

ପ୍ରଳୟ ରୂପରେ ଆସିଥିଲା ସାମୁଦ୍ରିକ ଝଡ଼ ଫନୀ। ଛାଡ଼ିଦେଇଯାଇଛି ଦୁର୍ଦ୍ଦଶାର ପାଦଚିହ୍ନ। ବଦଳାଇ ଦେଇଛି ବ୍ରହ୍ମଗିରି ଦୃଶ୍ୟପଟ। ଏହା ସହ ଦୋହଲାଇ ଦେଇଛି ଅର୍ଥନୀତି। ସମଗ୍ର ବ୍ରହ୍ମଗିରିକୁ ୨୦ବର୍ଷ ପଛକୁ ଠେଲିଦେଇଛି। ଯେଉଁଠି ଦେଖିବ ଫନୀର ସର୍ବଗ୍ରାସୀ ଫଣାରେ ଜର୍ଜରିତ ମଣିଷ କେବଳ ବଞ୍ଚିବା ପାଇଁ ସଂଗ୍ରାମ ଚଳାଇଛି। ଫନୀର ତାଣ୍ଡବରେ ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବାତ୍ୟାକୁ ୬ଦିନ ବିତିଥିଲେ ବି ସେଦିନର ଭୟଙ୍କର ରୂପକୁ ଭୁଲିପାରିନାହାନ୍ତି ଉପକୂଳବାସୀ। ସ୍ୱାଭାବିକ ହୋଇନି ଜୀବନଧାରା। ଧ୍ୱଂସସ୍ତୂପ ତଳୁ ସାଉଁଟୁଛନ୍ତି ଭଙ୍ଗାଘରର ଅଂଶବିଶେଷ। ପହଞ୍ଚିନି ସରକାରୀ ସହାୟତା। ମୁଣ୍ଡଗୁଞ୍ଜିବା ପାଇଁ ବାସଗୃହ ନ ଥିବାବେଳେ ଧୁଧୁ ଖରା ସାଙ୍ଗକୁ ଦୁହାକୁ ଦୁହାକୁ ବର୍ଷା ପରିସ୍ଥିତିକୁ ଆହୁରି ଜଟିଳ କରିଦେଇଛି। ଏବେ ବି ବିପନ୍ନମାନେ ଖୋଲା ଆକାଶତଳେ ପଡ଼ିରହିଛନ୍ତି। ପ୍ରଶାସନ ସମସ୍ତ ସରକାରୀ ସହାୟତା ଯୋଗାଇଦେବାର ଡିଣ୍ଡିମ ପିଟୁଥିବାବେଳେ ଏ ପର୍ଯ୍ୟନ୍ତ ବିପନ୍ନମାନଙ୍କୁ ପଲିଥିନ କିମ୍ବା ବାସହରାମାନଙ୍କ ପେଟକୁ ମୁଠାଏ ଖାଦ୍ୟ ମିଳିପାରିନି। ରାସ୍ତାଘାଟରେ ପଡ଼ିରହିଛି ଭଙ୍ଗା ଗଛ ସାଙ୍ଗକୁ କୁଢ଼କୁଢ଼ ଆବର୍ଜନା। ପରିବେଶ ଏବେ ଅସ୍ୱାସ୍ଥ୍ୟକର ହୋଇପଡିଲାଣି। ସମାଧାନ ପାଇଁ ପହଞ୍ଚି ନାହାନ୍ତି ସ୍ୱାସ୍ଥ୍ୟକର୍ମୀ।

**ଧ୍ୱସ୍ତବିଧ୍ୱସ୍ତ ପର୍ଯ୍ୟଟନସ୍ଥଳୀ**

ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଚିଲିକାର ସାତପଡ଼ା ଓ ବ୍ରହ୍ମଗିରି ଅଲାରନାଥ ପୀଠର ସ୍ୱତନ୍ତ୍ରତା ରହିଛି। ବାତ୍ୟାର ତାଣ୍ଡବରେ ପର୍ଯ୍ୟଟନସ୍ଥଳୀସବୁ ବହୁଳ ଭାବେ କ୍ଷତିଗ୍ରସ୍ତ ହୋଇଛି। ଭାଙ୍ଗିଯାଇଛି ଚିଲିକା କୂଳରେ ଥିବା ନୌବିହାର କେନ୍ଦ୍ର ଓ ଭାସିଯାଇଛି ଡଙ୍ଗା। ଚିଲିକା ପର୍ଯ୍ୟଟନ ଶିଳ୍ପ ଉପରେ ନିର୍ଭର କରି ରହିଥିବା ୩ହଜାର ପରିବାର ଜୀବିକା ହରାଇଛନ୍ତି।


ବାତ୍ୟାରେ ଚିଲିକା କୂଳରେ ଥିବା ଡଙ୍ଗାଗୁଡିକ ଭାଙ୍ଗିଯାଇଛି।


ବ୍ରହ୍ମଗିରି ଗ୍ରାମରେ ଭଙ୍ଗାଘରକୁ ସଜାଡୁଛନ୍ତି ବିପନ୍ନ ପରିବାର।

**ଦୋହଲିଯାଇଛି ଅର୍ଥନୀତି**

ବ୍ରହ୍ମଗିରି ଅଞ୍ଚଳର ମୁଖ୍ୟ ଅର୍ଥକରୀ ଫସଲ ହେଲା କାଜୁ, ନଡ଼ିଆ ଓ ଧାନ। ମାଛ ଚାଷ ଓ ଝାଉଁ ବଗିଚାରୁ ମଧ୍ୟ ସ୍ଥାନୀୟ ଲୋକେ ଅର୍ଥ ରୋଜଗାର କରିଥାନ୍ତି। ବ୍ରହ୍ମଗିରି ଅଞ୍ଚଳରେ ରହିଛି ୫୦ହଜାର ବର୍ଗ କି.ମି.ର ସରକାରୀ ଓ ବେସରକାରୀ ଜଙ୍ଗଲ। ଏହା ଉପରେ ନିର୍ଭର କରି ସ୍ଥାନୀୟ ଲୋକେ ଜୀବିକା ନିର୍ବାହ କରନ୍ତି। ଫନୀର ତାଣ୍ଡବରେ ଜଙ୍ଗଲଗୁଡ଼ିକ ଏବେ ଧରାଶାୟୀ ହୋଇପଡ଼ିଛି। ଏହା ପୂର୍ବରୁ ଏହି ଅଞ୍ଚଳରେ ଫାଇଲିନ୍ ଓ ହୁଦ୍‌ହୁଦର ପ୍ରଭାବ ପଡ଼ିଥିଲେ ମଧ୍ୟ ବିଶେଷ କ୍ଷତିଗ୍ରସ୍ତ ହୋଇ ନ ଥିଲା। କିନ୍ତୁ ଏହି ବାତ୍ୟା ସବୁକିଛି ଶେଷ କରିଦେଇଛି। ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇ ଚାଷୀର ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଉପକୂଳ ଅଞ୍ଚଳରେ ଥିବା ସମସ୍ତ ନଡିଆଗଛ ଏବେ ଧରାଶାୟୀ। ବାତ୍ୟା କବଳରୁ ଯେଉଁ କେତୋଟି ଗଛ ବଞ୍ଚିରହିଛି ଏଥିରେ ଫଳ ଧରିବା ପାଇଁ ଅତିକମ୍‌ରେ ୫ରୁ ୭ବର୍ଷ ସମୟ ଲାଗିବ। ଅର୍ଥନୀତି ବିଗିଡି ଯିବା ପରେ ଏଠାକାର ସ୍ଥାନୀୟ ବାସିନ୍ଦା ଦାଦନ ଖଟିଯିବା ପାଇଁ ଭାବିଲେଣି।

**ଜୀବିକା ହରାଇଛନ୍ତି ମତ୍ସ୍ୟଜୀବୀ**

ଚିଲିକା କୂଳରେ ରହିଛି ୧୦ରୁ ଅଧିକ ମତ୍ସ୍ୟଜୀବୀ ଗାଁ। ଫନୀ ପ୍ରଭାବରେ ସେମାନେ ନିଜର ଜୀବିକା ହରାଇଛନ୍ତି। ବାତ୍ୟା ଯୋଗୁ ସେମାନଙ୍କର ଡଙ୍ଗା ଓ ଜାଲ ଭାସିଯାଇଛି। ଏହି କ୍ଷତିଗ୍ରସ୍ତଙ୍କ ପାଖରେ ପହଞ୍ଚିନାହିଁ କୌଣସି ସରକାରୀ ସାହାଯ୍ୟ। ଫଳରେ ସେମାନେ ଦୁର୍ଦ୍ଦିନରେ ଜୀବନ କାଟିବାକୁ ବାଧ୍ୟ ହେଉଛନ୍ତି।